# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR

◆VOLUME- 43 ◆ISSUE-268 ◆FRIDAY ◆27 MARCH 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୬୮ ◆ଶୁକ୍ରବାର ◆୨୭ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଖାର୍ଗରେ ଇରାନର ସମରସଜ୍ଜା

## ଆମେରିକାର ସମ୍ଭାବ୍ୟ ଆକ୍ରମଣ ପୂର୍ବରୁ ଖଞ୍ଜିଲା ମାଇନ୍ସ




■ ତେହେରାନ, ୨୬ ।୩ (ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେବାକୁ ଯାଉଛି । ଆମେରିକା ପକ୍ଷରୁ ସ୍ଥଳସେନା ଅଭିଯାନର ଆଶଙ୍କା କରି ଇରାନ ମଧ୍ୟ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ରଣନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ଚାରିପଟେ ଇରାନ ମାଇନ୍ସ ବିଛାଇବା ସହ ଅତିରିକ୍ତ ସୈନ୍ୟ ମୁତୟନ କରିଛି । ଆମେରିକା ଗଣମାଧ୍ୟମର ସୂଚନା ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଖାର୍ଗ ଦ୍ୱୀପକୁ ନିଜ ଦଖଲକୁ ନେବା ପାଇଁ ଯୋଜନା କରୁଛି । ଏହି ଦ୍ୱୀପକୁ କବ୍‌ଜା କରି ଇରାନ ଉପରେ ଚାପ ପକାଇବା ଏବଂ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଖୋଲିବା ପାଇଁ ▶ପୃଷ୍ଠା-୭

## ଭାରତ ସମେତ ୫ ମିତ୍ର ରାଷ୍ଟ୍ରଙ୍କୁ ହର୍ମୁଜ ଖୋଲା

■ ନୂଆଦିଲ୍ଲୀ, ୨୬ ।୩ (ଏଜେନ୍ସି): ଇରାନ ଘୋଷଣା କରିଛି ଯେ 'ହର୍ମୁଜ ପ୍ରଣାଳୀ' ଦେଇ ଭାରତ ସମେତ ୫ଟି ମିତ୍ର ଦେଶର ଜାହାଜ ଚଳାଚଳ ଉପରେ କୌଣସି କଟକଣା ରହିବ ନାହିଁ । ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଘାଚି କହିଛନ୍ତି ଯେ ଭାରତ, ରୁଷ, ଚୀନ୍, ପାକିସ୍ତାନ ଓ ଇରାକ ପରି ଦେଶଗୁଡ଼ିକର ତୈଳ ଜାହାଜକୁ ନିରାପଦରେ ଯିବାକୁ ଅନୁମତି ଦିଆଯାଇଛି । ବାଂଲାଦେଶର ଜାହାଜକୁ ମଧ୍ୟ ଅନୁମତି ମିଳିପାରେ ବୋଲି ସେ ସୂଚନା ଦେଇଛନ୍ତି । ତେବେ ଆମେରିକା, ଇସ୍ରାଏଲ ଏବଂ ଯୁଦ୍ଧରେ ସମ୍ପୃକ୍ତ ଥିବା କିଛି ଉପସାଗରୀୟ ଦେଶ ପାଇଁ ଏହି ପଥ ବନ୍ଦ ରହିବ ବୋଲି ସ୍ପଷ୍ଟ କରାଯାଇଛି । ଇରାନ ଏହାକୁ ଏକ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ ଆଜି

■ ନୂଆଦିଲ୍ଲୀ, ୨୬।୩: ପଶ୍ଚିମ ଏସିଆ ସଙ୍କଟ ପରିପ୍ରେକ୍ଷୀରେ ରାଜ୍ୟମାନେ କେତେ ପ୍ରସ୍ତୁତ ଅଛନ୍ତି, ସେ ସଂପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନଫେରେନସିଂ ଜରିଆରେ ଆଲୋଚନା କରିବେ । ତେବେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଏଥିରେ ସାମିଲ ହେବେନାହିଁ । ପରବର୍ତ୍ତୀ ସମୟରେ କ୍ୟାବିନେଟ ସଚିବ ଏହି ରାଜ୍ୟର ମୁଖ୍ୟ ସଚିବମାନଙ୍କ ସହିତ ପୃଥକ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

# ମଦ ଦୋକାନୀଙ୍କୁ ୩ ବର୍ଷିଆ ଲିଜ୍

- ଏପ୍ରିଲରୁ ନୂଆ ଅବକାରୀ ନୀତି
- ପ୍ରତିବର୍ଷ ବଢ଼ିବ ୧୦% ଟିକସ
- ବଡ଼ଦାଣ୍ଡରେ ରହିବନି ମଦ ଦୋକାନ
- ସର୍ବନିମ୍ନ ବଦଳରେ ନିଶ୍ଚିତ କୋଟା
- ମଦ୍ୟପ ଦେବେ ଅଧ ପ୍ରତିଶତ 'ଡି-ଆଡିକ୍‌ସନ୍ ସେସ୍'

■ ଭୁବନେଶ୍ୱର, ୨୬।୩ (ସମିସ): ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକାରୀ ହେବ ନୂଆ ଅବକାରୀ ନୀତି । ନୂଆ ଅବକାରୀ ନୀତି ଅନୁସାରେ ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ଖୋଲିବ ନାହିଁ । ତେବେ ଶିଳ୍ପାଞ୍ଚଳରେ ତିନି ତାରକାରୁ ଊର୍ଦ୍ଧ୍ୱ ହୋଟେଲ, କ୍ଲବ୍ ଆଦିରେ ଠିପି ଖୋଲା ମଦ ବିକ୍ରି ଅନୁମତି ମିଳିବ । ଅନୁରୂପ ଭାବରେ ମଦ ଦୋକାନ ପଟ୍ଟାଦାରଙ୍କୁ ଆସନ୍ତା ବର୍ଷଠାରୁ ବର୍ଷିକିଆ ଲିଜ୍ ବଦଳରେ ୩ ବର୍ଷ ପାଇଁ ଲିଜ୍ ମିଳିବ । ଦୋକାନ ପିଛା ଟିକସ ବର୍ଷକୁ ୧୦% ବୃଦ୍ଧି ପାଇବ । ସେହିପରି ମଦ୍ୟପାନର ଅପକାରିତା ▶ପୃଷ୍ଠା-୭

## ବାରବାଟୀରେ ଭାରତ-ଶ୍ରୀଲଙ୍କା ଟି-୨୦



କଟକର ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୨୪ ତାରିଖରେ ଭାରତ-ଶ୍ରୀଲଙ୍କା ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ତିନିଟିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୨ ତାରିଖରେ ରାଜକୋଟ୍ ଓ ତୃତୀୟ ମ୍ୟାଚ୍ ୨୭ ତାରିଖରେ ପୁଣେରେ ହେବ ।


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ

# ଦୋଷୀକୁ ଫାଶୀ

■ ବ୍ରହ୍ମପୁର, ୨୬।୩ (ସମିସ): ୯ ବର୍ଷର ଜଣେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଉଦ୍ୟମ ମାମଲାର ବିଚାର କରି ବ୍ରହ୍ମପୁର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି ରୋହିତଲାଲ ପଣ୍ଡା ଐତିହାସିକ ରାୟ ଶୁଣାଇଛନ୍ତି । ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ସଂପୃକ୍ତ ଅଭିଯୁକ୍ତକୁ କୋର୍ଟ ଫାଶୀଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଜଣଙ୍କ ହେଲେ, ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଞ୍ଚଳର କେଶବ ନାହାକ ଓରଫ୍ କେଶା (୩୦) । ଏହାସହ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ।

୨୦୨୧ ନଭେମ୍ବର ୨୧ରେ ପୋଲସରା ଥାନା ଅଞ୍ଚଳର ଜଣେ ନାବାଳିକା ନିଜ ମା'ଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯାଇଥିଲେ । ଅଭିଯୁକ୍ତ କେଶବ ନାବାଳିକାଙ୍କୁ ଗାଁ ନିକଟ ନଦୀକୁ ମାଛ ଧରିବାକୁ ଡାକିନେଇ ▶ପୃଷ୍ଠା-୭

# ବିଧାୟକଙ୍କ ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ



### ଚଳିତ ଅଧିବେଶନରେ ପୁଣି ଆସିବ ନୂଆ ଦରମା-ଭତ୍ତା ବିଲ୍

### ନୂଆ ବିଲ୍‌ରେ ଦରମା ଓ ପେନସନ ୨୫୦% ବୃଦ୍ଧି ସମ୍ଭାବନା

■ ଭୁବନେଶ୍ୱର, ୨୬।୩ (ସମିସ): ବିଧାୟକଙ୍କ ଦରମା, ଭତ୍ତା ଏବଂ ପେନସନ ସହ ବାଚସ୍ପତି, ଉପ ବାଚସ୍ପତି ଏବଂ ମନ୍ତ୍ରୀଙ୍କ ଦରମା ବୃଦ୍ଧି ସମ୍ପର୍କିତ ୪ଟି ବିଲକୁ ପ୍ରତ୍ୟାହାର କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ଏନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାନସଭାର ଅନୁମତି ଲୋଡ଼ିଛନ୍ତି । ବିଧାନସଭା ସଚିବ ସତ୍ୟବ୍ରତ ରାଉତ ସମସ୍ତ ବିଧାୟକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।

ସୂଚନା ଅନୁସାରେ ସରକାର ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ୪ଟି ବିଲ ପ୍ରତ୍ୟାହାର ପାଇଁ ଇଚ୍ଛା ପ୍ରକାଶ କରିଥିବା ସଂକ୍ରାନ୍ତରେ ବିଧାନସଭା ସଚିବ ବିଧାୟକମାନଙ୍କୁ ନୋଟିସ ଦେଇଛନ୍ତି । ଏଥିରେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନସନ (ସଂଶୋଧନ) ବିଲ୍, ବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍, ଉପବାଚସ୍ପତିଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ଓ ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା (ସଂଶୋଧନ) ବିଲ୍ ରହିଛି । ଆସନ୍ତା ୩୦ ତାରିଖରେ ଏହି ୪ ବିଲ ପ୍ରତ୍ୟାହାର ପାଇଁ ଗୃହରେ ବିଧିବଦ୍ଧ ପ୍ରସ୍ତାବ ଆଗତ ହେବ ବୋଲି ବିଧାନସଭା ସୂତ୍ରରୁ ଜଣାପଡ଼ିଛି । ତେବେ ଏହି ଦରମା ଓ ଭତ୍ତା ବିଲ୍ ପ୍ରତ୍ୟାହାର ପରେ ସରକାର ନୂଆ ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ଅନ୍ୟ ଏକ ସଂଶୋଧିତ ବିଲ୍ ଚଳିତ ଅଧିବେଶନରେ ଆଣିବାର ସମ୍ଭାବନା ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଦରମା ଓ ଭତ୍ତାରେ ୩୫୦% ବୃଦ୍ଧିକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିବାରୁ ଏହାକୁ ହ୍ରାସ କରି ୨୫୦% ଅର୍ଥାତ୍ ଅଢ଼େଇଗୁଣ କରିବା ପାଇଁ ଏହି ନୂଆ ବିଲ୍‌ରେ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । ଏହି ସୂତ୍ରରୁ ମିଳିଥିବା ▶ପୃଷ୍ଠା-୭








90 YEARS
TRUST IS TIMELESS

BHUBANESWAR SHOWROOMS: • Saheed Nagar, Janpath • District Center, Chandrasekharpur • Samantarapur • Soubhagya Nagar

SHOWROOMS ALSO AT: ANGUL | BERHAMPUR | CUTTACK | JAJPUR ROAD | JHARSUGUDA | PURI | ROURKELA | SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com   1800 3131 777   FOLLOW US ON:

SCAN TO KNOW MORE

**ସମସ୍ୟାରେ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର**

# ସଫେଇ କର୍ମଚାରୀ, ସୁରକ୍ଷା କର୍ମୀଙ୍କ ହାତରେ ଡ୍ରେସିଂ

ବୌଦ୍ଧ, ୨୬ ।୩(ସମିସ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି । ଏହି କେନ୍ଦ୍ର ଉପରେ ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର, ମୁଣ୍ଡାପଡ଼ା, ତେଲିବନ୍ଧ, ମୁଣ୍ଡିପଦର, ବ୍ରାହ୍ମଣୀପାଲି ପଞ୍ଚାୟତ ତଥା ଆଖପାଖ ଅଞ୍ଚଳର ଲୋକ ନିର୍ଭର କରନ୍ତି । ଅଞ୍ଚଳର ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ୧୯୯୩ ମସିହାରେ ସ୍ୱର୍ଗତ ଅଖିଳ ପ୍ରସାଦ ମିଶ୍ର, ନିତ୍ୟାନନ୍ଦ ପ୍ରଧାନ, ପଦ ପ୍ରଧାନ, ମହେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ହୋଇଥିଲା । ପ୍ରଥମେ ଏହା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୋଲା ଘରେ ଅସ୍ଥାୟୀ ଭାବେ ଚାଲୁଥିଲା । ପ୍ରଥମ ଡାକ୍ତର ଭାବେ ଡାକ୍ତର ବାନାମ୍ବର ମହାପାତ୍ର ନିଯୁକ୍ତି ପାଇଥିଲେ । ପରେ ଜହ୍ନାପଙ୍କଠାରେ ନୂତନ କୋଠା ନିର୍ମାଣ ହୋଇ ଉଦ୍‌ଘାଟନ ହେଲା । ଦିନକୁ ଦିନ ଏହାର କର୍ମଚାରୀ ବଢ଼ିବା ସହିତ ଏଠାରେ ବିଭିନ୍ନ ଚିକିତ୍ସା ସୁବିଧା ହେଲା । ୨୦୧୮ ମସିହାରେ ଏଠାରେ ନିଯୁକ୍ତ ଥିବା ଡା. ବିକେଆର୍‌ସି ଦେଓହେମ୍ବ୍ରମଙ୍କ ବଦଳି ପରେ ଏଠାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇଥିଲା । ଏହାଫଳରେ ଅଞ୍ଚଳବାସୀ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ରାସ୍ତାରୋକ କରିଥିଲେ । ପୁଲିସ ଓ ପ୍ରଶାସନର ନିର୍ଭର ପ୍ରତିଶ୍ରୁତି




ପରେ ରାସ୍ତା ଅବରୋଧ ହଟିଥିଲା । ସେହିଦିନଠାରୁ ଅସ୍ଥାୟୀ ଡାକ୍ତରରେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଚାଲୁଛି । ବର୍ତ୍ତମାନ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡା. ଦିବ୍ୟଲୋଚନ ମେହେର ଓ ଆୟୁଷ ଡା ରମାକାନ୍ତ ନନ୍ଦ ଅଛନ୍ତି । ଅକ୍ଟୋବର ପହିଲାରୁ ସକାଳ ୮ଟାରୁ ୧୨ଟା ଓ ଅପରାହ୍ଣ ୩ଟାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହିବାକୁ ନିୟମ ରହିଛି । ଡାକ୍ତର ଠିକ୍ ସମୟରେ ଆସୁଥିବା ବେଳେ ଅନ୍ୟ କର୍ମଚାରୀମାନେ ଡେରିରେ ଆସି ସମୟ ପୂର୍ବରୁ ଚାଲିଯାଉଥିବା ଅଭିଯୋଗ ହେଉଛି । ବିଭିନ୍ନ ପରୀକ୍ଷା ପାଇଁ ଏଠାରେ ଲେବୋରେଟୋରି ଟେକ୍ନିସିଆନ ଅଛନ୍ତି । ମେଲେରିଆ, ଟାଇଫଏଡ ବ୍ୟତୀତ ଅନ୍ୟ ପରୀକ୍ଷା ହେଉ ନ ଥିବାରୁ ବାହାରେ ପରୀକ୍ଷା କରି ରୋଗୀ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େ । ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଓ ଅନ୍ୟ କେତେ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ମଞ୍ଜୁର ହେଇଥିବା ବେଳେ କେତେକ କର୍ମଚାରୀ କ୍ୱାର୍ଟରକୁ ଜବର ଦଖଲ କରି ରହୁଛନ୍ତି । ବେଳେ ବେଳେ କର୍ମଚାରୀ ଅଭାବରୁ ସଫେଇ କର୍ମଚାରୀ ଓ ସୁରକ୍ଷା କର୍ମୀ ଡ୍ରେସିଂ କରିବାର ନଜିର ରହିଛି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

**ଅସ୍ଥାୟୀ ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟସେବା**

**କର୍ମଚାରୀ ଡେରିରେ ଆସି ସମୟ ପୂର୍ବରୁ ଚାଲିଯାଉଛନ୍ତି**

**ମେଲେରିଆ, ଟାଇଫଏଡ ବ୍ୟତୀତ ଅନ୍ୟ ପରୀକ୍ଷା ହେଉନି**

**କର୍ମଚାରୀଙ୍କ ଦ୍ୱାରା କ୍ୱାର୍ଟର ଜବର ଦଖଲ ଅଭିଯୋଗ**

## ଛାତରେ ଶୋଇଥିବା ବେଳେ ହାଣିଦେଲେ ଦୁର୍ବୃତ୍ତ

**ଡୁଙ୍ଗୁରିପାଲି, ୨୬ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଇଛାପୁର ପଞ୍ଚାୟତ ସାନ ଫଟାମୁଣ୍ଡା ଗ୍ରାମରେ ଜଣେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ହୋଇଛି । ସାଧୁ ଭୋଇଙ୍କ ପୁଅ ଗୋଲାପ ଭୋଇ (୩୦)ଙ୍କୁ ଆକ୍ରମଣ କରାଯାଇଛି । ରାତିରେ ସେ ତାଙ୍କ ଘର ଛାତ ଉପରେ ଶୋଇଥିବାବେଳେ ୩ ଜଣ ଦୁର୍ବୃତ୍ତ ଆସି ଭୁଜାଲିରେ ହାଣିଥିଲେ । ଗାଁର ଅଭି ସେଟ, ତାଙ୍କ ଭାଇ ଦମ ସେଟ ଏବଂ ଆଉ ଜଣେ ଅଜଣା ବ୍ୟକ୍ତି ଏହି କାଣ୍ଡ ଭିଆଇଥିଲେ । ଗୋଲାପ ଚିତ୍କାର କରିବାରୁ ତାଙ୍କ ବାପା ପହଞ୍ଚି ପ୍ରତିବାଦ କରିଥିଲେ । ଦୁର୍ବୃତ୍ତ ତାଙ୍କୁ ଠେଲି ଦେଇ ପଳାଇଥିଲେ । ପରିବାର ଲୋକେ ଭୁଡୁବୁଡୁ ଅବସ୍ଥାରେ ଗୋଲାପଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ; କିନ୍ତୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଡୁଙ୍ଗୁରିପାଲି ପୁଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛି । ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାରୁ ହିଁ ଏଭଳି ଘଟଣା ଘଟିଥିବା ପୁଲିସକୁ ସୁରାକ ମିଳିଛି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।



## ଟ୍ରାକ୍ଟର ଓଲଟି ଶ୍ରମିକ ମୃତ, ୩ ଗୁରୁତର

**ବୌଦ୍ଧ, ୨୬ ।୩(ସମିସ) :** ରୋଜଗାର ପାଇଁ ଆସିଥିବାବେଳେ ଜୀବନ ଯାଇଛି । ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଶ୍ରମିକ ମୃତ୍ୟୁ ଘଟିଛି । ଅନ୍ୟ ୩ ଜଣ ଗୁରୁତର ହୋଇଛନ୍ତି । ଘଣ୍ଟାପଡ଼ା ଥାନା ଅଧୀନ ନାରାୟଣପ୍ରସାଦ ପଞ୍ଚାୟତର ଲୁଣ୍ଡରୁ ଗାଁରେ ଉଠା ଜଳସେଚନ କାର୍ଯ୍ୟ ଚାଲିଛି । ଠିକାଦାର ଶ୍ରମିକଙ୍କୁ କଣ୍ଟାମାଳରୁ କିଛି ସାମଗ୍ରୀ ନେବାକୁ କହିଥିଲେ । ଏକ ଟ୍ରାକ୍ଟର ଯୋଗେ ୫ ଜଣ ଶ୍ରମିକ ଅସୁରକ୍ଷିତ ଭାବେ କଣ୍ଟାମାଳ ଯାଉଥିଲେ । ଏହି ସମୟରେ ସାର୍କାସୁରୁ ନିକଟରେ ଏକ ଗଛକୁ ଟ୍ରାକ୍ଟରଟି ଧକ୍କା ଦେଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା । ଫଳରେ ଘଟଣା ସ୍ଥଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ମୃତ ଶ୍ରମିକ ଜଣକ ହେଲେ ଘନଶ୍ୟାମ ପ୍ରଧାନ (୫୭) । ବରଗଡ଼ ଜିଲ୍ଲା ଅତାବିରା ଅଞ୍ଚଳର ଜହ୍ନାପଦରରେ ତାଙ୍କ ଘର । ୩ ଜଣ ଗୁରୁତରଙ୍କ ପରିଚୟ ମିଳିନି । ଦିନ ୧୨ଟାରେ ଘଟଣା ଘଟିଥିଲା; ହେଲେ ଯୋଗାଯୋଗ ଅଭାବରୁ ଅପରାହ୍ନ ୩ଟାରେ ଗୁରୁତରଙ୍କୁ କଣ୍ଟାମାଳ ଡାକ୍ତରଖାନା ନିଆଯାଇଥିଲା । ଘଟଣା ସମ୍ପର୍କରେ ଘଣ୍ଟାପଡ଼ା ପୁଲିସ ଖବର ପାଇଲା ପରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନାକୁ ପଠାଇଥିଲା । ଏ ସମ୍ପର୍କରେ ଘଣ୍ଟାପଡ଼ା ଥାନା ଅଧିକାରୀ ସୌମ୍ୟ ରଞ୍ଜନ ପାତ୍ରଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି । ଠିକାଦାର ଜଣକ ତରଭା ଅଞ୍ଚଳର ହୋଇଥିବା ବେଳେ ଶ୍ରମିକମାନେ ବରଗଡ଼ ଜିଲାର ବୋଲି ଜାଣିବାକୁ ମିଳିଛି । ଟ୍ରାକ୍ଟରରେ ଟିପିଏସଓଡିଏଲ ପ୍ଲେଟ୍ ଲାଗିଥିବା ବେଳେ ବିଦ୍ୟୁତ୍ ସରଞ୍ଜାମ ରହିଥିଲା ।

## ରାମ ନବମୀ ଉପଲକ୍ଷେ କଳସ ଶୋଭାଯାତ୍ରା

**କଣ୍ଟାମାଳ, ୨୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ନାରାୟପ୍ରସାଦ ପଞ୍ଚାୟତ ଅଧୀନ ସିଲେଟପଡ଼ାରେ ୪୦ତମ ରାମଲୀଳା ଉପଲକ୍ଷେ କଳସ ଶୋଭାଯାତ୍ର ଅନୁଷ୍ଠିତ ହୋଇ ଯାଇଛି । ଖେମୁଡ଼ିଗଡ଼ ବନ୍ଧରୁ କାଳସ ଶୋଭାଯାତ୍ରା ବାହାରିଥିଲା । ଅନୁସାମି ଭୋଇ, ସଭାପତି ପଞ୍ଚାନନ ରଣା, ସମ୍ପାଦକ ରାମସାଇ ରଣା, ସୁଶାନ୍ତ ମାଝି, ସନ୍ତୋଷ ଦିଶିରି, ଶିବ ବର୍ଣ୍ଣିଆ, ବିଭୁ ରଣା, ମହେଶ୍ୱର ସାହୁ, ଡୁବୁଧି ଝଙ୍କର, ରାଜିବ ରଣା, କପିଳେଶ୍ୱର ରଣା, ଡିଙ୍ଗର ବିଶିରି, ବିବେକା ସାହୁ, ଅଭେଳ ସାହା, ଇଞ୍ଜନ ରଣା, କେତନ ମହାକୁଡ, ପ୍ରଶନ୍ନ ରଣା, ଦିବ୍ୟ ବାରିକ, ମହନ ରଣା, ମାଝି ରଣା ପ୍ରମୁଖ ସହଯୋଗ କରିଥିଲେ ।



## ଡାଙ୍ଗସାହିରେ ୩ ମାସ ହେଲା ନଳକୂପ ଅଚଳ

**ଶଗଡ଼ା, ୨୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠି ପଦର ପଞ୍ଚାୟତ ଗୋପାଳପୁର ଡାଙ୍ଗସାହିରେ ଥିବା ନଳକୂପର ଚେନ୍ ଛିଣ୍ଡି ଯାଇଛି । ଏଣୁ ଦୀର୍ଘ ୩ ମାସ ହେବ ଅଚଳ ହୋଇ ପଡ଼ିରହିଛି । ଏହାଫଳରେ ଗାଁର ୧୦ ପରିବାର ୩୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ପରେ ଡାଙ୍ଗସାହି ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ; ହେଲେ ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ ଦୁଇ ଦିନ ପରେ ଟୋଲଫ୍ରି ନମ୍ବରରୁ ନଳକୂପ ମରାମତି ହୋଇଥିବା ସୂଚନା ଦିଆ ଯାଇଥିଲା । ବାସ୍ତବରେ ନଳକୂପ ମରାମତି ହୋଇ ନ ଥିବା ବେଳେ ବିଭାଗୀୟ ଅଧିକାରୀ ତାକୁ କାଗଜପତ୍ରରେ ମରାମତି ହୋଇଥିବା ଦର୍ଶାଇଥିଲେ । ଏହି ଘଟଣାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୩ ମାସ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି । ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ହନ୍ତସନ୍ତ କରୁଛି ନେଟୱର୍କ

**କଣ୍ଟାମାଳ, ୨୬ ।୩ (ସମିସ):** ସରକାର ଲୋକଙ୍କୁ ସୁବିଧା ଯୋଗାଇବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି; କିନ୍ତୁ ଲୋକଙ୍କ କାମରେ ଆସୁନି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତରେ ଏହା ଦେଖିବାକୁ ମିଳିଛି । ବରଗାଁ, ବିରାମୁଣ୍ଡା, ମହିବିଳା, ସୁରର୍କାପଙ୍ଗା, ଅଳିକୁଦ, କୁମେବନ୍ଧ, ଗଦଗଦିପଡ଼ା, ଜୁମାଳ ପଖାଳ ଓ ତିଲିକାମାଳ ଗ୍ରାମରେ ମୋବାଇଲ ନେଟୱର୍କ ରହିଛି; ଏହା କିନ୍ତୁ ସେବା ଯୋଗାଇବାରେ ବିଫଳ । ଏହି ପଞ୍ଚାୟତରେ ୧୬ଟି ୱାର୍ଡ ରହିଛି । ଲୋକେ ଚାଉଳ ଉଠାଇବାକୁ ପଞ୍ଚାୟତକୁ ଗଲେ ନେଟୱର୍କ ଆସୁ ନ ଥିବାରୁ ହଇରାଣ ହେଉଛନ୍ତି । ସେହିଭଳି ଅଞ୍ଚଳରେ କୌଣସି ଅନଲାଇନ କାମ ହୋଇପାରୁନି । ଛାତ୍ରଛାତ୍ରୀଙ୍କ ମଧ୍ୟ ଅନଲାଇନ ପାଠ ପଢ଼ାରେ ପ୍ରଭାବିତ ହେଉଛି । ଏଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି ।

## ରଥ ନିର୍ମାଣ ପାଇଁ ଶ୍ରୀକ୍ଷେତ୍ର ଗଲା ୩୦ କାଠ ଗଣ୍ଡି

**ବୌଦ୍ଧ, ୨୬ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଫରେଷ୍ଟ ରେଞ୍ଜ ଅଞ୍ଚଳରୁ ରଥ ନିର୍ମାଣ ପାଇଁ ଶ୍ରୀକ୍ଷେତ୍ରକୁ ୩୦ଟି କାଠ ଗଣ୍ଡି ପଠାଯାଇଛି । କଣ୍ଟାମାଳ ଫରେଷ୍ଟ ରେଞ୍ଜ ଅଧୀନ ନାରାୟଣ ପ୍ରସାଦ ସେକ୍ସନ ଅଧୀନ ପାଡେଲ ସଂରକ୍ଷିତ ଜଙ୍ଗଲରୁ ପୂଜାର୍ଚ୍ଚନା ପରେ ଅସନ, ଅର୍ଜୁନ, ଶାଳ ଆଦି କାଠ ଗଣ୍ଡି ୨ଟି ଗାଡ଼ିରେ ଶ୍ରୀକ୍ଷେତ୍ର ପଠାଯାଇଛି । ସ୍ଥାନୀୟ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



## ୩୬୦ କେଜି ଗଞ୍ଜେଇ ଜବତ



**ବୌଦ୍ଧ, ୨୬ ।୩(ସମିସ):** ବୌଦ୍ଧ ଅବକାରୀ ମୋବାଇଲ୍ ଟିମ୍ ୨ଟି ସ୍ଥାନରେ ଚଢଉ କରି ୩୬୦ କେଜି ଗଞ୍ଜେଇ ଜବତ କରିଛି । ଶଗଡ଼ା ଫାଣ୍ଡି ଅଧୀନ ମାଳତୀ ଗୋଛାପଡ଼ା ଓ କାକଟପଙ୍ଗା ଜଙ୍ଗଲ ଅଞ୍ଚଳରେ ଚଢଉ କରାଯାଇ ଏହି ଗଞ୍ଜେଇ ଜବତ କରାଯାଇଛି । ବୌଦ୍ଧ ଅବକାରୀ ରେଞ୍ଜ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀ ଏହି ସୂଚନା ଦେଇଛନ୍ତି ।

## ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି

**ବୌଦ୍ଧ, ୨୬ ।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାଲିପୁର ଗ୍ରାମ ନିକଟରେ ରାସ୍ତା ମଝିରେ ଉଠା ଜଳ ସେଚନ ପାଇପ୍ ଫାଟି ଯାଇଛି । ଏଥିଯୋଗୁଁ ରାସ୍ତା କାଦୁଅ ହେଉଛି । ବିଲ ଶୁଖିଲା ପଡ଼ିଛି । ବୌଦ୍ଧ-ଧଳପୁର ଜଗନ୍ନାଥ ସଡକ ମଝିରେ ଉଠା ଜଳ ସେଚନ ବିଭାଗର ଏହି ପାଇପ୍ ଫାଟି ଯାଇଛି । ଏହଫଳରେ ରାସ୍ତା ଉପରେ ପାଣି ଭାସୁଛି । ରାସ୍ତାକଡ଼ କାଦୁଅ ହୋଇ ଲୋକଙ୍କ ଯିବା ଆସିବାରେ ବାଧକ ସାଜିଛି । ଅପରପକ୍ଷରେ ରାସ୍ତାର ଅପର ପାର୍ଶ୍ୱରେ ହୋଇଥିବା ଧାନବିଲ ଶୁଖିଲା ପଡ଼ିଛି । ପାଇପ୍ ମରାମତି ପାଇଚାଷୀ ଉଠା ଜଳ ସେଚନ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି । ସପ୍ତାହେ ହେଲା କିନ୍ତୁ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନି । ଏଣୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗର ଖାମ୍‌ଖିଆଲି ମନୋଭାବକୁ ଚାଷୀ ନିନ୍ଦା କରିଛନ୍ତି ।

**ବାରମ୍ବାର ଦାବି ସତ୍ତ୍ୱେ ମରାମତି କରୁନି ଉଠା ଜଳ ସେଚନ ବିଭାଗ**



## ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିର ବୈଠକ

**ବୌଦ୍ଧ, ୨୬ ।୩(ସମିସ):** ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସମିତିର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସତ୍ୟଜିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଦସ୍ୟ ଗୟାଚାନ୍ଦ ତରିଆ, ନୀରଦ ସେଠୀ, ଚିତ୍ତରଞ୍ଜନ ଦନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସମ୍ପାଦକ ସତ୍ୟଜିତ କର ସମସ୍ତଙ୍କୁ ସ୍ୱାଗତ କରି ସମିତିର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ବୈଠକରେ ସମିତିର କର୍ମଚାରୀ ସୁରେନ୍ଦ୍ର ମେହେର, ସୁଦର୍ଶନ ପ୍ରଧାନ, ସୁରେଶ ପଢ଼ିଆରୀ ଉପସ୍ଥିତ ଥିଲେ ।

## ଗଛ ତଳେ ପୂଜା ପାଉଛନ୍ତି ମାଁ ମେଟାକାନି

**ଶଗଡ଼ା, ୨୬ ।୩( ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ଶଗଡ଼ା ପଞ୍ଚାୟତର ଭାଲିଆ ପଦର ଗାଁ ମୁଣ୍ଡରେ ପୂଜା ପାଉଛନ୍ତି ମାଁ ମେଟାକାନି । ଦୀର୍ଘ ବର୍ଷ ହେବ ପୂଜା ପାଇ ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ମାଁଙ୍କ ଏକ ମନ୍ଦିର ନିର୍ମାଣ ହୋଇ ପାରି ନାହିଁ । ଏହାକୁ ନେଇ ଆସୁଥିବା ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପୀଠକୁ ପ୍ରତ୍ୟେକ ଦିନ ଅନେକ ଭକ୍ତଙ୍କ ଆଗମନ ହେଉଛି । ମାଁଙ୍କ ବିଭିନ୍ନ ପାର୍ବପର୍ବାଣିରେ ଏଠାରେ ପ୍ରବଳ ଭିଡ଼ ହୁଏ । ଆଶ୍ୱିନ ଓ ଚୈତ୍ର ମଙ୍ଗଳବାର ଦିନ ଗୁଡିକରେ ଏହି ପୀଠକୁ ଅନେକ ଭକ୍ତ ଆସି ନିଜ ନିଜର ଗୁହାରି କରିଥାନ୍ତି । ମାଁଙ୍କ କରୁଣାରୁ ଅନେକ ଭକ୍ତ ନିଜର ମନସ୍କାମନା ପୂରଣ ହୋଇଥିବା କହନ୍ତି । ମନମୁଣ୍ଡା-ଶଗଡ଼ା ରାସ୍ତା କଡରେ ଏହି ପୀଠ ଥିବା ବେଳେ ପ୍ରଶାସନ ଏହାକୁ ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏହି ପୀଠର ଉନ୍ନତିକରଣ ପାଇଁ ସ୍ଥାନୀୟ ଲୋକେ ଅନେକ ଥର ଦାବି କରି କରିଛନ୍ତି । ପ୍ରଶାସନ ଏହାକୁ ଅଣଦେଖା କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ସରକାର ବିଭିନ୍ନ ମନ୍ଦିର, ମଠ ସହ ବିଭିନ୍ନ ଦେବାଦେବୀ ପୀଠର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ରାସ୍ତା ପାର୍ଶ୍ୱରେ ଥିବା ଏହି ପୀଠର ଉନ୍ନତି ନିମନ୍ତେ ପ୍ରସାଶନର ଆନ୍ତରିକତା ନ ଥିବା ମନେ ହୁଏ । ଏହି ପୀଠର ଉନ୍ନତିକରଣ ସହ ଭକ୍ତଙ୍କ ପାଇଁ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି ।



## ବାଲିଯୋରୀ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**ବୌଦ୍ଧ, ୨୬ ।୩(ସମିସ):** କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ପଞ୍ଚାୟତ ବାଲିଯୋରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଉଦ୍ଧବ ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏସଏମସି ସଭାପତି ଅଶ୍ୱିନୀ ବିଶ୍ୱାଳ, ଏବିଇଓ ନୀଳମଣି ପଣ୍ଡା, ସିଆରସିସି ହୃଦାନନ୍ଦ ଦନ୍ତା, ୱାର୍ଡସଭ୍ୟ ସୁଧାଂଶୁ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପାଠ୍ୟ ସାମଗ୍ରୀ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଶିକ୍ଷକ ନିରାକାର ସାହୁ, ନାରାୟଣ ମହାକୁଡ଼ ଓ ଷଣ୍ଢେଶ୍ୱର ନାଗଙ୍କୁ ଅତିଥିଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଚଳିତ ବର୍ଷ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ସରସ୍ୱତୀ ପ୍ରଧାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ବିତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ଅଜିତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଶିକ୍ଷକ ନରେନ୍ଦ୍ର ମହାଲିକ, ସୁରେଶ ନାଏକ, ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଭୀମ ଭୋଇ ଭିନ୍ନକ୍ଷମ ଶିବିର**

## ଦିବ୍ୟାଙ୍ଗଙ୍କ ମୁହଁରେ ହସ ଫୁଟାଇଲା ସହାୟତା ଉପକରଣ

ବୌଦ୍ଧ, ୨୬ ।୩(ସମିସ)

ବୌଦ୍ଧ ବ୍ଲକ ବହିରା ପଞ୍ଚାୟତରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଏବଂ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୧୩ ଜନ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନ, ବିଡିଓ ଯୁଗଳ କିଶୋର ବିଶ୍ୱାଳ, ବହିରା ସରପଞ୍ଚ ଯଯାତୀ କେଶରୀ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସାନନ୍ଦ ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ରଞ୍ଜିତ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସେହିଭଳି ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଏବଂ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୩୬ ଜନ ହିତାଧିକାରୀ ଅଂଶଗ୍ରହଣ କରିଥିଲେ । ୨୯ ଜଣଙ୍କୁ ହୁଇଲ ଚେୟାର, ୪ ଜଣଙ୍କୁ ଟ୍ରାଇ ସାଇକେଲ ଏବଂ ୪ ଜଣକୁ ୱାକିଂ ଷ୍ଟିକ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ସରପଞ୍ଚ ସୌଦାମିନୀ ବାରିକ ଏବଂ ସମିତି ସଭ୍ୟା ରଶ୍ମିତା ତରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହାୟତା ଓ ଉପକରଣ ବଣ୍ଟନ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସାନନ୍ଦ ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ରଞ୍ଜିତ ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।





# ରବି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ

## ପଞ୍ଜୀକରଣ ଅବଧି ବୃଦ୍ଧି କରିବା ନେଇ ବୈଠକ

**କୋକସରା, ୨୬ ।୩(ସମିସ):** କୋକସରା ବ୍ଲକ ସଦରମହକୁମାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଚାଷୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ରବି ଋତୁରେ ମେଗା ଉଠାଜଳସେଚନ ମାଧ୍ୟମରେ ଚାଷ କରିଥିବା ଚାଷୀଙ୍କ ଧାନ ବିକ୍ରି ଲାଗି ଗତ ୧୦ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲା ଏବଂ ବୁଧବାର ଶେଷ ହୋଇଛି । ଏଣେ ପାଇଁ ଉଦ୍ଦିଷ୍ଟ ୱେବସାଇଟ ଆରମ୍ଭରୁ ଠିକ୍ ଭାବେ ଖୋଲି ନଥିଲା । ଯାହାଫଳରେ ଅଞ୍ଚଳର ଶହ ଶହ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ନପାରି ବଞ୍ଚିତ ହୋଇଛନ୍ତି । ଆଗକୁ ଯଦି ଚାଷୀ ପଞ୍ଜୀକରଣ ଅବଧି ବୃଦ୍ଧି ନହେଲେ ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ସୁନିଶ୍ଚିତ । ତେଣୁ ଚାଷୀମାନେ ପଞ୍ଜୀକରଣ ସାଇଟ୍‌ର ବୈଷୟିକ ତ୍ରୁଟି ସୁଧାରିବା ସହ ଅବଧି ବୃଦ୍ଧି କରିବା ନେଇ ଆସନ୍ତା ୩୧ ତାରିଖରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ନେଇ ନିଷ୍ପତ୍ତି ହୋଇଛି । ବୈଠକରେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ସମେତ ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଚାଷୀ ନେତା ଶିବପ୍ରସାଦ ପ୍ରଧାନୀ, ଲକ୍ଷ୍ମୀନାରାୟଣ ପ୍ରଧାନୀ, ଅଚ୍ୟୁତ୍ କୁମାର ସାହୁ, ତ୍ରିଭୁବନ ନାଏକ, ରବି ନାରାୟଣ ଦାସ, ପଙ୍କଜ ଚୌଧାରୀ, ମହେନ୍ଦ୍ର ନେଗୀ, କୁଞ୍ଜ ସାହୁ, ଅଜିତ ପଟ୍ଟନାୟକ, ଲାଲତେନ୍ଦୁ ପ୍ରଧାନୀ, ସାରଳା ପ୍ରସାଦ ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡ଼ାମାଝୀ, ଭାରତ ଭୁଷଣ ପ୍ରଧାନୀ ସମେତ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚାଷୀମାନେ ଉପସ୍ଥିତ ଥିଲେ ।



# ଜଙ୍ଗଲି ସୁନାର ମୂଲ୍ୟ ମିଳୁନି

**ଜୟପାଟଣା, ୨୬ ।୩(ସମିସ)**

ଜଙ୍ଗଲ ଦ୍ରବ୍ୟ ବିକି ପରିବାର ପ୍ରତିପୋଷଣ କରୁଥିବା ଆଦିବାସୀଙ୍କ ସରୁନି ଦୁଃଖ । ଯେଉଁ ମହୁଲ ଫୁଲର ବାସ୍ନାରେ ଦିନେ ସାରା ପରିବେଶ ମହକୁଥିଲା, ଆଜି ସେହି ମହୁଲର ଅଭାବୀ ବିକ୍ରି ଗରିବ ଆଦିବାସୀଙ୍କ ପେଟକୁ ମାରୁଛି । ଗଛରେ ପେଣ୍ଠା ପେଣ୍ଠା ମହୁଲ ଝୁଲୁଛି, ତଳେ ବି ବିଛାଡ଼ି ହୋଇ ପଡ଼ିଛି, ହେଲେ ଏହାକୁ ଦେଖି ଆଦିବାସୀଙ୍କ ମନ ଆଉ ନାଚି ଉଠୁନି । କାରଣ, ସେମାନଙ୍କ ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ଏହି 'ଜଙ୍ଗଲୀ ସୁନା' ଏବେ କଳାବଜାରୀଙ୍କ ହାବୁଡ଼ରେ ପଡ଼ିଛି । କଳାହାଣ୍ଡି ଜିଲ୍ଲାର ଅନେକ ଜଙ୍ଗଲ ଘେରା ଅଞ୍ଚଳରେ ବାସ କରନ୍ତି ହଜାର ହଜାର ଆଦିବାସୀ ପରିବାର । ଏଠାରେ ରହିଛି ପ୍ରକୃତିର ଅପୂର୍ବ ବରଦାନ । ମାର୍ଚ୍ଚ-ଏପ୍ରିଲ ମାସ ଆସିଲେ ଏଠାକାର ଲୋକଙ୍କ ପାଇଁ ମହୁଲ ଗଛ ପାଲଟିଯାଏ ସାକ୍ଷାତ 'ଲକ୍ଷ୍ମୀ' । ଝାଞ୍ଜି ଖରାକୁ ଖାତିର ନକରି, ନିଜ ତେଲ, ଲୁଣର ସଂସାର ଚଳାଇବା ଆଶାରେ ଭୋରରୁ ଜଙ୍ଗଲକୁ ଧାଆନ୍ତି ସମସ୍ତେ । ଆଶା ଥାଏ, ମହୁଲ ବିକି ଦି ପଇସା ପାଇଲେ ପରିବାର ଚଳିବ, ପିଲାଙ୍କ ପାଠପଢ଼ା ହେବ । ହେଲେ ଦୁର୍ଭାଗ୍ୟର ବିଷୟ, ମହୁଲ ଫୁଲ ଫୁଟି ଝଡ଼ି ପଡ଼ିଲା ଭଳି ସେମାନଙ୍କ ଆଶା ମଧ୍ୟ ଏବେ ମଉଳି ଯାଉଛି । ଜିଲ୍ଲାର ଜୟପାଟଣା ବ୍ଲକର ୯୦ରୁ ଅଧିକ

### ପ୍ରଶାସନିକ ଶିଥିଳତା ବଡ଼ ପ୍ରତିବନ୍ଧକ
### ସରକାରଙ୍କ କୌଣସି ଯୋଜନା ନାହିଁ
### ସର୍ବନିମ୍ନ ସହାୟକ ମୂଲ୍ୟ ଲାଗି ଦାବି

ଗ୍ରାମର ଲୋକେ ଏବେ ଚିନ୍ତାରେ । ଲୋକେ କୁଇଣ୍ଟାଲ କୁଇଣ୍ଟାଲ ମହୁଲ ସଂଗ୍ରହ କରି ଖଳାରେ ଶୁଖାଇ ରଖିଛନ୍ତି ସତ, କିନ୍ତୁ କିଣିବାକୁ ସରକାରଙ୍କ କୋଣସି ଯୋଜନା ନାହିଁ । ଯେଉଁ ମହୁଲ କେଜି ପ୍ରତି ୮୦ ରୁ ୧୦୦ ଟଙ୍କା ହେବା କଥା, ତାହା ସ୍ଥାନୀୟ ଦଲାଲଙ୍କୁ ମାତ୍ର ୨୦ ରୁ ୨୫ ଟଙ୍କାରେ 'ଶାଗ ମାଛ' ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି ଧନସୁଲି, ହୀରାପୁର, ବଡ଼କର୍ଲାକୋଟ ପଞ୍ଚାୟତର ନିରୀହ ଆଦିବାସୀ ନିଜର ହକରୁ ବଞ୍ଚିତ ହେଉଛନ୍ତି । ପ୍ରଶାସନିକ ଶିଥିଳତା ସବୁଠୁ ବଡ଼ ପ୍ରତିବନ୍ଧକ । ସରକାର ଧାର୍ଯ୍ୟ କରିଥିବା ମୂଲ୍ୟ ବିଷୟରେ ସଂଗ୍ରହକାରୀଙ୍କ ପାଖରେ ଖବର ନାହିଁ । ଏହାର ସୁଯୋଗ ନେଉଛନ୍ତି ଅଞ୍ଚଳର ବ୍ୟବସାୟୀ ଓ ଦଲାଲ । ଜୟପାଟଣା ବ୍ଲକରେ ସରକାରୀ ଲାଇସେନ୍ସପ୍ରାପ୍ତ ଡିଲରଙ୍କ ସଂଖ୍ୟା ଅତି ନଗଣ୍ୟ । ମୁଷ୍ଟିମେୟ କିଛି ଠିକାଦାର ଏହି ବଜାରକୁ ନିୟନ୍ତ୍ରଣ କରି ନିଜ ମନମୁଖୀ ଦରରେ ମହୁଲ କିଣୁଛନ୍ତି । ଦୁର୍ଗମ ଅଞ୍ଚଳର ଲୋକେ ଲାଇସେନ୍ସ ଓ ସରକାରୀ ନିୟମ ବିଷୟରେ ଅଜ୍ଞ ଥିବାରୁ ଦଲାଲମାନେ ସେମାନଙ୍କ ଠାରୁ ଶସ୍ତାରେ ମହୁଲ କିଣି ସ୍ଥାନୀୟ ମଦ ଭାଟି ମାଲିକଙ୍କୁ ତଥା ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି । ଯେମିତି ଧାନ ପାଇଁ ମଣ୍ଡି ଖୋଲୁଛି, ସେମିତି ମହୁଲ ପାଇଁ ମଧ୍ୟ ସ୍ୱତନ୍ତ୍ର ସଂଗ୍ରହ କେନ୍ଦ୍ର ଓ ସର୍ବନିମ୍ନ ସହାୟକ ମୂଲ୍ୟ ଲାଗୁ କରାଯାଉ ବୋଲି ସ୍ଥାନୀୟ ଲୋକ ଦାବି କରିଛନ୍ତି । କେଜି ପ୍ରତି ଅନ୍ତତଃ ୮୦ ରୁ ୧୦୦ ଟଙ୍କା ଦର ମିଳିଲେ ହିଁ ଏହି ଆଦିବାସୀଙ୍କ ଆର୍ଥିକ ସ୍ଥିତି ସୁଧୁରିବ । ଯଦି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ ନକରେ, ତେବେ ଜୟପାଟଣାର ମହୁଲ ଗୋଟାଳୀ ମାନଙ୍କ ବର୍ଷକର ସ୍ୱପ୍ନ ଧୂଳିସାତ ହୋଇଯିବ ।



**ବିଦ୍ୟାର୍ଥୀ ସ୍କୁଲ ଆସୁ ନଥିବା ପ୍ରସଙ୍ଗ**

# ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ଡାକିଲେ ବିଇଓ

**କୋକସରା, ୨୬ ।୩(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ସବୁ ବିପଦସଂକୁଳ ଅବସ୍ଥାରେ ରହିଛି । ତେଣୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଭିଭାବକ ମଙ୍ଗଳବାର ଦିନ ଠାରୁ ତାଙ୍କ ପିଲାଙ୍କୁ ସ୍କୁଲ ଛାଡୁ ନଥିଲେ । ଏହି ଘଟଣାର ୩ଦିନ ପରେ ଅର୍ଥାତ ଗୁରୁବାର ଦିନ କୋକସରା ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ କୁମାର ଭାଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ ଓ ସିଆରସିସି ସୁମନ୍ତ କୁମାର ଠାକୁର ବିଦ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିଥିଲେ । ସ୍କୁଲ ପରିଚାଳନା କମିଟି ସହିତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଭାଟି ଛାତ୍ରଛାତ୍ରୀଙ୍କ ଘରକୁ ଘର ଯାଇ ଅବିଭାବକଙ୍କୁ ବୁଝାଇ ପିଲାଙ୍କୁ ସ୍କୁଲ ଛାଡିବା ପାଇ ଅନୁରୋଧ କରିଥିଲେ । ଏହାପରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସ୍କୁଲକୁ ଆସିଥିବା ଦେଖିବାକୁ ମିଳିଥିଲା । ପରେ ବିଦ୍ୟାଳୟରେ ପରିଚାଳନା କମିଟି ଓ ଛାତ୍ରଛାତ୍ରୀଙ୍କ ଅଭିଭାବକ ସହିତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ୟା ସମାଧାନ ଦିଗରେ ଦିର୍ଘ ସମୟ ଧରି ଆଲୋଚନା କରିଥିଲେ । ନୂତନ ଶ୍ରେଣୀଗୃହ ନିର୍ମାଣ ଲାଗି ଅର୍ଥ ମଞ୍ଜୁର ହୋଇଥିବା ଓ ଆସନ୍ତା ୩ ମାସ ମଧ୍ୟରେ ଶ୍ରେଣୀଗୃହ ହେବ ବୋଲି ଗ୍ରାମବାସୀ, ଅଭିଭାବକ ଓ ସ୍କୁଲ ପରିଚାଳନା କମିଟିକୁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସେମାନେ କିଛି ମାତ୍ରାରେ ବୁଝିଥିବା ଜଣାପଡ଼ିଛି । ଅନ୍ୟପଟେ ଉକ୍ତ ସମୟ ମଧ୍ୟରେ ସ୍କୁଲ ଗୃହ ନିର୍ମାଣ ନହେଲେ ପୁଣି ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ । ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ୧୮ ଲକ୍ଷ ୩୩ ହଜାର ଟଙ୍କା ଅନୁଦାନ ଆସିଥିବା ଓ ଟେଣ୍ଡର ହେଲାପରେ କାମ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।ସୂଚନାଯୋଗ୍ୟ ଯେ' ବିଦ୍ୟାଳୟର ସମସ୍ତ ଶ୍ରେଣୀ କୋଠରୀ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ବର୍ତ୍ତମାନ ୯ଟି ଶ୍ରେଣୀର ୧୬୯ ଜଣ ଛାତ୍ରଛାତ୍ରୀ ପିଇଓ ବସା ଓ କଲ୍ୟାଣ ମଣ୍ଡପରେ ଠେଲାପେଲା ଭିତରେ ଅଧ୍ୟୟନ କରୁଛନ୍ତି ।



# ହୋଟେଲରେ ଚଢ଼ଉ; ୧୧ ସିଲିଣ୍ଡର ଜବତ



**ନୂଆପଡ଼ା, ୨୬ ।୩ (ସମିସ):** ନୂଆପଡ଼ା ଜିଲ୍ଲାରେ ବିଭିନ୍ନ ହୋଟେଲମାନଙ୍କରେ ଘରୋଇ ଏଲପିଜି ସିଲିଣ୍ଡରକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ଉପରେ ଜିଲ୍ଲାପ୍ରଶାସ ଗୁରୁତ୍ୱ ଦେଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗର ଇନଫୋର୍ସମେଣ୍ଟ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇ ଏକ ହୋଟେଲରୁ ୧୧ଟି ସିଲିଣ୍ଡର ଜବତ କରାଯାଇଛି ।ଚଢ଼ାଉ ସମୟରେ ନୂଆପଡ଼ା ସହରର ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରୁ ମୋଟ ୧୧ଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି । ନୂଆପଡ଼ା ଏସିଏସଓ (ମୁଖ୍ୟାଳୟ) ପୂର୍ଣ୍ଣାଶା ଭୋଇଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲାବେଳେ ନୂଆପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାସ ଓ କୋମନା ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ । ଯାଞ୍ଚ ସମୟରେ ଘରୋଇ ଏଲପିଜି ସିଲିଣ୍ଡରକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ପ୍ରମାଣ ମିଳିଥିଲା । ନିୟମ ଉଲ୍ଲଂଘନ ହେବାରୁ ସେଗୁଡ଼ିକୁ ଜବତ କରାଯାଇଛି । ପ୍ରଶାସନ ପକ୍ଷରୁ ଏପରି ଅବୈଧ କାର୍ଯ୍ୟରେ ଜଡିତ ବ୍ୟକ୍ତିଙ୍କ ବିରୋଧରେ ଆଗାମୀଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି । ସମସ୍ତ ବ୍ୟବସାୟୀଙ୍କୁ ନିୟମ ଅନୁସାରେ କେବଳ ବାଣିଜ୍ୟିକ ସିଲିଣ୍ଡର ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି ।

# ତାରିଣୀ ପୀଠରେ ଚଣ୍ଡୀଯଜ୍ଞ



**ଭବାନୀପାଟଣା, ୨୬ ।୩(ସମିସ):** ସ୍ଥାନୀୟ ତାରିଣୀ ଶକ୍ତି ପୀଠରେ ଦେବୀଙ୍କ ଚୈତ୍ର ପର୍ବ ଉପଲକ୍ଷେ ମାସର ପ୍ରତ୍ୟେକ ମଙ୍ଗଳବାର ଓ ଶୁକ୍ଳପକ୍ଷ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ସ୍ୱତନ୍ତ୍ର ତନ୍ତ୍ର ଉପଚାର ପୂଜା ଅନୁଷ୍ଠିତ ହୋଇଛି । ୨୬ ତାରିଖ ଅଷ୍ଟମୀ ଯୁକ୍ତ ନବମୀ ତିଥିରେ ମନ୍ଦିରର ଯଜ୍ଞ ମଣ୍ଡପରେ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଯଜ୍ଞାଚାର୍ଯ୍ୟ ଶରତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚଣ୍ଡୀଯଜ୍ଞରେ ବ୍ରହ୍ମା ଆଦିତ୍ୟ ମିଶ୍ର, ଚଣ୍ଡୀ ନିରଞ୍ଜନ ଦାଶ, ଆଚାର୍ଯ୍ୟ ମନୋରଞ୍ଜନ ଦାଶ, ସିଦ୍ଧ ବିନାୟକ, ସୁଧୀର ମିଶ୍ର, ଶିବ ସହସ୍ରନାମ ସତ୍ୟ ନାରାୟଣ ମହାପାତ୍ର ଓ ବିଷ୍ଣୁ ସହସ୍ରନାମ ଦାୟିତ୍ୱ ଡ଼ ତପନ ରଥ ସମ୍ପାଦନ କରିଥିଲେ । ଜିତେନ୍ଦ୍ର ମହାପାତ୍ର ଓ ପ୍ରଣିତା ମହାପାତ୍ର ଯଜ୍ଞର କର୍ତ୍ତା ହୋଇଥିଲେ । ମନ୍ଦିରର ପୂଜକ ଉତ୍ତମ ଚନ୍ଦନ ତ୍ରିପାଠୀ ଦେବୀଙ୍କ ନୀତି ପୂଜା ସମ୍ପାଦନ କରିଥିବା ବେଳେ ଅଭିଷିକ୍ତ ପୂଜକ ପୀତାମ୍ବର ତ୍ରିପାଠୀ ଦେବୀଙ୍କ ସ୍ୱତନ୍ତ୍ର ତନ୍ତ୍ର ଉପଚାର ପୂଜା ସମ୍ପାଦନ କରିଥିଲେ । ରଞ୍ଜନ କୁମାର ରଥ, ଶ୍ରୀସ ତ୍ରିପାଠୀ, ପ୍ରବୀର ରଥ, ରମେଶ ସାହୁ, ସୁବ୍ରତ ମିଶ୍ର ପ୍ରମୁଖ ଯଜ୍ଞ ଆୟୋଜନରେ ସହଯୋଗ କରିଥିଲେ ।ସୂଚନା ଯୋଗ୍ୟ ଯେ ବିଗତ ୪୦ ବର୍ଷ ହେଲା ପ୍ରତିବର୍ଷ ତାରିଣୀ ପୀଠରେ ଚୈତ୍ର ପର୍ବ ଉପଲକ୍ଷେ ବିଶ୍ୱ କଲ୍ୟାଣ ଲାଗି ଚଣ୍ଡୀଯଜ୍ଞ ଆୟୋଜନ କରାଯାଉଛି ।

# ଘାସିରାମ ମାଝୀ ସ୍ମୃତି ପରିଷଦର ବୈଠକ

## ବିଧାଣୀଙ୍କ ମୂର୍ତ୍ତି ସ୍ଥାପନ ପାଇଁ ଭିଡ଼ିଲେ ଅଣ୍ଟା

**ନୂଆପଡ଼ା, ୨୬ ।୩(ସମିସ):** ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତ ଏକତା ଛକ ନିକଟରେ ଥିବା ନୂଆପଡ଼ା ଜିଲ୍ଲା ଗଠନର ମୁଖ୍ୟ ବିଧାଣୀ ସ୍ୱର୍ଗୀୟମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଯିବାପରେ ଜିଲ୍ଲାବାସୀ ଦୁଃଖ ପ୍ରକାଶ କରିବା ସହ ତାରି ପୁନଃ ପ୍ରତିଷ୍ଠା ପାଇଁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ସ୍ୱର୍ଗତ ମନ୍ତ୍ରୀଙ୍କ ଝିଅ ସରୋଜିନୀ ମାଝୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣୀ ପାଣିଗ୍ରାହୀ, ହୋମସିଂ ମାଝୀ, ଓକିଲ ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବିଭୁତିଭୂଷଣ ପାଣିଗ୍ରାହୀ, ମୁରଲୀ ସୁନା, କମଳ ପଣ୍ଡା, ଲୋକନାଥ ସେଠୀ, କ୍ଷମା ନିଧି ଦେୱାଙ୍ଗନ, ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଭୋଇ, ବଣ୍ଟି ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ନୂଆପଡ଼ା ଜିଲ୍ଲା ସ୍ମୃତି ପରିଷଦ ତରଫରୁ ଆହୂତ ବୈଠକରେ ମୂର୍ତ୍ତି ସ୍ଥାପନ ପାଇଁ ଜିଲ୍ଲାପ୍ରଶାସନକୁ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତି ହୋଇଛି । ଏହାକୁ ନେଇ ଗଠିତ ପରିଷଦର ସଭାପତି ଭାବରେ ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣୀ ପାଣିଗ୍ରାହୀ କାର୍ଯ୍ୟକାରୀ ସଭାପତି ଯଦୁମଣୀ ପାଣିଗ୍ରାହୀ, ହୋମସିଂ ମାଝୀ ସମ୍ପାଦକ, ସରୋଜିନୀ ମାଝୀ ଆବାହକ ଭାବରେ ମନୋନୀତ ହୋଇଛନ୍ତି । ଆଗକୁ ଛକ ନିକଟରେ ସ୍ୱର୍ଗତ ମାଝୀଙ୍କ ପୂର୍ଣ୍ଣାବୟବ ନିର୍ମାଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ବୈଠକରେ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ସାମ୍ବାଦିକ ରତନ କେତକୀ, ଅଶ୍ୱିନୀ ପାଣିଗ୍ରାହୀ, ଅଂଶୁମାନ ଶତପଥି, ରାଜକିରଣ ସିଂ ଦେଓ, ଓକିଲ ପ୍ରିୟଙ୍କା ପାତ୍ର, ସୁଭାଷିନୀ ମନ୍ତ୍ରୀ, ପ୍ରିତେସ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।



# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣ



**ନୂଆପଡ଼ା, ୨୬ ।୩ (ସମିସ):** ଶୁକ୍ରବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରଶଖୋଲରେ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପାଇଁ ପିତାମାତା ତଥା ଅଭିଭାବକଙ୍କୁ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ନିମନ୍ତ୍ରଣ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନୂଆପଡ଼ା ଡ. ରେଶମଲାଲ ନାଏକଙ୍କ ନେତୃତ୍ୱରେ ପରଶ ଖୋଲ ଗ୍ରାମରେ ଘରଘର ବୁଲି ମୁଖ୍ୟମନ୍ତ୍ରୀଙ୍କ ପ୍ରେରିତ ନିମନ୍ତ୍ରଣପତ୍ର ପିତାମାତା ତଥା ଅଭିଭାବକଙ୍କୁ ବଣ୍ଟାଗଲା । ଡ. ନାଏକ ୫ରୁ ୧୮ବର୍ଷ ବୟସର ସମସ୍ତଙ୍କୁ ଆସ ସ୍କୁଲ ଯିବା ଅଭିଯାନ ଓ ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଅପ୍ରେଲ ୨ ତାରିଖ ଦିନ ବିଦ୍ୟାଳୟକୁ ଯାଇ ସାମିଲ ହେବାପାଇଁ ଅନୁରୋଧ କରିଥିଲେ । ଗ୍ରାମର ବରିଷ୍ଠ ବ୍ୟକ୍ତି ତଥା ପୂର୍ବତନ ନୂଆପଡ଼ା ଜିଲ୍ଲାପରିଷଦ ସଭାପତି ଖାମ ସିଂ ମାଝୀଙ୍କ ଘରକୁ ଯାଇ ଉକ୍ତ ଉତ୍ସବରେ ଅଂଶ ଗ୍ରହଣ ତଥା ସହଯୋଗ ପାଇଁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ମାଝୀ, ଶରତ କୁମାର ପଣ୍ଡା, ରଞ୍ଜିତା ପଣ୍ଡା, ଅନିଲ ରାଉତ ତଥା ଅଙ୍ଗନବାଡି କର୍ମୀ ଜାନକୀ ମାଝୀ ଓ ଦୁଃଖିଆ ସାହୁ ସହଯୋଗ କରିଥିଲେ ।

**ଗଣ୍ଡାବାହାଲି ମୁଖ୍ୟରାସ୍ତା ନିର୍ମାଣ ପ୍ରସଙ୍ଗ**

# ଜବରଦଖଲ ଉଚ୍ଛେଦରେ ପାତରଅନ୍ତର

**ସିନାପାଲି, ୨୬ ।୩(ସମିସ)**

ସିନାପାଲି ଖଡିଆଳ ମୁଖ୍ୟରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଚାଲୁଥିବା ବେଳେ ଗଣ୍ଡାବାହାଲି ଠାରେ ବିବାଦୀୟ ହୋଇ ଅଟକି ରହିଥିଲା । ଗଣ୍ଡାବାହାଲି ଗ୍ରାମବାସୀ ବାରମ୍ବାର ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଜବରଦଖଲ ଉଚ୍ଛେଦ କରିବାକୁ ଅଭିଯୋଗ କରିଥିଲେ । ଗତ କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା ।ପ୍ରଶାସନ ଜେସିବି ଲଗାଇ ନାମକୁ ମାତ୍ର କିଛି ଲୋକଙ୍କ ଘର ଭାଙ୍ଗିଥିବା ବେଳେ ବଡବଡିଆ ଲୋକଙ୍କ ଘରକୁ ଛାଡିଦେଇ ଛୋଟମୋଟ ଲୋକଙ୍କ ଘରକୁ ଭାଙ୍ଗିଥିଲା । ଯାହାଫଳରେ ଗ୍ରାମବାସୀ ଅସନ୍ତୁଷ୍ଟ ପ୍ରକାଶ କରି ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଏଠାରେ ହେବାକୁ ଥିବା ରାସ୍ତା ଓ ଡ୍ରେନ ସକାଶେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ପ୍ରଶାସନ ପାତରଅନ୍ତର କରିଥିବା ବେଳେ ରାଜସ୍ୱ ବିଭାଗ ଟଙ୍କା ଖାଇ ବଡ଼ ବଡିଆଙ୍କ ଘରକୁ ନଭାଙ୍ଗି ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ଗ୍ରାମବାସୀ ନୂଆପଡ଼ା ଜିଲ୍ଲାପାଳଙ୍କୁ ଗଣ୍ଡାବାହାଲି ଠାରେ ଜବରଦଖଲ ଉଚ୍ଛେଦ କରିବାକୁ ଲିଖିତ ଦାବି ଜଣାଇଥିବା ବେଳେ ମାର୍ଚ୍ଚ ୫ତାରିଖ ରାସ୍ତାରୋକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ । ପ୍ରଶାସନିକ ଟିମ୍ ଗଣ୍ଡାବାହାଲିରେ ପହଞ୍ଚି ଗ୍ରାମବାସୀ ସହ ଆଲୋଚନା କରି ଜବରଦଖଲ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ପରେ ପ୍ରଶାସନ ଜେସିବି ସହାୟତାରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିଲା । ଉଚ୍ଛେଦ ସମୟରେ ବ୍ଲକ ତଥା ଜିଲ୍ଲା ଅଧିକାରୀ ଓ ପୁଲିସ ପ୍ରଶାସନ ଉପସ୍ଥିତ ଥିଲା । କିନ୍ତୁ ଦିର୍ଘ ସମୟର ଉଚ୍ଛେଦ ପରେ କିଛି ବଡ଼ବଡିଆ ଲୋକେ ପ୍ରଶାସନିକ ଅଧିକାରୀ କର୍ମଚାରୀଙ୍କ ସହ ସଲାସୁତୁରା କରିଥିବା ବେଳେ ଉଚ୍ଛେଦ ପ୍ରକ୍ରିୟାକୁ ଅଧିକାରୀମାନେ ଛାଡିଦେଇ ଫେରି ଯାଇଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ସମସ୍ତଙ୍କ ପାଇଁ ସମାନ ନିୟମ ରହିଥିବା ବେଳେ ଗରିବ ଲୋକଙ୍କ ଘରକୁ ଭାଙ୍ଗି ବଡବଡିଆ ଘରକୁ ଛାଡି ଦେଇଥିବାରୁ ଗ୍ରାମବାସୀ ପ୍ରଶାସନ କାର୍ଯ୍ୟରେ ସନ୍ଦେହ କରିଛନ୍ତି । ସୂଚନା ଅନୁସାରେ ଏଠାରେ ୪୧ ଘର ଭାଙ୍ଗିବାକୁ ପ୍ରଶାସନ ଚିହ୍ନଟ କରିଥିବା ବେଳେ କିଛି ଅଧିକାରୀ ଓ କର୍ମଚାରୀ ଦୋମୁହାଁ ନିତି ଅବଲମ୍ବନ କରୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ଜିଲ୍ଲାପାଳ ତୁରନ୍ତ ଦୃଷ୍ଟିଦେଇ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଆରମ୍ଭ କରିବା ସହ ପ୍ରଶାସନ ଚିହ୍ନଟ କରିଥିବା ବଡବଡିଆ

### ଗରିବଙ୍କ ଭାଙ୍ଗିଲେ, ବଡବଡିଆଙ୍କ ଘର ଛାଡିଲେ

ଲୋକଙ୍କ ଘର ଭାଙ୍ଗିବାକୁ ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ଦାବି କରିଛନ୍ତି । ଯଦି ଆଗାମୀ ଦିନରେ ଚିହ୍ନଟ ହୋଇଥିବା ବଡ଼ ବଡିଆଙ୍କ ଘର ନଭାଙ୍ଗିଲେ ରାଜରାସ୍ତାକୁ ଓହ୍ଲାଇ ରାସ୍ତାରୋକ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ସମ୍ମିଳନୀରେ ଗ୍ରାମର ପର୍ଶୁରାମ ମେହେର, ଟଙ୍କଧର ମେହେର, କ୍ଷିରସିନ୍ଧୁ ମେହେର, ବିପିନ ବିହାରି ମେହେର, ଲଛିନ୍ଦ୍ର ମେହେର, କମଳ ମେହେର, ଲକ୍ଷ୍ମଣ ମେହେର, ବଇବସ୍ତୁତ ମେହେରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।




# ଆଜିଠୁ ଉଦନ୍ତୀ ମହୋତ୍ସବ

**ସିନାପାଲି, ୨୬ । ୩(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ସଂସ୍କୃତି, ପରମ୍ପରା ଐତିହ୍ୟର ମହାନ ପର୍ବ ଉଦନ୍ତୀ ମହୋତ୍ସବ-୨୦୨୬ ପାଳନ ପାଇଁ ପ୍ରସ୍ତୁତି ଚୂଡାନ୍ତରେ ପହଞ୍ଚିଛି । ମାର୍ଚ୍ଚ ୨୭ ରୁ ୨୯ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ସିନାପାଲି ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚ ରଙ୍ଗବେରଙ୍ଗ ଆଲୋକସଜ୍ଜା ସହିତ ପରିବେଶ ଉତ୍ସବ ମୁଖର ହୋଇଉଠିଛି । ଉଦନ୍ତି ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଚୁଡାନ୍ତ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ମିଳନ ସଙ୍ଗମ ଦେଖିବାକୁ ମିଳିବ ।ଉତ୍ସବରେ ନେତା ରାଜନେତା ସରକାରୀ ଅଧିକାରୀମାନଙ୍କୁ ନିମନ୍ତ୍ରଣ ଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରଙ୍କ ମଞ୍ଚରେ କଳା ପଦର୍ଶନ କରିବେ । କମିଟି ତରଫରୁ ସମସ୍ତ ପ୍ରକାର ସୁବିଧା ଓ କଡା ସୁରକ୍ଷା ବ୍ୟବସ୍ଥା ହୋଇଥିବା ବେଳେ ପୁଲିସ ପ୍ରଶାସନର କଡାକଡି ସୁରକ୍ଷା ରହିବ । ବିଭିନ୍ନ ପ୍ରକାରର ଷ୍ଟଲ୍ ସାଙ୍ଗକୁ ମିନା ବଜାର ଲୋକଙ୍କ ପାଇଁ ରହିଛି । ଉତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଲୋକଙ୍କ ଭିଡି ପରିଲକ୍ଷିତ ହେବା ଦୃଷ୍ଟିକୋଣରୁ କମିଟି ପକ୍ଷରୁ ସୁରକ୍ଷା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି ।



## ଜାତୀୟ ରାଜପଥ ଜମି ଜବରଦଖଲ

# ଟିକଟ୍ କାଉଣ୍ଟର, କାର୍ଯ୍ୟାଳୟ ଭାଙ୍ଗିଲା ପ୍ରଶାସନ



> ଜବରଦଖଲରେ ଷ୍ଟଲ ନିର୍ମାଣ
> ଉଚ୍ଛେଦ ପାଇଁ ପ୍ରଶାସନର ଟାଳଟୁଳ ନୀତି

ଜୟପୁର, ୨୬ା୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଘରୋଇ ବସ୍ ଟିକଟ କାଉଣ୍ଟର ଏବଂ କାର୍ଯ୍ୟାଳୟ ଜାତୀୟ ରାଜପଥ ଜମିରେ ଜବରଦଖଲରେ ରହିଥିଲା। ହାଇକୋର୍ଟର ନିର୍ଦ୍ଦେଶକ୍ରମେ ଉକ୍ତ ଦୁଇଟି କକ୍ଷକୁ ସିଲ୍ କରାଯାଇଥିବା ବେଳେ ଆଜି ପ୍ରଶାସନ ପକ୍ଷରୁ ସିଲ୍ ଉଭୟ ଗୃହକୁ ପୋକଲିନ ମେସିନ ସହାୟତାରେ ଭଙ୍ଗା ଯାଇଛି। କିନ୍ତୁ ପାଶ୍ୱର୍ରେ ଜାତୀୟ ରାଜପଥ ଜମିରେ ରହିଥିବା ଅନ୍ୟାନ୍ୟ ଷ୍ଟଲ ଗୁଡିକକୁ ଉଚ୍ଛେଦ କରା ନ ଯାଇ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ତଥା ତହସିଲଦାର ସବ୍ୟସାଚୀ ଜେନାଙ୍କ ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ଘରୋଇ ବସ ମାଲିକ ସଂଘ ନାମରେ କାର୍ଯ୍ୟାଳୟ ଓ ଘରୋଇ ଟିକଟ କାଉଣ୍ଟର ପ୍ରାୟ ୪ ଡେସିମିଲ ଜମିରେ ଟିଣଛପର ଦୁଇଟି କକ୍ଷ ଗୃହ ରହିଥିଲା। କିନ୍ତୁ ୨୦୧୯ ମସିହାରେ ଏହାକୁ ଉଚ୍ଛେଦ ନେଇ ତହସିଲ ପକ୍ଷରୁ ନୋଟିସ କରାଯାଇଥିଲା। କିନ୍ତୁ ବିପକ୍ଷ ପାର୍ଟି ପକ୍ଷରୁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିନେଇ ହାଇକୋର୍ଟ ପକ୍ଷରୁ ସ୍ଥଗିତାଦେଶ ଜାରି କରାଯାଇଥିଲା। କିନ୍ତୁ ଗତ ୨୦୨୫ ମସିହାରେ ହାଇକୋର୍ଟର ସିଙ୍ଗଲ ବେଞ୍ଚ ପକ୍ଷରୁ ରାୟ ପ୍ରକାଶ ପାଇ ଜବରଦଖଲ ଉଚ୍ଛେଦ କରିବା ନେଇ ନିର୍ଦ୍ଦେଶ ହୋଇଥିଲା। ବିପକ୍ଷଦଳ ପୁଣି ହାଇକୋର୍ଟର ଡବଲ ବେଞ୍ଚରେ ଆବେଦନ କରିଥିଲେ। ଏହାର ଶୁଣାଣି କାରାଯାଇ ପୁଣି ଜମିକୁ ଜବରଦଖଲ ଉଚ୍ଛେଦ କରିବା ନେଇ ଜିଲ୍ଲା ଏସ୍‌ପି ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲା। ତେଣୁ ହାଇକୋର୍ଟର ରାୟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଜାତୀୟ ରାଜପଥକୁ ଉକ୍ତ ଜମିକୁ ହସ୍ତାନ୍ତର କରାଯାଇଛି। ଏହି ଉଚ୍ଛେଦ ବେଳେ ତହସିଲର ସୁପରଭାଇଜର ହରିହର ଶତପଥି, ପୁଲିସ ଏସ୍‌ଆଇ ରାଜେନ୍ଦ୍ର ପାଙ୍ଗୀ ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କେବଳ କୋର୍ଟର ରାୟକୁ ନେଇ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ପ୍ରଶାନସ ଓ ରାଜସ୍ୱ ବିଭାଗ ଦ୍ୱାରା ସରକାରୀ ଏବଂ ଜାତୀୟ ରାଜପଥର ଜମି ଜବରଦଖଲ ଉକ୍ତ ଅଞ୍ଚଳରେ ହୋଇଥିବା ନେଇ ସରକାରୀ ଅଧିକାରୀ ମାନେ ଅବଗତ ରହିଥିଲେ ସୁଦ୍ଧା ନାମୀଦାମି ଜମିରୁ ଜବରଦଖଲ ଉଚ୍ଛେଦ କାହିଁକି ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ବୋର୍ଡ କମିଟି ଘୋଷଣା

ରାୟଗଡ଼ା,୨୬ା୩ (ସମିସ): କଳା,ସଂସ୍କୃତିର ପ୍ରଚାର ପ୍ରସାର ଓ ବିକାଶ ପାଇଁ କାର୍ଯ୍ୟ କରୁଥିବା ଓଡିଶାର ଅଗ୍ରଣୀ ଅନୁଷ୍ଠାନ କଳାକ୍ଷେତ୍ର ପକ୍ଷରୁ ରାୟଗଡ଼ା ଜିଲ୍ଲା ବୋର୍ଡ କମିଟି ଘୋଷଣା ହୋଇଛି। ଭୁବନେଶ୍ୱର ସ୍ଥିତ କଳାକ୍ଷେତ୍ର ଅନୁଷ୍ଠାନ ସଭାପତି ଅଶ୍ରୁମୋଚନ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର କଳାକ୍ଷେତ୍ର ଅନୁଷ୍ଠାନର ସଭ୍ୟ ସଂପାଦକ ବାସୁଦେବ ମାଳବିଶୋଇ ଆଜି ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ବୋର୍ଡ କମିଟି ତାଲିକା ପ୍ରକାଶ କରିଛନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ସୁପରିଚିତ କଳାକାର ସନ୍ତୋଷ କୁମାର ତାଣ୍ଡିଙ୍କୁ ରାୟଗଡ଼ା କଳାକ୍ଷେତ୍ର ଜିଲ୍ଲା ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସହ-ସଂଯୋଜକ ଭାବେ ଶିବ ନାରାୟଣ ଗୌଡ, ତ୍ରିଲୋଚନ ସାହୁ, ସହଦେବ ତାଣ୍ଡି,ଝିଲି ତାଣ୍ଡି, ଜ୍ୟୋତି ବାଚେଲି, ହେମାମାଳା ଗରଡିଆ, ମଧୁସୂଦନ ମହାପାତ୍ର, ନାଗେଶ୍ୱର ହାରକା, ଦୋରା ବିଡିକାଙ୍କୁ ମନୋନୀତ କରାଯାଇଛି। ସେହିପରି କଳାକ୍ଷେତ୍ର ଜିଲ୍ଲା ବୋର୍ଡ ସଭ୍ୟ ଏବଂ ସଂଗଠକ ଭାବେ ଗୀତ ପାଣିଗ୍ରାହୀ, ମକସିର ଛୁରା, ରମେଶ ତାଣ୍ଡି,

### ସନ୍ତୋଷ ତାଣ୍ଡି ଜିଲ୍ଲା ସଂଯୋଜକ

ଦୟା କୁଲଦୀପ, ରୋନୀ ନାୟକ, ବିକାଶ ପାଲକିଆ, ଦିଗଶାନ ପାଲକିଆ, ନକୁଳ ନାୟକ, ଶିବ ଭାସ୍କର ଓ ପଦ୍ମନ ନିମାଲଙ୍କୁ ମନୋନୀତ କରାଯାଇଛି। ପ୍ରକାଶ ଥାଉ କି, ଚଳିତ ବର୍ଷ ଫେବୃଆରୀ ମାସ ୮ ତାରିଖରେ କଳାକ୍ଷେତ୍ରର ସମସ୍ତ ଜିଲ୍ଲା ସଂଯୋଜକ, ସହ ସଂଯୋଜକ, କେଆରସି,ରାଜ୍ୟ ସଂଯୋଜକ ଏବଂ ବୋର୍ଡ ସଦସ୍ୟଙ୍କ ସମ୍ପ୍ରତି ଅନୁଷ୍ଠିତ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାସ୍ତରରେ କଳାକ୍ଷେତ୍ରର ସୁଗମ କାର୍ଯ୍ୟ ପାଇଁ ସକ୍ରୀୟ ସମନ୍ୱୟ ଏବଂ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ କିଛି ଜିଲ୍ଲାରେ ନେତୃତ୍ୱକୁ ପୁନର୍ବିନ୍ୟାସ ଏବଂ ସଂଶୋଧନ କରିବାକୁ ନିଷ୍ପତି ନିଆଯାଇଥିଲା। ଆଗାମୀ ଦିନରେ କୋଣାର୍କ ଠାରେ ଅନୁଷ୍ଠିତ ହେବାକୁ ଥିବା ୩୦୦ଦିନର ଲୋକ ପ୍ରଦର୍ଶନ, କଳାକ୍ଷେତ୍ର ଅଧୀନରେ ଲୋକ କଳାକାରଙ୍କ ଗଣ ନାମ ଲେଖା ଅଭିଯାନ, ଗାଁ ମୋ ମା କାର୍ଯ୍ୟକ୍ରମ, କଳାକ୍ଷେତ୍ର ଗ୍ରାମ କାର୍ଯ୍ୟକ୍ରମ ଏବଂ ଓଡିଆ ନବବର୍ଷ ପାଳନ ଇତ୍ୟାଦି ଉପରେ ଜରୁରୀ ପଦକ୍ଷେପ ଏବଂ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରାୟଗଡ଼ାଜିଲ୍ଲା ପାଇଁ ଜିଲ୍ଲା ବୋର୍ଡ କମିଟି କାର୍ଯ୍ୟକାରୀ ନିମନ୍ତେ ଉପରୋକ୍ତ ବ୍ୟକ୍ତିମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ରାୟଗଡ଼ା ଜିଲ୍ଲା କଳାକ୍ଷେତ୍ର ବୋର୍ଡ କମିଟିର ନୂତନ ଦାୟିତ୍ୱ ପାଇଥିବା ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇ ସେମାନଙ୍କ ନେତୃତ୍ୱ ଆଉ ସହଯୋଗରେ ରାୟଗଡ଼ା ଜିଲ୍ଲାର କଳାକାରଙ୍କ ଉନ୍ନତି ହେବ ବୋଲି ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ତାଣ୍ଡି ପ୍ରକାଶ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ

ରାୟଗଡ଼ା,୨୬ା୩(ସମିସ): ଗୁରୁବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ା ଠାରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର



ବରିଷ୍ଠ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମିନତୀ ନନ୍ଦ ମଧ ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନ ବେଶରେ ଆସିଥିବା ଶିଶୁଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ସହ ପ୍ରଧାନ ଆଚାର୍ଯ୍ୟାଙ୍କ ଦ୍ୱାରା ପରିଚୟ ପ୍ରଦାନ ପରେ ମୁଖ୍ୟବକ୍ତା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିବା ସହିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କର ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସବିତା ସାହୁ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟା ଶାନ୍ତିଲତା ପାତ୍ର କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଛି।

## ମା'ସେନା ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ନବରଙ୍ଗପୁର,୨୬ା୩(ସମିସ): ନବରଙ୍ଗପୁର ଜିଲ୍ଲା ମା'ସେନା ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଅମଳାଭଟା ପଞ୍ଚାୟତରେ ବ୍ୟାପକ ଦେଶୀ ମଦ ବିକ୍ରି ଯୋଗୁଁ ନିଶା କାରବାରରେ ଗାଁ ବୁଡ଼ି ରହିଛି। ଫଳରେ ସଂଧ୍ୟା ସମୟରେ ମହିଳାମାନେ ବଜାରକୁ ଯିବା ପାଇଁ ନିଜକୁ ସୁରକ୍ଷିତ ମନେ କରୁ ନାହାନ୍ତି। ଏଥିପାଇଁ ମହିଳା ମାନେ ମା' ସେନା ଗଠନ କରି ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ଅବସରରେ ଗୁରୁବାର ମାତୃ ଆଶ୍ରୟ ଆଶ୍ରମ ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ଓ ଲକ୍ଷ୍ମୀ ମୁଦୁଲିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକଜୁଟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାରାବାଜି କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏହି ଦାବିପତ୍ର ପାଇବା ପରେ ଜନହିତକୁ ଦୃଷ୍ଟିକୁ ନେଇ ସେଠାକୁ ନିଜେ ଯିବାପାଇଁ ପ୍ରତିଶୃତି ଦେବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନଗ୍ରହଣକରାଯିବବୋଲିକହିଥିବାସୂଚନାଦେଇଛନ୍ତିଅଧକ୍ଷାକାଦମ୍ବିନୀତ୍ରିପାଠୀ।

● ରାୟଗଡ଼ା ରେଳ ଷ୍ଟେସନ

## ରାୟଗଡ଼ା ନାମଫଳକରେ ତ୍ରୁଟି

ରାୟଗଡ଼ା,୨୬ା୩ (ସମିସ): ପୂର୍ବତଟ ରେଳବାଇ ଅନ୍ତର୍ଗତ ରାୟଗଡ଼ା ରେଳ ଡିଭିଜନର ରାୟଗଡ଼ା ରେଳ ଷ୍ଟେସନର ମୁଖ୍ୟ ଦ୍ୱାରରେ ଲଗାଯାଇଥିବା ନାମ ଫଳକରେ ଅନେକ ତ୍ରୁଟି ଦେଖିବାକୁ ମିଳିଛି। ଏହି ତ୍ରୁଟିକୁ ନେଇ ଯାତ୍ରୀ ଏବଂ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାମଫଳକରେ ଓଡିଆରେ ରାୟଗଡ଼ା ଡା ଏବଂ ଇଂରାଜୀରେ ଆରଏ ପରେ ରାୟଗଡ଼ା ସଂପୂର୍ଣ୍ଣ ଲେଖାଯାଇଛି। ଯଦ୍ୱାରା ଅତିରିକ୍ତ ଡା' ଓ ଆରଏ' ଲେଖା ଥିବାରୁ ଯାତ୍ରୀମାନେ ଏହାକୁ ପଢିବାରେ ଅସୁବିଧାର ସମ୍ମୁଖୀନ ହେବା ସହ ବାହାରୁ ଆସୁଥିବା ଲୋକମାନେ ଷ୍ଟେସନ ନାମକୁ ନେଇ ଦ୍ୱନ୍ଦ୍ୱରେ ପଡୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀମାନେ ଏପରି ତ୍ରୁଟି ରେଳ ବିଭାଗର ଅବହେଳାକୁ ପ୍ରକାଶ କରୁଛି ବୋଲି କହିଛନ୍ତି। ସେମାନେ ଶୀଘ୍ର ତ୍ରୁଟି ସୁଧାର ପାଇଁ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ରେଳ ବିଭାଗ କର୍ତ୍ତୃପକ୍ଷଙ୍କର କୌଣସି ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ନାମ ଫଳକରେ ତ୍ରୁଟି ସଂଶୋଧନ ତୁରନ୍ତ କରିବାକୁ ଯାତ୍ରୀମାନେ ମଧ ଦାବି କରିଛନ୍ତି।

## ରାମ ନବମୀ ବାଇକ୍ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଗୁଣୁପୁର,୨୬ା୩(ସମିସ): ପବିତ୍ର ଶ୍ରୀରାମ ନବମୀ ଅବସରରେ ଆସନ୍ତା କାଲି ବାଇକ୍ ରାଲି ନିମନ୍ତେ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଆଜି ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତ୍ତି ଅନୁଯାୟୀ, ଆସନ୍ତା କାଲି ଅପରାହ୍ଣ ୫ଟା ସମୟରେ ସ୍ଥାନୀୟ ରାମ ମନ୍ଦିର ନିକଟରେ ହିନ୍ଦୁ ଭାଇ ଭଉଣୀ ଏବଂ ରାମ ଭକ୍ତ ମାନଙ୍କୁ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ସମସ୍ତେ ନିଜ ନିଜ ବାଇକ୍ ସହ ଧ୍ୱଜା ଧରି ରାମ ମନ୍ଦିର ନିକଟରୁ ଏକ ଭବ୍ୟ ବାଇକ୍ ଶୋଭାଯାତ୍ରାରେ ବାହାରିବେ। ବୈଠକରେ ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ବିଜେପି ନେତା ୱାଇ ଗଣପତି, ଆମର ସାହୁ ,ଟିଙ୍କୁ ପଣ୍ଡା, ବିଜେଡି ନେତା ରାମ ପଣ୍ଡା, ବିଦ୍ୟାଧର ଶବର, ଉମା ଦାଶ, ଇନ୍ଦ୍ରାଖୀ ଦାଶ, କିରଣ ପାଣିଗ୍ରାହୀ, ଜୟଦେବ ପଣ୍ଡା, ଶିବ ପାଢ଼ୀ, ଏଲ ଶେଷ ଗିରି, ଜନାର୍ଦ୍ଦନା, ଏବଂ ବହୁ ଯୁବକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



# କାଳିଚୋଚରା ଅଞ୍ଚଳରେ ଖଣିଜ ପଦାର୍ଥ ଅନ୍ୱେଷଣ

ରାୟଗଡ଼ା,୨୬ା୩(ସମିସ): ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକ ଅନ୍ତର୍ଗତ କାଳିଚୋଚରା ଅଞ୍ଚଳରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ବକ୍ସାଇଟ ନିମନ୍ତେ ଜି-୩ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି। ନିକଟସ୍ଥ ଗ୍ରାମବାସୀ ବିରୋଧ କରିବାରୁ ଅନୁସନ୍ଧାନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆପୋଷ ସମାଧାନ କରାଯିବା ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ନେଇ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ରାୟଗଡ଼ା ଜିଲ୍ଲା ବିଷମକଟକ ନିର୍ବାଚନ ମଣ୍ଡଳୀ ବିଧାୟକ ନୀଳମାଧବ ହିକକାଙ୍କ ଅଣତାରକା ପ୍ରଶ୍ନରେ କହିଛନ୍ତି। ବିଷମକଟକରେ ଏକ ମାଇନିଂ କଲେଜ ସ୍ଥାପନା ଦିଗରେ ପ୍ରସ୍ତାବ ଗ୍ରହଣ ପୂର୍ବକ ରାୟଗଡ଼ା ଜିଲ୍ଲାରେ କେଉଁ ସ୍ଥାନରେ ବର୍ତମାନ ଖଣି ସର୍ବେକ୍ଷଣ, କାହା ଦ୍ୱାରା ଚାଲୁ ରହିଛି ବୋଲି ବୋଲି ପ୍ରଶ୍ନର ଉତ୍ତରରେ ଜିଲ୍ଲାରେ କାଳିଚୋଚରା ସହ ଅନ୍ୟାନ୍ୟ ସ୍ଥାନରେ ଗ୍ରାଫାଇଟ୍,ମାଙ୍ଗାନିଜ,କୋବାଲ୍ଟ ଓ ସହଜାତ ଖଣିଜ ପଦାର୍ଥର ଖଣି ଅନ୍ୱେଷଣ ପ୍ରକଳ୍ପ ଜାରି ରହିଛି ବୋଲି କହିଛନ୍ତି। ବର୍ତମାନ କୋରାପୁଟ ଏବଂ ରାୟଗଡ଼ା ଜିଲ୍ଲାର ତଳକୁଟିଙ୍ଗା-ରୂପକୋଣା ଅଞ୍ଚଳରେ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା (ଜିଏସଆଇ) ଦ୍ୱାରା ଜି-୪ ସ୍ତରରେ ମାଙ୍ଗାନିଜ, କୋବାଲ୍ଟ ଏବଂ ସହଜାତ ଖଣିଜ ପଦାର୍ଥ ପାଇଁ ପ୍ରାରମ୍ଭିକ ସର୍ବେକ୍ଷଣ ଚାଲୁ ରହିଛି। ଉକ୍ତ ସଂସ୍ଥା ଦ୍ୱାରା ଜିଲ୍ଲାର କର୍ଲାଘାଟି-ଗୁଡାରୀ ଏବଂ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଇଜିଏମବି ଲିଥୋୟୁନିଟଗୁଡିକରେ ଗ୍ରାଫାଇଟ୍ ଏବଂ ସହଜାତ ଭାନାଡିଅମ ପାଇଁ ଜି-୪ସ୍ତରରେ ମଧ ପ୍ରାରମ୍ଭିକ ଅନ୍ୱେଷଣ ଜାରି ରହିଥିବା ଖଣି ମନ୍ତ୍ରୀ ଶ୍ରୀ ଜେନା ଉତ୍ତରରେ କହିଛନ୍ତି। ସେହିପରି ଜିଲ୍ଲାର ମୁନିଗୁଡା ଅଞ୍ଚଳର ଯୁଗପାଦର ଏବଂ କାନିବାଣି ପାଖାପାଖି ଅଞ୍ଚଳରେ ଗ୍ରାଫାଇଟ ଖଣି ପାଇଁ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ଜି-୩ ସ୍ତରରେ ଅନ୍ୱେଷଣ ଜାରି ରହିଥିବା ବେଳେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଦ୍ୱାରା ମୁନିଗୁଡା ଓ ସର୍ଗିଗୁଡା ଅଞ୍ଚଳରେ ଗ୍ରାଫାଇଟ ପାଇଁ ଜି-୬ ସ୍ତରରେ ଏବଂ ଜିଲ୍ଲାର ଦୁମ୍ମୁରୁନେଳି ଅଞ୍ଚଳରେ ମାହେଶ୍ୱରୀ ମାଇନିଙ୍ଗ ପ୍ରା.ଲିଃ ଦ୍ୱାରା ଜି-୪ ସ୍ତରରେ ଗ୍ରାଫାଇଟ୍ ଖଣି ପାଇଁ ଅନ୍ୱେଷଣ ଜାରି ରହିଥିବା ଖଣି ମନ୍ତ୍ରୀ ଶ୍ରୀ ଜେନା ବିଧାୟକ ଶ୍ରୀ ହିକକାଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି।



## ପୁଣି ପୁଲିସର ଫ୍ଲାଗମାର୍ଚ୍ଚ

# ରୁଟ୍ ମ୍ୟାପ୍ ଜାରି କଲା ଟାଉନ୍ ପୁଲିସ

ଜୟପୁର,୨୬ ା୩(ସମିସ): ଚଳିତ ବର୍ଷ ଜୟପୁର ସହରରେ ଶ୍ରୀରାମ ନବମୀ ଆଡମ୍ବର ସହିତ ପାଳନ କରାଯିବା ନେଇ ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ପ୍ରାୟ ୫୦ ହଜାର ଜନ ସମାଗମ ଶୋଭାଯାତ୍ରାରେ ହେବାର ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗତ ଦୁଇଦିନ ପୂର୍ବରୁ ଜିଲ୍ଲା ଏସ୍‌ପିଙ୍କ ନେତୃତ୍ୱରେ ସହରର ପାୱାର ହାଉସ ଛକ ଠାରୁ ଦଶହରା ପଡିଆ ପର୍ଯ୍ୟନ୍ତ ଫ୍ଲାଗ ମାର୍ଚ୍ଚ ହୋଇଥିବା ବେଳେ ପୁଣି ଆଜି ଟାଉନଥାନା ଠାରୁ ପାୱାର ହାଉସ ଛକ ପର୍ଯ୍ୟନ୍ତ ସଶସ୍ତ୍ର ଯବାନଙ୍କ ସହିତ ପୁଲିସ ଅଧିକାରୀ ମାନେ ଉପସ୍ଥିତ ରହି ଫ୍ଲାଗମାର୍ଚ୍ଚ କରିଥିଲେ। ସେହିପରି ଟାଉନଥାନା ଠାରେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କୁ ଆସନ୍ତା କାଲି ଶୋଭାଯାତ୍ରା ପୂର୍ବରୁ ସହରର ଯାତାୟାତ ନେଇ ଟାଉନଥାନା ପୁଲିସ ପକ୍ଷରୁ ପ୍ରସ୍ତୁତ ରୁଟ ମ୍ୟାପ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା କାଲି ରାମନବମୀ ଉପଲକ୍ଷେ ୪ଟା ସମୟରେ ସ୍ଥାନୀୟ ପାୱାର ହାଉସ ଛକ ଠାରୁ ଏକ ଶୋଭାଯାତ୍ରା ଜୟପୁର ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆ ଠାରେ ପହଞ୍ଚିବ। ତେଣୁ ଜୟପୁର ସହରରେ ମଦ ଦୋକାନ ଗୁଡିକ ଆଜି ଏବଂ ଆସନ୍ତାକାଲି ସମ୍ପୂର୍ଣ୍ଣ ବନ୍ଦ ରହିବ। ଶୋଭାଯାତ୍ରାରେ ମଦ୍ୟପ ବ୍ୟକ୍ତି ଏବଂ ବିଭିନ୍ନ ମାରଣାସ୍ତ୍ର ପ୍ରଦର୍ଶନ ଓ ବାଣଫୁଟାଇବା ଉପରେ ଅଙ୍କୁଶ ଲଗାଯାଇଛି। ଆସନ୍ତା କାଲି ଗାନ୍ଧୀଛକ ଠାରୁ ପାୱାର ହାଉସ ଛକକୁ ସଂଯୋଗ କରୁଥିବା କେନାଲ ଏବଂ ବାଇପାସ ରାସ୍ତା ଛକ ଭାରୀଯାନ ଗୁଡିକକୁ ଅପରାହ୍ଣ ୨ଟାରୁ ଯାତାୟାତ ବନ୍ଦ କରାଯିବ। ସେହିପରି ବିପରୀତ ଦିଗରୁ ମଧ ଯାତାୟାତ ଏହି ସମୟରେ ବନ୍ଦ କରିବ। ଜୟନଗର ବାଇପାସ ଦେଇ ସମସ୍ତ ଗାଡି ଯାତାୟତ କରିବ ଏବଂ ପୁରୁଣା ଚିକିତ୍ସାଳୟ ଠାରୁ କୌଣସି ଗାଡି ସହର ମଧ୍ୟରେ ପ୍ରବେଶ କରିବ ନାହିଁ। ନୂଆସାହି ପାର୍କ ଲାଇନ୍ ଦେଇ କେବଳ ଦୁଇଚକିଆ ଯାନ ଯାତାୟତ କରିବ ବୋଲି ଏସଡିପିଓ ଅର୍ଚ୍ଚିତା ମିତଲ ପ୍ରକାଶ କରିଛନ୍ତି। ସେହିପରି ୧୩ ପ୍ଲାଟୁନ ସଶସ୍ତ୍ର ପୁଲିସ ଯବାନ ମୃତୟନ ସହିତ ପ୍ରାୟ ୪୦ ଜଣ ଆଇପିଏସ ଅଧିକାରୀ, ଅତିରିକ୍ତ ଏସ୍‌ପି. ଡିଏସ୍‌ପି, ଇନ୍‌ସପେକ୍ଟର, ଏସ୍‌ଆଇ ଓ ଏଏସଆଇ ପଦବୀର ଅଧିକାରୀ, ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ତଦାରଖ କରିବେ।




# ଚେକ୍ ଡ୍ୟାମ୍ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



● ୨୯ରେ ସର୍ବଦଳୀୟ ବୈଠକ

ନବରଙ୍ଗପୁର,୨୬ା୩(ସମିସ): ନବରଙ୍ଗପୁର ଜିଲ୍ଲା ବିକ୍ରମପୁର ଗ୍ରାମରେ ଚେକ୍ ଡ୍ୟାମ ନିର୍ମାଣ ହେଲେ ବହୁ କ୍ଷୟକ୍ଷତି ହେବା ଆଶଙ୍କା ନେଇ ଆଜି ଶତାଧିକ ଲୋକେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ଏକ ଦାବି ପତ୍ର ପ୍ରଦାନ କରିଥିଲେ। ବିକ୍ରମପୁର ଗ୍ରାମ ମୁଣ୍ଡରେ ଚେକ୍ ଡ୍ୟାମ ନିର୍ମାଣ ପରେ ଚାଷୀ ମାନଙ୍କ ଯେଉଁ କ୍ଷୟକ୍ଷତି ହେବ ସେଥିପାଇଁ ବିସ୍ଥାପିତ ଲୋକଙ୍କ ପାଇଁ ସରକାର କୌଣସି ଉଚିତ ପଦକ୍ଷେପ ନେବାପାଇଁ ଚେଷ୍ଟା କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗୁରୁବାର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ତହସିଲଦାରଙ୍କ ପାଖରେ ଏ ନେଇ ଦାବି ରଖାଯାଇଛି। ଆସନ୍ତା ୨୯ରେ ଏକ ସର୍ବ ଦଳୀୟ ବୈଠକ ହେବ ବୋଲି ଉପସ୍ଥିତ ବରିଷ୍ଠ ନେତା ମୁନା ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି କମିଟିରେ ପୂର୍ବତନ ସରପଞ୍ଚ, ବରିଷ୍ଠ ସମାଜସେବୀ ଟଙ୍କଧର ଭତରା ଓ ରଜନୀ ଭତରା ଉପସ୍ଥିତ ଥିଲେ ବୋଲି ସୂଚନା ଦେଇଛନ୍ତି ଶ୍ରୀ ତ୍ରିପାଠୀ।

# ଶ୍ରୀରାମ ନବମୀ ଉତ୍ସବ ଶୁଭାରମ୍ଭ

● ରାମଲୀଳା ନାଟକ ମଞ୍ଚସ୍ଥ



ଜୟପୁର, ୨୬ ା୩(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଠାରେ ଚଳିତ ବର୍ଷ ଶ୍ରୀରାମ ନବମୀ ଆଡମ୍ବର ସହତି ପାଳନ ହେଉଛି। ଆଜି ପ୍ରଥମ ଦିବସରରେ ରାମଲୀଳା ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜୟପୁର ରଥପଡିଆ ଛକ ଠାରେ ଏକ ବଡ଼ ମଞ୍ଚ ନିର୍ମାଣ କରାଯାଥିଲା। ଏଥିରେ ନୟାଗଡ ଜିଲ୍ଲା ଦଶପଲ୍ଲାରୁ ଆସିଥିବା ମଞ୍ଚ କଳାକାର ମାନେ ଭଗବାନ ଶ୍ରୀ ରାମଙ୍କ ବାଲ୍ୟକାଳରୁ ତାଙ୍କ ସ୍ୱୟଂମ୍ବର, ଅନ୍ୟାନ୍ୟ ଲୀଳା ଗୀତି ନାଟକ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଜୟପୁର ଭାରପ୍ରାପ୍ତ ଉପଜିଲ୍ଲାପାଳ ତୃପ୍ତିମୟୀ ବରାଇ, ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଏବଂ ଅନ୍ୟାନ୍ୟ ରାଜନେତା ମାନେ ଉପସ୍ଥିତ ଥିଲେ। ସେହିପରି ଆସନ୍ତା କାଲି ଅପରାହ୍ଣ ୪ଟାଠାରୁ ୧୦ ଟା ମଧ୍ୟରେ ଏକ ବିରାଟ ଶୋଭାଯାତ୍ରା ଆୟୋଜିତ ହେବ। ଏହି ଅବସରରେ ମହାରାଷ୍ଟ୍ରର ପୁନେ ନଗରରୁ ଆସିଥିବା ୭୦ ଜଣ ଢୋଲ ବାଦକ ସେମାନଙ୍କ ଢୋଲ ବଜାଇବେ। ସେହିପରି ଆଜି ଠାରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ପୁଲିସ ବ୍ୟବସ୍ଥା କରାଯାଇଛି। କଣ୍ଡରା ସାହି ଠାରୁ ରଥପଡିଆ ଛକ ପର୍ଯ୍ୟନ୍ତ ବାଇକ୍ ଅଟୋ ଏବଂ ଚାରିଚକିଆ ଯାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି।

## ଅଗ୍ରୀମ ଟଙ୍କା ନେଇ ଆସିଲେନି ନାଚ ପାର୍ଟି

# ଥାନାର ଦ୍ୱାରସ୍ଥ ଦିଗାପୁର ଗ୍ରାମବାସୀ

କୁନ୍ଦୁରା,୨୬ା୩ (ସମିସ): ଅଗ୍ରୀମ ଟଙ୍କା ନେଇ ଆସିଲେନି ନାଚ ପାର୍ଟି। ଶେଷରେ ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ। ଏଭଳି ଘଟଣା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ସଦର ମହକୁମା ଠାରେ ଘଟିଛି। ସୂଚନା ଅନୁଯାୟୀ ଚଳିତ ଚୈତ୍ର ମାସର ୨୨ ତାରିଖ ଠାରୁ ୨୪ ତାରିଖ ୩ ଦିନ ଧରି ଦିଗାପୁର ଗ୍ରାମ ଠାରେ ରହିଥିବା ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଠାକୁରାଣୀଙ୍କ ଘଟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜା ରାଜୁଡା ଅମଳର ପୁରୁଣା ଏହି ଦେବୀପୀଠ ଏତେ ପ୍ରସିଦ୍ଧ ଯେ ମା'ଙ୍କ ଯାତ୍ରା ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଦୁଇ ଦିନ ବହୁତ ସୁନ୍ଦର ଭବେ ଆୟୋଜନ ସରିଲା । ତୃତୀୟ ଦିନ ବା ଶେଷ ଦିନରେ ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଏକମ୍ବା ଗ୍ରାମର ମାନସାୟୀ ଗୁରୁ ଦ୍ୱାରା ନିର୍ଦ୍ଦେଶିତ ଏବଂ ଶିଷ୍ୟ ଗୁରୁ ସୁଶାନ୍ତ ହରିଜନ ଦ୍ୱାରା ପରିଚାଳିତ ନାଟ ହେବାର ଥିଲା। ଏହି ଦିନ ନାଟ କରିବା ପାଇଁ ପୂଜା କମିଟି ପକ୍ଷରୁ ଅଗ୍ରିମ ଦିଆଯାଇଥିଲା।କିନ୍ତୁ ୨୪ ତାରିଖ ମଙ୍ଗଳବାର ଦିନ ଦିଗାପୁର ଘଟଯାତ୍ରା ରେ ଏହି ନାଟ ପାର୍ଟି ଆସିଲେ ନାହିଁ। ଦିଗାପୁର ପଞ୍ଚାୟତ ବାସୀ ଓ ଘଟଯାତ୍ରା ପୂଜା କମିଟି ଲୋକଙ୍କ ପାଖରେ ଅପମାନିତ ହେଲେ। ଏହି ମଧ୍ୟରେ କିଛି ଅଶାନ୍ତ ଯୁବକ ପୂଜା କମିଟି କର୍ମକର୍ତ୍ତାଙ୍କୁ ମାରିବା ପାଇଁ ବି ଆସିଲେ। ପୂଜା କମିଟି କର୍ମକର୍ତ୍ତା ଲୁଚିବାକୁ ବାଧ ହେଲେ। ଆଜି ଦିଗାପୁର ସରପଞ୍ଚ, ସମିତି ସଭ୍ୟ ଓ ଘଟଯାତ୍ରା ପୂଜା କମିଟି ସେହି ଏକମ୍ବା ନାଟର ଶିଷ୍ୟ ଗୁରୁ-ସୁଶାନ୍ତ ହରିଜନ ଓ ନାଟର ମ୍ୟାନେଜର ଗଙ୍ଗାଧର ଗୌଡ଼ଙ୍କ ବିରୁଦ୍ଧରେ ବୈପାରୀଗୁଡା ଥାନାରେ ଏତଲା ଦେଇଛନ୍ତି। କୁନ୍ଦୁରା ବ୍ଲକ ତଥା କୋରାପୁଟ ଜିଲ୍ଲାର ଏକ ପ୍ରସିଦ୍ଧ ଘଟଯାତ୍ରା। ଯାହାକୁ ଉଦ୍ଦେଶ୍ୟମୂଳକ ଭାବେ ଭଣ୍ଡୁର କରାଯାଇଛି। ଏହି ଘଟଣାକୁ ନେଇ ବୈପାରୀଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ଡମ୍ବରୁଧର ବାତ୍ରିୟା ଅଭିଯୋଗକୁ ଭିତ୍ତିକରି ତୁରନ୍ତ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି କହିଛନ୍ତି।



ସକାଳ THE SAKALA



www.sakalaepaper.com

### ବିଡିଓଙ୍କ ଜନପ୍ରତିନିଧିଙ୍କୁ ଅଣଦେଖା, ଠିକାଦାରଙ୍କୁ ଗୁରୁତ୍ୱ!

# ବ୍ଲକ୍ ଘେରିଲେ ୧୪ ପଞ୍ଚାୟତର ଜନପ୍ରତିନିଧି





ପଟ୍ଟାଙ୍ଗି,୨୬ା୩(ସମିସ):

ପଟ୍ଟାଙ୍ଗି ବିଡିଓଙ୍କ ବିରୁଦ୍ଧରେ ଶୋଭାଯାତ୍ରା କରିବା ସହ ବ୍ଲକ ସମ୍ମୁଖରେ ଧାରଣା ଦେଲେ ୧୪ ପଞ୍ଚାୟତର ଜନ ପ୍ରତିନିଧି ଗଣ। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଜନ ପ୍ରତିନିଧିଙ୍କୁ ଅଣଦେଖା, ଅଣ ନିର୍ବାଚିତ ଲୋକଙ୍କୁ ଗୁରୁତ୍ୱ ଦେଉଥିବା, ୧୧ ମାସ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇ ଯାଇଥିବା ଅଭିଯୋଗ ଆଣିଲେ ଜନ ପ୍ରତିନିଧି। ଆଜି ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ୧୪ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ଏବଂ ପଟ୍ଟାଙ୍ଗୀର ଜିଲ୍ଲା ପରିଷଦ ସଦସ୍ୟା ମିଶି ବ୍ଲକ ସମ୍ମୁଖରେ ରହିଥିବା ତ୍ରିନାଥ ମନ୍ଦିର ଠାରେ ଏକତ୍ରିତ ହୋଇଥିଲେ। ଜନପ୍ରତିନିଧି ୧୪ ପଞ୍ଚାୟତରେ ଗତ ୧୧ ମାସ ମଧ୍ୟରେ ହୋଇଥିବା ଉନ୍ନୟନ ହିସାବ ଜାଣିବା ଆମର ଦାବି, ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଅଣଦେଖା କରିବା ପଛରେ ହାତ କାହାର, ନିର୍ବାଚିତ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ଗୁରୁତ୍ୱ ନଦେବା କି ଉଦ୍ଦେଶ୍ୟ, ସମିତି ବୈଠକ ଠିକ୍ ସମୟରେ ନ ହେବାର ଉଦ୍ଦେଶ୍ୟ କ'ଣ ଏବଂ ଗତ ୧୧ ମାସ ମଧ୍ୟରେ ସମସ୍ତ ପଞ୍ଚାୟତରେ କେତେ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି ହିସାବ ଜାଣିବା ଆମର ଦାବି ଲେଖାଯାଇଥିବା ବ୍ୟାନର ପୋଷ୍ଟର ସହ ପ୍ଲାଗକାର୍ଡ ଧରି ବ୍ଲକ ପର୍ଯ୍ୟନ୍ତ ଶୋଭାଯାତ୍ରା ମାଧ୍ୟମରେ ବିଭିନ୍ନ ନାରାବାଜି କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଜନ ପ୍ରତିନିଧି ମାନେ ଧାରଣାରେ ବସିଥିଲେ। ବିଗତ ୧୧ ମାସ ହେଲାଣି ବିଡ଼ିଓ ରାମକୃଷ୍ଣ ନାୟକ ଆସିବା ପରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁନଥିବା ଅଭିଯୋଗ ଆଣିଛନ୍ତି। ଜନ ପ୍ରତିନିଧିଙ୍କୁ ଗୁରୁତ୍ୱ ନଦେଇ ଅଣ ନିର୍ବାଚିତ ଲୋକଙ୍କୁ ତଥା ଠିକାଦାରଙ୍କ ଦ୍ୱାରା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଉଥିବା ଅଭିଯୋଗ ଆଣିଥିଲେ। ବାତ୍ୟା ମନ୍ଥା ସମୟରେ ଆସିଥିବା ସମସ୍ତ ସରକାରୀ ଅର୍ଥ ଗୁଡ଼ିକ ବାଟ ମାରଣା କରାଯାଇଥିବା, ବୈଠକ ଠିକ୍ ସମୟରେ ନହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସଠିକ ହିତାଧିକାରୀଙ୍କୁ ଦିଆଯାଉନଥିବା, ଜନଶୁଣାଣି କାର୍ଯ୍ୟକ୍ରମରେ ଦିଆଯାଉଥିବା ଅଭିଯୋଗକୁ କାର୍ଯ୍ୟାନୁଷ୍ଠାନ କରାଯାଉନଥିବା, ସଠିକ୍ ହିତାଧିକାରୀଙ୍କୁ ପେନସନ ପ୍ରଦାନ କରାଯାଉନାହିଁ, ବିଡିଓ କୌଣସି ମଧ୍ୟ ପଞ୍ଚାୟତକୁ ଗସ୍ତ କରୁନଥିବା ଆଦି ଦାବିରଖି ଉକ୍ତ ଧାରଣାରେ ବସିଥିଲେ ଜନ ପ୍ରତିନିଧି। ଆଜି ଉକ୍ତ ଧାରଣା ଦେବାର ଯୋଜନା ରହିଥିବା ବେଳେ ତମ୍ବୁ ଲଗାଇବା ନିମନ୍ତେ ପୁଲିସ ଦେଇନଥିବା ନେଇ ଅଭିଯୋଗ ହୋଇଛି। ତେଣୁ ଜନ ପ୍ରତିନିଧି ମାନେ ଖରାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆ ଏବଂ ସେମିଳିଗୁଡାର ତହସିଲଦାର ଦେବବ୍ରତ କରାଟେ ଉପସ୍ଥିତ ରହିଥିଲେ। ବିଡିଓ ଘଟଣାସ୍ଥଳକୁ ଆସିବା ପରେ ଅଭିଯୋଗ ଜଣାଇବୁ ବୋଲି ଜନ ପ୍ରତିନିଧି ମାନେ ଅଡି ବସିଥିଲେ। ପ୍ରୋଟୋକଲ ଦୃଷ୍ଟିରୁ ବିଡିଓ ଘଟଣା ସ୍ଥଳକୁ ଆସିପାରିବେ ନାହିଁ ବୋଲି ଉପସ୍ଥିତ ଅଧିକାରୀ ଗଣ ଜନ ପ୍ରତିନିଧିଙ୍କୁ କହିଥିଲେ। ଶେଷରେ ବୁଝାସୁଝା କରିବା ପରେ ଜନପ୍ରତିନିଧି ମାନେ ନିଜ ଦାବିପତ୍ର ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେଙ୍କୁ ଦେଇଛନ୍ତି। ଅଭିଯୋଗ ଗୁଡ଼ିକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ଉକ୍ତ ସମସ୍ୟା ଗୁଡିକର ସମାଧାନ କରିବା ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟେ ପ୍ରତିକ୍ରିୟା ଦେଇଛନ୍ତି। କମ୍ ଦିନ ମଧ୍ୟରେ ଉକ୍ତ ସମସ୍ୟା ଗୁଡିକର ସମାଧାନ କରା ନଗଲେ ପୁର୍ନବାର ସମସ୍ତ ଅଞ୍ଚଳବାସୀଙ୍କ ସହ ମିଶି ଏକ ବିରାଟ ଆନ୍ଦୋଳନ କରାଯିବ ବୋଲି ସମସ୍ତ ଜନ ପ୍ରତିନିଧି ଚେତାବନୀ ଦେଇଛନ୍ତି।

## ଜମିରେ ପସିଗଲା ପିକ୍‌ଅପ୍, ୧୨ ଗୁରୁତର

ପାପଡାହାଣ୍ଡି,୨୬ା୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ କୋଡ଼ିଙ୍ଗା ଥାନା ଅନ୍ତର୍ଗତ ବୋକ୍ସାଗୁଡା ନିକଟରେ ଭାରସାମ୍ୟ ହରାଇ ଜମିରେ ପସିଗଲା ପିକ୍‌ଅପ୍ ଭ୍ୟାନ୍। ଏଥିରେ ଥିବା ୧୨ ଯାତ୍ରୀ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପାପଡାହାଣ୍ଡି ବ୍ଲକ ପାତ୍ରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖଲିଗୁଡା ଗ୍ରାମର ୫୦ ଜଣ ଲୋକ ଏକ ପିକ୍‌ଅପ୍ ଗାଡ଼ିରେ ବିବାହ କାର୍ଯ୍ୟରେ ଯୋଗ ଦେବା ପାଇଁ ଆଜି ସକାଳେ କୋଷାଗୁମଡ଼ା ବ୍ଲକର ଡାଡିଆମାଝୀଗୁଡା ଗ୍ରାମକୁ ଯାଇଥିଲେ। ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପରେ ସମସ୍ତେ ପିକ୍‌ଅପ୍ ସାହାଯ୍ୟରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବୋକ୍ସାଗୁଡା ନିକଟରେ ପିକଅପ ଭେନର ଭାରସାମ୍ୟ ହରାଇ ଏକ ଚାଷ ଜମି ଭିତରୁ ଚାଲି ଯାଇଥିଲା। ସମସ୍ତ ଯାତ୍ରୀଙ୍କୁ ଗ୍ରାମବାସୀ ଉଦ୍ଧାର କରି ୧୨ ଜଣ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଓ ବାଇକ୍ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଭର୍ତ୍ତି କରିଥିଲେ. ଗୁରୁତର ବୈଦି ଭତରା, ଗୀତା ଭତରା, ଦସେଇ ଭତରା, ତିଳେଇ ଭତରା, ତିଳେଇ ଭତରା, ଡୋଲୀ ଭତରା, ମଣି ଭତରା, ଶିବ ଭତରା, ଦୈନୁ ଭତରା, ସଞ୍ଜୁ ଭତରା, କନେଇ ଭତରା, ନାଡୁ ଭତରାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ସକାଶେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ସଂଗୀତା ଭତରା, ଦସେଇ ଭତରା, ବୈଦି ଭତରା , ମଣି ଭତରା , ତିଳେଇ ଭତରାଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଆଉ କିଛି ଗୁରୁତରଙ୍କୁ ଘଟଣାସ୍ଥଳରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



କୋରାପୁଟ,୨୬ା୩(ସମିସ):କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଅଧାପନା ପ୍ରକୋଷ୍ଠରେ ସଦର ବ୍ଲକ ଏବଂ ପୌର ପ୍ରଶାସନର ମିଳିତ ଆନୁକୁଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କୋରାପୁଟ ବ୍ଲକ ଓ ପୌରପାଳିକାରୁ ମୋଟ ୨୧୬ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ୧୧୪, ଦୃଷ୍ଟି ବାଧିତ ୧୦, ଶ୍ରବଣ ତଥା ବାକ୍ ଶକ୍ତି ବାଧିତ ୩୮ , ମାନସିକ ରୋଗୀ ୧୪ , ସିକଲସେଲ୍ ଏବଂ ଅନ୍ୟାନ୍ୟ ୪୦ ଜଣ ଦିବ୍ୟାଙ୍ଗଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଶିବିରରେ ସହିଦ ଲକ୍ଷ୍ମଣ ନାୟକ, ଭେଷଜ ମହାବିଦ୍ୟାଳୟ, କୋରାପୁଟ ଏବଂ ଜିଲ୍ଲା ଚିକିତ୍ସାଳୟ, କୋରାପୁଟର ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗ ଦେଇ ଦିବ୍ୟାଙ୍ଗ ମାନଙ୍କ ପରୀକ୍ଷା ନିରୀକ୍ଷା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ମଞ୍ଜୁରୀ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ବାଣିଶ୍ରୀ ଛାତ୍ର ବୃତି ପାଇଁ ୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଆବେଦନ କରିଥିବାବେଳେ ୬ ଜଣ ମଧୁବାବୁ ପେନସନ ପାଇଁ ଆବେଦନ କରିଥିଲେ । ୩ ଜଣ ଦିବ୍ୟାଙ୍ଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ। ସେହିପରି ୯୭ ଜଣ ଦିବ୍ୟାଙ୍ଗଙ୍କୁ ବସ୍‌ରେ ମାଗଣା ଗମନାଗମନ ପାଇଁ ବସ୍ ପାସ୍ ପ୍ରଦାନ କରା ଯାଇଥିଲା । ଶିବିରରେ ମୁଖ୍ୟ ଅତିଥି ଭାବରେ, ବ୍ଲକ ଅଧକ୍ଷା ନମିତା ମାଝୀ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ଯୋଗ ଦେଇଥିଲେ। ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଟି. ସୁରଭି, କନିଷ୍ଠ ସହାୟିକା ପିଙ୍କି ଅଡ଼ାରୀ, କାର୍ଯ୍ୟକ୍ରମ ସହାୟକ ୱାଇ ସୁନିଲ କୁମାର, ନିତୀନ କୁମାର ଭୁକ୍ତା, କୋରାପୁଟ ବ୍ଲକ ଏବଂ ପୌରପାଳିକାର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ।

## ମନରେଗା ଲୋକପାଳଙ୍କ ବନ୍ଧ କାମ ଅନୁଧ୍ୟାନ



ଗୁଣୁପୁର,୨୬ା୩(ସମିସ): ରାୟଗଡ଼ା ଜିଲ୍ଲା ମନରେଗୋ ଆମ୍ବୁଡ୍ସପର୍ସନ ଅକ୍ଷୟ ଦାଶ କୁଜିନ୍ଦିରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗମାଙ୍ଗ କୁଡ଼ିଆ ନିକଟରେ ପୁନରୁଦ୍ଧାର କରାଯାଇଥିବା ବନ୍ଧ କାମ ପରିଦର୍ଶନ କରିଛନ୍ତି। ଏଥିସହ ମନରେଗା କର୍ମଜୀବୀ ମାନଙ୍କ ସହ ବାର୍ତାଳାପ କରି ସେମାନଙ୍କ କାର୍ଯ୍ୟଦିବସ ଓ ପ୍ରାପ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ୨୩୫୨ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରଖି ଆରମ୍ଭ ହେଇଥିବା ଏହି ପ୍ରକଳ୍ପ ପାଇଁ ଦଶଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୫୫୧୭୯୬ ଟଙ୍କା ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଛି । ପରିଦର୍ଶନ ବେଳେ ମେସିନରେ କାମ ନ କରିବା ଏବଂ ବନ୍ଧ ଚର୍ତୁପାଶ୍ୱର୍ରେ ଗ୍ରାସ ଟ୍ରଫିଙ୍ଗ କରିବା ପାଇଁ ପରାମର୍ଶ ଦେବା ସହ ହିତାଧିକାରୀଙ୍କୁ ପଇଠ କରିଥିବା ଅର୍ଥ ରାଶି ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତ ଆମ୍ବୁଡ୍ସପର୍ସନ । ଏହି ପରିଦର୍ଶନ ବେଳେ ରାମନାଗୁଡ଼ା ମନରେଗା ସହକାରୀ ପ୍ରକଳ୍ପ ଅଧିକାରୀ ଅକ୍ଷୟ ମହାନ୍ତି,ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ପୁଲକା, ମେଟ ରଂଜିତ ଗାଁଟା ଏବଂ ଏଡିଇ ଓ ମଧୁସ୍ମିତା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ଗ୍ରୀଷ୍ମକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ମାଲକାନଗିରି,୨୬ ।୩(ସମିସ): ମାଲକାନଗିରି ଜିଲ୍ଲାରେ ୧୭ ବର୍ଷରୁ କମ୍ ବୟସ୍କ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟରେ ମୋଟ ୫ଟି ଦଳ ଖେଳିବେ। ପ୍ରତେକ ଦଳରେ ୧୪ ଜଣ ପୁରୁଷ ଏବଂ ଜଣେ ମହିଳା ଖେଳାଳି ରହିଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ଏପ୍ରିଲ ମାସ ୫ ତାରିଖରେ ଶେଷ ହେବ। ଏହାକୁ ମାଲକାନଗିରି ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଆୟୋଜନ କରାଯାଇଥିବା ବେଳେ ଆସୋସିଏସନ୍‌ର ସଭାପତି ଏମ୍‌ଡି ଫାରୁକ, ସମ୍ପାଦକ ହୃଦାନନ୍ଦ ସାହୁ, ଭାରତୀୟ ପୁରୁଷ କ୍ରିକେଟ୍ ଦଳର ପୂର୍ବତନ ମ୍ୟାନେଜର ସତବୀର ସିଙ୍ଗ ରିଆର ଏବଂ ମାଲକାନଗିରି ଜିଲ୍ଲା ଡିସିଏର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଛି। ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି, ଆଗାମୀ ଦିନରେ ଜିଲ୍ଲାରୁ ଭଲ ଖେଳୁଥିବା ଖେଳାଳିଙ୍କୁ ଆଗକୁ ଆସିବା, ରାଜ୍ୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳରେ ସ୍ଥାନ ପାଇବାର ସୁଯୋଗ ପ୍ରଦାନ କରିବା।



## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ



ମାଲକାନଗିରି,୨୬ ।୩(ସମିସ): ଆସନ୍ତା ଏପ୍ରିଲ ୧ ତାରିଖରେ ଜିଲ୍ଲା ସ୍ତରୀୟ 'ଓଡ଼ିଶା ଦିବସ'କୁ ମହାସମାରୋହରେ ପାଳନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୃହୀତ ନିଷ୍ପତ୍ତି ଅନୁଯାୟୀ, ଓଡ଼ିଶା ଦିବସ ଅବସରରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହରରେ ଉକ୍ତ ଦିନ ଏକ ପ୍ରଭାତଫେରି ଆୟୋଜନ କରାଯିବ। ଏହି ଦିବସରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ସେହିପରି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟ ପରିସରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯିବା ପାଇଁ ସ୍ଥିର ହୋଇଛି। ଏଥି ସହିତ ଏକ ସାଧାରଣ ସଭା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ସଭାରେ ପୁରସ୍କୃତ କରାଯିବ। ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରିବାକୁ ବୈଠକରେ ସୂଚନା ଦିଆଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ବୈଠକର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପୂର୍ବ ବର୍ଷର ବିବରଣୀ ପାଠ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ଏସିଏଫ୍ ମନସୁନ୍ ଖେମୁଣ୍ଡୁଙ୍କ ସମେତ ଜିଲ୍ଲାର ସମସ୍ତ କଲେଜ ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ବିଭାଗୀୟ କର୍ମଚାରୀ ହରେକୃଷ୍ଣ କିର୍ତ୍ତନିଆ ଓ ରଞ୍ଜନ ମହାନ୍ତି ବୈଠକ ଆୟୋଜନରେ ସହଯୋଗ କରିଥିଲେ।

## ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ ପାଇଁ ଅନୁଧ୍ୟାନ

ଗୁଡ଼ାରୀ,୨୬ା୩(ସମିସ): ଗୁଡାରୀ ବ୍ଲକର ନଅ ଗୋଟି ପଞ୍ଚାୟତର ଏମିତି କିଛି ଗ୍ରାମ ଅଛି, ଯେଉଁଠିକି ଆଜି ପର୍ଯ୍ୟନ୍ତ ସେଠାକାର ଜନଜାତି ଲୋକଙ୍କୁ ମୌଳିକ ସୁବିଧା ମିଳୁନି। କେଉଁ ଗ୍ରାମରେ ପାନୀୟ ଜଳ ସମସ୍ୟା ତ ଆଉ କେଉଁ ଗ୍ରାମରେ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ସୁବିଧା ନାହିଁ। କିଛି ଦିନ ତଳେ ମଧୁବନ ପଞ୍ଚାୟତ ଡଙ୍ଗର ଗମ୍ଭାରୀ ଗ୍ରାମରେ ପାନୀୟ ଜଳର ଉକ୍ରଟ ଚିତ୍ର ସାମ୍ନାକୁ ଆସିଥିଲା । ଏହାକୁ ନେଇ ଗୁଡାରୀ ବିଡିଓ, ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି ସମାଧାନ କରିଥିଲେ। ଗୁରବାର ଦିନ ଗୁଡାରୀ ତହସିଲଦାର ସୁଶ୍ରୀ ଏ.ସ୍ନେହଲତା, ଅତିରିକ୍ତ ତହସିଲଦାର ସୁନିଲ ଶବର, ଡେପାଗୁଡ଼ା ଆରଆଇ ବି.ସନ୍ତୋଷ, ଏଆରଆଇ ସଚି କୁମାର ବେହେରା, ସୁଭର ଭାଇଜର ମନୋଜ ଶବର ଏକ ଟିମ୍‌ରେ ଯାଇ ପାତ କେରେଡା ପରେ ହାଲାମ ଗ୍ରାମ, ଡେପାଗୁଡ଼ା ଗ୍ରାମଠାରୁବେହେରା ଗାଁ ଦେଇ ଘଞ୍ଚ ଅରଣ୍ୟ ଅଗନାଅଗନି ବନ ପାହାଡ ଚଡି ଡଙ୍ଗର ଗମ୍ଭାରୀ ଗ୍ରାମକୁ ଯାଇଥିଲେ। ସୂଚନା ଅନୁଯାୟୀ ତିନୋଟି ଗ୍ରାମର ପ୍ରାୟ ୪୬ ଜଣ ଜନଜାତି ଲୋକଙ୍କ ବସ୍ତି ଜାଗାକୁ ପଟାର ସ୍ଥାୟୀ ସ୍ୱୀକୃତି ପ୍ରଦାନ କରିବା ପାଇଁ ନଥିପତ୍ର ସଂଗ୍ରହ କରିବା ସହ ସତ୍ୟ ପ୍ରମାଣ ଦେବା ପାଇଁ ଆଲୋଚନା କରାଯିବ।



## ବେପରୁଆ ଗାଡ଼ି ଚାଳନା, ବେଆଇନ ପାର୍କିଂ

### ନୀରବଦ୍ରଷ୍ଟା ସାଜିଛନ୍ତି ପ୍ରଶାସନ

ଗୁଣୁପୁର,୨୬ା୩(ସମିସ): ଗୁଣୁପୁର ସହରରେ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହାନ ଚଳାଚଳ ବୃଦ୍ଧି ପାଇଛି। ଫଳରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ଓ ଦୁର୍ଘଟଣା ଘଟୁଛି। ଏହା ମଧ୍ୟରେ ସ୍ପିଡ ବାଇକ୍ ଗୁଡିକରେ ଯୁବକ ମାନେ ଦ୍ରୁତ ଗତିରେ ଗାଡି ଚଳାଇବା, ମୁଖ୍ୟ ରାସ୍ତାରେ ରେସିଂ କରିବା, ଉଚ୍ଚ ସ୍ୱରରେ ହର୍ଣ୍ଣ ବ୍ୟବହାର କରିବା ଏବଂ ବିଭିନ୍ନ ପ୍ରକାରର ସାଇଲେନ୍ସର ଲଗାଇ ଉଚ୍ଚ ଶବ୍ଦ କରି ଲୋକଙ୍କୁ ଆ ତ ଙ୍କି ତ କ ରୁ ଥି ବ । ଗୁଣୁପୁର ସହରର ନିତିଦିନିଆ ସମସ୍ୟା। ଅପରପକ୍ଷେ ଅଟୋ ଓ ଟ୍ରାକ୍ଟର ଗୁଡିକର ଚାଳକମାନେ ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ ରାସ୍ତା ମଝିରେ ଏଣେତେଣେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଅଟୋର ଫିଟନେସ୍ ଏବଂ ଚାଳକଙ୍କ ଲାଇସେନ୍ସ ନଥାଇ ଅଟୋ ଚଳାଉଥିବା ନେଇ ଅନ୍ୟ ଅଟୋ ଚାଳକ ମାନେ କହୁଛନ୍ତି। ସେହିଭଳି ଟ୍ରାକ୍ଟର ଗୁଡିକ ମଧ୍ୟ ଓଭର୍ ଲୋଡିଂ, ଦ୍ରୁତଗତିରେ ଗାଡି ଚଳାଇବା, ବାଲି ନେବା ସମୟରେ ବାଲିକୁ ପାଲରେ ଢାଙ୍କୁ ନଥିବା ଦେଖିବାକୁ ମିଳୁଛି। ଏଭଳି କି ଯେ ୯୦ ପ୍ରତିଶତ ଟ୍ରାକ୍ଟର ଡ୍ରାଇଭର୍ ମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନଥିବା ବେଳେ ଅଧିକାଂଶ ଟ୍ରାକ୍ଟର ଡ୍ରାଇଭରଙ୍କ ବୟସ ୧୮ ବର୍ଷରୁ କମ୍ ରହିଥିବା ଜଣାପଡ଼ିଛି। ସହର ମଧ୍ୟରେ ବ୍ୟାପକ ଟ୍ରାଫିକ୍ ସମସ୍ୟା ଉପୁଜୁଥିବା ବେଳେ ଏଭଳି ଗାଡ଼ି ଚାଳନା ଯୋଗୁଁ ସାଧାରଣ ଜନତା ଆତଙ୍କିତ ହେଉଥିବା କହୁଛନ୍ତି। ଆର୍‌ଟିଓ, ଏମ୍‌ଭିଆଇ ଏବଂ ପୁଲିସ ବିଭାଗ ପକ୍ଷରୁ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସମସ୍ୟା ଗୁଡିକ ଉପରେ ପୁଲିସ୍ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଗୁଣୁପୁର ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



ଗୁଣପୁର,୨୬ା୩(ସମିସ): ଗୁଣୁପୁର କଲେଜରେ ଆଜି ପୂର୍ବତନ ଇତିହାସ ବିଭାଗର ପ୍ରାଧାପକ ଡକ୍ଟର ଜବାହାରଲାଲ ଚୌଧୁରୀଙ୍କ ବିଦାୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ବି. ଶ୍ରୀହରି ପଟ୍ଟନାୟକଙ୍କ ଅଧକ୍ଷତାରେ ଏହି ସଭା ଆରମ୍ଭ ହୋଇଥିଲା। ସଭା ଆରମ୍ଭରେ ଓଡ଼ିଆ ବିଭାଗର ଅଧାପକ ଜଗନ୍ନାଥ ଦୀପ ସ୍ୱାଗତ ଓ ଉଦ୍‌ଘାଟନୀ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅଲୋଚନା କରିଥିଲେ। ପରେ ଅତିଥିମାନଙ୍କୁ ମଞ୍ଚରେ ଆମନ୍ତ୍ରଣ ଓ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଅଧକ୍ଷ ଜି. ମହେଶ୍ୱର ରାଓ, ପ୍ରାଣୀବିଜ୍ଞାନ ବିଭାଗର ପ୍ରାଧାପିକା କଳ୍ପନା ବେହେରା, ଭୌତିକ ବିଜ୍ଞାନର ଅଧାପକ ସତୀଶ କୁମାର ପଟ୍ଟନାୟକ ଏବଂ ରାଜନୀତି ବିଜ୍ଞାନର ଅଧାପକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ ପରେ ଅଧାପକମାନେ ନିଜ ଅନୁଭବ ପ୍ରକାଶ କରି ଡକ୍ଟର ଚୌଧୁରୀଙ୍କ ଶିକ୍ଷା ଓ ସେବାକୁ ସ୍ମରଣ କରିଥିଲେ। ଡକ୍ଟର ଜବାହାରଲାଲ ଚୌଧୁରୀ ତାଙ୍କ ଉଦ୍‌ବୋଧନରେ କଲେଜ ସହିତ ତାଙ୍କ ଦୀର୍ଘ ସମୟର ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇଥିଲେ। ସଭାପତ ବି. ଶ୍ରୀହରି ପଟ୍ଟନାୟକ ମଧ ତାଙ୍କର ଅବଦାନକୁ ଉଚ୍ଚସ୍ତୁତି କରିଥିଲେ। ଶେଷରେ ଗଣିତ ବିଭାଗର ଅଧାପିକା ଡକ୍ଟର ଦୀପିକା ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାପତି ସଭାର ସମାପ୍ତି ଘୋଷଣା କରିଥିଲେ।

## ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




● ଲିଟିଗୁଡ଼ା ଚାମ୍ପିଅନ

ସେମିଳିଗୁଡ଼ା,୨୬ା୩ (ସମିସ): ନାଲକୋ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ରାଷ୍ଟ୍ରଦୀପର ସହଯୋଗରେ ଆୟୋଜିତ ଦୁଇଦିନିଆ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସେମିଳିଗୁଡା ବ୍ଲକ ଅନ୍ତର୍ଗତ ବେହେରାଗୁଡା ଠାରେ ଆୟୋଜିତ ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୪୮ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ ଲିଟିଗୁଡ଼ା ଓ ଚଉଗାଁ ମଧ୍ୟରେ ଖେଳାଯାଇଥିଲା। ଲିଟିଗୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ଟ୍ରଫି ସହିତ ୧୫ ହଜାର ଟଙ୍କାର ପୁରସ୍କାର ପ୍ରାପ୍ତ କରିଥିଲେ। ସେହିଭଳି ଚଉଗାଁ ଫୁଟବଲ ଦଳ ରନର୍ସ ଅପ୍ ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ଅତିଥି ମାନଙ୍କ ଠାରୁ ଗ୍ରହଣ କରିଥିଲେ। ବୁଧବାର ରାତିରେ ଉକ୍ତ ଗ୍ରାମୀଣ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳୀ ଦେବାଶିଷ ମହାନ୍ତି ଯୋଗଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟରେ ସମସ୍ତ ଦଳ ଶୃଙ୍ଖଳିତ ଭାବେ ଖେଳିଥିବା ଯୋଗୁଁ ସମସ୍ତ ଖେଳାଳୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ଜେନେରାଲ ମ୍ୟାନେଜର ସୁଗତ ଆନନ୍ଦ ବାସୁ, ସଞ୍ଜୟ ଗୁପ୍ତା, ନଗେନ ବେହେରା, ନାଲ୍‌କୋ କ୍ରୀଡା ବିଭାଗର ଅଧିକାରୀ ଅରୁଣ କୁମାର ମହାନ୍ତି, ସେମିଳିଗୁଡା ତହସିଲଦାର ଦେବବ୍ରତ କରାଟି, ସେମିଳିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ, ସୁନାବେଡା ଏସଡିପି ଓ ସୁମିତ୍ରା ଜେନା, ସୁନାବେଡା ଥାନା ଅଧିକାରିଣୀ ସୁଷମା କହଁର, ସେମିଳିଗୁଡା ଥାନା ଅଧିକାରିଣୀ ଅନିତା କୁଜୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରଦୀପର ବରିଷ୍ଠ ପତ୍ରକାର ତଥା ବିଶିଷ୍ଟ ସମାଜସେବୀ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଏବଂ ରାଷ୍ଟ୍ରଦୀପର ରାଜ୍ୟ ଉପ ସଭାପତି ଅରୁଣ କୁମାର ଜେନାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୧ ଲକ୍ଷ ୯ ହଜାର ଟଙ୍କା

ତାଳଚେର,୨୬ ।୩(ସମିସ): ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା'ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡ଼ିକୁ ବୁଧବାର ଖୋଲା ଯାଇଥିଲା। ତାଳଚେର ଡେପୁଟି କଲେକ୍ଟର ଧର୍ମେନ୍ଦ୍ର କୁମାର ଶତପଥି, ପୂର୍ବତନ ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର କୁମାର ସିଂହ, ମୁରଲୀଧର ସାହୁ, ଗଗନ ବିହାରୀ ସାହୁ, ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା। ଏଥିରୁ ମୋଟ ୧୧ଲକ୍ଷ ୯ହଜାର ୬ଶହ ୯ ୯ଟଙ୍କା ସଂଗୃହୀତ ହୋଇଥିଲା। ଗୋପାଳପ୍ରସାଦ ଥାନାର କନେଷ୍ଟବଳ ବିଷ୍ଣୁସେନ ବେହେରା, ହାବିଲଦାର ବୁଦ୍ଧଦେବ ପ୍ରଧାନ, ବିଭୁତି ଭୂଷଣ ସାମଲ, ବିକାଶ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ଆଦିତ୍ୟ ବେହେରା, ଚରଣ ବେହେରା, ବଟକୃଷ୍ଣ ବାରିହା, ରଘୁନାଥ ବେହେରା, ସିପୁନ୍ ବାରିହା, ଟିକନ୍ ସାମଲ, ଜିଲଟୁ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ଅନୁଗୋଳରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୭ତମ ଷ୍ଟୋର



ଅନୁଗୋଳ,୨୬।୩(ସମିସ): ଭରସାଯୋଗ୍ୟ ରୁପା ଗହଣା ବ୍ରାଣ୍ଡ ଚାନ୍ଦିଭଣ୍ଡାର ଅନୁଗୋଳରେ ଖୋଲିଛି ଏହାର ଏକ ନୂଆ ଷ୍ଟୋର। ଏହା ଅନୁଗୋଳ ରେ ବ୍ରାଣ୍ଡର ଦ୍ୱିତୀୟ ଏବଂ ସମଗ୍ର ଓଡ଼ିଶାରେ ୨୭ତମ ଷ୍ଟୋର। ଅନୁଗୋଳ ଗାନ୍ଧୀ ମାର୍ଗ ଛକ ସ୍ଥିତ ୱାର୍ଲଡ ଅଫ୍ ଟାଇଟନ ନିକଟରେ ଏହା ଖୋଲିଛି। ବ୍ରାଣ୍ଡ ୧୨ ବର୍ଷର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଥିସହିତ ବ୍ରାଣ୍ଡ ରୁପା କାରିଗରୀ ଏବଂ ଶୁଦ୍ଧତା ଓ ଡିଜାଇନ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ ପରିଭାଷିତ କରିବାର ବିରାସତକୁ ମଜଭୁତ କରିଛି। ଅନୁଗୋଳର ଏହି ନୂଆ ଷ୍ଟୋର ୨୦୦୦ ବର୍ଗଫୁଟ୍ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ। ଏଠାରେ ମହିଳାମାନଙ୍କ ପାଇଁ ନେକଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସ୍ଲେଟ୍ ଏବଂ ଆଙ୍କ୍ଲେଟ ଭଳିକି ଭଳି ସମ୍ଭାର ଏଠାରେ ରହିଛି, ଯାହାକି ଫେଷ୍ଟିଭ୍ ସେଲିବ୍ରେଶନ୍ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍ଲେଟ୍, ମୁଦି, କଫ୍ଲିଙ୍କ୍ ଏବଂଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ଉପଲବ୍ଧ। ସ୍ୱତନ୍ତ୍ର ଲଞ୍ଚ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି। ଏହା ଏପ୍ରିଲ ୪ରୁ ୧୯ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି, ଅନୁଗୋଳରେ ଆମର ୨୭ତମ ଷ୍ଟୋର ଖୋଲାଯିବା ଆମ ଗ୍ରାହକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ଅକ୍ଷୟ ତୃତୀୟା ପୂର୍ବରୁ ଏହା ଆମ ପାଇଁ ଏକ ସୁନ୍ଦର ନୂତନ ଆରମ୍ଭ।

● କିଶୋରନଗରରେ ମନରେଗା ଜନଶୁଣାଣି

## ଜବକାର୍ଡଧାରୀଙ୍କୁ ଅଣଦେଖା, ହାତଗଣତି ପ୍ରତିନିଧି ଉପସ୍ଥିତ



କିଶୋରନଗର,୨୬ ।୩(ସମିସ): କିଶୋରନଗର ବ୍ଲକ ସଭାଘର ଠାରେ ଆଜି ବ୍ଲକସ୍ତରୀୟ ମନରେଗା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଉନ୍ନୟନ ଅତିରିକ୍ତ ଅଧିକାରୀ ଗୌରବମୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡ଼ିଓ ଶୁଭକାନ୍ତ ନାଏକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାତୀରାଣୀ ପ୍ରଧାନ, ମନରେଗା ଜିଲ୍ଲା ସଂଯୋଜକ ସୁଧାଂଶୁ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ମନରେଗାରେ ବିଗତ ଦିନରେ ହୋଇଥିବା କାର୍ଯ୍ୟରେ ବିଲ୍ ମିଳିପାରି ନାହିଁ, ବିଲ୍ ଭାଉଚର ଦାଖଲ କରାଯାଇ ନାହିଁ, କେସ୍ ରେକର୍ଡ ରେଗୁଲାଇଜେସନ ହେଉନଥିବା ଯୋଗୁଁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଜବକାଡର୍ଧାରୀ ଶ୍ରମିକଙ୍କୁ ଡକାଯାଇ ନ ଥିବା ଦେଖିବାକୁ ମିଳିଛି। ବୈଠକରେ କେବଳ ହାତ ଗଣତି ସରପଞ୍ଚଙ୍କୁ ଡକାଯାଇଥିଲା। କେବଳ ପଞ୍ଚାୟତ ପିଇଓ, ଏଡିଇଓ, କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଏବିଡିଓ ଦିଲୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏପିଓ ସୁଶାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧଉରାପାଲ୍ଲୀର ସରପଞ୍ଚ ଭାବେ ଜ୍ୟୋସ୍ନାରାଣୀ ମନୋନୀତ



କିଶୋରନଗର,୨୬ ।୩(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତର ସରପଞ୍ଚ ଭାବେ ଧଉରାପାଲ୍ଲୀର ୨ ନମ୍ବର ୱାର୍ଡ ସଭ୍ୟା ଜ୍ୟୋସ୍ନାରାଣୀ ଦେହୁରୀଙ୍କୁ ମନୋନୀତ କରାଯାଇଛି। ଧଉରାପାଲ୍ଲୀ ସରପଞ୍ଚ ଓ ନାଏବ ସରପଞ୍ଚ ଅନାସ୍ଥାରେ ପରାଜିତ ହୋଇଥିବା ଯୋଗୁଁ ସରପଞ୍ଚ ପଦ ଖାଲି ପଡ଼ିଥିଲା। ନୂତନ ସରପଞ୍ଚ ଦେହୁରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, କିଶୋରନଗର ପ୍ରତିନିଧି ସରୋଜ ସାହୁ ଓ ବିଜେପି ନେତା ଅଜିତ ପ୍ରଧାନ ଉତ୍ତରୀୟ ଦେଇ ଅଭିନନ୍ଦନ ଜଣାଇଛନ୍ତି।

### ନାଲକୋ ସ୍ମେଲଟର ସମ୍ପ୍ରସାରଣ ପ୍ରସଙ୍ଗ

# ପୁନର୍ବାସ ଓ ଥଇଥାନ ନିମନ୍ତେ ଜନଶୁଣାଣି ଶିବିର

ଅନୁଗୋଳ,୨୬ ।୩(ସମିସ):

● ପ୍ରଭାବିତ ୩ ଗାଁ ମୌଜାର ଲୋକେ ଯୋଗଦେଲେ

● ଜମିର ଉଚିତ ମୂଲ୍ୟ ପ୍ରଦାନ ଏବଂ ସ୍ଥାୟୀ ନିଯୁକ୍ତି ଦାବି




୮୦ ଦଶକରେ ପ୍ରତିଷ୍ଠିତ ଅନୁଗୋଳସ୍ଥିତ ନାଲକୋ ସ୍ମେଲଟର ପ୍ଲାଣ୍ଟ ଗୁଣବତ୍ତାର ଆଲୁମିନିୟମ ଉତ୍ପାଦନରେ ରେକର୍ଡ ବଜାୟ ରଖି କ୍ରମାଗତ ଭାବେ ବର୍ଷ ବର୍ଷ ଧରି ଲାଭ କରିଆସୁଛି। ନବରତ୍ନରୁ ମହାରତ୍ନ ମାନ୍ୟତାପ୍ରାପ୍ତ ହେବ ବାକୁ ନାଲକୋ ତାହାର ବାଣିଜ୍ୟିକ ଭିତ୍ତିଭୂମି ସୁଦୃଢ଼ କରୁଛି। ଆଲୁମିନିୟମ ଉତ୍ପାଦନ ସ୍ମେଲଟର ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ସରକାରୀ ମଞ୍ଜୁରି ରହିଥିବା ବେଳେ ଏଥି ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ଫେବୃଆରୀ ୧୮ ତାରିଖ ପରିବେଶ ମଞ୍ଜୁରି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଗୁରୁବାର ନାଲକୋ ଟ୍ରେନିଂ ସେଣ୍ଟର ଅଡିଟୋରିୟମ ହଲରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଉଦୟ ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୁନର୍ବାସ ଓ ଥଇଥାନ ନିମନ୍ତେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ (ନାଲକୋ) ଜୟଜିତ ଧଳ, ଅନୁଗୋଳ ତହସିଲଦାର ଉପସ୍ଥିତ ଥିଲେ। କୁଲାଡ଼, ବେନ୍ତପୁର, କାଙ୍ଗୁଲା ପଞ୍ଚାୟତବାସୀ ଉପସ୍ଥିତ ଥିଲେ। ପ୍ରାୟ ୫୦ଜଣ ଗ୍ରାମବାସୀ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ପ୍ରାୟତଃ କମ୍ପାନୀ ନିର୍ମାଣ ସପକ୍ଷରେ ବହୁ ମତ ପ୍ରକାଶ କରିଥିଲେ ହେଁ ଜମିର ଉପଯୁକ୍ତ ମୂଲ୍ୟ ଏବଂ କମ୍ପାନୀରେ ସମସ୍ତ ଜମିହରା ପରିବାରର ୧୮ ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରିଥିଲେ। ପୂର୍ବରୁ ନାଲକୋ ଜମିହରା ପ୍ରଜାଙ୍କୁ ପ୍ରତାରଣା କରିଛି ବୋଲି ଅନେକ ଗ୍ରାମବାସୀ ଉଦବେଗ ପ୍ରକାଶ କରିଥିଲେ। ଜମିହରା ପରିବାର ସଦସ୍ୟଙ୍କୁ ନାଲକୋରେ ସ୍ଥାୟୀ ନିଯୁକ୍ତି ପାଇଁ ସର୍ତ୍ତମୂଳକ ମତାମତ ଗ୍ରାମବାସୀ ଦେଇଥିଲେ। ଅଞ୍ଚଳବାସୀଙ୍କୁ ଉପେକ୍ଷା କରି ବାହାର ଅଞ୍ଚଳରୁ ଆସୁଥିବା ଲୋକଙ୍କୁ ଅଧିକ ସୁଯୋଗ ଦିଆଯାଉଛି ବୋଲି ଜନଶୁଣାଣି ଶିବିରରେ ଅନେକ ଗ୍ରାମବାସୀଙ୍କ ଉଦବେଗ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଏହି ଶିବିରରେ ନାଲକୋ କମ୍ପାନୀ କର୍ତ୍ତୃପକ୍ଷ ନିଜ ପକ୍ଷ ରଖି ନାଲକୋ ଦ୍ୱାରା ବିଭିନ୍ନ ଉନ୍ନୟନ ଯୋଜନାକୁ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ। ସାମ୍ପ୍ରତିକ ସମୟରେ ସମ୍ପ୍ରସାରଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଭାବିତ ଗ୍ରାମବାସୀ ତଥା ଜମିହରା ପ୍ରଜାଙ୍କ ପାଇଁ ଜମିଅଧିଗ୍ରହଣ ନିୟମ ପରିସରଭୁକ୍ତ ସାର୍ବାଧିକ ପ୍ୟାକେଜ ପ୍ରଦାନ କରିବାକୁ ବଦ୍ଧପରିକର ବୋଲି ପ୍ରକାଶ କରିଥିଲେ।

## ପଞ୍ଚାୟତ ସମସ୍ୟା ନେଇ ବିଡିଓଙ୍କୁ ବିଜେଡିର ଦାବିପତ୍ର



ବଅଁରପାଳ,୨୬ ।୩(ସମିସ): ବଅଁରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତର ବିଭିନ୍ନ ସମସ୍ୟା ସମାଧାନ ଓ ଅଧାଅଧୁରା ଉନ୍ନୟନ କାମ ସମ୍ପୂର୍ଣ୍ଣ କରିବା ଦାବିରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସକାଳ ପ୍ରାୟ ୧୦ଟାରେ ବିଜେଡି ଯୁବନେତା ଅରୁଣାଭ ସିଂହଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ର ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବିଡିଓ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପୂର୍ବ ସରକାର ସମୟରେ "ଆମ ଓଡ଼ିଶା ନବୀନ ଓଡ଼ିଶା" ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ଅନେକ କାମ ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ସରକାର ପରିବର୍ତ୍ତନ ପରେ ସେହି କାମଗୁଡ଼ିକ ଅଧାଅଧୁରା ଅବସ୍ଥାରେ ରହିଯାଇଛି। ଏହି ପରିସ୍ଥିତିରେ ଗ୍ରାମର ଉନ୍ନୟନ କାମଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ମୌଳିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ବିଡିଓ ଲୋଚନ ଦାସଙ୍କୁ ଦାବିପତ୍ର ଦିଆଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଜିଲ୍ଲା ବିଜେଡି ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ, ପଞ୍ଚାୟତ ବିଜେଡି ସଭାପତି ବସନ୍ତ ବେହେରା, ସତ୍ୟବାନ ସାମଲ, ରାଜୀବ ଲୋଚନ ଦାସ, ବିଭୂତି ସାହୁ, ସୁବ୍ରତ ମହାପାତ୍ରଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ଯୋଗଦେଇଥିଲେ।

## ଶହଶହ ଏକର ଜମି ଅଧିଗ୍ରହଣକୁ ନେଇ ଆଶା ଆଶଙ୍କାରେ ତାଳଚେରବାସୀ

ତାଳଚେର,୨୬ ।୩(ସମିସ): ଭାରତ ସରକାରଙ୍କ କୋଇଲା ମନ୍ତ୍ରାଳୟ ପକ୍ଷରୁ ୧୦ମାର୍ଚ୍ଚ ୨୦୨୬ରେ ଏକ ଚିଠି ତାଳଚେରବାସୀଙ୍କ ଆଖିରୁ ନିଦ ହଜାଇ ଦେଇଥିବା ଘଟଣା ଏବେ ପ୍ରତ୍ୟେକ ମହଲରେ ଚର୍ଚ୍ଚାର ମୁଖ୍ୟ ପ୍ରସଙ୍ଗ ହୋଇଛି। ସାକ୍ଷୀଗୋପାଳ ବି କୋଇଲା ଖଣି, କାକୁଡ଼ି କୋଲବ୍ଲକ ପ୍ଲାନ ବିଅରିଙ୍ଗ ନଂ- ଏଚକ୍ୟୁଏସ୍ ଆଣ୍ଡ ଡିଏନ ୨୪।୨୭ ଅଗଷ୍ଟ ୨୦୨୪ ଅନୁଯାୟୀ ତାଳଚେର ବ୍ଲକ ଦାସରଥିପୁର ଅଞ୍ଚଳର ୪.୦୩୨ ହେକ୍ଟର, ବାଲିଯୋଡ଼ି ଅଞ୍ଚଳର ୧୯.୦୪୭ ହେକ୍ଟର, ବରନାଳୀ ଅଞ୍ଚଳର ୩.୪୧୯ ହେକ୍ଟର, ଭେରୁବଣିଆ ଅଞ୍ଚଳର ୯.୨୮୬ହେକ୍ଟର, ବିହାରିପୁର ଅଞ୍ଚଳର ୬୯.୯୦୦ ହେକ୍ଟର, ବୀରବରପଲ୍ଲୀ ଅଞ୍ଚଳର ୮.୧୦୨ହେକ୍ଟର, ଗୁଣ୍ଡୁବାହାଳ ଅଞ୍ଚଳର ୯.୪୮୬ ହେକ୍ଟର, ହରିହରପୁର ଅଞ୍ଚଳର ୧୫.୭୪୯ ହେକ୍ଟର, ଝରାନାଳୀ ଅଞ୍ଚଳର ୭.୩୪୮ ହେକ୍ଟର, କାକୁଡ଼ିର ୫୯.୦୧୩ହେକ୍ଟର, କଙ୍କିଳି ଗ୍ରାମ ୧୭୫.୮୨୦ ହେକ୍ଟର, କାଉଚିଆନାଳୀ ୫.୦୯୬ ହେକ୍ଟର, ସ୍କଟଲାଣ୍ଡପୁର ୨୪.୮୭୯ ହେକ୍ଟର, କୋଷ୍ଠାପଶି ୭.୪୬୬ ହେକ୍ଟର, କିଶୋରୀପାଳ ୭୩.୩୩୨ ହେକ୍ଟର, ମହୁଲପାଳ (କ) ୧୧.୦୮୦ ହେକ୍ଟର, ମହୁଲପାଳ (ଖ) ୧୩.୫୪୩ ହେକ୍ଟର, ତେଲିବାହାଳ ୩.୧୯୩ ହେକ୍ଟର, ମିଟୁଆଣି ଅଞ୍ଚଳର ୧୬.୬୭୩ ହେକ୍ଟର, ନିଜଗ? ଟାଉନ ଅଞ୍ଚଳର ୪୧.୬୩୦ ହେକ୍ଟର, ପ୍ରମୋଦ ପ୍ରସାଦ ଅଞ୍ଚଳର ୫୪.୬୦୧ ହେକ୍ଟର, ରାମଚନ୍ଦ୍ରପୁର ଅଞ୍ଚଳର ୧୯.୦୦୨ ହେକ୍ଟର ଏପରିଭାବେ ସର୍ବମୋଟ ୬୫୨ ହେକ୍ଟର ଅର୍ଥାତ୍ ପାଖାପାଖି ୧୫ଶହ ଏକର ଚାଷଜମି ସମେତ ଘରବାରି, କିସମ -୧, କିସମ - ୨, କିସମ-୩, ପଡ଼ିଆ, ଗୋଚର, ଦେବତ୍ର, ପୋଖରୀ, ଶ୍ମଶାନ, ମନ୍ଦିର ଏବଂ ସରକାରୀ ଜମି ଅଧିଗ୍ରହଣ କରିବାକୁ ଚିଠି ମୋବାଇଲରୁ ମୋବାଇଲ ଘୂରୁଥିବାକୁ ନେଇ ଏସବୁ ଅଞ୍ଚଳବାସୀଙ୍କ ମହଲରେ ତ୍ରୀବ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏବେ ତାଳଚେର ଅଞ୍ଚଳବାସୀ ଆଶା ଆଶଙ୍କାରେ ରହିଛନ୍ତି। ତେବେ ଆଗାମୀ ଦିନରେ କୋଇଲା ଖଣି ତାଳଚେରକୁ ଗ୍ରାସ କରିବ ଓ ତାଳଚେର ତାର ସ୍ୱତନ୍ତ୍ର ପରିଚୟ ହଜାଇବ ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ପରିସରକୁ ଆସିଛି। ପୂର୍ବରୁ ଏମସିଏଲରେ ପାଖାପାଖି ୫୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇସାରିଥିଲେ ମଧ୍ୟ ଅଞ୍ଚଳବାସୀ ନିଜର ହକ୍ ନପାଇ ବାରମ୍ବାର ହେଉଥିବା ବେଳେ ଆଗକୁ ଯଦି ଏସବୁ ଗ୍ରାମଗୁଡ଼ିକ କୋଲବ୍ଲକରେ ଯାଏ ତେବେ କ୍ଷତିଗ୍ରସ୍ତ ପ୍ରଜା ପୂର୍ବପୁରୁଷ ଭିଟାମାଟି ହରାଇବା କିପରି ଭାବେ ଥଇଥାନ ହେବେ ତାକୁ ନେଇ ସନ୍ଦିହାନ ଅବସ୍ଥା ଦେଖାଦେଇଛି। ଅପରପକ୍ଷେ ଯେଉଁ ବଳକା ଜମି ରହିଲା ତେବେ ସେମାନେ କ'ଣ କରିବେ ବୋଲି ବଡ଼ ସମସ୍ୟା ସୃଷ୍ଟି କରୁଛି।

## ୧୮ ଚୋରି ବାଇକ୍ ଜବତ; ୧୨ ଗିରଫ

ଅନୁଗୋଳ,୨୬ ।୩(ସମିସ): ଅନୁଗୋଳ ପୁଲିସ ପଞ୍ଝାରେ ଏକ ବାଇକ ଚୋରି ରାକେଟ ଲାଗିଛି। ଜିଲ୍ଲାର ବିଭିନ୍ନ ସ୍ଥାନ ଯଥା ହସ୍ପିଟାଲ, ରେଳ ଷ୍ଟେସନ, ମାର୍କେଟ ଆଦି ଅଞ୍ଚଳର ବାଇକ ପାର୍କିଂରୁ ଚୋରି ହୋଇଥିବା ୧୮ଟି ବାଇକକୁ ପୁଲିସ ଜବତ କରିବା ସହିତ ୨ ମୁଖ୍ୟ ଅଭିଯୁକ୍ତ ସମେତ ଚୋରି ଗାଡ଼ି ଶସ୍ତାରେ କିଣିଥିବା ଅଭିଯୋଗରେ ୧୦ଜଣଙ୍କୁ ଗିରଫ କରିଛି। ଅନୁଗୋଳ ଥାନାରେ ଏ ନେଇ ପୂର୍ବରୁ ହୋଇଥିବା ଏକାଧିକ ଅଭିଯୋଗର ତଦନ୍ତ କରି ପୁଲିସ ଅନୁସନ୍ଧାନ ଜାରି ରଖିଥିଲା। ଦେବଗଡ଼ ଜିଲ୍ଲା ଲାଇମୁରା ଥାନା ଅନ୍ତର୍ଗତ ରାଣୀଗୋଲା ଗାଁର ମୁକୁନ୍ଦ ନାଏକଙ୍କ ପୁଅ ଆର୍ଯ୍ୟମାନ ନାଏକ (୨୧)କୁ ପୁଲିସ ଗିରଫ କରିବା ସହିତ ଅନ୍ୟତମ ଅଭିଯୁକ୍ତ ଅନୁଗୋଳ ଥାନା ଶିକ୍ଷକପଡ଼ାର ଅଭୟ ଦାସଙ୍କ ପୁଅ ସତ୍ୟଜିତ ଦାସକୁ ଗିରଫ କରିଛି। ସତ୍ୟଜିତ ୪ଟି ବାଇକ୍ ଏବଂ ଗୋଟିଏ ସ୍କୁଟି ଚୋରି କରିଥିବା ସ୍ୱୀକାର କରିଛି। ଏଥିସହ ଚୋରି ଗାଡ଼ି କିଣିଥିବା ଅଭିଯୋଗରେ ବନ୍ତଲା ଥାନା ଧୁକୁଟା ଗାଁର ରାଜା ସାହୁ (୨୩), ଜିନୁ ପ୍ରଧାନ (୨୦), ଅନୁଗୋଳ ସଦର ଥାନା ବଲାସିଂଘାର ତ୍ରିପୁରା ସାହୁ (୨୪), ମୁନା ପ୍ରଧାନ (୩୨), ଆଠମଲ୍ଲିକ ଥାନା ହରିଡ଼ାନାଳୀର ଜିତୁ ନାୟକ (୨୧), ଅନୁଗୋଳ ସଦର ଥାନା ପରତରା ଗାଁର ଆମି ନାୟକ (୨୭), ଅନୁଗୋଳ ଥାନା ହେମସୁରପଡ଼ାର ଶିଶିର ଭୋଇ (୨୭), ମାଟିଆ ସାହିର ବୁଲୁ ଓ ତ୍ରିପୁର ନାୟକ (୩୦), ଅମଲାପଡ଼ାର ଉପେନ୍ଦ୍ର ପାତ୍ର (୨୫)ଙ୍କୁ ପୁଲିସ ଗିରଫ କରିଥିବା ଅନୁଗୋଳ ଏସପି ରାହୁଲ ଜୈନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେରେ ଏସଡିପିଓ ରମାକାନ୍ତ ମହାଲିକ ଏବଂ ଅନୁଗୋଳ ଥାନା ଆଇଆଇସି ପ୍ରକାଶ ମାଝୀ ଉପସ୍ଥିତ ଥିଲେ।

## ଗୋତମରା ଗ୍ରାମଦେବୀ କାମଦେବୀଙ୍କ ବାର୍ଷିକ ଯାତ୍ରା



ନାଲକୋ ନଗର,୨୬ ।୩(ସମିସ): ନାଲ୍‌କୋ ସିପିପି ପ୍ଲାଣ୍ଟ ପରିସରରେ ଥିବା ମା' କାମଦେବୀଙ୍କ ବାର୍ଷିକ ଯାତ୍ରା ଗୁରୁବାର ପାଳିତ ହୋଇଛି। ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାମଦେବୀ କାହିଁ କେଉଁ କାଳରୁ ପୂଜା ପାଇ ଆସୁଥିବା ସ୍ଥାନରେ ସମୟ କ୍ରମେ ନାଲକୋ ସିପିପି ପ୍ଲାଣ୍ଟ ପ୍ରତିଷ୍ଠା ହୋଇଥିଲେ ବି ମା'ଙ୍କ ଅପାର ମହିମାରେ ସେହି ପିଢ଼ ଆଜି ବି ସେମିତି ସୁରକ୍ଷିତ ରହିଛି। ପୂଜା ଉତ୍ସବ ଦିନ ନାଲକୋ ପ୍ରଶାସନ ପ୍ଲାଣ୍ଟ ପରିସରକୁ ଗ୍ରାମବାସୀଙ୍କୁ ପ୍ରବେଶ ପାଇଁ ଅନୁମତି ଦେଇଥାନ୍ତି। ଆଜି ପୂଜକ ଭିକାରୀ ମହାପାତ୍ର ଓ ବ୍ରହ୍ମାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅଶୋକାଷ୍ଟମୀ ତିଥିରେ ଅପରାହ୍ନ ୧ଟାରେ ରେଲୱେ ଫାଟକ ନମ୍ବର ୨ରେ ଠାକୁରଙ୍କ ଆଳମ ଆସି ମା' କାମଦେବୀଙ୍କୁ ମଧ୍ୟାହ୍ନ ୫ଘଟିକା ପର୍ଯ୍ୟନ୍ତ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଏହି ଅବସରରେ ସିଏଚପି-୨ ବିଭାଗର ଠିକା ଶ୍ରମିକଙ୍କ ପକ୍ଷରୁ ଦହି ସର୍ବତ ବିତରଣ କରାଯାଇଥିଲା। ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ନେଇଥିଲେ। ଗ୍ରାମର ଭରତ ଚନ୍ଦ୍ର ମାଝୀ, ନିମାଇଁ ଚରଣ ସାମଲ, ନିର୍ମଳ ବରାହ, ଉପେନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଟିଓ ପକ୍ଷରୁ ରକ୍ତଦାନ ଶିବିର; ୪୮ ୟୁନିଟ୍ ସଂଗୃହୀତ



ଅନୁଗୋଳ,୨୬ ।୩(ସମିସ): ଅନୁଗୋଳ ରନ୍ତଲେଇସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ) ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ରକ୍ତଦାନ ଦ୍ୱାରା ମୂଲ୍ୟବାନ ଜୀବନ ରକ୍ଷା କରିବା ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଶିବିରରୁ ସମୁଦାୟ ୪୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଶିବିରରେ ସ୍ଥାନୀୟ ଆଦର୍ଶ ଇଞ୍ଜିନିୟରିଂ କଲେଜ ଓ ସରକାରୀ ପଲିଟେକ୍ନିକର ଛାତ୍ରଛାତ୍ରୀ, ଡ୍ରାଇଭର ମହାସଂଘ ସଦସ୍ୟ ଏବଂ ମୋଟର ଗାଡ଼ି ଶୋ'ରୁମ୍ ମାଲିକମାନେ ସହଯୋଗ କରିଥିଲେ। ମୋଟର ଯାନ ନିରୀକ୍ଷକ ରାଜେଶ କୁମାର ମହାପାତ୍ର, ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ ସେଠୀ, ଡେପୁଟି ସୁପରିନଟେଣ୍ଡେଣ୍ଟ ରମାକାନ୍ତ ନାୟକ, ଟ୍ରାଫିକ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତାପସ ରଞ୍ଜନ ମୁନ୍ନା, ଜୁନିୟର ମୋଟର ଯାନ ନିରୀକ୍ଷକ ସନ୍ଧ୍ୟାରାଣୀ ନାୟକଙ୍କ ସମେତ ସେକ୍ସନ ଅଫିସର ଶାନ୍ତନୁ କୁମାର ସାହୁ, ସିନିୟର ଆସିଷ୍ଟାଣ୍ଟ ଗଗନ କୁମାର ପରିଜା, ନାରାୟଣ ବେହେରା, ଦୀପ୍ତେଶ ଦେହୁରୀ, ଶୁଭ୍ରକାନ୍ତ ପ୍ରଧାନ, ସୁଧାଂଶୁ କୁମାର ସାହୁ, ବେଣୁଧର ପ୍ରଧାନ ଓ ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ଅନୁଗୋଳ ଓକିଲସଂଘ ଭୋଟ ପ୍ରକ୍ରିୟାରେ ହାଇକୋର୍ଟଙ୍କ ହସ୍ତକ୍ଷେପ

## ତାଲିକାରୁ କଟିଥିବା ୩ ସଭ୍ୟଙ୍କୁ ଭୋଟ ପ୍ରଦାନ ପାଇଁ ନିର୍ଦ୍ଦେଶ

ଅନୁଗୋଳ,୨୬ ।୩(ସମିସ): ରାଜ୍ୟରେ ଚଳିତ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆସନ୍ତା ମାର୍ଚ୍ଚ ୨୮ରେ ୨୦୨୬-୨୭ ବର୍ଷ ପାଇଁ ସମସ୍ତ ଅନୁବନ୍ଧିତ ଓକିଲସଂଘର କର୍ମକର୍ତ୍ତା ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଓକିଲସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭୋଟର ତାଲିକାରେ କେତେକ ଭୋଟରଙ୍କ ନାଁ କଟିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନୁଗୋଳ ଓକିଲସଂଘର ବର୍ତ୍ତମାନ ଥିବା କର୍ମକର୍ତ୍ତା କେତେକ ଭୋଟରଙ୍କ ନାଁ କାଟିବା ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଅନୁଗୋଳ ଓକିଲସଂଘର ୧୪୩ ଜଣ ଭୋଟରଙ୍କ ନାଁ ଭୋଟର ତାଲିକାରୁ ଉଦ୍ଦେଶ୍ୟମୂଳକ ଭାବେ କଟାଯାଇଥିବା ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୩ ଜଣ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଭୋଟର ତାଲିକାରୁ କଟିଥିବା ଓକିଲଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ମାମଲା ଲଢୁଥିବା ବେଳେ ବାର କାଉନସିଲ ଅଫ ଇଣ୍ଡିଆ, ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ, ଅନୁଗୋଳ ଓକିଲସଂଘ ଓ ଅନୁଗୋଳ ଓକିଲସଂଘର ନିର୍ବାଚନ ଅଧିକାରୀ ଏହି ମାମଲାରେ ପକ୍ଷଭୁକ୍ତ ହୋଇଥିଲେ। ଗୁରୁବାର ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣି କରି ଏହି ୩ ଆଇନଜୀବୀ ସୁଦୀପ୍ତ କୁମାର ମିଶ୍ର, ଦେବାଶିଷ ମହାନ୍ତି ଓ ସୁଧୀର କୁମାର ମିଶ୍ରଙ୍କୁ ମାର୍ଚ୍ଚ ୨୮ ତାରିଖ ଭୋଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ମଣ୍ଡପରେ ବାସନ୍ତିକ ଦୁର୍ଗାପୂଜା ମହାଷ୍ଟମୀ

# ଦର୍ଶକଙ୍କୁ ବାନ୍ଧିରଖିଲା ସମରକଳା ଓ ଲୋକନୃତ୍ୟ

ଅନୁଗୋଳ,୨୬ ।୩(ସମିସ):





ଅମଲାପଡ଼ା ବାସନ୍ତିକ ଦୁର୍ଗା ମଣ୍ଡପରେ ଆଜି ଦେବୀଙ୍କ ମହାଷ୍ଟମୀ ପୂଜା ସମ୍ପନ୍ନ ହୋଇଛି। ସକାଳେ ସୂର୍ଯ୍ୟପୂଜା, କଳସ ପୂଜା, ଅଷ୍ଟଚଣ୍ଡୀ ପୂଜା, ବିଶେଷ ଯୋଗିନୀ ହୋମ, ଚଣ୍ଡୀପାଠ, ସନ୍ଧି ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଏଡିଏମ ପ୍ରତାପ ପ୍ରୀତିମୟ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେଇଥିଲେ। ପରେ ତାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ ପ୍ରଶିକ୍ଷାର୍ଥୀମାନେ ଜୁଡ଼ୋ, ସ୍କେ୍ୱ, ତାଏକ୍ୱୋଣ୍ଡୋ ଆଦି ସମରକଳା ପ୍ରଦର୍ଶନ କରିଥିଲେ। ଜିଲ୍ଲା ସ୍କୁଲ ସମୂହର କ୍ରୀଡ଼ା ଅଧିକାରୀ ବିନୋଦ କୁମାର ଦେହୁରୀ, ଓଡିଏମ ସ୍କୁଲ ପ୍ରିନ୍ସିପାଲ କଳିଙ୍ଗ ରୁଦ୍ର ପଣ୍ଡା ଓ ପୂଜା କମିଟି ଉପଦେଷ୍ଟା ଆଇନଜୀବୀ ପ୍ରଦୀପ ଦେବତା ଅତିଥି ରୂପେ ଯୋଗଦେଇ ସମାରୋହକୁ ଉଦଘାଟନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ଦୁଷ୍ୟନ୍ତ କୁମାର ନାଥ, ଯୋଗେନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାତୀ ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ନୃତ୍ୟନୀଳୟ ଜରିଆରେ ସ୍ଥାନୀୟ କଳାକାର ଆକର୍ଷଣୀୟ ଲୋକନୃତ୍ୟ ପରିବେଷଣ ସହ ଫେସନ ଶୋ' ଆୟୋଜନ ହୋଇଥିଲା। ପୂଜା କମିଟି ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଅନୁପ ମହାନ୍ତି ଓ କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ, ତାପସ ରାୟଙ୍କ ସମେତ ସଭ୍ୟ ଶୁଭେନ୍ଦୁ ପ୍ରଧାନ, ଯତୀନ ସେଠୀ, ସୌମ୍ୟରଞ୍ଜନ ଦାଶ, ପ୍ରତାପ ମାଝୀ, ମନୁ ପ୍ରଧାନ, ଗୁରୁଦେବ ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ନବକୁମାରୀ ପୂଜା ସହ ଦିନରେ ପ୍ରସାଦ ସେବନ ଓ ପୂଜା କମିଟି ତରଫରୁ ରକ୍ତଦାନ ଶିବିର ଓ ରାତିରେ ଦାଣ୍ଡିଆ ଖେଳ କାର୍ଯ୍ୟକ୍ରମ ରହିଛି।

## ମା' ତାରିଣୀଙ୍କ ଅଶୋକାଷ୍ଟମୀ ପୂଜା



ଢେଙ୍କାନାଳ, ୨୬ ।୩(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡସ୍ଥିତ ମା' ତାରିଣୀଙ୍କ ବାସନ୍ତିକ ଅଶୋକାଷ୍ଟମୀ ପୂଜା ପାଳିତ ହୋଇଛି । ପ୍ରାତଃରୁ ମା'ଙ୍କର ମଙ୍ଗଳା ଆଳତି, ମହାସ୍ନାନ, ନୂତନ ବସ୍ତ୍ର ପରିଧାନ, ବିଭିନ୍ନ ଫୁଲ ହାରରେ ମା'ଙ୍କୁ ସୁସଜ୍ଜିତ କରାଯାଇଥିଲା । ପରେ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳାଦିପୂଜା, ଷୋଡଶଉପଚାର ପୂଜା, ଚଣ୍ଡୀ ପାଠ, ସପ୍ତଚଣ୍ଡୀରେ ଆହୁତି ଓ ଯଜ୍ଞ ସହିତ ମା'ଙ୍କ ପାଖରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ତତ୍ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଯଜ୍ଞ ପୂଜକ ଲିଙ୍ଗରାଜ ପତିଶର୍ମା, ମନ୍ଦିର ପୂଜକ ଆପୁଲ ରଣା, କର୍ତ୍ତା ଦେବାଂଶୀ ଆର ଗାନ୍ଧୀ ସମସ୍ତ ପୂଜାକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୌମ୍ୟବ୍ରତ ପତି, ରବୀନ ଗାନ୍ଧୀ, ଅଭିମନ୍ୟୁ ବେହେରା, ମୀନକେତନ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ ।

## ମା' ବନଦୁର୍ଗା ପୀଠରେ ବାସନ୍ତିକ ନବରାତ୍ର ପୂଜା



ଢେଙ୍କାନାଳ, ୨୬ ।୩(ସମିସ): ସ୍ଥାନୀୟ ସହର ଦେଉଳସାହି କୈବଲ୍ୟବଜାରସ୍ଥିତ ଶ୍ରୀ ବଳରାମ ମନ୍ଦିର ନିକଟ ମା' ବନଦୁର୍ଗା ପୀଠେ ବାସନ୍ତୀଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହୋଇଯାଇଅଛି । ଏହା ୧୯ ତାରିଖ ଠାରୁ ଆରମ୍ଭ ହୋଇ ଆସନ୍ତା ୨୭ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବାସନ୍ତୀଙ୍କ ଅଷ୍ଟମୀ ପୂଜାରେ ପ୍ରାତଃରୁ ମା'ଙ୍କର ମଙ୍ଗଳ ଆଳତି କରାଯାଇ ମହାସ୍ନାନ, ନୂତନ ବସ୍ତ୍ର ପରିଧାନ, ବିଭିନ୍ନ ପ୍ରକାର ଫୁଲ ହାରରେ ମା'ଙ୍କୁ ସୁସଜ୍ଜିତ କରାଯାଇଥିଲା । ସୂର୍ଯ୍ୟପୂଜା, କଳସ ପୂଜା, ଷୋଡଶ ଉପଚାର ପୂଜା, ଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ସନ୍ଧ୍ୟାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ । ଆସନ୍ତା ୨୭ ତାରିଖରେ ମହା ନବମୀ ପୂଜା ସହିତ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ଏଥିରେ କୈବଲ୍ୟ ବଜାର ଓ ଦେଉଳସାହି ବାସୀନ୍ଦାମାନେ ସହଯୋଗ କରିଥିଲେ ।

## କନକ ଦୁର୍ଗାପୀଠରେ ବାସନ୍ତିକ ଦୁର୍ଗାପୂଜାର ପୂର୍ଣ୍ଣାହୁତି



ଢେଙ୍କାନାଳ, ୨୬ ।୩(ସମିସ): ସ୍ଥାନୀୟ ଦେଉଳସାହିସ୍ଥିତ ଜୁବୁଲି ଟାଉନ ଅନ୍ତର୍ଗତ କନକଦୁର୍ଗା ନଗରରେ ବିଜେ ମା' ଶ୍ରୀ ଶ୍ରୀ କନକ ଦୁର୍ଗାପୀଠରେ ବାସନ୍ତୀକ ଦୁର୍ଗାପୂଜା ଅବସରରେ ବାସନ୍ତୀକ ଦୁର୍ଗାପୂଜା ବିଧି ମୁତାବକ ଅନୁଷ୍ଠିତ ହୋଇଯାଇଅଛି । ଘୋର କଳିଯୁଗରେ କାଳର କରାଳ ଗତିରୁ ମୁକ୍ତି ଲାଭ ନିମନ୍ତେ ମାତୃଶକ୍ତି ଆରାଧନା ଜୀବନ ପରମ କର୍ତ୍ତବ୍ୟ ଅଟେ ବୋଲି କମିଟି ପକ୍ଷରୁ କହିଛନ୍ତି । ପ୍ରତ୍ୟେକ ଦିନ ମା'ଙ୍କର ଦେବୀସୁକ୍ତେନ ମହାସ୍ନାନ, ସୂର୍ଯ୍ୟପୂଜା, ମଣ୍ଡଳାଦି ଦେବତା ଆବାହନ, ଦେବୀ ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ଶିବାଭିଷେକ, ପାର୍ବତ୍ୟଅଗ୍ନି ସଂସ୍କାର ଓ ଘୃତଯଜ୍ଞ ସହିତ ପ୍ରତ୍ୟକ ଦନି ସକାଳୁ ପଣାଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତୀ ଓ ରାତ୍ରରେ ବଡସିଂହାର ଭୋଗ ଲାଗି କରାଯାଇଥିଲା । ଅଦ୍ୟ ମହାନବମୀ ପୂଜା ସହିତ ରାତ୍ର ୮ଟାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୭ ତାରିଖ ଶୁକ୍ରବାର ବାସନ୍ତୀ ଦଶହରା ଓ ଅପରାଜିତା ପୂଜା ଅନୁଷ୍ଠିତ ହେବ ।

## ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ପାଇଁ ଆର୍ଯ୍ୟନ ମନୋନୀତ

ଢେଙ୍କାନାଳ, ୨୬ ।୩(ସମିସ): ଢେଙ୍କାନାଳର କୁନି ବ୍ୟାଡମିଣ୍ଟନ ଖେଳାଳି ଆର୍ଯ୍ୟନ ପୃଷ୍ଟି ଚଳିତ ବର୍ଷ ସ୍ପୋର୍ଟ୍ସ ଅଥରିଟ୍ ଅଫ୍ ଇଣ୍ଡିଆ (ଏସ୍ଏଆଇ) ରେ ପ୍ରଶିକ୍ଷଣ ପାଇଁ ଚୟନ ହୋଇଛନ୍ତି । ସେ ହଷ୍ଟେଲରେ ରହି ବ୍ୟାଣ୍ଡମିଣ୍ଟନ ପ୍ରଶିକ୍ଷଣ ନେବେ । ୧୧ ବର୍ଷରୁ କମ୍ ବୟସ ବର୍ଗରେ ସେ ଚୟନ ହୋଇଛନ୍ତି । ଆର୍ଯ୍ୟନ୍ ବର୍ତ୍ତମାନ ଡିପିଏସ୍‌ରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି । ମାଆ କାଦମ୍ବିନୀ ପୃଷ୍ଟି ଓ କାମାକ୍ଷାନଗର ବିଏସଏନଏଲର ଏସଡିଓ ଥିବା ବାପା ଉମାକାନ୍ତ ପୃଷ୍ଟି ପୁଅର ଏଭଳି ସଫଳତା ପାଇଁ ଖୁସିବ୍ୟକ୍ତ କରିଛନ୍ତି । ଆର୍ଯ୍ୟନ୍ ଢେଙ୍କାନାଳ ଜିଲ୍ଲା ବ୍ୟାଡମିଣ୍ଟନ୍ ଏକାଡେମୀରେ ପ୍ରଶିକ୍ଷଣ ନେଉଥିଲେ । ଏହି ସଫଳତା ପାଇଁ ଏକାଡେମୀର ମୁଖ୍ୟ କୋଚ ମଳୟ ପଟ୍ଟନାୟକଙ୍କୁ ଆର୍ଯ୍ୟନ ଓ ତାଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି । ଜିଲ୍ଲା ବ୍ୟାଡମିଣ୍ଟନ ଏକାଡେମୀ ପକ୍ଷରୁ ଆର୍ଯ୍ୟନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି । ଜିଲ୍ଲାରେ ନିଃଶୁଳ୍କ ଭାବେ ପ୍ରଶିକ୍ଷଣ ଦେଇଆସୁଥିବା ଜିଲ୍ଲା ବ୍ୟାଡମିଟନ ଏକାଡେମୀର ଆର୍ଯ୍ୟନ ପୃଷ୍ଟିଙ୍କ ସମେତ ଜିଲ୍ଲାର ୬ ଖେଳାଳି ଚୟନ ହୋଇ ଏସ୍ଏଆଇରେ ପ୍ରଶିକ୍ଷଣ ନେଉଛନ୍ତି । ପୂର୍ବରୁ ଶୁକ୍ରକେତନ ମଲ୍ଲିକ, ବିଭୁଦତ୍ତ ବିଶ୍ୱାଳ, ଅନ୍ତର୍ଜାତୀୟ ପାରା ବ୍ୟାଡମିଟନ ଖେଳାଳି ବିଭାସିନ୍ଧୁ ବାରିକ୍, ଯୁବରାଜ ଯାଦବ, ପୀଯୂଷ ରଞ୍ଜନ ବେହେରା ଚୟନ ହୋଇ ଏସ୍ଏଆଇରେ ପ୍ରଶିକ୍ଷଣ ନେଉଛନ୍ତି ।



## କଲେଜ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା

# ପୁଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

କାମାକ୍ଷାନଗର, ୨୬ ।୩(ସମିସ)




କାମାକ୍ଷାନଗରର ବହୁଚର୍ଚ୍ଚିତ କଲେଜଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପୁଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲା ଜିଲ୍ଲା କଂଗ୍ରେସ କମିଟି । କଲେଜ ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ଓ ଜିଲ୍ଲାରେ ତୁରନ୍ତ ଚାଷୀଙ୍କ ଧାନ ଉଠାଇବାକୁ ଦାବି କରିଛି ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି । ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରି ସରକାର ଓ ପୁଲିସ ପ୍ରଶାସନର ଅପାରଗତାକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । କଲେଜଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ବ୍ୟତୀତ ହତ୍ୟାକାଣ୍ଡରେ ସହଯୋଗ କରିଥିବା ଅନ୍ୟ ତିନି ଜଣଙ୍କୁ କୋର୍ଟଚାଲାଣ କରିଛି । ମାତ୍ର ପୋକ୍ସୋ ଆଇନ ଅନୁଯାୟୀ ପୁଲିସ ସେମାନଙ୍କ ଉପରେ କେଉଁ କେଉଁ ଦଫା ଲଗାଇଛି ତାହାକୁ ସାର୍?ଜନିନ କରିବାପାଇଁ ଜିଲ୍ଲା କଂଗ୍ରେସ ଦାବି କରିଛି । ଦଫା ଗୁଡ଼ିକରେ ସାମାନ୍ୟ ତ୍ରୁଟି ହେଲେ ଅଭିଯୁକ୍ତ ମାନେ ପରବର୍ତ୍ତୀ ସମୟରେ ଜାମିନରେ ଆସିପାରିବେ । ତେଣୁ କିପରି ଭାବେ ସେମାନଙ୍କ ବିରୁଦ୍ଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆଇନ ଅନୁଯାୟୀ କଠୋର ଦଣ୍ଡ ମିଳିବ ସେ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ସେହିପରି ମୃତ ଛାତ୍ରୀଙ୍କ ପୋଷ୍ଟମର୍ଟମ କାହିଁକି ଢେଙ୍କାନାଳରେ କରାନଯାଇ କଟକ ମେଡିକାଲରେ କରାଗଲା, ଓ ପୋଷ୍ଟମର୍ଟମର ରିପୋର୍ଟ କଣ ଆସିଛି ତାହାକୁ ପୁଲିସ ଗଣମାଧ୍ୟମରେ ସୂଚନା ଦେବାପାଇଁ ଦାବି କରାଯାଇଛି । ସେହିପରି ମୃତଛାତ୍ରୀଙ୍କ ପରିବାରକୁ ସରକାରଙ୍କ ତରଫରୁ ଦଶଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାକୁ ଦାବି କରାଯାଇଛି । ଅନ୍ୟ ପକ୍ଷରେ ଢେଙ୍କାନାଳ ଜିଲ୍ଲା ଖୋଦ ଯୋଗାଣମନ୍ତ୍ରୀଙ୍କ ଜିଲ୍ଲା ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଜିଲ୍ଲାର ହଜାର ହଜାର ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି । ଚାଷୀମାନେ ଟୋକନ ପାଇଥିଲେ ମଧ୍ୟ ଆଜି ଯାଏଁ ସରକାର ଧାନ ନେଉନାହାନ୍ତି । ଫଳରେ ଚାଷୀମାନେ ହଇରାଣ ହେବା ସହ ଅନେକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ଏସବୁ ସମସ୍ୟାର ତୁରନ୍ତ ସମାଧାନ କରିବାପାଇଁ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ତରଫରୁ ଦୃଢ ଦାବି କରାଯାଇଛି । ଏ ନେଇ ଢେଙ୍କାନାଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିନୟ କୁମାର ସାହୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ମା' ତରକେଇଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ଗଁଦିଆ, ୨୬ ।୩(ସମିସ): ଢେଙ୍କାନାଳ ଜିଲ୍ଲାର ଦେଓଗାଁର ଅଧିଷ୍ଠାତ୍ରୀ ଦେବୀ ମା' ତରକେଇ ଠାକୁରାଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଛି । ଆଖପାଖ ଅଞ୍ଚଳର ପ୍ରାୟ ୪ ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହ କୃପା ଲାଭ କରି ପ୍ରସାଦ ସେବନ କରିଥିଲେ । କର୍ତ୍ତାଭାବେ ପ୍ରକାଶ ପତି କାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମର ସମସ୍ତ ଗ୍ରାମବାସୀ ମାନେ ସହଯୋଗ କରି ଏହି ମହୋତ୍ସବକୁ ସୁଚାର ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ସମସ୍ତ ଭକ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ପାଇ ବ୍ୟବସ୍ଥା କରାଯାଇଥିଲା । ଗ୍ରାମ କମିଟିର ସଭାପତି ଗୋବିନ୍ଦ ପତି, ଦେଓଗାଁ ସରପଞ୍ଚ ବିଜୟ ଦେହୁରୀ, ବିଜୟ ଷଡଙ୍ଗୀ, ଦୁଷ୍ମନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ପତି, ଆଖୟ ରଣା, ଭାଗିରଥି ବେହେରା, ଗୁରୁଚରଣ ମହାପାତ୍ର, ଅଜୟ ବାରିକ, ବିଦ୍ୟାଧର ସାହୁ, ପ୍ରହଲ୍ଲାଦ ମାନନ୍ତି ସେବକ ସଂଘର ସଭାପତି ପ୍ରକାଶ ପତି, ମଦନ ପତି, ସୁରେନ ମହାପାତ୍ର, ଗଙ୍ଗାଧର ବାରିକ ପ୍ରମୁଖ ଏବଂ ଗ୍ରାମର ସମସ୍ତ ଗ୍ରାମବାସୀ ମାନଙ୍କ ଉଦ୍ୟମରେ ଏହି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଇଛି ।

## ଚୋରାମଦ କାରବାର ବନ୍ଦ ପାଇଁ ମହିଳାଙ୍କ ଦାବି

ଖଜୁରିଆକଟା, ୨୬ ।୩(ସମିସ): ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ପଞ୍ଚାୟତ ପନେଇଲୋ ଗ୍ରାମକୁ ମଦମୁକ୍ତ କରିବା ପାଇଁ ଗ୍ରାମର ମହିଳା ଗୋଷ୍ଠୀ ଅଣ୍ଟା ଭିଡ଼ିଛନ୍ତି । ଗ୍ରାମରେ ଚୋରା ମଦ କାରବାର କୁଟୀରଶିଳ୍ପରେ ପରିଣତ ହୋଇଛି । ଏହାର ପ୍ରତିବାଦରେ ଗ୍ରାମର ମହିଳାମାନେ ଏକଜୁଟ୍ ହୋଇ ଗ୍ରାମ ପାଲା ମଣ୍ଡପରେ ଏକ ସଭା ଆୟୋଜନ କରିଥିଲେ । ଗ୍ରାମରେ ଚୋରା ମଦ କାରବାର ଦିର୍ଘ ବର୍ଷରୁ ଚାଲି ଆସୁଛି । ଗ୍ରାମର ଶତକଡା ୯୮ ଭାଗ ଲୋକ ନିଶାଦ୍ରବ୍ୟ ସେବନ କରୁଥିବା ଦେଖିବାକୁ ମିଳିଥାଏ । ଅଧିକାଂଶ ନାବାଳକ ପିଲା ନିଶାଦ୍ରବ୍ୟ ଖାଇ ଅନେକ ଅପରାଧରେ ଲିପ୍ତ ରହୁଥିବା ଜଣାପଡ଼ିଛି । ସେମାନଙ୍କ ଦ୍ୱାରା ଛୋଟମଟ ଚୋରି ଡକାୟତି ହେଉଥିବା ଅଭିଯୋଗ ହେଉଛି । ମଦ ଖାଇ ଅନେକ ବ୍ୟକ୍ତି ନିଜ ଘରେ ବିଶୃଙ୍ଖଳା ସୃଷ୍ଟି କରି ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି । ଅନେକ ବ୍ୟକ୍ତିଙ୍କର ଅକାଳରେ ମୃତ ବରଣ କରିଥିବା ବେଳେ ଅନେକ ନାନା ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଯାହା ଫଳରେ ପରିବାର ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ମଦ୍ୟପଙ୍କ ଯୋଗୁଁ ଗ୍ରାମରେ କୌଣସି ଉନ୍ନୟନ କାର୍ଯ୍ୟ ହୋଇ



ପାରୁନାହିଁ । ଏହି ସବୁ କାରଣରୁ ଗ୍ରାମର ମହିଳାମାନେ ଏକଜୁଟ ହୋଇ ଏକ ବୈଠକ ବସି ଗ୍ରାମରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ପୁଲିସ ଓ ପ୍ରଶାସନର ଦ୍ୱାରସ୍ଥ ହେବାକୁ ନିଷ୍ପତ୍ତି ନେଇଛନ୍ତି ।

## ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ଗଁଦିଆ, ୨୬ ।୩(ସମିସ): ସ୍ଥାନୀୟ ପିଙ୍ଗୁଆ ଡିଗ୍ରୀ କଲେଜରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ୧୩ ତାରିଖ ଦିନ ଉଦ୍ ଘାଟନ ହୋଇଥିବା ଏହି ଶିବିର ଦୀର୍ଘ ୮ ଦିନ ଦିନକୁ ୨ଗୋଟି ପର୍ଯ୍ୟାୟରେ ପ୍ରାୟ ୮୦ ଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନେ ମାଷ୍ଟର ଟ୍ରେନର ଶ୍ରୀଧର ସ୍ୱାମୀ ଶିକ୍ଷା ବୈଷୟିକ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ କୁମାରୀ ତପସ୍ୱିନୀ ସେଠୀଙ୍କ ଠାରୁ ଏହି କୌଶଳ ଶିକ୍ଷା ସମାପ୍ତ କରିଥିଲେ । ବୈଠକ ଆରମ୍ଭରେ ଶିକ୍ଷାଲାଭ କରିଥିବା ଛାତ୍ରୀମାନେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ କଲେଜର ଅଧକ୍ଷ ଭଗବାନ ମିଶ୍ର ଯୋଗଦେଇ କହିଲେ, ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଚେଷ୍ଟା କରିବା ଉଚିତ । ନିଜକୁ ସୁରକ୍ଷା ପ୍ରଦାନ ପାଇଁ ଏହି କୌଶଳମାନ ଶିକ୍ଷାଲାଭ କରି ଅନ୍ୟକୁ ପ୍ରଭାବିତ କରି କିମ୍ବା ଅନ୍ୟକୁ ଶିକ୍ଷା ପ୍ରଦାନ କଲେ ସମାଜର ନିଶ୍ଚୟ ମଙ୍ଗଳ ହୋଇ ପାରିବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥିଭାବେ ଅଧାପିକା ସ୍ୱର୍ଣ୍ଣପ୍ରଭା ବେହେରା ଯୋଗଦେଇ ଛାତ୍ରୀମାନଙ୍କ ମାନସିକ ବିକାଶରେ ଏହାର ପ୍ରୟୋଗ ଅନସ୍ୱୀକାର୍ଯ୍ୟ । ଶିବିର ସଂଯୋଜକ ଅଧାପକ ଦୀପ୍ତିରଞ୍ଜନ ମହାନିକ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମୁଖ୍ୟଅତିଥି ସମସ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଛାତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଟୋଲ୍‌ପ୍ଲାଜାକୁ ଅଞ୍ଚଳବାସୀଙ୍କ ତୀବ୍ର ବିରୋଧ

ଢେଙ୍କନାଳ, ୨୬ ।୩(ସମିସ): ୫୫ନଂ ଜାତୀୟ ରାଜପଥର ଢେଙ୍କନାଳ ଜିଲ୍ଲା ଇଟାପସ୍ଥିତ ଟୋଲ୍‌ପ୍ଲାଜାକୁ ପଞ୍ଚାୟତବାସୀ



ଘୋର ବିରୋଧ କରିଛନ୍ତି । ଅଞ୍ଚଳବାସୀଙ୍କ ଦାବି ପୂରଣ କରିବାରେ କର୍ତ୍ତୃପକ୍ଷ ଟାଳଟୁଳ ନୀତି ଗ୍ରହଣ କରୁଛି । ଏନେଇ ୨ ମାସ ତଳେ ୮ ପଞ୍ଚାୟତବାସୀ ମିଳିତ ହୋଇ ଯେ ପଯର୍ୟନ୍ତ ଏନଏଚଆଇ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କୁ ଦାବି ନ ମାନିଛନ୍ତି ସେ ପର୍ଯ୍ୟନ୍ତ ଟୋଲ ପ୍ଲାଜା ଖୋଲିବ ନାହିଁ ବୋଲି ଲିଖିତ ଭାବେ ଅବଗତ କରିଥିଲେ । କର୍ତ୍ତୃପକ୍ଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନ କରି ପୁଲିସ ଫୋର୍ସ ନେଇ ଟୋଲ ପ୍ଲାଜା ଖୋଲିବାକୁ ଉଦ୍ୟମ କରୁଥିବା ବେଳେ ଶହ ଶହ ପୁରୁଷ ଓ

### ଫେରିଗଲେ ପୁଲିସ ପ୍ରଶାସନ

ମହିଳା ସରପଞ୍ଚ, ସମିତି ସଭ୍ୟ ଓ ବ୍ରାହ୍ମଣୀ ଟ୍ରକ ସଂଘ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ପ୍ଲାଜା ଖୋଲିବାକୁ ବିରୋଧ କରିଥିଲେ । ଫଳରେ ସେଠାରୁ ଏନ୍ଏଚ୍ଏଆଇ କର୍ମଚାରୀ ଓ ପୁଲିସ ଚାଲିଯାଇଥିଲେ । ଆଗାମୀ ଦିନରେ ୮ ପଞ୍ଚାୟତବାସୀଙ୍କ ପାଇଁ କର୍ତ୍ତୃପକ୍ଷ କ'ଣ ସୁବିଧା କରିବେ ତାହା ଆଲୋଚନା କରାଯିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି ।

## ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା

ଢେଙ୍କାନାଳ, ୨୬ ।୩(ସମିସ): ସ୍ଥାନୀୟ ଭଗବାନପୁର ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ମନ୍ଦିର ପ୍ରତିଷ୍ଠା ଏବଂ ଦ୍ୱିବିଂଶତମ ଅଷ୍ଟପ୍ରହର ନାମଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ଉପଲକ୍ଷେ ଅଦ୍ୟ ସ୍ଥାନୀୟ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ ୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସଙ୍କୀର୍ତ୍ତନ ଓ ଗଉଡବାଡି ଖେଳ ଦ୍ୱାରା ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲେ । ପରେ ଅଧିବାସ ପୂଜା ଆରମ୍ଭ ହୋଇଥିଲା । ଗତକାଲି ମଙ୍ଗଳବାର ଅଙ୍କୁରାରୋପଣ କାର୍ଯ୍ୟ ହୋଇଥିବାବେଳେ ପ୍ରାତଃ ୮ ଘଟିକାରେ ଶାଳା ପ୍ରବେଶ, ମଣ୍ଡଳ କରଣ, ସ୍ତମ୍ଭ ତୋରଣ ପୂଜା, ଅଗ୍ନି ସ୍ଥାପନ, ସ୍ନାନ କୁମ୍ଭାଧିବାସ, ଶୁଭାଧିବାସ ଏବଂ ଅଷ୍ଟପ୍ରହର ଶୁଭାଧିବାସ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୨୮ ତାରିଖରେ ବିଗ୍ରହ ପ୍ରତିଷ୍ଠା, ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହେବ ।



## ମୁକୁନ୍ଦପୁର ଗ୍ରାମରେ ସହିଦ ଦିବସ

ଗଁଦିଆ, ୨୬ ।୩(ସମିସ): ଢେଙ୍କାନାଳ ଜିଲ୍ଲାର କରମୂଳ ପଞ୍ଚାୟତ ମକୁନ୍ଦପୁର ଗ୍ରାମରେ ଶହୀଦ ଦିବସ ପାଳିତ ହୋଇଛି । ଗ୍ରାମର ଇନକ୍ୱାଇଲାବ କ୍ଲବ ପକ୍ଷରୁ କ୍ରାନ୍ତିକାରୀ ସହିଦ ଭଗତ ସିଂହଙ୍କ ସ୍ମୃତିରେ ଏକ ସଭା ଆୟୋଜନ କରାଯାଇଥିଲା । କ୍ଲବର ସଦସ୍ୟମାନଙ୍କ ପକ୍ଷରୁ ସହିଦ ଭଗତ ସିଂହଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କ୍ଲବର ସମସ୍ତ ସଦସ୍ୟ ଏକତ୍ର ହୋଇ ଶହୀଦଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରିଥିଲେ । ଗ୍ରାମର ସୁରକ୍ଷା ତଥା ଦେଶ ମାତୃକା ସେବା ପାଇଁ ନିଜର ଯୋଗଦାନକୁ ଗୁରୁତ୍ୱ ଦେବାକୁ ଶପଥ କରିଥିଲେ ।



## ଗ୍ରାମ ସ୍ତରରେ ଶିଶୁ କଲ୍ୟାଣ କମିଟି ଗଠନ ଉପରେ ଗୁରୁତ୍ୱ

ଭୁବନ, ୨୬ ।୩(ସମିସ): ଆସୋସିଏସନ ଫର ଭଲ୍ୟୁଣ୍ଟାରୀ ଆକ୍ସନ (ଏଭିଏ) ଏବଂ ଡିସିପିୟୁ ଛାତ୍ର ସଂଘଙ୍କ ପକ୍ଷରୁ ଭୁବନ ବ୍ଲକରେ ଏକ ଆଇଟିଜିଏସ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନ ବିଡିଓ ଆୟୁଷି ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସମସ୍ତ ସରପଞ୍ଚ, ନିର୍ବାହୀ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଗ୍ରାମସ୍ତରରେ ଶିଶୁ କଲ୍ୟାଣ ଓ ସୁରକ୍ଷାକୁ ସୁଦୃଢ କରିବା ପାଇଁ ନିୟମିତ ବୈଠକ ଆୟୋଜନ ସହିତ ଶିଶୁ କଲ୍ୟାଣ ଏବଂ ସୁରକ୍ଷା କମିଟି ଗଠନ କରିବାକୁ ଗୁରୁତ୍ୱାରୋପ କରା ଯାଇଥିଲା । ଏହା ଦ୍ୱାରା ଗ୍ରାମସ୍ତରରେ ଶିଶୁମାନଙ୍କ ସୁରକ୍ଷା ଓ ସମ୍ପୃକ୍ତ ସମସ୍ୟାର ସମାଧାନ ଆସିବ ବୋଲି ଆଶା କରାଯାଇଛି । ଏହି ଅବସରରେ ରାକେଶ ମିଶ୍ର, ସୁଚରିତା ସାହୁ ଏବଂ ସୁବ୍ରତ କୁମାର ରାଉତ ଉପସ୍ଥିତ ଥିଲେ । ବୈଠକର ସମ୍ବଳ ବ୍ୟକ୍ତି ଭାବେ ଶଫିକ ଅବୁଲ ସାର୍ ଉପସ୍ଥିତ ରହି ଆଲୋଚନାକୁ ସୁଚାରୁ ଭାବେ ପରିଚାଳନା କରିଥିଲେ ।



## ଶ୍ରୀରାମଚରିତ ନବାହ୍ନ ପାରାୟଣ ଉଦଘାଟିତ

ହିନ୍ଦୋଳ/ଖଜୁରିଆକଟା, ୨୬ ।୩(ସମିସ): ହିନ୍ଦୋଳ ଏନଏସିସ୍ଥିତ ଶ୍ରୀରଘୁନାଥ ଜୀଉ ମଠରେ ୪୦ତମ ଶ୍ରୀରାମ ଚରିତ ନବାହ୍ନ ପାରାୟଣ ପ୍ରବଚନ ଉଦଘାଟିତ ହୋଇଛି । ମଙ୍ଗଳବାର ସନ୍ଧ୍ୟା ୭ରେ ଅଙ୍କୁରାରୋପଣ ପଞ୍ଚଦଶ ମନ୍ଦିରପ୍ରତିଷ୍ଠା ଉତ୍ସବପରେ ବୁଧବାର ଶୁଭଅଧିବାସ ପ୍ରାରମ୍ଭରେ ସକାଳ ୬. ୩୦ରେ ପୁରୁଷ ମହିଳାଙ୍କ ବିରାଟ ପଟୁଆରରେ କଳସ ଶୋଭାଯାତ୍ରା ହୋଇଥିଲା । ଘଟସ୍ଥାପନ, ଧ୍ୱଜାଉତ୍ତୋଳନ, ତୀର୍ଥବାହାନ, ଶାଳାସଂସ୍କାର ହୋଇ ଦିବା ୧୧ଟାରେ ଅତିବିଷ୍ଣୁ ମହାଯଜ୍ଞ ହୋଇଥିଲା । ସନ୍ଧ୍ୟା ୭ଟା ୩୦ରେ ଜ୍ଞାନଯଜ୍ଞ ଉଦଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବାବାଜୀ ଦିବାକର ଦାସ ମହାରାଜ ମହନ୍ତ ମୋଟାମଠ ଖୋର୍ଦ୍ଧା ଉଦଘାଟନ କରିଥିବାବେଳେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଏବଂ ଶ୍ରୀରାମ ଚରିତ ପରାୟଣ କମିଟି ସଭାପତି ହେମନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ରହିବାସହ କମିଟି ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ । ପାରାୟଣ କାର୍ଯ୍ୟକ୍ରମ ଏପ୍ରିଲ ୩ ପର୍ଯ୍ୟନ୍ତ ପାଳିତ ହେବ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପରଜଙ୍ଗ, ୨୬ ।୩(ସମିସ)



ଗଡ଼ ପରଜଙ୍ଗ ପିଏମ ଶ୍ରୀ ମହେନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପିଠ ଠାରେ ଗୁରୁବାର ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ପରଜଙ୍ଗ ପଞ୍ଚାୟତ ସମିତିର ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦାନ କରି ଆନୁଷ୍ଠାନିକ ଭାବେ, ପ୍ରଦୀପ ପ୍ରଜ୍ୱଳନ କରି ଭିନ୍ନକ୍ଷମ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା, ଶିଶୁ ବିକାଶ ଅଧିକାରିଣୀ କବିତା ଦାସ ଏବଂ ସମସ୍ତ ବ୍ଲକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ୧୩୦ ଜଣ ବ୍ୟକ୍ତିଙ୍କ ନାମ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ଅସ୍ଥିସ୍ତଲ୍ୟ ବିଭାଗର ୬ ଜଣ, ଦୃଷ୍ଟିଶକ୍ତି ବାଧିତ ବ୍ୟକ୍ତି ୧୩ ଜଣ, ଶ୍ରବଣ ଶକ୍ତି ବାଧିତ ୧୯ ଜଣ ଏବଂ ମାନସିକ ଅନଗ୍ରସର ୨୬ ଜଣ ପଞ୍ଜିକୃତ କରିଥିବା ବେଳେ, ମେଡିସିନ ପାଇଁ ୫ ଜଣ ନାମ ପଞ୍ଜିକୃତ କରିଥିଲେ । ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଅସ୍ଥିସଲ୍ୟ ବିଭାଗର ଡଃ ପ୍ରଦିପ କୁମାର ବେହେରା, ଦୃଷ୍ଟିଶକ୍ତି ବାଧିତ ଡଃ ସଞ୍ଜିବ କୁମାର ମାହାପାତ୍ର, ପ୍ରଦୀପ କୁମାର ସାମଲ, ଶ୍ରବଣଶକ୍ତି ବାଧିତ ଡଃ ନମିତା ପଟ୍ଟନାୟକ, ମାନସିକ ଅନଗ୍ରସର ଡଃ ଜତିନ କୁମାର ସାହୁ, ପ୍ରମୁଖ ଭିନ୍ନକ୍ଷମ ମାନଙ୍କର ପରୀକ୍ଷା ନିରୀକ୍ଷା କରିଥିଲେ । ୧୬ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଯୋଗାଇ ଦେଇଥିବା ବେଳେ ଅନ୍ୟ ବାଧିତମାନଙ୍କୁ ବିଭିନ୍ନ ପ୍ରକାର ଉପକରଣ ମାନ ଯୋଗାଇ ଦେଇଥିଲେ ଏବଂ ସେମାନଙ୍କୁ ଭିନ୍ନକ୍ଷମ ମାନପତ୍ର ମାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ହାତୀ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ଢେଙ୍କାନାଳ, ୨୬ ।୩(ସମିସ): ସଦରବ୍ଲକ ଅନ୍ତର୍ଗତ ଗୋବିନ୍ଦପ୍ରସାଦ ପଞ୍ଚାୟତର ବଡ଼ନଡ଼ବ ଗ୍ରାମବାସୀମାନେ ହାତୀ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଜଣାଇଛନ୍ତି । ବଡନଡବ ଗ୍ରାମ ୱାର୍ଡ ନଂ ୧ର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ହରିଜନ ସମ୍ପ୍ରଦାୟ ଅଟନ୍ତି । ଏହି ଗ୍ରାମରେ ଦିନରେ ମଧ୍ୟ ହାତୀ ଚଳପ୍ରଚଳ କରୁଛି । ଯାହାକି ଲୋକମାନେ ଚଳିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ପଡୋଶୀ ଗ୍ରାମରେ ଦୁଇଜଣ ବ୍ୟକ୍ତିଙ୍କୁ ହାତି ଆକ୍ରମଣ କରି ଫୋପାଡି ଦେବାରୁ ସେମାନେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଏହି ଦୃଷ୍ଟିରୁ ଗ୍ରାମର ଲୋକମାନେ ଭୟଭିତ ହୋଇ ଚଳୁଛନ୍ତି । ଯାହାକି ପିଲାମାନେ ଭୟରେ ସ୍କୁଲ୍, କଲେଜ ଯାଇପାରୁ ନାହାଁନ୍ତି । ଗ୍ରାମ ପାଖରେ ଥିବା ହାଟ ବଜାରକୁ ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଯାଇପାରୁ ନାହାଁନ୍ତି । ଗ୍ରାମ ପାଖରେ ଥିବା ସାପୁଆ ନଦୀକୁ ଗାଧୋଇବା ପାଇଁ ଯାଇ ପାରୁନାହାନ୍ତି । ଜଗଲଜାତ ସାମଗ୍ରୀ କାଠ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ପାଇଁ ଯାଇପାରୁ ନାହାଁନ୍ତି । ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । ଏଣୁ ଉକ୍ତ ବିଷୟକୁ ତଦନ୍ତ କରି ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ନିମନ୍ତେ ସୋଲାର୍ ଲାଇଟ ଓ ପାନୀୟ ଜଳର ବ୍ୟବସ୍ଥା କଲେ ହାତୀ ଆକ୍ରମଣରୁ ରକ୍ଷା ପାଇପାରିବେ ବୋଲି ଗ୍ରାମବାସୀ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଏହି ଅଭିଯୋଗ ପ୍ରଦାନ ବେଳେ ସନ୍ତୋଷ କୁମାର ନାଏକ, ରମେଶ ନାଏକ, ଅଭୟ ନାଏକ, ସଦାନନ୍ଦ ନାଏକ, ବବିତା ନାଏକ, ଖୁଲଣା ନାଏକ, ରଶ୍ମିତା ନାଏକ, ମମତା ନାଏକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।



# ଶ୍ରୀହୀନ ପାଲଟିଛି ସରକାରୀ ବିହନ ବିଶୋଧନାଗାର





**ବନ୍ତ/ଆଗରପଡ଼ା,୨୬।୩(ସମିସ)**

ଉନ୍ନୟନ ଦିଗରେ ସରକାରୀ କାର୍ଯ୍ୟ କିପରି ବାଟବଣା ହୋଇ ପଡ଼ିଛି ତା'ର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ବନ୍ତ ବ୍ଲକ୍ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆରେ ପ୍ରତିଷ୍ଠିତ ସରକାରୀ ବିହନ ବିଶୋଧନାଗାର। କୃଷି ପ୍ରଧାନ ବନ୍ତ ବ୍ଲକ୍ ଅଞ୍ଚଳରେ ୧୯୫୫ ମସିହାରେ ପ୍ରତିଷ୍ଠିତ ଏହି ବିହନ ବିଶୋଧନାଗାରର ଦୁରବସ୍ଥା ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି। ୭୦ ବର୍ଷର ଏହି କୃଷି ଭିତ୍ତିଭୂମି ଏବେ କୃଷକଙ୍କ ପାଇଁ ଏକ ପ୍ରକାର ଅପହଞ୍ଚ ହୋଇ ରହିଛି। ୪୫ ଏକର ପରିମିତ ଜମି ସହ କ୍ଷେତ୍ରାଧିକାରୀ, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର। ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂଅ, ଲିଫ୍ଟପଏଣ୍ଟ, ୫ ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳାଯାଇଥିଲା। ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚାରାରୋପଣ କରାଯାଇଥିଲା। ବିଶୋଧନାଗାର ଚାରିପାଖକୁ ଲୁହା ତାରବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ଓ ବଳଦଙ୍କ ପାଇଁ ଗୁହାଳ ଘର ଆଦି ନିର୍ମାଣ କରାଯାଇଥିଲା। ଇତି ମଧ୍ୟରେ ୭୦ ବର୍ଷ ବିତିଯାଇଛି। ଏହାର ରୂପରେଖରେ ବହୁ ପରିବର୍ତ୍ତନ ଆସିଛି। ହେଲେ ପ୍ରବେଶ ପଥରେ ଥିବା ବଡ଼ ଲୁହା ଫାଟକ ଆଉ ନାହିଁ କି ପୂର୍ବରୁ ଲୁହା ତାରବାଡ଼ ଦ୍ୱାରା ଆବଦ୍ଧ ପରିବେଶ ବି ନାହିଁ।

ସୂଚନା ଅନୁଯାୟୀ, ଏଠାରେ ଟ୍ରାକ୍ଟରଟିଏ ଥିଲେ ସୁଦ୍ଧା ଏହାକୁ ଚଲାଇବା ପାଇଁ ସ୍ଥାୟୀ ଚାଳକଟିଏ ନାହିଁ। ଫଳରେ ଟ୍ରାକ୍ଟରଟି ଏକ ପ୍ରକାର ଅଲୋଡ଼ା ହୋଇ ସରକାରୀ ଅର୍ଥର ଅପବ୍ୟୟର ଏକ ନମୁନା ସାଜିଛି। ବିଡ଼ମ୍ବନାର ବିଷୟ ଏହିକି ଯେ, ଉକ୍ତ ବିହନ ବିଶୋଧନାଗାର ଜଣେ କୃଷି ଓଭରସିୟରଙ୍କ ଦାୟିତ୍ୱରେ ଚାଲିଛି। ବିଭାଗ ତରଫରୁ ଆଉ କୋ÷ଣସି ସରକାରୀ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ଦିଆଯାଉନାହିଁ। ସରକାର କୃଷି ଓ କୃଷକ ଉଭୟଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ବିଭିନ୍ନ ପ୍ରକାର ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରିବା ସହ ଆହୁରି ଅନେକ ନୂତନ ଯୋଜନା ମାଧ୍ୟମରେ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ଚେଷ୍ଟିତ ହେଉଥିବାବେଳେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଏହାର ସଫଳ ରୂପାୟଣ ହୋଇ ନ ପାରି ସରକାରୀ ଅର୍ଥର ଅପବ୍ୟବହାର ହେବା ସାର ହେଉଛି। ବିଶୋଧନାଗାରର ମୁକୁଳା ପରିବେଶକୁ ନେଇ ବାରମ୍ବାର ଅଭିଯୋଗ ଏବଂ ଖବର ପ୍ରକାଶିତ ହେବା ପରେ ୨ ବର୍ଷ ପୂର୍ବରୁ ଏହାର ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ବିଭାଗୀୟ ଅଧିକାରୀଙ୍କ ଅଣଦେଖା ହେଉ କିମ୍ବା ଇଚ୍ଛାଶକ୍ତିର ଅଭାବ ଯାହାବି ହେଉ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଯଦ୍ୱାରା ପୂର୍ବପରି ଗାଈଗୋରୁ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଘଟୁଛି।

- **ଦାୟିତ୍ୱ ତୁଲାଉଛନ୍ତି ଜଣେ କୃଷି ଓଭରସିୟର**
- **ସମ୍ପୂର୍ଣ୍ଣ ହୋଇପାରୁନି ପାଚେରି ନିର୍ମାଣ**

ଏଠାରେ ନର୍ସରୀ ବନ୍ଦ ହୋଇଯିବା ଫଳରେ ଆଉ ଚାରା ଉତ୍ପାଦନ ହୋଇପାରୁ ନ ଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ନଡ଼ିଆ ଓ ଆମ୍ବ ଆଦି ଉତ୍ପାଦନ ହ୍ରାସ ପାଇଛି। ଲିଫ୍ଟପଏଣ୍ଟ, କୂଅ ଓ ଟ୍ୟୁବ୍‌ୱେଲ୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। କର୍ମଚାରୀ କ୍ୱାର୍ଟର, ଗୁହାଳ ଘର ଆଦି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଯଦ୍ୱାରା ସମୟଚକ୍ରରେ ହଜିଯାଇଛି ବିହନ ବିଶୋଧନାଗାରର ପୁରୁଣା ଐତିହ୍ୟ। ବର୍ତ୍ତମାନ ସେ ତା'ର ପରିଚୟ ଖୋଜିବାରେ ଲାଗିଛି। ବିହନ ବିଶୋଧନାଗାରର ମୁଖ୍ୟ ଆଭିମୁଖ୍ୟ ହେଲା ଧାନକୁ ପ୍ରୋସେସିଂ କରାଯାଇ ବିହନକୁ ଚାଷୀମାନଙ୍କୁ ଦିଆଯିବା। କିନ୍ତୁ ବିଭିନ୍ନ ପରିପାର୍ଶ୍ୱିକ ପରିସ୍ଥିତି ଯୋଗୁଁ ପୂର୍ବରୁ ପାଖାପାଖି ୧ ହଜାର କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରାଯାଉଥିବା ବେଳେ ବର୍ତ୍ତମାନ ମାତ୍ର ୫ ଶହ କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରିବା କଷ୍ଟକର ହୋଇପଡୁଛି। ବର୍ତ୍ତମାନ ଗୋଟିଏ ଟ୍ରାକ୍ଟର, ଗୋଟିଏ ଧାନ କଟା ରିପର, ଧାନ ଅମଳ ପାଇଁ ଗୋଟିଏ ପ୍ରାଚୀ ଓ ବିଷ ସିଞ୍ଚନ ଯନ୍ତ୍ର ଅଛି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗ ଦ୍ୱାରା କର୍ମଚାରୀଙ୍କ ପାଇଁ କ୍ୱାର୍ଟର ନିର୍ମାଣ କରାଯାଇଥିବା ବେଳେ ସୋଲାର ଲାଇଟ୍‌ର ବନ୍ଦୋବସ୍ତ କରାଯାଇଛି। ଉକ୍ତ ପରିସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀ ସହ ୫ ଏକର ପରିମିତ ଜାଗାରେ ଗେଣ୍ଡୁ ଫୁଲ ଚାଷ ଓ ନାନାଦି ପନିପରିବା ଚାଷ କରିବା ପାଇଁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଗତ କିଛି ବର୍ଷ ହେବ ୩୫ ଏକର ଜମିରେ ଧାନ ଚାଷ କରାଯାଉଥିବା ବେଳେ ଏହାର ଚାରିପଟରେ ନିର୍ମିତ ସୁରକ୍ଷା ପାଚେରି ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଅମଳରେ କ୍ଷୟକ୍ଷତି ମଧ୍ୟ ଘଟୁଛି। ତେଣୁ ସ୍ଥାୟୀ ପାଚେରି ନିର୍ମାଣ ସମ୍ପୂର୍ଣ୍ଣ ହେବା ଜରୁରୀ ହୋଇପଡ଼ିଛି। ତେଣୁ ଏହି ବିହନ ବିଶୋଧନାଗାରର ପୂର୍ବ ଐତିହ୍ୟ ଫେରାଇ ଆଣିବାକୁ ସରକାରଙ୍କ ତରଫରୁ ଏଠାରେ ଆବଶ୍ୟକୀୟ କର୍ମଚାରୀ ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଇନୋଭେସନ ଏଣ୍ଡ ଷ୍ଟାର୍ଟ ଅପ୍ ପ୍ରୋଗ୍ରାମ



**ଭଦ୍ରକ,୨୬।୩(ସମିସ):** ଭଦ୍ରକ ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ "ଇନୋଭେସନ ଏଣ୍ଡ ଷ୍ଟାର୍ଟ ଅପ୍ ପ୍ରୋଗ୍ରାମ' ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶୁକଦେବ ପଣ୍ଡା, ପ୍ରଭାତୀ ନାୟକ ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କଠାରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜେ ନିଜକୁ ଆତ୍ମନିର୍ଭରଶୀଳ କରିପାରିବା ଏହାର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାମାନ ହେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ଯୋଗାଣ ଅଧିକାରୀଙ୍କ ଶ୍ରାଦ୍ଧବାର୍ଷିକୀ



**ଭଦ୍ରକ,୨୬।୩(ସମିସ):** ଭଦ୍ରକର ପୂର୍ବତନ ଯୋଗାଣ ଅଧିକାରୀ ତଥା ବାଲେଶ୍ୱରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପ୍ରଦୀପ ଆବାସିକା କଲେଜ ପ୍ରଦୀପ କୁମାର ଘୋଷଙ୍କ ଗୁରୁବାର ତାଙ୍କ ମଠସାହିସ୍ଥିତ ବାସଭବନରେ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ୱର୍ଗତ ଘୋଷ ଜଣେ ଦକ୍ଷ ତଥା ଲୋକପ୍ରିୟ ଯୋଗାଣ ଅଧିକାରୀ ଭାବେ ପରିଚିତ ଥିଲେ। ୧୯୯୯ ମହାବାତ୍ୟା ବେଳେ ସେ ନିଜ ଚାକିରିରୁ ଅବସର ଗ୍ରହଣ କରିଥିଲେ ବି ତାଙ୍କୁ ଜିଲ୍ଲା ପ୍ରଶାସନ ମହାବାତ୍ୟାର ରେସ୍‌କ୍ୟୁ ଓ ରିଲିଫ୍ କାର୍ଯ୍ୟ ଦାୟିତ୍ୱ ପ୍ରଦାନ କରିଥିଲେ। ସେ ଦକ୍ଷତାର ସହ ଏହା ସମ୍ପନ୍ନ କରି ବେଶ୍ ଲୋକପ୍ରିୟ ହୋଇଥିଲେ ବୋଲି ଆଗନ୍ତୁକ ବକ୍ତାମାନେ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠିତ ସ୍ମୃତିସଭାରେ ପରିବାର ପକ୍ଷରୁ ତାଙ୍କ ଧର୍ମପତ୍ନୀ ସରସ୍ୱତୀ ଘୋଷ, ବଡ଼ ପୁଅ ଅଧ୍ୟାପକ ସନ୍ଦୀପ ଘୋଷ, ମଝିଆ ପୁଅ ସୁଦୀପ ଘୋଷ, ସାନପୁଅ ଜୟଦୀପ ଘୋଷଙ୍କ ସମେତ ଝିଅ ଶ୍ରାବଣୀ ଘୋଷ, ସୋନାଲି ଘୋଷ, ଜ୍ୱାଇଁ ସୁଧାଂଶୁ ଶେଖର ରାୟ, ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଦୁର୍ଗାଶଙ୍କର ବିଶ୍ୱାଳ, ଶିକ୍ଷୟିତ୍ରୀ ଅମ୍ରିତା ବିଶ୍ୱାଳ ପଣ୍ଡା, ରାକେଶ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅଶୋକ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସଂଗ୍ରାମ ତ୍ରିପାଠୀଙ୍କୁ ହୀରାଞ୍ଚଳ ସମ୍ମାନ



**ଭଦ୍ରକ,୨୬।୩(ସମିସ):** ଦୈନିକ "ହୀରାଞ୍ଚଳ'ର ବିଂଶତମ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱରର ହୋଟେଲ ପ୍ରାଚୀରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅନ୍ତର୍ଗତ ଯଶିପୁର ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ତ୍ରିପାଠୀଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହୀରାଞ୍ଚଳ ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତ କାର୍ଯ୍ୟବାହ ଡ. ଅନିଲ କୁମାର ମିଶ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ହୀରାଞ୍ଚଳ ସମ୍ପାଦକ ଯୁଗଳ କିଶୋର ସାମଲଙ୍କଠାରୁ ମାନପତ୍ର ଉତ୍ତରୀୟ ଓ ଉପଢ଼ୌକନ ପ୍ରାପ୍ତ ପୂର୍ବକ ସମ୍ମାନିତ ହୋଇଛନ୍ତି।

## ବର୍ଜ୍ୟ ପରିଚାଳନା ପାଇଁ ଜିଲ୍ଲା ସଞ୍ଚାଳନ ସମିତି ବୈଠକ

**ଭଦ୍ରକ,୨୬।୩(ସମିସ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାସ୍ତରୀୟ ବର୍ଜ୍ୟ ପରିଚାଳନା ସଞ୍ଚାଳନ ସମିତିର ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ଚାଟୋଟି ବ୍ଲକ୍‌ର ମୋଟ୍ ୨୧୮ଟି ଗ୍ରାମ ପଞ୍ଚାୟତରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ସଂଗ୍ରହ ହେଉଥିବା ଶୁଖିଲା ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସିଧାସଳଖ ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ନଗର ପାଳିକା ଓ ପରିମାଣର ସର୍ଭେ କରି ନିୟମିତ ସଂଗ୍ରହ ବ୍ୟବସ୍ଥା କରିବା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବାକୁ ପଞ୍ଚାୟତିରାଜ, ନଗର ଉନ୍ନୟନ ଓ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ପରିମଳ ପରାମର୍ଶଦାତା ଏବଂ ୟୁନିସେଫ୍ ରିସୋର୍ସ ପର୍ସନ ଭାବେ ଯୋଗେନ୍ଦ୍ର ସିଂହ ଯୋଗଦେଇଥିଲେ। ଏଥିରେ ଜିଲ୍ଲା ପଞ୍ଚାୟତ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଶୁଭେନ୍ଦ୍ର ସାମଲ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଧନାଇ ଚରଣ ଟୁଡୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ନଗର ଉନ୍ନୟନ



ବିଜ୍ଞପିତ ଅଞ୍ଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା। ଏହା ସହ ଜିଲ୍ଲାର ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଓ ଧାମନଗର ବିଜ୍ଞପିତ ଅଞ୍ଚଳରେ ନିର୍ମିତ ପଦାର୍ଥ ପୁନରୁଦ୍ଧାର କେନ୍ଦ୍ର (ଏମ୍‌ଆର୍‌ଏଫ୍) ଗୁଡ଼ିକୁ ବ୍ୟବହାର କରି ସୁଚାରୁ ପରିଚାଳନା ପାଇଁ ରୁଟ୍ ଚାର୍ଟ ପ୍ରସ୍ତୁତି ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ବୈଠକରେ ଜିଲ୍ଲାର ୧୧ଟି ପର୍ଯ୍ୟଟନସ୍ଥଳୀ ଏବଂ ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ଗ୍ରାମ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ବ୍ୟାବସାୟିକ ପ୍ରତିଷ୍ଠାନମାନଙ୍କରେ ଦିନକୁ ଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ସଂସ୍ଥା, ହେମନ୍ତ କୁମାର ମହାନ୍ତ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରପାଳିକା ଓ ବିଜ୍ଞପିତ ଅଞ୍ଚଳ ପ୍ରତିନିଧିମାନେ ଓ ଜିଲ୍ଲା ଜଳ ଓ ପରିମଳ ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ତ୍ୱରାନ୍ୱିତ କରିବା ନେଇ ଆଲୋକପାତ କରି ଧନ୍ୟବାଦ ଦେଇଥିଲେ। ସଭାରେ ପରିବେଶ-ବନ୍ଧୁ ପଦ୍ଧତିକୁ ପ୍ରୋତ୍ସାହନ ଦେଇ କପାସ ତିଆରି ବ୍ୟାନର ଓ କାଗଜର କପ୍, ପ୍ଲେଟ୍ ଓ ଗ୍ଲାସ୍ ବ୍ୟବହାର କରାଯାଇଥିଲା।

## ସଦାନନ୍ଦ ଦୀକ୍ଷିତ ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି



**ଭଦ୍ରକ,୨୬।୩(ସମିସ):** ସରସ୍ୱତୀ ବିହାରର ଅଧ୍ୟକ୍ଷ ତଥା ବିଶ୍ୱ ସଂସ୍କୃତ ସଂଗଠନର ସଭାପତି ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ ଡ. ସଦାନନ୍ଦ ଦୀକ୍ଷିତ ଓଡ଼ିଶା ବ୍ରାହ୍ମଣ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଗତ ୨୧ ଓ ୨୨ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ରାଷ୍ଟ୍ରୀୟ ବ୍ରାହ୍ମଣ ସମ୍ମିଳନୀରେ ସଭାପତିତ୍ୱ କରି ଡ. ଦୀକ୍ଷିତ ବିଶାଳ ବ୍ରାହ୍ମଣ ସମାଜକୁ ସାମାଜିକ ସମରସତା ରକ୍ଷା କରି କ୍ରମଶଃ ଗରିବ ହୋଇଯାଉଥିବା ବ୍ରାହ୍ମଣ ଜାତିର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଭଦ୍ରକରୁ ପ୍ରକାଶ ପାଉଥିବା ବ୍ରହ୍ମସନ୍ଦେଶ ପତ୍ରିକାର ବିଶେଷାଙ୍କକୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଲୋକାର୍ପଣ କରିଥିଲେ। ପୂଜ୍ୟ ସ୍ୱାମୀ ସୁଗୁଣେନ୍ଦ୍ରତୀର୍ଥ ଓଡ଼ିଶା ବ୍ରାହ୍ମଣ ମହାସଂଘର ନିର୍ବାଚିତ ୨୮ ଜଣ କର୍ମକର୍ତ୍ତାଙ୍କୁ ବେଦ, ସଂସ୍କୃତ ଓ ସଂସ୍କୃତିର ସୁରକ୍ଷା ସହିତ ଭାରତକୁ ବିଶ୍ୱ ଗୁରୁ କରାଇବାରେ ବ୍ରାହ୍ମଣମାନଙ୍କର ଅବଦାନକୁ ସ୍ମରଣ କରାଇଥିଲେ। ଏହି ଅବସରରେ ପୁରୀଠାରେ ୮ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନର ଶିଳାନ୍ୟାସ ପୂଜ୍ୟ ସ୍ୱାମିଜୀ କରିଥିଲେ ଏବଂ ଡ. ସଦାନନ୍ଦ ଦୀକ୍ଷିତ ସଭାପତିତ୍ୱ କରିଥିଲେ। ରାଷ୍ଟ୍ରିୟ ମହାସମ୍ମେଳନରେ ଭଦ୍ରକ ଜିଲ୍ଲା ଶାଖାର ସଭାପତି ମନ୍ଦରଧର ଦୀକ୍ଷିତଙ୍କ ନେତୃତ୍ୱରେ ଶତାଧିକ ବ୍ରାହ୍ମଣ ବନ୍ଧୁ ଯୋଗଦେଇଥିଲେ।

## ରେବ ନଦୀ ବନ୍ଧ ଉନ୍ନତୀକରଣରେ ବ୍ୟାପକ ଅନିୟମିତତା

# ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହରିଲୁଟ୍ ଅଭିଯୋଗ

**ଅସୁରାଳି,୨୬।୩(ସମିସ):** ଧାମନଗର ବ୍ଲକ୍ ଅଧୀନରେ ଥିବା ରେବ ନଦୀର ବାମପଟ ବନ୍ଧ ତଥା ରାସ୍ତାର ଉନ୍ନତୀକରଣ କାର୍ଯ୍ୟକୁ ନେଇ ଏବେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଥିବା ବେଳେ, କାର୍ଯ୍ୟର ମାନ ଓ ସ୍ୱଚ୍ଛତାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।



**ଭିଜିଲାନ୍ସ ତଦନ୍ତ ଦାବି**

ସୂଚନାଯୋଗ୍ୟ, ଦଇପୁର ପଞ୍ଚାୟତର ତାଳସିଠା ମଳିକ ସାହିଠାରୁ ଆରମ୍ଭ କରି ଜାଗୁଳାଇ ସାହି, ନରଣପୁର ଦେଇ କୁସୁମାପାଟଣା ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟର ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ମାତ୍ର ଏହି ବୃହତ୍ ପ୍ରକଳ୍ପରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ପୂର୍ବରୁ ଅନାବନା ଗଛ ଓ ବୁଦା ସଫା କରି ବେସ୍ ପ୍ରସ୍ତୁତ କରିବା ବଦଳରେ, ଠିକାଦାର ଗଛ ଉପରେ ସିଧାସଳଖ ମାଟି ପକାଇ କାମ ସାରିଦେବାକୁ ଚେଷ୍ଟା କରୁଛନ୍ତି। ଏଭଳି "ଉପର ଚିକ୍କଣ ଭିତରେ ଫାଙ୍କା' ନୀତି ଯୋଗୁଁ ଆଗାମୀ ବର୍ଷାରେ ରାସ୍ତା ଧୋଇଯିବା ସହ ସରକାରୀ ଅର୍ଥ ପାଣିରେ ପଡ଼ିବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ହେଉଛି, କାମର ତଦାରଖ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ଦେଖାମିଳୁନାହିଁ। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନିଜ ଦାୟିତ୍ୱରୁ ଖସିଯିବା ପାଇଁ ବିଭିନ୍ନ ବାହାନା ଦେଖାଉଥିବା ବେଳେ, ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାମ କିଭଳି ଅଧିକାରୀଙ୍କ ଅନୁପସ୍ଥିତିରେ ହେଉଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତରା ଯୋଗୁଁ ହିଁ ଏଭଳି ନିମ୍ନମାନର କାମ ସମ୍ଭବ ହେଉଥିବା ଚର୍ଚ୍ଚା ହେଉଛି। ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ "ଜିରୋ ଟଲେରାନ୍ସ' ନୀତିକୁ ଏଠାରେ ପାଦରେ ଦଳି ଦିଆଯାଉଛି। ଜନସାଧାରଣଙ୍କ ଟିକସ ଟଙ୍କାକୁ ବାଣ୍ଟିକୁଣ୍ଟି ଖାଇବା ପାଇଁ ଚାଲିଥିବା ଏହି ଚକ୍ରାନ୍ତର ପର୍ଦ୍ଦାଫାଶ୍ କରିବା ପାଇଁ ଅଞ୍ଚଳବାସୀ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଯଦି ତୁରନ୍ତ ଏହି କାର୍ଯ୍ୟର ମାନ ଯାଞ୍ଚ୍ କରା ନ ଯାଏ ଏବଂ ନିୟମାନୁଯାୟୀ କାମ ନ ହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ସାମଲଙ୍କୁ ପଚାରିବାରୁ କାର୍ଯ୍ୟର ଉପଯୁକ୍ତ ତଦାରଖ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ୬୩ ବର୍ଷରେ ତିହିଡ଼ି ମା' ବାସନ୍ତୀ ଦୁର୍ଗା ପୂଜା

**ତିହିଡ଼ି,୨୬।୩(ସମିସ):** ତିହିଡ଼ି କାଳୀ ପଡ଼ିଆଠାରେ ଅନୁଷ୍ଠିତ ମା' ବାସନ୍ତୀ ଦୁର୍ଗା ପୂଜା ୬୩ ବର୍ଷରେ ପଦାର୍ପଣ କରିଛି। ୧୯୬୦ ମସିହାରୁ ଏଠାରେ ଅନୁଷ୍ଠିତ ହୋଇ ଆସୁଥିବା ଏହି ପୂଜା ଆଜି ବି ଯଥାବିଧି ପାଳିତ ହୋଇଆସୁଛି। ସେତେବେଳେ ଆଶାମଣି ମହାପାତ୍ର, ଇନ୍ଦ୍ରମଣି ପତି, ନର ନାୟକ, ନବଘନ ପାତ୍ର ଓ ଜଗବନ୍ଧୁ ନାୟକଙ୍କ ଉଦ୍ୟମ କ୍ରମେ କାଳୀ ପଡ଼ିଆଠାରେ ଏକ ଚାଳଛପର ଘରେ ପ୍ରଥମେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ପ୍ରତିବର୍ଷ ମା'ଙ୍କ ମାଟି ମୂର୍ତ୍ତି ନିର୍ମାଣ କରାଯାଇ ଏହି ପୂଜା ସମ୍ପନ୍ନ କରାଯାଉଥିଲା। ପରେ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ କରାଯିବା ସହ ୨୦୦୧ରେ ହେମନ୍ତ ମହାପାତ୍ର, ଘନଶ୍ୟାମ ପାଣିଗ୍ରାହୀ, ସ୍ୱର୍ଗତ ରଘୁନାଥ ପଣ୍ଡା, ପ୍ରଫୁଲ୍ଲ ଯତି, ଧ୍ରୁବଚରଣ ମହାରଣା, ପାର୍ଥସାରଥୀ ନାୟକ, କାହ୍ନୁଚରଣ ବେହେରା ଓ କୁଶଧ୍ୱଜ ବେହେରା ପ୍ରମୁଖଙ୍କ ପ୍ରଚେଷ୍ଟାରେ ଏଠାରେ ମା'ଙ୍କର ପଥର ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାକାର୍ଯ୍ୟ କରାଯାଇ ଆସୁଛି। ପୂଜକ ଭାବେ ପ୍ରସନ୍ନ କୁମାର କର ନିୟମିତ ଭାବେ ଏଠାରେ ମା'ଙ୍କ ପୂଜାକାର୍ଯ୍ୟ ନିର୍ବାହ କରି ଆସୁଛନ୍ତି। ପ୍ରତିବର୍ଷ ଷଷ୍ଠୀରୁ ପୁଣି ଦଶମୀ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଏଠାରେ ମା'ଙ୍କ ପୂଜା ଯଥାବିଧି ସମ୍ପନ୍ନ ହୋଇଥାଏ। ପ୍ରତ୍ୟହ ମା'ଙ୍କ ପାଖରେ ପ୍ରସାଦ ଭୋଗ ଲଗାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ। ବିଭିନ୍ନ ଦୋକାନ ବଜାର ବି ଖୋଲିଥାଏ। ଏହି ୫ ଦିନ ଏଠାରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ସନ୍ଧ୍ୟାରେ ମା'ଙ୍କ ପୀଠରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମା'ଙ୍କ ପୂଜାକୁ ପରିଚାଳନା କରିବା ଲାଗି ଏକ ପୂଜା କମିଟି ରହିଛି। କମିଟିର ସଭାପତି ରଘୁନାଥ ପଣ୍ଡା ଓ ସମ୍ପାଦକ ଧ୍ରୁବଚରଣ ମହାରଣାଙ୍କ ନେତୃତ୍ୱରେ ସଭ୍ୟ/ସଭ୍ୟାମାନେ ପ୍ରତିବର୍ଷ ମା'ଙ୍କ ପୂଜାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ସମ୍ପାଦନ କରି ଆସୁଛନ୍ତି।



# ହୋମିଓପାଥି ଚିକିତ୍ସା ପ୍ରତି ଦରଦ ନାହିଁ

**ବାରିକପୁର,୨୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ର ରହଣିଆ ହାଇସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟ ଭାଗରେ ଥିବା ଏକମାତ୍ର ହୋମିଓପାଥି ଚିକିତ୍ସା କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଏକପ୍ରକାର ଅଚଳାବସ୍ଥା ଲାଗି ରହିଛି। ପ୍ରତ୍ୟେକ ଦିନ ଏଠାକୁ ପାଖାପାଖି ଶହେରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବାବେଳେ ଡାକ୍ତରୀ ସେବା କିନ୍ତୁ ସଠିକ୍ ମିଳୁନାହିଁ। ସରକାରୀସ୍ତରରେ ପ୍ରଚଣ୍ଡ ଅବହେଳା ଯୋଗୁଁ ଏହି ସର୍ବପୁରାତନ ଡାକ୍ତରଖାନା ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି। ହୋମିଓପାଥି ଚିକିତ୍ସା ପ୍ରତି ସତେଯେମିତି ସରକାରଙ୍କ ଦରଦ ନାହିଁ।

ସମୟ ଥିଲା ରହଣିଆ ସମେତ ପଡ଼ୋଶୀ ମାଳଦା, ଷୋଳମପୁର, କୋରିଗାଁ, ସରସଦା, ନପଙ୍ଗ, ରଣଜିତ୍ ଆଦି ପଞ୍ଚାୟତରୁ ଲୋକେ ଏଠାକୁ ଚିକିତ୍ସା ହେବା ପାଇଁ ଆସୁଥିଲେ। ଏହାଛଡ଼ା ଦୂରଦୂରାନ୍ତରୁ ମଧ୍ୟ ରୋଗୀମାନେ ଏଠାକୁ ଆସି ଆରୋଗ୍ୟ ଲାଭ କରୁଥିଲେ। ସରକାରୀ ଉଦାସିନତା ଯୋଗୁଁ ଧୀରେ ଧୀରେ ମେଡାକାଲର ଗୌରବ ନଷ୍ଟ ହୋଇଥିବାବେଳେ ରୋଗୀ ସେବା ଏକପ୍ରକାର ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି ବୋଲି ଅଞ୍ଚଳବାସୀମାନେ ବିଭିନ୍ନ ସମୟରେ ଅଭିଯୋଗ କରିଛନ୍ତି। ଦୀର୍ଘ ବର୍ଷ ହେବ ଏଠାରେ ନିୟମିତ ଡାକ୍ତର ନ ଥିବାବେଳେ ଆବଶ୍ୟକ କର୍ମଚାରୀ ମଧ୍ୟ ଅଭାବ ରହିଥିଲା। ଯଦିଓ ୨ ବର୍ଷ ପୂର୍ବରୁ ଜଣେ ଡାକ୍ତର ଏଠାରେ ନିଯୁକ୍ତି ପାଇଛନ୍ତି କିନ୍ତୁ ସେ ସପ୍ତାହକୁ ୩ଦିନ ରୋଗୀ ଦେଖୁଛନ୍ତି। ବାକି ୩ ଦିନ ମହିଳା ଡାକ୍ତର ଜଣକ ବାଲେଶ୍ୱର ଜିଲ୍ଲା ନୀଳଗିରି ମେଡିକାଲରେ ରହୁଛନ୍ତି। ଡାକ୍ତରଙ୍କ ଅନୁପସ୍ଥିତିରେ ମେଡିକାଲରେ ଥିବା ସର୍ବନିମ୍ନ ୨ ଜଣ କର୍ମଚାରୀ ରୋଗୀଙ୍କୁ ଔଷଧ ଦେଉଛନ୍ତି। ଲୋକମାନଙ୍କ କହିବାନୁଯାୟୀ, ଜଣେ ଭଲ ଡାକ୍ତର ଏଠାରେ ନିଯୁକ୍ତି ହୋଇଥିଲେ ସୁଦ୍ଧା ଅଧିକାଂଶ ସମୟରେ ସେ ଅନୁପସ୍ଥିତ ଥିବା ଯୋଗୁଁ ରୋଗୀମାନେ ସଠିକ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲରେ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ଏବଂ ଆଣ୍ଠୁଗଣ୍ଠି ବାବଦରେ ଔଷଧ ଅଭାବ ରହୁଥିବାବେଳେ ଡାକ୍ତରଙ୍କ ପୂର୍ଣ୍ଣ ଉପସ୍ଥିତି ବିନା ଅନ୍ୟାନ୍ୟ ଔଷଧ ଲୋକଙ୍କ ପାଇଁ ଉପଯୋଗୀ ହେଉନାହିଁ।

- **୨ ବର୍ଷ ହେଲା ଡେପୁଟେସନରେ ଯାଇଛନ୍ତି ଡାକ୍ତର**
- **ଭିତ୍ତିଭୂମି ଅଭାବ; ପର୍ଯ୍ୟାପ୍ତ ନାହିଁ ଗୁରୁତ୍ୱପୂର୍ଣ୍ଣ ଔଷଧ**



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମେଡିକାଲର ଭିତ୍ତିଭୂମି ଅଭାବ ରହିଥିବାବେଳେ କେବଳ ଦୁଇ ବଖରା ବିଶିଷ୍ଟ ଚିକିତ୍ସା ଗୃହରେ ରୋଗୀ ସେବା ହେଉଛି। ଦୁର୍ଘଟଣାଜନିତ ସେବା ପାଇଁ କୌଣସି ଶଯ୍ୟା କିମ୍ବା ସାଲାଇନ୍ ଓ ଯନ୍ତ୍ରପାତି ନାହିଁ। ଚିକିତ୍ସକ ତଥା କର୍ମଚାରୀଙ୍କ ପାଇଁ ଗୃହ ନିର୍ମାଣ ହୋଇନାହିଁ। ଫଳରେ ଡାକ୍ତର ଓ କର୍ମଚାରୀମାନେ ଦୂରଦୂରାନ୍ତରୁ ଆସି ସଠିକ୍ ଭାବେ ରୋଗୀ ସେବା ଦେଇପାରୁ ନାହାନ୍ତି। ଏଠାରେ ଅନେକ ଆନୁସଙ୍ଗିକ ବ୍ୟବସ୍ଥା ମଧ୍ୟ କେବେଠାରୁ ନଷ୍ଟ ହୋଇଥିବାବେଳେ ଏହା ଉପରେ କେହି ଦୃଷ୍ଟି ଦେଉନାହାନ୍ତି। ବ୍ଲକ୍‌ର ଏକମାତ୍ର ହୋମିଓପାଥି ଚିକିତ୍ସା କେନ୍ଦ୍ରରେ ଯେଉଁଭଳି ପରିବେଶ ରହିବା କଥା ତାହା ଦେଖିବାକୁ ମିଳୁନାହିଁ। ମେଡିକାଲର ମୁଖ୍ୟ କାର୍ଯ୍ୟାଳୟ ବାଲେଶ୍ୱରଠାରେ ଥିବା ଯୋଗୁଁ ଗ୍ରାମବାସୀମାନେ ଏନେଇ ଆପତ୍ତି ଅଭିଯୋଗ କରିପାରୁ ନାହାନ୍ତି। ଫଳରେ ମେଡିକାଲଟି ଏକପ୍ରକାର ସ୍ଥାଣୁ ପାଲଟିଛି। ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଧାନ ଟୋକନ ବାତିଲ ଯୋଗୁଁ ଚାଷୀଙ୍କ ଧାରଣା

ଖଇରା, ୨୬।୩(ସମିସ)

ଧାନ ବିକ୍ରି ପାଇଁ ମିଳିଥିବା ଟୋକନ ବାତିଲ ଯୋଗୁଁ ମହିଳା ସାମୁଖ୍ୟ ଏସ୍‌ଏଚ୍‌ଜି ଗୋଦାମ ଗୃହ ସମ୍ମୁଖରେ ନ୍ୟାୟ ଦାବିରେ ଚାଷୀମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧିନ ରଟିଣା ମହିଳା ସାମୁଖ୍ୟ ଏସ୍‌ଏଚ୍‌ଜି ଗ୍ରୁପ୍ ଦ୍ୱାରା ଚାଷୀଙ୍କ ଠାରୁ ଧାନ କିଣିବାକୁ ଧାର୍ଯ୍ୟ କରାଯାଇଥିବା ବେଳେ ଅଞ୍ଚଳର ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ଜାନୁଆରୀ ୧୯ତାରିଖରୁ ଫେବୃଆରୀ ୨୧ତାରିଖ ଭିତରେ ସମସ୍ତ ଚାଷୀଙ୍କୁ ଟୋକନ ମିଳିଥିଲା । ହେଲେ ଚାଷୀଙ୍କ ଠାରୁ ଏସ୍‌ଏଚ୍‌ଜି ଗ୍ରୁପ୍ ଧାନ ନେଇନଥିଲା । ଚାଷୀମାନେ ପଚାରିବାରୁ ମାର୍ଚ୍ଚ ମାସରେ ନିଆଯିବ ବୋଲି କହିଥିଲେ । ହେଲେ ୪୪ଜଣ ଚାଷୀଙ୍କର ୧୧ଶହ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଟୋକନ ଠିକ ସମୟରେ ଧାନ ଦେଇନଥିବା କାରଣରୁ ବାତିଲ ହୋଇଥିବା ଚାଷୀମାନଙ୍କୁ ଗ୍ରୁପ ତରଫରୁ ସୂଚନା ଦିଆଯାଇଥିଲା । ଫଳରେ ଚାଷୀ ବିଦ୍ୟାଧର ଶତପଥୀ, ହରମୋହନ ମହାପାତ୍ର, ରାକେଶ କୁମାର ପାଢ଼ୀ, ଭରତ ଚନ୍ଦ୍ର ଦାସ, ବିଦ୍ୟାଧର ଦାସ, ସତ୍ୟାନନ୍ଦ ଦାସ, ବିଷ୍ଣୁପ୍ରିୟା ଜେନା, ବାବାଜି ଚରଣ ସାହୁ, ରମାକାନ୍ତ ଶତପଥୀ, ରତିକାନ୍ତ ସାହୁ, ହରେକୃଷ୍ଣ ମହାକୁଡ଼, ମଞ୍ଜୁଲତା ଦେହୁରୀ, ରବୀନ୍ଦ୍ର ଦାସ, ଉପେନ୍ଦ୍ର ମଲ୍ଲିକ, ରଘୁନାଥ ସାହୁ ପ୍ରମୁଖ ଆଜି ଗ୍ରୁପ ଗୋଦାମ ଗୃହ ସମ୍ମୁଖରେ ପୁର୍ନବାର ଟୋକନ ଦେବା ଦାବିରେ ଧାରଣା ଦେଇଥିଲେ । ଆଗାମୀ ଦିନରେ ସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଚାଷୀମାନେ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଧାନ କିଣିବାକୁ ଅତା ତିରୁପତି ତିରୁମଲା ରାଇସ୍ ମିଲକୁ ମଞ୍ଜୁରୀ ମିଳିଥିବା ବେଳେ ସେ ଠିକ୍ ସମୟରେ ଧାନ କିଣିନଥିଲେ ଫଳରେ ଚାଷୀଙ୍କ ଟୋକନ କଟିଛି ବୋଲି ଏସ୍‌ଏଚ୍‌ଜି ଗ୍ରୁପ୍ ସେକ୍ରେଟାରୀ ଛବିଲତା ମହାପାତ୍ର କହିବା ସହ ସେ ଉପରିସ୍ଥ ଅଧିକାରୀଙ୍କୁ ଏ ନେଇ ଲିଖିତ ଭାବେ ଜଣାଇଥିବା କହିଛନ୍ତି ।



# ଧାନକିଣା ପଞ୍ଜୀକରଣ ଅବଧି ବୃଦ୍ଧି ପାଇଁ କୃଷକ ସଭାର ଦାବି

ଜଳେଶ୍ୱର, ୨୬।୩(ସମିସ): ରବି ଚାଷୀଙ୍କ ପଞ୍ଜୀକରଣ ଅବଧି ଶେଷ ହେଲା । କିନ୍ତୁ ବହୁ ଚାଷୀ ଧାନ ବିକ୍ରି ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରି ନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏହି ସଙ୍ଗୀନ ପରିସ୍ଥିତିକୁ ଅନୁଭବ କରି ଓଡ଼ିଶା କୃଷକ ସଭାର ଜଳେଶ୍ୱର ବ୍ଲକ କମିଟି ତରଫରୁ ପଞ୍ଜୀକରଣ ଅବଧି ବୃଦ୍ଧି ନିମନ୍ତେ ଜଳେଶ୍ୱର ତହସିଲଦାରଙ୍କ ଜରିଆରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ସୂଚନା ଥାଉ କି, ସୋସାଇଟିରେ ଧାନ ବିକ୍ରି ପାଇଁ ରବି ଚାଷୀଙ୍କ ନାମ ପଞ୍ଜୀକରଣ ନିମନ୍ତେ ସରକାର ମାର୍ଚ୍ଚ ୨୫କୁ ଶେଷ ତାରିଖ ଭାବରେ ଧାର୍ଯ୍ୟ କରିଥିଲେ । ବହୁ ଚାଷୀ ସୋସାଇଟି ସମ୍ମୁଖରେ ଦିନରାତି ଧାଡ଼ିରେ ଛିଡ଼ା ହୋଇ ମଧ ନିଜ ନାମ ପଞ୍ଜୀକରଣ କରିବାରେ ବିଫଳ ହୋଇଛନ୍ତି । ଏହାର ପ୍ରମୁଖ କାରଣ ହେଲା ସମୟ ସୀମା କମ୍ ରହିବା । ଦ୍ୱିତୀୟରେ ଅଧିକାଂଶ ସମୟରେ ନେଟୱାର୍କ ନଥିବା ହେତୁ ପଞ୍ଜୀକରଣ ପ୍ରକ୍ରିୟା ମନ୍ଥର ଗତିରେ ଚାଲିଲା । ତୃତୀୟରେ ଲିଗାଲ୍ ହେୟାର ସାର୍ଟିଫିକେଟ ଯୋଗାଡ଼ କରି ଠିକ୍ ସମୟରେ ଦେଇ ନପାଇବା ହେତୁ ବହୁ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି । ଫଳରେ ରବି ଋତୁରେ ଯେଉଁମାନେ ଧାନ ଚାଷ କରନ୍ତି ସେମାନଙ୍କ ଭିତରେ ନୈରାଶ୍ୟ ସୃଷ୍ଟି ହୋଇଛି । କାରଣ ସରକାରୀ ଦରରେ ଧାନ ବିକ୍ରୟ କରିନପାରିଲେ ସେମାନେ ଚାଷରେ ବହୁ କ୍ଷତି ସହିବା ସହିତ ଋଣ ଯନ୍ତାରେ ପଡ଼ିବେ । ଏଣୁ ସରକାର ଏହି ପଞ୍ଜୀକରଣ ଅବଧିକୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ ଲିଗାଲ ହେୟାର ସାର୍ଟିଫିକେଟ କ୍ଷେତ୍ରରେ ଖରିଫ ଚାଷ ଭଳି କେବଳ ସ୍ୱ ଲିଖିତ ଘୋଷଣାନାମା ନେଇ ପଞ୍ଜୀକରଣ କରିବାକୁ ଓଡ଼ିଶା କୃଷକ ସଭା ପକ୍ଷରୁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି । ଦାବିପତ୍ର ଦେବା ସହିତ କୃଷକ ସଭାର ଏକ ପ୍ରତିନିଧି ଦଳ ଜଳେଶ୍ୱର ତହସିଲଦାରଙ୍କ ସହିତ ଏ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି । ପଞ୍ଜୀକରଣ ଅବଧି ବୃଦ୍ଧି କରାନଗଲେ କୃଷକ ସଭା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବ ବୋଲି ରାଜ୍ୟ ସଭାପତି ସୀତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ବ୍ଲକ ସଭାପତି ରବୀନ୍ଦ୍ର କୁମାର ବାରିକ, ସମ୍ପାଦକ ଜୀବନ ପରିଡ଼ା, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ରାଜୀବ ପଣ୍ଡା, ପଲ୍ଟୁ ଦାସ, ଧୀରେନ୍ଦ୍ର ଦେ, ସବିତା ଭୂୟାଁ, ମିନତୀ ବାରିକ, ଚନ୍ଦନ ଶତପଥୀ, ସୁଷମା ବିବି, ଜଗନ୍ନାଥ ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି ।



## ଭୋଗରାଇ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

# ଧାନ ପଞ୍ଜୀକରଣ ଅବଧି ବୃଦ୍ଧି ନ ହେଲେ ଆନ୍ଦୋଳନ ଚେତାବନୀ

ଭୋଗରାଇ, ୨୬।୩(ସମିସ): ରବିଧାନ ପଞ୍ଜୀକରଣ ଅବଧି ୨୫ ତାରିଖ ସୁଦ୍ଧା ଶେଷ ହୋଇଛି । ମାତ୍ର ବହୁ ଚାଷୀ ବିଭାଗୀୟ ଅବହେଳା କାରଣରୁ ପଞ୍ଜୀକରଣ କରିପାରିନାହାନ୍ତି । ତେଣୁ ପଞ୍ଜୀକରଣ ଅବଧି ବୃଦ୍ଧି କରିବାକୁ ଭୋଗରାଇ କଂଗ୍ରେସ ଦାବି କରିଛି । ଯଦି ଅବଧି ବୃଦ୍ଧି ନହେବ ତେବେ ଚାଷୀଙ୍କ ସ୍ୱାର୍ଥ ଲାଗି ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ଚେତାବନୀ ଦେଇଛି ବ୍ଲକ କଂଗ୍ରେସ ।




ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବହୁ ଚାଷୀ ସ୍ୱଳ୍ପ ସମୟ ମଧ୍ୟରେ ରବିଧାନ ବିକ୍ରୟ ଲାଗି ପଞ୍ଜୀକରଣ କରିପାରିନାହାନ୍ତି । ୧୯ଟି ସେବା ସମବାୟ ସମିତିରେ ୨୦ ହଜାର କ୍ୟୁଣ୍ଟାଲ ଧାନ ଅଦ୍ୟାବଧି ସମିତି ଗୋଦାମଘର ନଥାଇ ଖୋଲା ଆକାଶ ତଳେ ଖରାବର୍ଷାରେ ମଣ୍ଡିରେ ପଡ଼ିରହିଛି । ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ଚାଷୀ ପଞ୍ଜୀକରଣ କରିନପାରି ହତାଶ ଓ କ୍ଷୁବ୍ଧ ହୋଇଛନ୍ତି । ଏପରିକି କେତେକ ସେବା ସମବାୟ ସମିତି ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା ସୂଚନା ମିଳିଛି ।

ସୂଚନାନୁଯାୟୀ, ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତି ନିମନ୍ତେ ସମବାୟ ସମିତିରେ ମିଲରଙ୍କ ଜରିଆରେ ଚାଷୀ ସିଧାସଳଖ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ ବିକ୍ରି କରିପାରିବେ ବୋଲି କହିଥିଲେ । ଏଥିନିମନ୍ତେ ଚଳିତ ରବି ଋତୁରେ ଚାଷୀମାନେ ମାର୍ଚ୍ଚ ୧୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ସମିତିରେ ଧାନ ବିକ୍ରି ଲାଗି ପଞ୍ଜିକରଣ କରିବା ବାଧ୍ୟତାମୂଳକ ବୋଲି ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି । ବିଭିନ୍ନ ସମୟରେ କମ୍ପ୍ୟୁଟର ଲିଙ୍କ ଫେଲ, ଚାଷୀଙ୍କ ଲିଗାଲ ହେୟାର ବାଧକ ସାଜିବାରୁ ବହୁଚାଷୀ ନିଜ ଉତ୍ପାଦିତ ଶସ୍ୟକୁ ଉଚିତ ମୂଲ୍ୟରେ ବିକ୍ରିଲାଗି ସମୟ ସୀମା ମଧ୍ୟରେ ପଞ୍ଜୀକରଣ କରିପାରି ନଥିବାରୁ ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷ କୁହୁଳିବାରେ ଲାଗିଛି । ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଚାଷୀଙ୍କଠାରୁ ଧାନକ୍ରୟ ଓ ବିକ୍ରି ପଞ୍ଜୀକରଣ ଅବଧି ବୃଦ୍ଧି ସହିତ ଧାନ ଗୋଦାମଘର ନକଲେ ଭୋଗରାଇ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଗୁରୁବାର ଜଳେଶ୍ୱରପୁର କଂଗ୍ରେସ ଭବନରେ ସରକାରଙ୍କୁ ଚେତାବନୀ ଦେଇଥିଲେ ।

ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା, ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ର, ସରପଞ୍ଚ ମମତା ସାହୁ, ଶିଶିର ଦାସ ମହାପାତ୍ର, ସୁଦର୍ଶନ ଜେନା, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ପ୍ରଦୀପ ମାହାନ୍ତି, ପ୍ରଭୁଦୟାଲ ଜେନା, ଜୟଦେବ ଦାସ ପ୍ରମୁଖ ସାମିଲ ଥିଲେ । ପରେ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକଙ୍କୁ ପ୍ରତିନିଧିଦଳ ପ୍ରଦାନ କରିଥିଲେ ।

# ଜଳେଶ୍ୱରରେ ମା' ବାସନ୍ତୀଙ୍କ ଅଷ୍ଟମୀ ପୂଜା

ଜଳେଶ୍ୱର, ୨୬।୩(ସମିସ): ଜଳେଶ୍ୱର ସହରର ଏକମାତ୍ର ସାର୍ବଜନୀନ ବାସନ୍ତୀକ ପୂଜା ଜଳେଶ୍ୱର ପୁରୁଣିଆ ବଜାରର ବାସନ୍ତୀ ପଡ଼ିଆଠାରେ ଦୀର୍ଘ ୫୭ବର୍ଷ ଧରି ସାର୍ବଜନୀନ ଭାବେ ପାଳିତ ହୋଇ ଆସୁଛି । ଗତ ୨୪ତାରିଖ ଠାରୁ ଅଧିବାସ ଓ ବିଲ୍ୱବରଣ ଓ ୨୫ତାରିଖ ଘଟ ଉତ୍ତୋଳନ ଓ ସପ୍ତମୀ ପୂଜା ଆରମ୍ଭ ହୋଇଛି । ୨୬ ତାରିଖରେ ଅଷ୍ଟମୀ ପୂଜା ସହିତ ଅଶୋକାଷ୍ଟମୀ ବ୍ରତ ପାଳନ ହୋଇଥିବା ବେଳେ ୨୭ ତାରିଖ ରାମ ନବମୀ ଉପଲକ୍ଷେ ଶ୍ରୀରାମ ନବମୀ ବ୍ରତ ପାଳନ କରାଯିବ । ୫ଦିନ ବ୍ୟାପି ହେବାକୁ ଥିବା ଏହି ପୂଜା ୨୮ ତାରିଖ ଦିନ ଦଶମୀ ପୂଜା ପରେ ସମାପନ ସହିତ ଦେବୀଙ୍କର ବିସର୍ଜନ ପୂଜା ଅନୁଷ୍ଠିତ ହେବ ।



ଚଳିତ ବର୍ଷ ପାଇଁ କମିଟି ସଭାପତି ଭାବେ କାଉନସିଲର ଚନ୍ଦନ କୁମାର ଦାସ, ସମ୍ପାଦକ ଦୁର୍ଜୟ ପାଣିଗ୍ରହୀ, ସଦସ୍ୟ ଶଙ୍କର ପାତ୍ର, ଅଶ୍ୱିନୀ କୁମାର କର, ବିଶ୍ୱନାଥ ସାହୁ, ଟୁଲୁ ପତି, କେଦାର ଗିରି, ତାରକ ମହାପାତ୍ର, ଗୌତମ ପ୍ରଧାନ ରହିଥିବା ବେଳେ ମୁଖ୍ୟ ପୂଜକ ଭାବେ ଶ୍ୟାମଶଙ୍କର ଧର, ସହ ପୂଜକ ସରୋଜ ପାଣିଗ୍ରହୀ ପ୍ରମୁଖ କାର୍ଯ୍ୟ ତୁଲାଉଛନ୍ତି । ସୁଉଚ୍ଚ ରଙ୍ଗବେରଙ୍ଗର ବିଦ୍ୟୁତ୍ ଆଲୋକର ତୋରଣ ସାଙ୍ଗକୁ ଭଜନ ସଂକୀର୍ତ୍ତନ, ସନ୍ଧ୍ୟାରେ ମେଲୋଡିର ସଙ୍ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାରର ଦୋକାନ ଓ ମୀନାବଜାରର କୋଳାହଳ ସହରବାସୀଙ୍କୁ ଚଳଚଞ୍ଚଳ କରୁଛି । ସହରରର ଏକ ମାତ୍ର ପୂଜା ହୋଇଥିବାରୁ ସହରବାସୀ ମହାଆନନ୍ଦରେ ଏହି ପର୍ବକୁ ପାଳନ କରିଥାନ୍ତି ।

ସେହିଭଳି ଜଳେଶ୍ୱର ଷ୍ଟେସନ ବଜାର ବାସନ୍ତୀ ମଣ୍ଡପରେ ପୀଠ ପୂଜା ଭାବେ ଯଥାବିଧି ଅନୁଷ୍ଠିତ ହେଉଅଛି । ଜଳେଶ୍ୱର ବ୍ଲକର ଶାଳିକୋଠା, ପଶ୍ଚିମବାଡ଼, ରାୟାରାମଚନ୍ଦ୍ରପୁର, କନକାଇ ଚାଫଲା ଓ ବିଭିନ୍ନ ସ୍ଥାନରେ ଏହି ରାମନବମୀ ଦୁର୍ଗାପୂଜା ପୂଜା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଥିବା ବେଳେ ପୂଜା ମଣ୍ଡପ ଗୁଡ଼ିକରେ ଭକ୍ତଙ୍କ ଭିଡ ଲାଗିରହି ଥିବାର ଦେଖିବାକୁ ମିଳିଛି । ଚଳିତ ବର୍ଷ ଶିଖରପୁର ପଞ୍ଚାୟତର ଶିଖରପୁର ଚକହରୀ ଠାରେ ନୂତନ ବାସନ୍ତି ମାତାଙ୍କ ମନ୍ଦିର ପ୍ରତିଷ୍ଠା ହେବା ସହିତ ମାର୍ବଲରେ ନିର୍ମିତ ମାଡ଼ ବାସନ୍ତୀ ମାତାଙ୍କ ସହିତ ପାର୍ଶ୍ୱ ଦେବାଦେବୀ ମୂର୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି ।

# ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ ବାସନ୍ତୀ ପୂଜା

କାଳିପଦା, ୨୬।୩(ସମିସ): ବାଲିଆପାଳ ଶ୍ରୀଦୁର୍ଗା କ୍ଲବ ଓ ବାଲିଆପାଳ ଥାନାର ମିଳିତ ସହଯୋଗରେ ବୁଧବାରଠୁ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ବାସନ୍ତୀ ଦୁର୍ଗାପୂଜା ଆରମ୍ଭ ହୋଇଛି । ଗୁରୁବାର ମହାଷ୍ଟମୀ ଥିବାରୁ ମହିଳା ଭକ୍ତଙ୍କ ଅଧିକ ଗହଳି ପରିଲକ୍ଷିତ ହୋଇଥିଲା । ଆସନ୍ତାକାଲି ରାମ ନବମୀ ସକାଶେ ଦେବୀଙ୍କର ସ୍ୱତନ୍ତ୍ର ପୂଜା, ହୋମ, ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଠାରେ ବାସନ୍ତୀ ପୂଜା ବହୁ ପୁରାତନ ।



ପୂର୍ବରୁ ପୂଜା ଅବସରରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ଅଭିନୟ ହେଉଥିଲା । ଏବେ ନିରାଡ଼ମ୍ବର ସହକାରେ ପୂଜା ଅନୁଷ୍ଠିତ ହେଉଛି । ପୂଜାକୁ ଥାନାଧିକାରୀ ସାଲଖନ ମୁର୍ମୁ ପରିଚାଳନା କରୁଥିବାବେଳେ ଶ୍ରୀଦୁର୍ଗା କ୍ଲବର ଭାସ୍କର ଚନ୍ଦ୍ର ସାହୁ, ପ୍ରିୟନାଥ ସେଠୀ, ଅଜିତ କୁମାର ପାତ୍ର, ଗିରିଶ ଚନ୍ଦ୍ର ପାତ୍ର, ମଧୁସୂଦନ ବାରିକ, ପ୍ରାଣକୃଷ୍ଣ ସାହୁ, ଅଜୟ କୁମାର ସାହୁ, ଗୋପାଳ ଚନ୍ଦ୍ର ଜେନା ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି ।



ସାହାଡ଼ାରେ ୨୪ ବର୍ଷ ଧରି ବାସନ୍ତିକ ଦୁର୍ଗା ପୂଜା ଅନୁଷ୍ଠିତ

# ଶହେବର୍ଷ ଧରି ଚାଲିଛି ଚାଫଲା ବାସନ୍ତୀ ପୂଜା

ଜଳେଶ୍ୱର ବ୍ଲକ, ୨୬।୩(ସମିସ): ରାଇବଣିଆ ଅଞ୍ଚଳରେ ରାଇବଣିଆ ଓ ଚାଫଲା ଠାରେ ପୂଜା ପାଉଛନ୍ତି ମା ବାସନ୍ତୀଦୁର୍ଗା । ରାଇବଣିଆରେ ପୂଜା ୮୦ ବର୍ଷରେ ପଦାର୍ପଣ କରିଥିବା ବେଳେ ଚମାରଗାଁ ଗ୍ରାମ ପଞ୍ଚାୟତର ଚାଫଲା ହାଟ ପଡ଼ିଆ ଛକରେ ୧୦୦ ବର୍ଷ ଅତିକ୍ରମ କରିଛି । ସୁନ୍ଦର ଆଲୋକରେ ମଣ୍ଡପ ସୁସଜ୍ଜିତ ହୋଇଥିବାବେଳେ ସପ୍ତାହ ଧରି ଚାଲିଛି ମେଳା ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ । ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି । ରାଇବଣିଆ ପୂଜା କମିଟିର ସମ୍ପାଦକ ସୁକୁମାର ଘୋଷ, ସଭାପତି କିଣାରାମ୍ ମହାପାତ୍ର, କୋଷାଧ୍ୟକ୍ଷ ରବୀନ୍ଦ୍ର ଘୋଷ ମୁଖ୍ୟ ଭାବେ ପୂଜା ପରିଚାଳନା କରୁଥିବା ବେଳେ ଚାଫଲାରେ ଚାଲିଥିବା ମା ବାସନ୍ତିଙ୍କ ପୂଜାରେ ସମ୍ପାଦକ ମୋନରଞ୍ଜନ ଦେ, ସଭାପତି ବିଜୟ କୁମାର ବାଗ, ସହ ସମ୍ପାଦକ ରାମକୃଷ୍ଣ ଦାସ, ଅଜୟ ପ୍ରମାଣିକ, ଜଗବନ୍ଧୁ କାମିଲା, ଲକ୍ଷ୍ମୀଧର ରାଉତ୍ ପ୍ରମୁଖ ଅନେକ ବ୍ୟକ୍ତି ପୂଜାକୁ ସୁରୁଖୁରୁରେ ପରିଚାଳନା ଦାୟିତ୍ୱ ତୁଲାଇ ଆସୁଛନ୍ତି ।



# ବାଲିଆପାଳ ସେବା ସମବାୟ ସମିତିର ସାଧାରଣ ସଭା



କାଳିପଦା, ୨୬।୩(ସମିସ): ବାଲିଆପାଳ ସେବା ସମବାୟ ସମିତିର ୭୩ ତମ ବାର୍ଷିକ ସାଧାରଣ ସଭା ସୋମବାର ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସାଧାରଣ ଅଧିବେଶନରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାର ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇତି ଯୋଗଦେଇ ସରକାର ସମବାୟ ବ୍ୟାଙ୍କ ମାଧ୍ୟମରେ ସେବା ସମବାୟ ସମିତିର ସମସ୍ତ ଚାଷୀ ଓ ଜମା କାଶରୀ ତଥା ସମସ୍ତ ମେମ୍ବର ମାନଙ୍କୁ ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁପର ଭାଇଜର ବସନ୍ତ କୁମାସର ଦେ ସମିତିର ସମ୍ପାଦକ ଦୀପକ କୁମାର ଦାସ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ସମିତି ର ଉପ ସଭାପତି ଛବିରାଣୀ ସାହୁ, ନିର୍ଦ୍ଦେଶକ ଅଜିତ କୁମାର ପାତ୍ର, ଧନଞ୍ଜୟ ସାହୁ, ଭୁବନ ମୋହନ ପିଲା, ଗଣେଶ ଚନ୍ଦ୍ର ପିଲା, ବିନୟ କୁମାର ଦାସ, କରୁଣାକର ସେଠି, ପୂର୍ଣ୍ଣ ଚନ୍ଦ୍ର ଦଳାଇ, ସୁଶାନ୍ତ ପାତ୍ର, ଗୋଲକ ବିହାରୀ ବେହେରା, ରାଜେଶ ପଟାୟତ, ରେବତୀ ପାତ୍ର ପ୍ରମୁଖ ୧୫ ଜଣ ଡ଼ାଇରେକ୍ଟର ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।କର୍ମଚାରୀ ପରେଶ କୁମାର କର, ଆସ୍ତିକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବସ୍ତା ଷ୍ଟେସନ୍‌ରେ ଯାତ୍ରୀଙ୍କ ଜୀବନ ସହ ଖେଳୁଛି ରେଳ ବିଭାଗ

## ପ୍ଲାଟଫର୍ମ ନ ଥାଇ ୪ ନମ୍ବର ରେଳଧାରଣାରେ ଅଟକୁଛି ପାସେଞ୍ଜର ଓ ଏକ୍ସପ୍ରେସ

ବସ୍ତା ବ୍ଲକ, ୨୬।୩(ସମିସ)

ରେଳ ବିଭାଗର ବିଚିତ୍ର ନୀତିକୁ ନେଇ ଯାତ୍ରୀ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବସ୍ତା ରେଳ ଷ୍ଟେସନ୍‌ରେ ଯାତ୍ରୀଙ୍କ ଜୀବନ ସହ ରେଳ ବିଭାଗ ଖେଳୁଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ଗତ ୧୫ ତାରିଖ ରାତିରେ ବସ୍ତା ଷ୍ଟେସନରେ ଏକ ଭୟଙ୍କର ଘଟଣା ଦେଖିବାକୁ ମିଳିଥିଲା । ବିଳମ୍ବିତ ରାତିରେ ଡାଉନ୍‌ର ୩ ନମ୍ବର ପ୍ଲାଟଫର୍ମରେ ମାଲ୍‌ବାହୀ ଟ୍ରେନ ଛିଡ଼ା କରାଯାଇଥିବା ବେଳେ ଅପ୍ ଲାଇନ ୧ ନମ୍ବର ଓ ୨ ନମ୍ବର ପ୍ଲାଟଫର୍ମରେ ଟ୍ରେନ ରହିଥିଲା । ପ୍ରଥମେ ରାତି ୧୧ଟା ପରେ ପୁରୀ-ଜଳେଶ୍ୱରକୁ ଆଣି ଲୁପ୍ ଲାଇନରେ ରଖିଥିଲା । ୪ନମ୍ବରରେ ପ୍ଲାଟଫର୍ମ ନଥିବାରୁ ଅନ୍ଧାରରେ ଯାତ୍ରୀମାନେ ଜାଣିନପାରି ବିପଦପୂର୍ଣ୍ଣ ଭାବେ ଟ୍ରେନରୁ ଲଟା, ବଣ, କଣ୍ଟାକୁ ଗାଡ଼ି ଛାଡ଼ିଦେବା ଭାବି ଡେଇଁ ଆହତ ହୋଇଥିଲେ । ବୟସ୍କ ବୃଦ୍ଧ ବୃଦ୍ଧା, କଟକରୁ ଫେରୁଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟ, ଛୋଟ ଛୋଟ ପିଲା ଓ ମହିଳା ମାନେ ହନ୍ତସନ୍ତ ହୋଇ ୧ ନମ୍ବର ପ୍ଲାଟଫର୍ମକୁ ଆସିଥିଲେ । ପରେ ଖୋର୍ଦ୍ଧା ରୋଡ-ଖଡ଼ଗପୁର ଏକ୍ସପ୍ରେସ ଆସି ସମାନ ଅବସ୍ଥାରେ ରହିଥିଲା । ସେଥିରେ ଥିବା ଯାତ୍ରୀମାନେ ଓହ୍ଲାଇବା ବେଳେ ପଡ଼ି ଆହତ ହୋଇଥିଲେ । ଯାତ୍ରୀଙ୍କ ଅସୁବିଧା ଦେଖିବାକୁ ରେଳବାଇ ପୁଲିସ ଓ କର୍ମଚାରୀ କେହି ବି ନଥିଲେ ।



ଗତ ୧୫ ତାରିଖରେ ଘଟିଥିବା ଭଳି ଘଟଣା ପୁନଶ୍ଚ ସମାନ ଭାବେ ଘଟିଛି । ବୁଧବାର ଭୋର୍ ୪ଟାରେ ଡାଉନ୍ ୧୮୪୧୦ ଜଗନ୍ନାଥ ଏକ୍ସପ୍ରେସର ବସ୍ତାରେ ନିର୍ଦ୍ଧାରିତ ସମୟ ଭୋର ୩ ଟା ୫୩ ମିନିଟ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ପହଞ୍ଚି ବସ୍ତା ଦକ୍ଷିଣ କ୍ୟାବିନ ନିକଟରେ ପାଖାପାଖି ୧ ଘଣ୍ଟା ଅଟକି ରହିଥିଲା । ୩ ନମ୍ବର୍ ପ୍ଲାଟଫର୍ମରେ ଏକ ମାଲବାହୀ ଟ୍ରେନ ଅଟକି ଥିବା ବେଳେ ବାରମ୍ବାର ଗ୍ରୀନ ସିଗ୍‌ନାଲ ହୋଇ ମଧ୍ୟ ଟ୍ରେନଟି ଯାଇ ପାରିନଥିଲା । ଦୀର୍ଘ ସମୟ ଧରି ଷ୍ଟେସନ୍ ବାହାରେ ଏକ୍ସପ୍ରେସ ଟ୍ରେନଟି ଅଟକିବା ପରେ କୌଣସି ଉପାୟ ନପାଇ ୪ଟା ୫୦ରେ ୪ ନମ୍ବର ଲୁପ୍ ଲାଇନରେ ଅଟକିଥିଲ । ସେତେବେଳର ପରିସ୍ଥିତି ଦେଖିବା ମଧ୍ୟ ସାଧାରଣରେ କଷ୍ଟକର ଥିଲା । ଛୋଟ ପିଲାମାନଙ୍କୁ ଧରି ମହିଳାମାନେ ମାଲବାହି ଗାଡ଼ି ତଳେ ୪ ନମ୍ବର ପ୍ଲାଟଫର୍ମକୁ ଯିବାବେଳେ ଟ୍ରେନ୍‌ଟି ମଧ୍ୟ ୪ ନମ୍ବର୍ ପ୍ଲାଟଫର୍ମକୁ ଆସୁଥିଲା । ଅନ୍ଧକାରରେ ଏହି ଟ୍ରେନ ଛିଡା ହେବା ଯୋଗୁଁ ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ମାଲବାହୀ ଟ୍ରେନ ତଳେ ଗଳି ଷ୍ଟେସନ ପାରି ହେବା କେତେ କଷ୍ଟଦାୟକ ତାହା କହିବା କଷ୍ଟକର ଥିଲା । ତେବେ ଡାଉନ୍ ଲାଇନ୍‌ରୁ ୧ ନମ୍ବର୍ ପ୍ଲାଟଫର୍ମକୁ ଟ୍ରେନ ଆସିବା ପାଇଁ ସୁବିଧା ଥିବା ବେଳେ ୫ ଦିନ ଧରି ଅନ୍ୟଏକ ମାଲବାହୀ ଟ୍ରେନ ଅଟକି ରହିଛି । ତେଣୁ ଜନସାଧାରଣଙ୍କ ଅସୁବିଧାକୁ ରେଳ ବିଭାଗର ନଜର ନଥିବା ଜଣାପଡୁଛି । ୪ ନଂ. ଲାଇନରେ ପ୍ଲାଟଫର୍ମ ନିର୍ମାଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବହୁ ଦିନରୁ ଦାବି ହୋଇଆସୁଛି । କିନ୍ତୁ କିଛି ଫଳ ମିଳି ନାହିଁ । ତେବେ ଏଭଳି 'ଅଫ ସାଇଟ'ରେ ପାସେଞ୍ଜର ଗାଡି ଛିଡ଼ାହେବା ନେଇ ଖଡ଼ଗପୁରରୁ ନିୟନ୍ତ୍ରିତ ହେଉଥିବା ବେଳେ ସେଠାକାର ଅଧିକାରୀ କିଭଳି ଅମାନବୀୟ ନିଷ୍ପତ୍ତି ନେଲେ ତାହା ଖୁବ ନିନ୍ଦନୀୟ କାର୍ଯ୍ୟରତ ଷ୍ଟେସନ ମ୍ୟାନେଜର କିପରି ଏହିଭଳି ପରିଚାଳନା କଲେ ତାକୁ ନେଇ ଯାତ୍ରୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଖଡ଼ଗପୁର ଡିଆର୍‌ଏମ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି ।



# ବର୍ଷା ବାଧକ; ଅଟକିଲା ରୁକୁଣା ରଥ

**ଘଣ୍ଟାଏ ୧୫ ମିନିଟ୍ ବିଳମ୍ବରେ ଗଡ଼ିଲା ରଥ**

**ମଧ୍ୟାହ୍ନ ପୂଜା ପରେ ଆଜି ପୁଣି ରଥଟଣା**





ଭୁବନେଶ୍ୱର, ୨୬ ।୩(ସମିସ): ଗୁରୁବାର ଥିଲା ଅଶୋକାଷ୍ଟମୀ । ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ସାଢ଼େ ୨ ଟାରେ ରୁକୁଣା ରଥଟଣା ହେବାର ଥିଲା । ଏହି ଅବସରରେ ପାହାନ୍ତା ପହରରୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଆରମ୍ଭ ହେଲା । ସକାଳ ଧୂପ ଓ ଅବକାଶ ନୀତି ପରେ କିଛି ସମୟ ପାଇଁ ଭକ୍ତମାନେ ସାହାଣମେଲା ଦର୍ଶନ କରିଲେ । ପର୍ଯ୍ୟାୟକ୍ରମେ ପ୍ରଭୁଙ୍କ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପୁରୁଣା ଭୁବନେଶ୍ୱର ମୁହାଁ ହୋଇଥିଲେ । କିନ୍ତୁ ରଥଯାତ୍ରାରେବାଧକ ସାଜିଥିଲା କାଳବୈଶାଖି ବର୍ଷା । ମଧ୍ୟାହ୍ନ ସୁଦ୍ଧା ପ୍ରଭୁ ରଥାରୂଢ଼ ହୋଇଥିଲେ ମଧ୍ୟ ବର୍ଷା ଯୋଗୁଁ ରଥ ରାମେଶ୍ୱର ମନ୍ଦିରରେ ପହଞ୍ଚି ପାରି ନ ଥିଲା ।

ରଥଉପରେ ଚାରି ଅଶ୍ୱପୂଜା, ସାରଥୀ ପୂଜା ସହ ମହାପ୍ରଭୁଙ୍କ ଆଳତି ଓ ବନ୍ଦାପନା ଆଦି ୮ରୁ ଦଶଟି ପୂଜା ପରେ ଡାହୁକ ଡାକିଲେ 'ହୋ ଭକତେ ହୋ' । କମ୍ପିଉଠିଲା ପରିବେଶ । ଡାହୁକଙ୍କ ହାତର ବେତ ଚାରି ଅଶ୍ୱଙ୍କ ମୁଣ୍ଡ ଉପରେ ବୁଲିଲା ଚକ୍ରାକାରରେ । ଉତ୍କଣ୍ଠାର ଅନ୍ତ ହେଲା । ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅପରାହ୍ଣ ସାଢ଼େ ୨ଟାରେ ରଥ ଗଡ଼ିବାର ଥିଲେ ମଧ୍ୟ ଘଣ୍ଟେ ୧୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ଅପରାହ୍ଣ ୩ ଟା ୪୫ ମିନିଟ୍‌ରେ ରଥ ଗଡ଼ିଥିଲା ।

ରଥ ଟାଣିବାକୁ ଅପେକ୍ଷା କରିଥିବା ଶ୍ରଦ୍ଧାଳୁ ଖରାରେ ଦୀର୍ଘ ସମୟ ଧରି ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ । ହେଲେ ରଥ ଗଡ଼ିବା ସମୟରେ ହଠାତ୍ ପାଗରେ ପରିବର୍ତ୍ତନ ଦେଖା ଦେଇଥିଲା । ଯେତିକି ଆଗକୁ ଆଗକୁ ଗଡ଼ୁଥିଲା, ଭକ୍ତ, ଶ୍ରଦ୍ଧାଳୁଙ୍କ ମନ ସେତିକି ପୂରିଉଠୁଥିଲା । ରଥଦାଣ୍ଡ ଉଚ୍ଛୁଳି ପଡୁଥିଲା ଭାବମୟ ପରିବେଶରେ । ଲକ୍ଷ ଲକ୍ଷ ଭକ୍ତ ଖୁସିରେ, ଭାବରେ ନାଚିଉଠୁଥିଲେ । ରଥ ଯାଇ ଶିବତୀର୍ଥ ମଠ ପାଖରେ ପହଞ୍ଚିଲା । ସେଠି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହେଲା । କପାଳି ମଠ ପାଖରେ ପହଞ୍ଚିଲା । ସେଠାରେ ମଧ୍ୟ ଠାକୁରଙ୍କ ଭୋଗ ପୂଜା କରାଯାଇଥିଲା । ରଥ ଯେତିକି ଗଡ଼ୁଥିଲା, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ସେତିକି ବଢ଼ୁଥିଲା । ହେଲେ ହଠାତ୍ ଏହି ସମୟରେ କଳାହାଣ୍ଡିଆ ମେଘ ଘୋଟି ଆସିଲା । ଫଳରେ ଶ୍ରଦ୍ଧାଳୁମାନେ ବର୍ଷାରେ ଓଦା ହୋଇ ରଥ ଟାଣୁଥିଲେ । ଏଥିସହିତ ରଥ ମଧ୍ୟ ବାର ବାର ଡ଼ାହାଣ ପଟକୁ ମୋଡ଼ ନେଇଥିଲା । କେତେବେଳେ ରାସ୍ତାକଡ଼ରେ ଥିବା ଦୋକାନ ଆଡ଼କୁ ଚଢ଼ି ଯାଉଥିଲା ତ ଆଉ କେବେ କଡ଼ କଡ଼ ନାଦ କରି ଗଡ଼ି ଯାଉଥିଲା ତଥାପି ମହାରଣା ସେବାୟତ ମାନେ ରଥର ପାଖରେ ରହି ରାସ୍ତା କଢ଼େଇ ଦେଉଥିଲେ । ରଥ ସନ୍ଧ୍ୟା ୬ଟା ସୁଦ୍ଧା ପୂଜା ପଣ୍ଡା ନିଯୋଗ କାର୍ଯ୍ୟାଳୟ ନିକଟରେ ରଥ ଅଟକି ଯାଇଥିଲା । ଆସନ୍ତା ମଧ୍ୟାହ୍ନ ପୂଜା ପରେ ପୁର୍ନବାର ରଥଟଣା ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଦିଅଁଙ୍କ ଆଗରେ ବସିଲେ ସେବାୟତ

ରଥଆଗରେ କେହି ବସନ୍ତୁ ନାହିଁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବାର ବାର କୁହାଯାଇଥିଲା ହେଲେ କଥାକୁ କେଉଁ ସେବାୟତ ବି କର୍ଣ୍ଣପାତ କରି ନ ଥିଲେ । ଫଳରେ ଶ୍ରଦ୍ଧାଳୁମାନେ ରଥ ଉପରେ ଦିଅଁ ବିରାଜିବା ପରେ ତାଙ୍କୁ ଠିକ୍‌ରେ ଦେଖି ନ ଥିଲେ । ଯେଉଁଥିପାଇଁ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖା ଦେଇଥିଲା ।

## ବିଳମ୍ବିତ ରାତି ପର୍ଯ୍ୟନ୍ତ ରଥରେ ଦର୍ଶନ

ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ରଥରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ । ରଥ ଉପରେ ଭକ୍ତଙ୍କ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଠାକୁରଙ୍କୁ ଦର୍ଶନ କରିବାକୁ ଭକ୍ତଙ୍କ ସୁଅ ଛୁଟିଥିଲା । ଆଜି ରଥ ଉପରେ ମହାପ୍ରଭୁଙ୍କର ଧୂପ ଅନୁଷ୍ଠିତ ହେବା ପରେ ମଧ୍ୟାହ୍ନରେ ପୁନର୍ବାର ରଥଟଣା ଆରମ୍ଭ ହେବ ।

## ବିଏମ୍‌ସିର ବ୍ୟାପକ ବ୍ୟବସ୍ଥା

ରଥଯାତ୍ରାକୁ ଦଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଥିଲା ମନ୍ଦିର ସମ୍ମୁଖକୁ ଫୁଲରେ ସଜାଯିବା ସହ ଜଳ ବଣ୍ଟନ ସହ ଆଶୁ ଚିକିତ୍ସା, ସୂଚନା କେନ୍ଦ୍ର ଆଦିର ବ୍ୟବସ୍ଥା କରାଯାଇଥିଲା । ଏଥିସହିତ ମେୟର ସୁଲୋଚନା ଦାସ ରଥଯାତ୍ରାରେସାମିଲ୍‌ହୋଇବିଭିନ୍ନକାର୍ଯ୍ୟରତଦାରଖକରିଥିଲେ ।

## ପହଣ୍ଡି ବେଳେ ଭାବାତ୍ମକ ହେଲେ ଶ୍ରଦ୍ଧାଳୁ

ଦିଅଁମାନେ ରଥକୁ ପହଣ୍ଡି ହୋଇ ଆସୁଥିବା ସମୟରେ ଘଣ୍ଟ, ଘଣ୍ଟା, କାହାଳି ଆଦିରେ ଚର୍ତୁଦିଗ କମ୍ପିଉଠୁଥିଲା ଆଉ ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଏକ ଭାବାତ୍ମକ ପରିବେଶ ଦେଖିବାକୁ ମିଳିଥିଲା । କିଏ ନିଜ ମୋବାଇଲେରେ ଏହି ଦୃଶ୍ୟକୁ କଏଦ କରୁଥିଲେ ତ ଆଉ କିଏ ମନୋଭରି ଉପଭୋଗ କରିବାରେ ବ୍ୟସ୍ତ ଥିଲେ । ଏବଂ ରଥକୁ ଦିଅଁ ବିଜେ କରିବା ଦେଖି କିଛି ଭକ୍ତ ନିଜକୁ ଧନ୍ୟ ମନେ କରୁଥିବାର କହିଥିଲେ ।



## ନୃତ୍ୟରେ ଜଣାଣ ଜଣାଇଲେ ନୃତ୍ୟଶିଳ୍ପୀ



ରଥକୁ ମହାପ୍ରଭୁ ପହଣ୍ଡି ହୋଇ ଆସୁଥିବା ସମୟରେ ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟ ମାଧ୍ୟମରେ ନୃତ୍ୟଶିଳ୍ପୀମାନେ ଜଣାଣ ଜଣାଉଥିଲେ । ଏହି ନୃତ୍ୟ ଶିଳ୍ପୀମାନେ ମହାପ୍ରଭୁଙ୍କ ପାଖରେ ନିଜକୁ ନୃତ୍ୟ ମାଧ୍ୟମରେ ସମର୍ପି ଦେଇଥିଲେ । ଏହି ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଅନ୍ତର୍ଜାତିକ ନୃତ୍ୟ ଗବେଷକ ଡ଼. ଶ୍ରୀନିବାସ ଘଟୁଆରୀ (ମିଳନ) ରହିଥିଲେ ।

## ରଥ ଦାଣ୍ଡରେ କାଠ ଶଗଡ଼

ପୂର୍ବରୁ ଛୋଟ ପିଲାମାନେ ଟିକେ ଟିକେ ଚାଲିବା ଆରମ୍ଭ କରିଲେ ତାଙ୍କ ପାଇଁ କାଠର ଛୋଟ ଶଗଡ଼ ଆସୁଥିଲା । ଯାହାଦ୍ୱାରା ପିଲାଟି ଏହି ଶଗଡ଼କୁ ଧରି ଭଲରେ ଚାଲି ପାରିବ । ହେଲେ ଏବେ ଅନେକ ପ୍ଲାଷ୍ଟିକ୍‌ର ଖେଳଣା ଆସିବାରୁ ଏହି କାଠ ଶଗଡ଼ ଏବେ ଅଦରକାରୀ ପାଲଟି ଯାଇଛି । ତଥାପି ଏହି କାଠ ଶଗଡ଼ର ପରମ୍ପରା ବଞ୍ଚାଇ ରଖିବାକୁ ରଥ ଦାଣ୍ଡରେ ବାଲକାଟିର ମୂରଲିଧର ସାହୁ ନାମକ ଜଣେ ବ୍ୟକ୍ତି କାଠର ଶଗଡ଼, ଚକଡ଼ା ଆଦି ଖେଳନା ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା । ଏନେଇ ସେ କୁହନ୍ତି ସବୁ ବର୍ଷ ସେ ଏହି ସବୁ ବିକ୍ରି କରିବା ପାଇଁ ଆସିଥାନ୍ତି । କାଠ ଶଗଡ଼, ଚକଡ଼ା ଆଦି ହଜୁଥିବାରୁ ଏହାକୁ ବଞ୍ଚାଇ ରଖିବାକୁ ସେ ଚାହୁଁଛନ୍ତି ବୋଲି ସେ କହିଛନ୍ତି ।

## ମାରା ହେଲା ବେଶ

ଯାତ୍ରାପୂଜା ସମୟରେ ଜଣେ ମହାସୁଆର ସେବାୟତ ଛୁଇଁ ଦବାରୁ ଦିଅଁଙ୍କ ବେଶ ମାରା ହୋଇଥିଲା । ପରେ ଅନ୍ୟ ସେବାୟତଙ୍କ ସହଯୋଗରେ ପୁର୍ନବାର ଦିଅଁଙ୍କ ବେଶ ଆଦି କରାଯାଇଥିଲା ।

## ବର୍ଷାରେ ଭିଜି ରଥ ଟାଣିଲେ ଶ୍ରଦ୍ଧାଳୁ

ରଥ ଗଡ଼ିବା ପରେ ପାଗରେ ପରିବର୍ତ୍ତନ ହୋଇଥିଲା । ଘୋଟି ଆସିଥିଲା କଳାହାଣ୍ଡିଆ ମେଘ ସାଙ୍ଗକୁ ପବନ । ଆଖି ପିଛୁଳାକେ ରଥ ଦାଣ୍ଡରେ ତାଣ୍ଡବ ରଚିଥିଲା । ଆଉ ଏହି ସମୟରେ ଆରମ୍ଭ ହୋଇଥିଲା ବର୍ଷା, ବିଜୁଳି, ଖଡ଼ଖଡ଼ି । ତଥାପି ପୁଲିସ ଓ ଶ୍ରଦ୍ଧାଳୁ ବର୍ଷାକୁ ଖାତିର ନକରି ରଥଟାଣିଥିଲେ ।

## ସେବା ଯୋଗାଇଲେ ବିଭିନ୍ନ ସେବା ସଂଗଠନ

ଜଳ, ଖାଦ୍ୟ ଦାନ ମହତ ପୂର୍ଣ୍ଣ ଏହି କଥାକୁ ପାଥେୟ କରି ରୁକୁଣା ରଥଯାତ୍ରା ଅବସରରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଜଳ, ଥଣ୍ଡା ପାନୀୟ, ରନ୍ଧା ଖାଦ୍ୟ ଆଦି ଭକ୍ତମାନଙ୍କୁ ବଣ୍ଟନ କରିବାରେ ବ୍ୟସ୍ତ ରହିଥିଲେ । ଏଥିସହିତ ଅନ୍ୟ କିଛି ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଆମ୍ବିଳାକୁ ଯୋଗାଉଥିଲେ ।

## ଛାତ୍ରଛାତ୍ରୀଙ୍କ ଦ୍ୱାରା ପାଣି ସିଞ୍ଚନ

ସ୍କାଉଟ୍ ଗାଇଡ୍ ଛାତ୍ରଛାତ୍ରୀମାନେ ପାଣି ସିଞ୍ଚନ କରିବାରେ ଟିକେ ହେଲେ ଅବହେଳା କରି ନାହାନ୍ତି । ରଥ ଟଣା ପର୍ବରୁ ପ୍ରବଳ ଖରା ହେଉଥିବାରୁ ସ୍କାଉଟ୍ ଗାଇଡ୍ ପିଲାମାନେ ଶ୍ରଦ୍ଧାଳୁ ମାନଙ୍କ ଉପରୁ ପାଣି ଛିଞ୍ଚନ କରିଥିଲେ । କିଛି ଶ୍ରଦ୍ଧାଳୁ ଏହି ପାଣି ଛିଞ୍ଚନରେ ନିଜ ମୁଣ୍ଡକୁ ଦେଖାଉ ଥିଲେ ଆଉ କିଛି ସମ୍ପୂର୍ଣ୍ଣ ଭାବରେ ଗାଧୋଇ ପଡୁଥିଲେ ।

## ପ୍ରବଚନରେ ପ୍ରଚାର

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ଖୋଲାଯାଇ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ଉପାଦେୟତା ତଥ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନେକ ବିଶେଷଜ୍ଞ ଏକାମ୍ର କ୍ଷେତ୍ର ଓ ଦିଅଁଙ୍କ ବିଷୟରେ ଅନେକ ଧାରା ବିବରଣୀ ପ୍ରଦାନ କରିଥିଲେ । ଖୋର୍ଦ୍ଧାଜିଲ୍ଲାପାଳ ଅମ୍ରିତ ରତୁରାଜ, ଏକାମ୍ର ବିଧାୟକ ବାବୁ ସିଂଙ୍କ ସମେତ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଏହି ଗବେଷକ ମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

## ରଥରୁ ଖସି ପଡ଼ିଲେ ସେବାୟତ

ରୁକୁଣା ରଥରେ ଚାରମାଳ ବାନ୍ଧିବା ସମୟରେ ଜଣେ ଭୋଇ ସେବାୟତ ଖସି ପଡ଼ି ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ସାମାନ୍ୟ ଆହତ ହୋଇଥିଲେ । ତାଙ୍କୁ ସାଙ୍ଗେ ସାଙ୍ଗେ ଡାକ୍ତରଖାନାକୁ ନିଆଯାଇଥିଲା ।



ରଥ ଉପରେ ଲିଙ୍ଗରାଜ ମହାପ୍ରଭୁଙ୍କ ସହିତ ଭଉଣୀ ରୁକ୍ମିଣୀ ଓ ଦୋଳ ଗୋବିନ୍ଦ ।

# ଛଅଦିନିଆ ଲିଙ୍ଗରାଜ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର, ୨୬ ।୩( ସମିସ): ଚଳିତ ବର୍ଷ ଶ୍ରୀ ଲିଙ୍ଗରାଜଙ୍କର ରୁକୁଣା ରଥଯାତ୍ରା ଅବସରରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବ ଆରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରୀୟଦର୍ଶୀ ମିଶ୍ର, ସାମ୍ବାଦିକ ରାଜାରାମ ଶତପଥୀ, ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା ପ୍ରମୁଖ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସନତ୍ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ତ୍ରିଧାରା ଅନୁଷ୍ଠାନ ପକ୍ଷରୁ ପ୍ରଥମେ ଓଡ଼ିଶୀ ବନ୍ଦନା କରିଥିଲେ । ପରେ ପୁରୀର ନାଚଘର ପକ୍ଷରୁ ମାହାରୀ ନୃତ୍ୟ ନୃତ୍ୟ ପରିବେଷଣ କରିଥଲେ । ସେହିପରି ବଲାଙ୍ଗିର କୋଶଳ ଫ୍ଲୋକ୍ ଡ୍ୟାନ୍ସ୍ ଏକାଡେମୀ ଲୋକ ନୃତ୍ୟ, କଟକ ସିଙ୍ଗମ ଦ୍ୱାରା କ୍ରିଏଟିଭ ନୃତ୍ୟ ଆକର୍ଷଣୀୟ ହୋଇଥିଲ । ବାସୁଦେବ ନାଥ ଏହାକୁ ସଂଯୋଜନା କରିଥିଲେ । ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ମୁଖପାତ୍ର ଲିଙ୍ଗରାଜ ସାହୁ, ନାରାୟଣ ମହାପାତ୍ର, ହେମାଦ୍ରୀ ମହାପାତ୍ର, ବାବନ ଚନ୍ଦ୍ର ମହାପାତ୍ର, କେଦାରନାଥ ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ଗଣେଶ ପାଲ, ସୁଧୀର ରଞ୍ଜନ ଜେନା, ପ୍ରମୋଦ କୁମାର ଦାସ, ପ୍ରତାପ ପଟ୍ଟନାୟକ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।




# 'ମନ ଭାବୁଥାଇ ଯାହା' ଓ 'ଡେଣା' ଲୋକାର୍ପିତ




ଭୁବନେଶ୍ୱର, ୨୬ ।୩(ସମିସ): ସ୍ୱର୍ଗତ ଫକୀର ମୋହନ ନନ୍ଦଙ୍କ ଜନ୍ମଶତବାର୍ଷିକୀ ଅବସରରେ ବୁଧବାର ବୁଦ୍ଧମନ୍ଦିର ସମ୍ମିଳନୀ ଗୃହରେ ଏକ ଗମ୍ଭୀର ଓ ସାହିତ୍ୟମୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଭାରେ ତାଙ୍କର ସାହିତ୍ୟିକ ଅବଦାନ ଓ ସମାଜସେବାକୁ ସ୍ମରଣ କରାଯାଇଥିଲା । ଏହି ଅବସରରେ ପୂର୍ବତନ ରୋଟାରି ଗଭର୍ଣ୍ଣର ଓ ସହଯୋଗୀ ସମ୍ପାଦକ ରବିନାରାୟଣ ନନ୍ଦଙ୍କ ରଚିତ ଦୁଇଟି ପୁସ୍ତକ ଗଳ୍ପ ସଂକଳନ 'ଏ ମନ ଭାବୁଥାଇ ଯାହା' ଓ କବିତା ସଂକଳନ 'ଡେଣା' ଲୋକାର୍ପିତ ହୋଇଯାଇଛି । ଏଜି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିମଳ ପ୍ରସାଦ ଦାସ, ମୁଖ୍ୟବକ୍ତା ସାହିତ୍ୟିକ ଦାଶ ବେନହୁର, ସମ୍ମାନିତ ଅତିଥି ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦ ଶର୍ମା ଓ ଆଡଭୋକେଟ୍ ଉମାକାନ୍ତ ନନ୍ଦ ଯୋଗଦେଇଥିଲେ । ମୁଖ୍ୟବକ୍ତା ଦାଶ ବେନହୁର ପୁସ୍ତକ ଦୁଇଟିର ସାହିତ୍ୟିକ ମୂଲ୍ୟାୟନ କରିଥିବା ବେଳେ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ପ୍ରକାଶନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ସଭାରେ ବହୁ ସାହିତ୍ୟପ୍ରେମୀ, ଅତିଥି ଓ ଶ୍ରୋତାଙ୍କ ଉପସ୍ଥିତିରେ ସ୍ୱର୍ଗତ ଶ୍ରୀ ନନ୍ଦଙ୍କ ସ୍ମୃତିକୁ ସ୍ମରଣ କରାଯାଇଥିଲା । କବି ପ୍ରବୀର ମହାନ୍ତି ସଭା ପରିଚାଳନା କରିଥିଲେ ।





# ସକାଳେ ସିଝାଇଲା; ଉପରବେଳା ଭିଜାଇଲା





ଭୁବନେଶ୍ୱର, ୨୬।୩(ସମିସ): ପ୍ରବଳ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ଗୁରୁବାର ଦିନର ପ୍ରଥମାର୍ଦ୍ଧରେ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ଏପରିସ୍ଥଳେ ଅପରାହ୍ଣରେ ରାଜଧାନୀରେ କାଳବୈଶାଖି ବର୍ଷାରେ ସହରବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। କେଉଁଠାରେ ବର୍ଷା ଯୋଗୁଁ ରାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଥିଲା ତ ଆଉ କେଉଁଠି ଗଛ ପଡ଼ିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା।

ଅପରାହ୍ଣରେ ଅଚାନକ କଳାହାଣ୍ଡିଆ ମେଘ ମାଡ଼ି ଆସିବାରୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ସେହିଭଳି ରାଜମହଲରୁ ମାଷ୍ଟର କ୍ୟାଣ୍ଟିନ୍ ରାସ୍ତାରେ ବର୍ଷା ପାଣି ଜମି ରହିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଫଳରେ ରାସ୍ତାକଡ଼ରେ ଲୋକେ ଅଟକି ରହିଥିଲେ। ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷା କିଛି ସମୟ ପାଇଁ ରାଜଧାନୀର ଜୀବନଯାତ୍ରାକୁ ପ୍ରଭାବିତ କରିଥିଲା। ସେହିଭଳି ୟୁନିଟ୍ ୬ ଅଞ୍ଚଳରେ ଗଛ ଭାଙ୍ଗି ପଡ଼ିବା ଯୋଗୁଁ ବାଟ ବନ୍ଦ ହୋଇଯାଇଥିଲା। ପରେ ପ୍ରଶାସନ ପକ୍ଷରୁ ଗଛକଟା ଯାଇ ରାସ୍ତା ସଫା କରାଯାଇଥିଲା ଏବଂ ଯାତାୟତ ସ୍ୱାଭିବିକ ହୋଇଥିଲା।

## ଯଶୁଆପୁର ମହୋତ୍ସବ ୨୭ରେ

ବାଲିଅନ୍ତା, ୨୬।୩(ସମିସ): ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତର ଯଶୁଆପୁର ଗ୍ରାମରେ ଆସନ୍ତା ୨୭ ଓ ୨୮ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଭବ୍ୟ '୯ମ ଯଶୁଆପୁର ମହୋତ୍ସବ'। ଏହି ପରିପ୍ରେକ୍ଷୀରେ ଆଜି ଆୟୋଜକ 'ଯଶୁଆପୁର ବିକାଶ ପରିଷଦ' ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦିଆଯାଇଛି। ପ୍ରତିଷ୍ଠାତା ସଦସ୍ୟ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଜୟକୃଷ୍ଣ ମହାପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ, ଦୀନବନ୍ଧୁ ଭୋଇ, ତପନ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତି ଥିଲେ। ସାମ୍ବାଦିକ ସମ୍ମିଳନୀର ମୁଖ୍ୟ ଆଭିମୁଖ୍ୟ ଆଜିର ଏହି ସମ୍ମିଳନୀରେ ଯଶୁଆପୁର ବିକାଶ ପରିଷଦର କର୍ମକର୍ତ୍ତାମାନେ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ମୁଖ୍ୟ ତଥା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ସୂଚନା ଦେଇଛନ୍ତି ଯେ, ଚଳିତ ବର୍ଷ ମହୋତ୍ସବକୁ ଅଧିକ ବ୍ୟାପକ ଓ ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗ୍ରାମୀଣ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ ଲୋପ ପାଇଯାଉଥିବା ପାରମ୍ପରିକ ନୃତ୍ୟର ସଂରକ୍ଷଣ ହିଁ ଏହି ମହୋତ୍ସବର ମୂଳ ଲକ୍ଷ୍ୟ। ଆସନ୍ତା ୨୭ ଓ ୨୮ ତାରିଖରେ ହେବାକୁ ଥିବା ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ କୋଣରୁ ନାମୀଦାମୀ କଳାକାର ଯୋଗ ଦେବେ।ସମ୍ବଲପୁରୀ, ଗୋଟିପୁଅ, ଢେମଚା: ଆଦିବାସୀ ସଂସ୍କୃତିର ଜୀବନ୍ତ ଛବିକୁ ମଧ ଦେଖିବାର ସୁଯୋଗ ପାଇବେ ଦର୍ଶକ ଏହା ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ନିଜ ଟିମ୍ ସହ ଦର୍ଶକଙ୍କ ମନ ମୋହିବେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନିଜ ସ୍ୱେଚ୍ଛାସେବୀଙ୍କ ପାଇଁ ଚଳିତବର୍ଷର ଜର୍ସି ଓ ପୋଷ୍ଟର ଉନ୍ମୋଚନ ହୋଇଥିଲା। ଏହି ସାଂସ୍କୃତିକ ମହାକୁମ୍ଭରେ ରାଜ୍ୟର ଅନେକ ବରିଷ୍ଠ ମନ୍ତ୍ରୀ, ପ୍ରଶାସକ ଓ ବୁଦ୍ଧିଜୀବୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଗ୍ରାମବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ଏହା ବାଲିଅନ୍ତା ଅଞ୍ଚଳ ପାଇଁ ଏକ ସାଂସ୍କୃତିକ ଗର୍ବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

## ୫୦ ମୋବାଇଲ ଜବତ; ୩ ଗିରଫ



ଭୁବନେଶ୍ୱର, ୨୬।୩(ସମିସ): ଲୁଟ୍ ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଗୁରୁବାର ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭରତପୁର ଥାନା ଜୋକନଦୀ ଗ୍ରାମର ଶୁକ୍ରୁ ପାତ୍ର, ୟୁନିଟ୍-୬ ଗଙ୍ଗନଗର ବସ୍ତିର ସୁମନ ମଲ୍ଲିକ ଓ ଶ୍ରୀକ୍ଷେତ୍ର ବିହାର ଆଇଗିଣିଆ ଅଞ୍ଚଳର ବିକାଶ ଦାସ। ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଗୋଟିଏ ମଙ୍ଗଳସୂତ୍ର, ଦୁଇଟି ଚେନ୍ ଓ ୫୦ ମୋବାଇଲ ଫୋନ୍ ଜବତ ହୋଇଛି। ଏହାସହ ଅପରାଧରେ ବ୍ୟବହୃତ ବାଇକ୍ ଜବତ କରାଯାଇଛି। ପ୍ରାତଃ ଭ୍ରମଣ କରୁଥିବା ମହିଳାଙ୍କୁ ଟାର୍ଗେଟ କରି ତାଙ୍କ ବେକରୁ ଏମାନେ ଚେନ ଲୁଟ୍ କରୁଥିଲେ।

ପୁଲିସ ସୂଚନା ମୁତାବକ, ଗତ ୧୬ ତାରିଖ ସକାଳେ ଗୀତାଞ୍ଜଳି ସାହୁ ନାମକ ଜଣେ ମହିଳା ଥାନାରେ ପହଞ୍ଚି ପ୍ରାତଃଭ୍ରମଣ କରୁଥିବା ସମୟରେ ତାଙ୍କ ବେକରୁ ଦୁଇଜଣ ଲୁଟେରା ସୁନା ଚେନ ଲୁଟ୍ କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ସିସିଟିଭିରୁ ଦୁଇ ଲୁଟେରା ଗ୍ୟାଙ୍ଗ୍ ସମ୍ପର୍କରେ ସୁରାକ୍ ପାଇଥିଲା। ତେବେ ଏନ- ୩ ସ୍ଥିତ ପାର୍କ ନିକଟରୁ ପ୍ରଥମେ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

ଏହାପରେ ପୁଲିସ ସେମାନଙ୍କୁ ଜେରା କରିଥିଲା। ଜେରା ବେଳେ ବହୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଥିଲା। ଗିରଫ ଅଭିଯୁକ୍ତମାନଙ୍କ ଟାର୍ଗେଟରେ ରହୁଥିଲେ ପ୍ରାତଃଭ୍ରମଣ କରୁଥିବା ମହିଳା। ଜଣେ ଠଉରିଆ ଭାବେ କାମ କରୁଥିଲା। କେଉଁ ସ୍ଥାନରେ ଲୁଟ୍ କଲେ ଲୋକଙ୍କ ଦ୍ୱାରା ଧରା ପଡ଼ିବାର ସମ୍ଭାବନା କମ୍ ରହିବ। ଠଉରିଆ ଏଥିପାଇଁ ମାଷ୍ଟରପ୍ଲାନ୍ ବନାଉଥିଲା। ଏହାପରେଆରମ୍ଭହେଉଥିଲା ଲୁଟ୍‌ର ଷଡ଼ଯନ୍ତ୍ର। ଲୁଟ୍ ହେବାର କିଛି ସମୟ ପୂର୍ବରୁ ଜଣେ ଗାଡ଼ି ଷ୍ଟାଟ୍ କରି ରଖୁଥିଲା। ଗ୍ୟାଙ୍ଗର ତୃତୀୟ ସଦସ୍ୟ ଲୁଟ୍ କରିବା ପରେ ଗାଡ଼ି ପାଖକୁ ଧାଉଁଥିଲା। ଏହାପରେ ଲୁଟେରା ଗାଡ଼ିରେ ବସି ଫେରାର୍ ହୋଇଯାଉଥିଲେ। ଧରାପଡ଼ିଲା ପରେ ସେମାନଙ୍କ ଠାରୁ ପୂର୍ବରୁ ଲୁଟ୍ କରିଥିବା ସୁନା ମଙ୍ଗଳସୂତ୍ର, ୨ଟି ସୁନା ଚେନ, ୫୦ଟି ମୋବାଇଲ ଫୋନ ଏବଂ ଲୁଟ୍‌ର ବ୍ୟବହାର ହେଉଥିବା ବାଇକ (ଓଡ଼ି ୦୨ ବିଡବ୍ଲୁ ୨୯୦୬)କୁ ଜବତ କରାଯାଇଥିଲା। ସେହିପରି ଗିରଫ ଅଭିଯୁକ୍ତଙ୍କ ବିରୋଧରେ ମାଳ ମାଳ ମାମଲା ରହିଛି। ସୁକ୍ରୁ ନାମରେ ୧୫ଟି ମାମଲା ରହିଥିଲା ବେଳେ ସୁମନ ନାମରେ ୮ଟି ମାମଲା ଏବଂ ବିକାଶ ନାମରେ ୪ଟି ମାମଲା ରହିଛି।

## ଗାଁ ଦାଣ୍ଡରେ ଆତଙ୍କ ଖେଳାଇ ଯୁବକ ଗିରଫ



ବାଲିଅନ୍ତା, ୨୬।୩(ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ଗାଁରେ କଟୁରି ଧରି ଗ୍ରାମବାସୀଙ୍କୁ ଆକ୍ରମଣ କରିବା ଲାଗି ଭୟଭୀତ କରାଇବା ମାମଲାରେ ପଟ୍ଟୁପଡ଼ାର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ସ୍ଥାନୀୟ ବଇଁଚୁଆ ପଞ୍ଚାୟତ ଅଧୀନ ପଟ୍ଟୁପଡ଼ା ଗ୍ରାମର ପପୁନ ସ୍ୱାଇଁ ଓରଫ ବାବୁ (୨୫)। ପପୁନ ନିକଟରୁ ପୁଲିସ ଏକ କଟୁରି ଜବତ କରିଛି। ଉକ୍ତ ଗ୍ରାମର ମହେନ୍ଦ୍ର ସ୍ୱାଇଁ ପପୁନ ବିରୋଧରେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ବାଲିଅନ୍ତା ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ପପୁନଙ୍କୁ ଗିରଫ କରିଥିଲା।

ସୂଚନା ଯୋଗ୍ୟ ଯେ, ମହେନ୍ଦ୍ର ଏବଂ ପପୁନ ଉଭୟ ବାଲିଅନ୍ତା ଥାନା ଅନ୍ତର୍ଗତ ପଟ୍ଟୁପଡ଼ା ଗ୍ରାମର। ପପୁନ ନିୟମିତ ରାତିରେ ଉକ୍ତ ଗାଁରେ ବିଶୃଙ୍ଖଳା ସୃଷ୍ଟିକରି ଜନସାଧାରଣଙ୍କୁ ହଇରାଣ ହରକତ କରୁଥିଲେ। ଯଦି କେହି ତାଙ୍କର ବିରୋଧ କରୁଥିଲେ, ସେ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନାନା ପ୍ରକାର ଧମକଚମକ ଦେଉଥିଲେ। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ପପୁନ ସବୁଦିନ ଭଳି ରାସ୍ତା ଉପରେ ଠିଆ ହୋଇ ବଡ ପାଟିରେ ଗାଳିଗୁଲଜ କରୁଥିଲେ। ଏହା ଶୁଣି ମହେନ୍ଦ୍ର ଏବଂ ଅନ୍ୟ ଗ୍ରାମବାସୀମନେ ସେଠାରେ ପହଞ୍ଚି ପହଞ୍ଚି ପପୁନଙ୍କୁ ବାରଣ କରିଥିଲେ। ହେଲେ ପପୁନ କିଛି ଶୁଣି ନଥିଲା। ବରଂ ଉତକ୍ଷିପ୍ତ ହୋଇ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଘରୁ ଏକ କଟୁରି ଆଣି ଆକ୍ରମଣ କରିବା ଲାଗି ଗୋଡ଼ାଇ ଥିଲା। ଏହାପରେ ସେଠାରୁ ଖସି ପଳାଇ ଯାଇଥିଲା। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ପପୁନ ତାଙ୍କ ଘରୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ କଟୁରିକୁ ଜବତ କରିଥିଲେ। ପଚରାଉଚରା ସମୟରେ, ଅଭିଯୁକ୍ତ ଜଣକ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ।

## ଜଳିଗଲା ଦୋକାନ ଘର

ଭୁବନେଶ୍ୱର, ୨୬।୩ (ସମିସ): ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଗ୍ରାମ ବ୍ୟାଙ୍କ ଅଫ ଇଣ୍ଡିଆ ନିକଟରେ ଥିବା ଏକ ଦୋକାନରେ ଗତ ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଦୋକାନରେ ଥିବା ବହୁ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ବରିମୁଣ୍ଡ କୁଆଖାଇ ନଦୀବନ୍ଧରେ ଗୟାଧର ବାରିକଙ୍କ ଆଜବେଷ୍ଟସ ଘରେ ଦୋକାନ କରିଥିଲେ। ବୁଧବାର ରାତି ପ୍ରାୟ ସାଢେ ୨ଟା ସୁଦ୍ଧା ସେପଟେ ଯାଉଥିବା ହାଇୱା ଗାଡିବାଲା ଦୋକାନରେ ନିଆଁ ଲାଗିଥିବା ଦେଖି ଡାକ ପକାଇଥିଲେ। ଦୋକାନୀ ଓ ଲୋକମାନେ ଉଠି ଦୋକାନକୁ ଅଗ୍ନିକାଣ୍ଡରୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ହେଲେ ଅଗ୍ନିକାଣ୍ଡରେ ଦୋକାନରେ ଥିବା ଜିନିଷପତ୍ର ସହ ଥଣ୍ଡା ପାନୀୟ ରଖାଯାଉଥିବା ରେଫ୍ରିଜେଟର ଆଦି ସବୁ ପୋଡି ଛାରଖାର ହୋଇଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ହେବ ଜିନିଷପତ୍ର ପୋଡି ଯାଇଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ତେବେ ଅଗ୍ନିକାଣ୍ଡ କିଭଳି ଘଟିଲା ତାହା ଜଣା ପଡ଼ି ନଥିଲା ବେଳେ କେହି ଦୁର୍ବୃତ୍ତ ନିଆଁ ଲାଗଇ ଦେଇଥିବା ସନ୍ଦେହ କରାଯାଉଛି।

## ମରଣଯନ୍ତା ପାଲଟିଛି ନିର୍ମାଣାଧୀନ ଗଙ୍ଗପଡ଼ା ଫ୍ଲାଏଓଭର

ଯାଁଳା, ୨୬।୩(ସମିସ): ଭୁବନେଶ୍ୱର ଉପକଣ୍ଠ ୧୬ ନମ୍ବର ଜାତୀୟ ରାଜପଥସ୍ଥିତ ଗଙ୍ଗପଡ଼ା ଫ୍ଲାଏଓଭର୍ ନିର୍ମାଣ କାର୍ଯ୍ୟର ମନ୍ଥର ଗତି ଏବେ ସାଧାରଣ ଜନତାଙ୍କ ପାଇଁ କାଳ ସାଜିଛି, ୨୦୨୫ ଜୁନ୍ ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ନିର୍ମାଣ ଧୀନ ଓଭରବ୍ରିଜ୍‌ର କାମ ଏବେ ବି ଅଧପନ୍ତରିଆ ହୋଇ ପଡ଼ିରହିଛି। ଠିକା ସଂସ୍ଥାର ବେପରୁଆ ମନୋଭାବ ଓ ଜାତୀୟ ରାଜପଥ ବିଭାଗର ଉପେକ୍ଷା ଯୋଗୁଁ ଗତ ୯ ମାସ ମଧ୍ୟରେ ଏହି ସ୍ଥାନରେ ଦୁର୍ଘଟଣା ଘଟି ୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦ ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଫ୍ଲାଏଓଭର୍ ନିର୍ମାଣ ଯୋଗୁଁ ମୁଖ୍ୟ ରାସ୍ତା ବନ୍ଦ ରହିଥିବାରୁ ସର୍ଭିସ୍ ରୋଡ୍‌କୁ ଜାତୀୟ ରାଜପଥ ଭାବେ ବ୍ୟବହାର କରାଯାଇଛି। ମାତ୍ର ସର୍ଭିସ୍ ରୋଡ୍ ଟି ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ବଡ଼ ବଡ଼ ଗାଡି ଯାତାୟତ ସମୟରେ ପ୍ରବଳ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି। ମାତ୍ର ୩୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଯାତ୍ରୀଙ୍କୁ ୧୫ ରୁ ୨୦ ମିନିଟ୍ ସମୟ ଲାଗୁଛି। ପଳାଶପୁର, ଅଙ୍ଗାରପଡ଼ା ଓ ଛତାବର ଆଦି ଗ୍ରାମର ହଜାର ହଜାର ଲୋକଙ୍କ ସମେତ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରତିଦିନ ଏହି ବିପଦ ସଙ୍କୁଳ ରାସ୍ତାରେ ଯାତାୟତ କରୁଛନ୍ତି। ଓଭରବ୍ରିଜର ଗୋଟିଏ ପାର୍ଶ୍ୱରେ ମାଟି ଓ ଡଷ୍ଟ ଗୁଣ୍ଡ ପକାଯାଇଥିଲେ ମଧ ସେଥିରେ ନିୟମିତ ପାଣି ସିଞ୍ଚନ କରାଯାଉନାହିଁ। ଫଳରେ ଗାଡ଼ି ଚଳାଚଳ ସମୟରେ ଧୂଳି ଓ ଡଷ୍ଟ ଗୁଣ୍ଡ ପବନରେ ଉଡ଼ି ଗାଡ଼ି ଚାଳକଙ୍କ ଆଖିରେ ପଡୁଛି। ଯାହା ଦୁର୍ଘଟଣାର ମୁଖ୍ୟ କାରଣ ସାଜୁଛି। ଏହା ସହିତ ସାଇଡ୍ ୱାଲ୍ କାମ ଶେଷ ହୋଇନଥିବାରୁ ବିପଦ ବଢୁଛି। ଏନେଇ ଗଙ୍ଗପଡ଼ା ସରପଞ୍ଚ ସୁଧାଂଶୁ ଶେଖର ମହାରଣାଙ୍କ କହିବା ଅନୁଯାୟୀ ଧିମା ଗତିରେ କାର୍ଯ୍ୟ ଚାଲିଥିବାରୁ ସ୍ଥାନୀୟ ବଜାର ପ୍ରଭାବିତ ହେବା ସହ ଅମୂଲ୍ୟ ଜୀବନ ହାନି ଘଟୁଛି, ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

## 'ଲୋକ ଅଧିକାର ସମାବେଶ' ପାଇଁ ଆହ୍ୱାନ; ୨୯ରେ ଓଡ଼ିଶା ଆସିବେ ମେଧା ପାଟେକର୍

ଭୁବନେଶ୍ୱର, ୨୬।୩(ସମିସ): ଆସନ୍ତା ୨୯ ତାରିଖରେ ସହିଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସରେ ଭୁବନେଶ୍ୱରଠାରେ ଲୋକ ଅଧିକାର ସମାବେଶ ଆୟୋଜନ ହେବ। ଏଥିରେ ଦେଶର ଜନ ଆନନ୍ଦୋଳନ ନେତ୍ରୀ ମେଧା ପାଟେକର ମୁଖ୍ୟ ଅତିଥି ଭାବରେ ଏହି ସମାବେଶରେ ଯୋଗଦେବେ। ଲୋକଶକ୍ତି ଅଭିଯାନ, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ଓଡ଼ିଶା ଶାଖା ଏବଂ ସେଣ୍ଟର୍ ଫର୍ କ୍ଲାଇମେଟ୍ ଜଷ୍ଟିସ୍ ତରଫରୁ ଆଜି ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି। ଏହି ଯାତ୍ରା ଜରିଆରେ ବିକାଶ ନାମରେ ପ୍ରାକୃତିକ ସମ୍ପଦଗୁଡ଼ିକ ଶେଷ କରିଦିଆଯାଉଥିବାରୁ ରାଜ୍ୟକୁ ସମ୍ବଳହୀନ ନକରିବା ପାଇଁ ସରକାର ବର୍ତ୍ତମାନର ବିକାଶ ନୀତି ବଦଳାଇବାକୁ ଲୋକଶକ୍ତି ଅଭିଯାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରା, ଜନ ଆନ୍ଦୋଳନଗୁଡ଼ିକର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଏବଂ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ସଂଯୋଜକ ଡଃ ବିଶ୍ୱଜିତ୍ ଦାବି କରିଛନ୍ତି। ସେହିଭଳି ରାଜ୍ୟ ସରକାରଙ୍କ ଅର୍ଥନୈତିକ ସର୍ଭେ ଅନୁସାରେ ଆଗାମୀ ୫୦ ବର୍ଷ ମଧ୍ୟରେ ସମ୍ବଳଗୁଡ଼ିକ ଶେଷ ହୋଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଥିବା ବେଳେ ଅବିଚାରିତ ଭାବେ ଖଣି ନିଲାମ ଓ ଖନନ ହେଉଥିବାରୁ ଆଗାମୀ ୩୦ ବର୍ଷ ମଧ୍ୟରେ ଲୁହାପଥର ଏବଂ ୪୦ ବର୍ଷ ମଧ୍ୟରେ ବକ୍ସାଇଟ୍ ଶେଷ ହୋଇଯିବ। ଓଡ଼ିଶାର ଆରାବଳୀ ଗନ୍ଧମାର୍ଦ୍ଦନରୁ ଦେଓମାଳି ପର୍ବତମାଳାରେ ଅର୍ଥାତ୍ ବରଗଡ଼ ଜିଲ୍ଲାରୁ କୋରାପୁଟ ପର୍ଯ୍ୟନ୍ତ ଦେଶର ୭୦ ପ୍ରତିଶତ ବକ୍ସାଇଟ ଗଚ୍ଛିତ ରହିଛି। କିନ୍ତୁ ସରକାର ଗୋଟିଏ ପରେ ଗୋଟିଏ ଖଣି ଲିଜ୍ ଦେଇ ଚାଲିଥିବାରୁ ଏହା ୪୦ ବର୍ଷ ମଧ୍ୟରେ ସରିଗଲାପରେ ଦକ୍ଷିଣ ପଶ୍ଚିମ ଓଡ଼ିଶାର ୫ଟି ଜିଲ୍ଲାର ନଦୀଗୁଡ଼ିକର ଜଳ ଓ ଜଙ୍ଗଲ ଶେଷ ହୋଇଯିବ ଏବଂ ମରୁଭୂମି ପାଲଟିଯିବ। ସେହିପରି ୭୭ଟି ଚିହ୍ନିତ ହୋଇଥିବା କୋଇଲା ଖଣି ଖନନ ଦ୍ୱାରା ୧ ଲକ୍ଷ ଏକର ଜଙ୍ଗଲ ଓ ଚାଷ ଜମିକୁ ଶେଷ କରିଦେବାପରେ ଆସନ୍ତା ୫ ବର୍ଷରେ ଅନୁଗୁଳ ଜିଲ୍ଲା ଅସ୍ତିତ୍ୱହୀନ ହୋଇଯିବ।

ଅପରପକ୍ଷେ କମ୍ପାନୀମାନଙ୍କ ସ୍ୱାର୍ଥରେ ଗଣତାନ୍ତ୍ରିକ ଜନ ଆନ୍ଦୋଳନ ଅଞ୍ଚଳଗୁଡ଼ିକରେ ପୋଲିସ ଥାନା ଓ ଜିଲ୍ଲା ପ୍ରଶାସନ ମିଥ୍ୟା ଅଭିଯୋଗରେ ଅମାନବୀୟ ଦମନ ଜାରି ରଖିଛନ୍ତି। ସାରା ରାଜ୍ୟରେ କମ୍ପାନୀମାନଙ୍କର ଆତଙ୍କରାଜ ଚାଲିଛି। ବର୍ତ୍ତମାନର ବିକାଶ ନୀତି ପ୍ରକ୍ରିୟାର ପୁନର୍ବିଚାର କରିବା ପାଇଁ ସେମାନେ ସମସ୍ତ ରାଜନୈତିକ ଦଳର ନେତୃମଣ୍ଡଳୀଙ୍କୁ ଆହ୍ୱାନ କରିଛନ୍ତି। ଗତକାଲି ମିଥ୍ୟା ମାମଲାରେ ଜନ ଆନ୍ଦୋଳନ ନେତା ତଥା ଲୋକ ଅଧିକାର ଯାତ୍ରାରେ ସାମିଲ ଥିବା ନିୟମଗିରି ସୁରକ୍ଷା ସମିତିର ନେତା ଲିଙ୍ଗରାଜ ଆଜାଦ ଓ ସୁରେଶ ସଂଗ୍ରାମଙ୍କୁ କଳାହାଣ୍ଡି ପୋଲିସ ଗିରଫ କରିଛି, ଯାହା ପୋଲିସ ଦମନର ବଳିଷ୍ଠ ପ୍ରମାଣ। ସେହିପରି ସିଜିମାଳିର ୧୦ ଜଣ ମହିଳାଙ୍କ ସମେତ ୨୨ ଜଣଙ୍କୁ ଗତ ୧୧ ମାର୍ଚ୍ଚରେ ଗିରଫ କରାଯାଇଛି। ଏହି ଗିରଫଦାରୀକୁ ସାମ୍ବାଦିକ ସମ୍ମିଳନୀରେ ନିନ୍ଦା କରାଯାଇଛି।

## ଓଡ଼ିଶୀ ନୃତ୍ୟ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୨୬।୩(ସମିସ): ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଗବେଷିକା ଡଃ ରୀଲା ହୋଟାଲଙ୍କ ରଚିତ 'ଓଡ଼ିଶୀ ଡ୍ୟାନ୍ସ : ନୃତ୍ୟ ସୌନ୍ଦର୍ଯ୍ୟ, ଥେରାପଉଟିକ୍ସ ଓ ମେଟା ଫିଜିକ୍ସ' ପୁସ୍ତକ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଯାଇଛି। ରେ' ଅଫ ୟୁସିଡ଼ମ ସୋସାଇଟି ଦ୍ୱାରା ତ୍ରିଧାରା ସହଯୋଗରେ ଆୟୋଜିତ ଏହି କାଯ୍ୟକ୍ରମରେ ଅତିଥି ଭାବେ ଅନୀତା ଶୁଭଦର୍ଶିନୀ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଅଧ୍ୟକ୍ଷ ଭାବେ ପ୍ରଫେସର ରେମଶ ପସାଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ପ୍ୟାନେଲ ଆଲୋଚନାରେ ପ୍ରଫେସର ସବିତା ଆଚାର୍ଯ୍ୟ, ଡଃ ଇଲିଆନା ସିତାରିସ୍ତି ଓ ଡଃ ଗଜେନ୍ଦ୍ର ପଣ୍ଡା ପୁସ୍ତକଟିର ଆଧ୍ୟାତ୍ମିକ ଓ ଚିକିତ୍ସାତ୍ମକ ଦିଗକୁ ପ୍ରଶଂସା କରିଥିଲେ। ପ୍ରଭାତ ପ୍ରକାଶନ ଦ୍ୱାରା ପ୍ରକଶିତ ଏହି ପୁସ୍ତକରେ ଓଡ଼ିଶୀ ନୃତ୍ୟ ସହିତ ଯୋଗ, ତନ୍ତ୍ର, ସଙ୍ଗୀତ, ଚିକିତ୍ସା ଓ ଆଧାତ୍ମିକତାର ସମ୍ପର୍କକୁ ଗଭୀର ଭାବେ ବିଶ୍ଳେଷଣ କରାଯାଇଛି।



## ଆଧୁନିକ ସଂସ୍କୃତି ଓ ପରମ୍ପରା ଉପରେ କର୍ମଶାଳା

ଭୁବନେଶ୍ୱର, ୨୬।୩(ସମିସ): ଗୁରୁବାର ଭୁବନେଶ୍ୱରସ୍ଥିତ ରେଡ଼କ୍ରସ ଭବନରେ ଆଧୁନିକ ସଂସ୍କୃତି ଓ ପରମ୍ପରା ଗ୍ରହଣୀୟ ଓ ବିବର୍ତ୍ତନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ନାଗରକ ସମାଜ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କର୍ମଶାଳାରେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପ୍ରଫେସର ମନୋଜ କୁମାର ରାଉତ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓଡ଼ିଶା ପ୍ରାନ୍ତ ପ୍ରଚାରକ ବିପିନ ନନ୍ଦ, ସାହିତ୍ୟିକା ଅନାମିକା ଦାସ, ସମାଜସେବୀ ମଧୁସୂଦନ ଦାସ, ପ୍ରେରଣାଦାୟୀ ପ୍ରବକ୍ତା ଲକ୍ଷ୍ମଣ ପଣ୍ଡା ଯୋଗଦେଇଥିଲେ। ରାଜ୍ୟ ନାଗରିକ ସମାଜର ଅଧ୍ୟକ୍ଷ ପ୍ରକାଶ ରଥ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ନାଗରିକ ସମାଜର ସମ୍ପାଦକ ଗଣେଶ ପଣ୍ଡା, ମଳୟ ବେହେରା, ବିଜେପି ପ୍ରବକ୍ତା ହିତେଶ ମହାପାତ୍ର, ଅଧିବକ୍ତା କିଶୋର ଜେନାଉପସ୍ଥିତ ଥିବାବେଳେ ହରପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



### ବନ୍ଧୁକ ମୁନରେ ଡିଫେଣ୍ଡର୍ ଲୁଟ୍ ଘଟଣା

## ଓୟୋର ୩ଟି ଫ୍ଲୋର୍ ବୁକ୍ କରିଥିଲେ ଲୁଟେରା

- ଦେଇଥିଲେ ନକଲି ପରିଚୟପତ୍ର
- ଫିଙ୍ଗରପ୍ରିଣ୍ଟ ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍
- ରେକର୍ଡ ହେଲା ୧୦ ଜଣଙ୍କ ବୟାନ



ଭୁବନେଶ୍ୱର, ୨୬।୩ (ସମିସ): ବନ୍ଧୁକ ମୁନରେ ଡିଫେଣ୍ଡର୍ କାର୍ ଲୁଟ୍ ଘଟଣାକୁ ୨୪ ଘଣ୍ଟା ବିତିଛି। ପୁଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ ମଧ ଏଯାଏଁ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି ଭରତପୁର ଥାନା ପୁଲିସ। ଲୁଟେରାମାନେ ବ୍ୟବହାର କରିଥିବା ଦୁଇଟି ଯାକ ରୁମରୁ ବିଭିନ୍ନ ନମୁନା ସଂଗ୍ରହ କରିଛି। ଲୁଟେରାମାନେ ବ୍ୟବହାର କରିଥିବା ଆଲମାରି, ଗ୍ଲାସ୍, ପ୍ଲେଟ୍, ସିଗାରେଟ୍ ପକେଟ୍, ବେଡସିଟ୍ ଓ ଅନ୍ୟାନ୍ୟ ସାମଗ୍ରୀରୁ ଫିଙ୍ଗରପ୍ରିଣ୍ଟ ସଂଗ୍ରହ କରିଛି ସାଇଣ୍ଟିଫିକ୍ ଟିମ୍। ଅଭିଯୁକ୍ତମାନେ ଧରାପଡ଼ିବା ପରେ ସେମାନଙ୍କ ଫିଙ୍ଗରପ୍ରିଣ୍ଟ ଓ ସାଇଣ୍ଟିଫିକ୍ ଟିମ୍ ସଂଗ୍ରହ କରିଥିବା ଫିଙ୍ଗରପ୍ରିଣ୍ଟ ମେଳ କରାଯିବ। ଦୁଇଟି ଯାକ ଫିଙ୍ଗରପ୍ରିଣ୍ଟ ମେଳ ଖାଇଗଲେ, ତାହା କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଦାଖଲ କରିବ ପୁଲିସ। ସେପଟେ ଓୟୋରେ ଲାଗିଥିବା ବିଭିନ୍ନ ସିସିଟିଭି କ୍ୟାମେରା ଫୁଟେଜକୁ ତନ୍ନତନ୍ନ କରି ଯାଞ୍ଚ କରିବା ସହ ହାର୍ଡ ଡିସ୍କକୁ ପୁଲିସ ଜବତ କରିଛି। ଲୁଟ୍ ଶିକାର ହୋଇଥିବା ଶୋରୁମ୍ ମ୍ୟାନେଜର, ଦୁଇ ସେଲ୍ସ ଅଫିସର, ଡ୍ରାଇଭର ଓ ଗତକାଲି ଓୟୋରେ ଉପସ୍ଥିତ କର୍ମଚାରୀଙ୍କୁ ମିଶାଇ ମୋଟ ୧୦ ଜଣଙ୍କ ବୟାନ ରେକର୍ଡ କରିଛି ପୁଲିସ।

ପୁଲିସର ତଦନ୍ତ ବେଳେ ଅଧିକ ତଥ୍ୟ ପଦାକୁ ଆସିଛି। ୩ ମହଲା ବିଶିଷ୍ଟ ଓୟୋ (ହୋମ୍ ଷ୍ଟେ)ର ୩ଟି ଯାକ ଫ୍ଲୋର ବୁକ୍ କରିଥିଲେ ଲୁଟେରା। ଲୁଟ୍ ସମୟରେ ଯେପରି ଅନ୍ୟ କୌଣସି ଗେଷ୍ଟ ନ ରୁହନ୍ତି କିମ୍ବା ଖସିବା ବେଳେ ବାଧା ସୃଷ୍ଟି ନହେବା ଲାଗି ପୁରା ହୋମ୍ ଷ୍ଟେକୁ ଲୁଟେରାମାନେ ବୁକିଂ କରି ନେଇଥିଲେ। ବୁକିଂ ସମୟରେ ସେମାନେ ଦେଇଥିବା ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଆଧାର କାର୍ଡକୁ ମଧ ଜବତ କରିଛି ପୁଲିସ। ହେଲେ ଦୁଇଟି ଯାକ ପରିଚୟପତ୍ର ମେଳ ଖାଉ ନାହିଁ। ତେବେ ଲୁଟେରାମାନେ ନକଲି ପରିଚୟପତ୍ର ଦେଖାଇ ବୁକିଂ କରିଥିବା ପୁଲିସ କହିଛି।

ସୂଚନାଯୋଗ୍ୟ ଯେ, ମଙ୍ଗଳବାର ଆକାଶ ପଣ୍ଡା ନାମକ ଜଣେ ବ୍ୟକ୍ତି ଫୁଲନଖରା ସ୍ଥିତ ଶୋରୁମକୁ କଲ୍ କରି ଡିଫେଣ୍ଡର କିଣିବାକୁ ଚାହୁଁଥିବା ବେଳେ ଟେଷ୍ଟ ଡ୍ରାଇଭ୍ ଆବଶ୍ୟକ ବୋଲି କହିଥିଲା। ବୁଧବାର ମଧ୍ୟାହ୍ନରେ ସେଲ୍ସ ମ୍ୟାନ୍ ସନ୍ତୋଷ ନାୟକ, ଜଣେ ମହିଳା ସେଲ୍ସ ଅଫିସର ଓ ଡ୍ରାଇଭର ଡିଫେଣ୍ଡର ଗାଡ଼ି ନେଇ ଷ୍ଟୁଡିଓ ଛକରେ ପହଞ୍ଚିବା ପରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ନିକଟସ୍ଥ ହୋମ୍ ଷ୍ଟେକୁ ନେଇ ଯାଇଥିଲା। ସେଠାରେ ୩ ଜଣଙ୍କୁ ମାଡ଼ ମାରି ବନ୍ଦୀ କରି ରଖିବା ସହ ସନ୍ତୋଷଙ୍କ ଠାରୁ ୬ ହଜାର ଟଙ୍କା ଛଡ଼ାଇ ନେଇଥିଲେ। କିଛି ସମୟ ପରେ ଶୋ ରୁମ୍ ମ୍ୟାନେଜର ଗୌତମ ସିହ୍ନାଙ୍କୁ କଲ୍ କରି ବ୍ୟାଙ୍କ୍ ଚେକ୍ ଦେବାକୁ ସେହି ସ୍ଥାନକୁ ଡକାଇଥିଲେ। ଗୌତମ ପହଞ୍ଚିବା ପରେ ତାଙ୍କୁ ମଧ ଆଉ ଏକ ରୁମରେ ବନ୍ଦୀ କରି ୟୁପିଆଇ ମାଧ୍ୟମରେ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହାପରେ ୪ ଜଣ ଯାକ ଡିଫେଣ୍ଡର ଗାଡ଼ି ନେଇ ପଳାଇଥିଲେ। ଉନ୍ନତ ପ୍ରଯୁକ୍ତିବିଦ୍ୟା ଯୋଗୁଁ କମ୍ପାନୀ କର୍ତ୍ତୃପକ୍ଷ ୟୁକେରୁ ଇଞ୍ଜିନକୁ ଅଚଳ କରିବା ପରେ ଗୋଡ଼ିପଡ଼ା ପାଖରେ ଗାଡ଼ି ଛାଡ଼ି ପଳାଇଥିଲେ ଲୁଟେରା।

# କଟକ ସିଟି





# ଶ୍ରୀରାମ ନବମୀ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି




**କଟକ, ୨୬ ।୩(ସମିସ)**

ଶ୍ରୀରାମ ନବମୀ ପାଇଁ କଟକ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଶ୍ରୀରାମ ନବମୀ ଉପଲକ୍ଷେ ଶୁକ୍ରବାର ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହି ଶୋଭାଯାତ୍ରା ସମୟରେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ କମିସନରେଟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ୨୨ ପ୍ଲାଟୁନ୍ ଫୋର୍ସ ସୁରକ୍ଷାରେ ମୁତୟନ କରାଯିବ । ୪ଜଣ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ୬୦ରୁ ଅଧିକ ଅଫିସର, ୮୦ ଜଣ ଏଏସଆଇ, ୩୦ ଏସଆଇ, ୬ ଜଣ ଏସିପି ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ରହିବେ । ଏହାବାଦ ପ୍ରମୁଖ ରାମ ମନ୍ଦିରରେ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶୋଭାଯାତ୍ରା ଚୌଧୁରୀବଜାର ମାରୁତିମଣ୍ଡପ ପାଖରୁ ବାହାରି ଝୋଲାସାହି, ସେମିନାରୀ ଛକ, ଦୋଳମୁଣ୍ଡାଇ, ରାଣୀହାଟ୍ ଛକ, ମଙ୍ଗଳାବାଗ, ହାୱଡାମୋଟର୍ସ ଛକ, ବକ୍ସିବଜାର, ଦରଘାବଜାର ଓ କାଠଗଡ଼ାସାହି ହୋଇ ପୁଣି ମାରୁତି ମଣ୍ଡପରେ ନିକଟରେ ପହଞ୍ଚିବ । ସେହିପରି ପାଟ୍ରୋଲିଂ ପାଇଁ ଆର୍ମଡ ଫୋର୍ସରେ ୨୮ ଜଣ ଏସଆଇ, ୪ଜଣ ହାବିଲଦାର, ୯୦ କନଷ୍ଟେବଳ, ୬ ସେକ୍ସନ ଫୋର୍ସ ରହିବେ । ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ନିଜେ ଡିସିପି ଋଷିକେଶ ଖିଲାରୀ କରିବେ । ଅନ୍ୟପକ୍ଷରେ ଶୋଭାଯାତ୍ରା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଡିସିପି ନିବେଦନ କରିଛନ୍ତି । ରାମନବମୀ ପାଇଁ ଅନୁଷ୍ଠିତ ଶୋଭାଯାତ୍ରା ବେଳେ ଯେପରି କେହି କୌଣସି ପ୍ରକାର ଅଘଟଣ ବା ଅପରାଧ ଘଟାଇବାକୁ ଚେଷ୍ଟା ନ କରିବେ ସେଥିପାଇଁ ସେମାନଙ୍କ ମନରେ ଭୟ ସୃଷ୍ଟି କରିବା ଲାଗି ପୁଲିସ ପକ୍ଷରୁ ଆଜି ସନ୍ଧ୍ୟାରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଲାଲବାଗ, କ୍ୟାଣ୍ଟନମେଣ୍ଟ, ମଙ୍ଗଳାବାଗ, ଦରଘାବଜାର ଓ ପୁରୀଘାଟ ଥାନା ପକ୍ଷରୁ ଆଜି ସେମାନଙ୍କ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ତତ୍ତ୍ୱାବଧାନରେ ଏଡିସିପି ଅମରେନ୍ଦ୍ର ପଣ୍ଡା ଏବଂ ସମସ୍ତ ଜୋନ୍ ଏସିପି ଓ ଥାନା ଅଧିକାରୀଙ୍କ ନେତୃତ୍ୱରେ ଶତାଧିକ ଫୋର୍ସ ଏହି ଫ୍ଲାଗମାର୍ଚ୍ଚରେ ଅଂଶଗ୍ରହଣ କରିଥିଲେ ।

## ଟ୍ରାଫିକ୍ କଟକଣା

ଶୁକ୍ରବାର ରୌପ୍ୟନଗରୀ କଟକରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହେବ । ପୁରୀଘାଟ ଥାନା ଅନ୍ତର୍ଗତ ଚୌଧୁରୀବଜାର ମାରୁତି ମଣ୍ଡପଠାରୁ ବାହାରିବାକୁ ଥିବା ଏହି ଶୋଭାଯାତ୍ରା ସହରର ବିଭିନ୍ନ ପ୍ରମୁଖ ଛକ ପରିକ୍ରମା କରିବ । ଏହାକୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ପକ୍ଷରୁ ସହରରେ ବ୍ୟାପକ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି । ପୁଲିସ କମିସନର ଏସ୍. ଦେବଦତ୍ତ ସିଂଙ୍କ ସୂଚନା ଅନୁଯାୟୀ, ଶୋଭାଯାତ୍ରା ସମୟରେ ଚୌଧୁରୀବଜାର, ନୟାସଡ଼କ, ବାଲୁବଜାର, ଚାନ୍ଦିନୀଚୌକ, ସେଲଟର ଛକ, କନିକା ଛକ ଏବଂ ବକ୍ସିବଜାର ଆଦି ଅଞ୍ଚଳରେ ଯାନବାହନ ଚଳାଚଳ ଉପରେ କଟକଣା ରହିବ । ପଦଯାତ୍ରା ମାରୁତି ମଣ୍ଡପରୁ ଜୁବୁଲି ଟାୱାର ଅଭିମୁଖେ ଯାଉଥିବା ବେଳେ ଟାଉନ୍ ହଲ୍, ଯାଉଁଳିଆପଟି ଓ ନନ୍ଦିସାହି ଦେଇ କୌଣସି ଗାଡ଼ିକୁ ପ୍ରବେଶ ଅନୁମତି ମିଳିବ ନାହିଁ । ସେହିପରି ଜେଲ୍ ରୋଡ୍ ଛକରୁ ଚୌଧୁରୀବଜାର ଏବଂ ନୟାସଡ଼କ ଆଡ଼କୁ ଯାନବାହନ ଯାଇପାରିବ ନାହିଁ । ଗଣେଶ ଘାଟ, ହାଇକୋର୍ଟ ଛକ ଏବଂ ବିନୋଦବିହାରୀ ଛକ ଦେଇ ବାଲୁବଜାର ଆଡ଼କୁ ଗାଡ଼ି ଚଳାଚଳ ବନ୍ଦ ରହିବ । ଏଥିସହ ସତୀଚଉରା ଛକରୁ ମହାନ୍ତିପଡ଼ା ଏବଂ କନିକା ଛକରୁ ସେଲଟର ଛକ ପର୍ଯ୍ୟନ୍ତ ରାସ୍ତାରେ ମଧ୍ୟ କଟକଣା ଲାଗୁ ହୋଇଛି । ଶୋଭାଯାତ୍ରା ଚଣ୍ଡୀ ମନ୍ଦିର ଛକରୁ ବକ୍ସିବଜାର ଓ ବରପଥର ଦେଇ ଗତି କରିବା ସମୟରେ ମିଶନ ରୋଡ୍, ସମାଜ ଅଫିସ ଛକ ଏବଂ ପେନସନ ଗଳି ଆଦି ପାର୍ଶ୍ୱବର୍ତ୍ତୀ ରାସ୍ତାଗୁଡ଼ିକରେ ଯାତାୟାତ ନିଷେଧ କରାଯାଇଛି । ସାଧାରଣ ଜନତା ଏହି ଟ୍ରାଫିକ୍ ନିୟମକୁ ପାଳନ କରିବା ସହ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ରୋଗୀ ମୃତ୍ୟୁକୁ ନେଇ ଏସ୍‌ସିବିରେ ଉତ୍ତେଜନା

**କଟକ, ୨୬।୩(ସମିସ):** ଓଡ଼ିଶାର ସର୍ବବୃହତ ସରକାରୀ ଚିକିତ୍ସାଳୟ କଟକ ଏସସିବି ମେଡିକାଲର ନେଫ୍ରୋଲୋଜି ବିଭାଗରେ ଚିକିତ୍ସାରେ ଅବହେଳାକୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଜଣେ ରୋଗୀଙ୍କ ମୃତ୍ୟୁକୁ କେନ୍ଦ୍ର କରି ଉତ୍ୟକ୍ତ ସମ୍ପର୍କୀୟମାନେ ମେଡିକାଲ ପରିସରରେ ହଙ୍ଗାମା କରିବା ସହ କର୍ତ୍ତବ୍ୟରତ ଡାକ୍ତରଙ୍କୁ

### ଡାକ୍ତରଙ୍କୁ ଆକ୍ରମଣ ଅଭିଯୋଗ



ମାଡ଼ ମାରିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ସ୍ଥାନାନ୍ତର ହୋଇ ଆସିଥିବା ରାମକୃଷ୍ଣ ମିଶ୍ର (୪୫)ଙ୍କ ଅବସ୍ଥା ସଂକଟାପନ୍ନ ଥିବା ବେଳେ ବାରମ୍ବାର ଡାକିବା ସତ୍ତ୍ୱେ ଡାକ୍ତର ଠିକ୍ ସମୟରେ ଆସି ନ ଥିଲେ, ଫଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ବିଭାଗରେ ଉତ୍ତେଜନା ଦେଖାଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ତଦନ୍ତ ଆରମ୍ଭ କରିଛି । ଏ ସଂକ୍ରାନ୍ତରେ ଏସସିବି ମେଡିକାଲ ଫାଣ୍ଡିରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି । ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏଭଳି ଅବହେଳା ଅଭିଯୋଗ ଏବେ ବାରମ୍ବାର ସାମ୍ନାକୁ ଆସୁଥିବାରୁ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ମାତ୍ର ଦୁଇ ଦିନ ପୂର୍ବରୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲରେ ମଧ୍ୟ ଏକ ସମାନ ଧରଣର ଘଟଣା ଘଟିଥିଲା, ଯେଉଁଠାରେ ଜଣେ ଶିଶୁକୁ ଭୁଲ୍ ଇଞ୍ଜେକ୍ସନ ଦିଆଯିବା ଯୋଗୁଁ ତାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା ।

# ଜିଲ୍ଲାରେ ରନ୍ଧନ ଗ୍ୟାସ୍ ଯୋଗାଣ ସ୍ୱାଭାବିକ

**କଟକ, ୨୬।୩(ସମିସ):** କଟକ ଜିଲ୍ଲାରେ ଘରୋଇ ଏବଂ ବାଣିଜ୍ୟିକ ଉପଭୋକ୍ତାଙ୍କ ପାଇଁ ରନ୍ଧନ ଗ୍ୟାସ୍ ଯୋଗାଣ ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ରହିଛି । ଗ୍ୟାସ୍ ଅଭାବ ନେଇ ଚାଲିଥିବା ବିଭିନ୍ନ ଗୁଜବକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡନ କରାଯାଇଛି । ସମସ୍ତ ଗ୍ରାହକଙ୍କୁ ସମୟାନୁସାରେ ସିଲିଣ୍ଡର ଯୋଗାଇ ଦିଆଯାଉଛି ଏବଂ ବୁକିଂ ପ୍ରକ୍ରିୟାରେ କୌଣସି ସମସ୍ୟା ନାହିଁ ବୋଲି ସ୍ପଷ୍ଟ କରାଯାଇଛି ।

### ଗୁଜବରେ ବିଶ୍ୱାସ ନ କରିବାକୁ ପ୍ରଶାସନର ପରାମର୍ଶ

ସହରାଞ୍ଚଳରେ ଗୋଟିଏ ସିଲିଣ୍ଡର ପାଇବାର ୨୫ ଦିନ ପରେ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପରେ ପୁନର୍ବାର ବୁକିଂ କରିବାର ବ୍ୟବସ୍ଥା ରହିଛି, ଯାହାଦ୍ୱାରା ବଣ୍ଟନ ପ୍ରକ୍ରିୟା ସୁଷମ ହୋଇପାରୁଛି । ଘରୋଇ ବ୍ୟବହାର ସହିତ ହୋଟେଲ, ରେଷ୍ଟୁରାଣ୍ଟ, ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଆବଶ୍ୟକ ମୁତାବକ ଗ୍ୟାସ୍ ଯୋଗାଣ ଜାରି ରହିଛି । ବିଶେଷ କରି ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି । ଅନ୍ୟପଟେ, କୃତ୍ରିମ ଅଭାବ ସୃଷ୍ଟି କରୁଥିବା ବ୍ୟକ୍ତି ଓ କଳାବଜାରୀଙ୍କ ଉପରେ ପ୍ରଶାସନ କଡ଼ା ନଜର ରଖିଛି । ବେଆଇନ ଗ୍ୟାସ୍ ରିଫିଲିଂ କିମ୍ବା ମହଜୁଦକାରୀଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି । ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଅନାବଶ୍ୟକ ଭାବେ ସିଲିଣ୍ଡର ମହଜୁଦ ନ କରିବାକୁ ଏବଂ କୌଣସି ଭ୍ରାନ୍ତ ଖବରରେ ବିଶ୍ୱାସ ନ କରିବାକୁ ଜିଲ୍ଲା ପ୍ରଶାସନ ଗ୍ରାହକଙ୍କୁ ଅନୁରୋଧ କରିଛି ।

# ୨୫ଟି ଖାଲି ଗ୍ୟାସ୍ ସିଲିଣ୍ଡର ଜବତ

**ନିଶ୍ଚିନ୍ତକୋଇଲି, ୨୬।୩(ସମିସ):** କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏକ ବଡ଼ଧରଣର ଚଢ଼ଉ କରାଯାଇଛି । ଗ୍ୟାସ୍ ସିଲିଣ୍ଡର କଳାବଜାରୀ ହେଉଥିବା ନେଇ ଗୁପ୍ତ ସୂଚନା ପାଇ ଯୋଗାଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଛାନଭିନ ଓ ତଦାରଖ କରିଥିଲେ । ଏହି ଚଢ଼ଉ ସମୟରେ ଅଞ୍ଚଳର ଦୁଇଟି ସ୍ଥାନରୁ ମୋଟ ୨୫ଟି ଖାଲି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି । ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରବୀନ୍ଦ୍ରନାଥ ସେଠୀଙ୍କ ଘରୁ ୩ଟି ଖାଲି ସିଲିଣ୍ଡର ଜବତ କରାଯାଇଥିବା ବେଳେ ସେହି ଅଞ୍ଚଳର ଅଞ୍ଜନ କୁମାର ସରନଙ୍କ ଘରୁ ୨୨ଟି ଖାଲି ସିଲିଣ୍ଡର ଜବତ ହୋଇଛି । ଏତେ ସଂଖ୍ୟକ ସିଲିଣ୍ଡର କେଉଁ ଉଦ୍ଦେଶ୍ୟରେ ଏବଂ କିପରି ମହଜୁଦ ରଖାଯାଇଥିଲା, ସେନେଇ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି । ଜିଲ୍ଲାରେ ଗ୍ୟାସ୍ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ ରଖିବା ଏବଂ କୃତ୍ରିମ ଅଭାବ ରୋକିବା ପାଇଁ ଏଭଳି ଚଢ଼ଉ ଆଗକୁ ମଧ୍ୟ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।



# ‘ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ବିକାଶରେ ମହିଳାଙ୍କ ଭୂମିକା’ ଆଲୋଚନାଚକ୍ର



**କଟକ, ୨୬ ।୩(ସମିସ):** ବ୍ୟାଙ୍କ୍ ଅଫ ବରୋଦା କଟକ କ୍ଷେତ୍ର ଏବଂ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ମିଳିତ ଆନୁକୂଲ୍ୟରେ ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିରୂପେ ବିଶିଷ୍ଟ ନାରୀବାଦୀ ସାହିତ୍ୟିକା ସୁଲୋଚନା ଦାସ ଓଡ଼ିଆ ସମାଜ ଏବଂ ସାହିତ୍ୟରେ ନାରୀର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ । ବ୍ୟାଙ୍କ ଅଫ୍ ବରୋଦା କଟକ କ୍ଷେତ୍ରର ମୁଖ୍ୟ ପ୍ରବନ୍ଧକ ଗୌତମ ପାଳ, ଆଞ୍ଚଳିକ ପ୍ରବନ୍ଧକ ଗୌତମ ରାଉଳ ଏବଂ ରାଜ ଭାଷାର ବରିଷ୍ଠ ପ୍ରବନ୍ଧକ ମନୀଷା ଯାଦବ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା ।ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଦ୍ୱାରା ଅତିଥିଙ୍କ ପରିଚୟ ପ୍ରଦାନ କରାଯାଇଥିଲା । ଆଲୋଚନାଚକ୍ରର ବିଷୟବସ୍ତୁ ‘ଓଡ଼ିଆ ଏବଂ ହିନ୍ଦୀ ସାହିତ୍ୟର ବିକାଶ ନିମନ୍ତେ ମହିଳାମାନଙ୍କର ଭୂମିକା’ ଉପରେ ଛାତ୍ରଛାତ୍ରୀମାନେ ନିଜ ମତ ରଖିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଦ୍ୱାରା ରଚିତ ପୁସ୍ତକ ସଂସ୍କାରମୂଳକ ‘ଗଳ୍ପତରୁ’ ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଶୈକ୍ଷିକ ସଂଯୋଜିକା ଡ଼କ୍ଟର ପ୍ରାଚୀ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରଥମ ବର୍ଷର ଛାତ୍ରାଧ୍ୟାପିକା ବିଶ୍ୱଲିପ୍ସା ମଞ୍ଚ ସଞ୍ଚାଳନ କରିଥିଲେ । ଡ଼କ୍ଟର ଅର୍ଜୁନ ନାଏକ, ଡକ୍ଟର ପ୍ରୀତିପ୍ରଜ୍ଞା, ଡ଼କ୍ଟର ପ୍ରିୟଙ୍କା ସ୍ୱାଇଁ, ଡକ୍ଟର ରାଜୀବ ଲୋଚନ ସାହୁ, ଡକ୍ଟର ସୁନୀତା ଆଚାର୍ଯ୍ୟ, ଡ଼କ୍ଟର ପ୍ରଶାନ୍ତ ନନ୍ଦ, ରଶ୍ମିରଞ୍ଜନ ଦାସ, ଡ଼କ୍ଟର ହେମନ୍ତ ମଲ୍ଲିକ, ଡକ୍ଟର ନିରଞ୍ଜନ ବେହେରା, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ସୁଦେଶ କୱିରୀ, ଅମନ କୁମାର ଶିକ୍ଷଣ କର୍ମଚାରୀଙ୍କ ସହିତ ତେଜସ୍ୱିନୀ ଆଚାର୍ଯ୍ୟ, ରଘୁନାଥ ଦାସ, ପ୍ରଭାକର, ଚନ୍ଦ୍ରମା ଆଦି ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ ।

### ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟିକା ଓ ପ୍ରତିନିଧିମଣ୍ଡଳୀ



**କଟକ, ୨୬।୩(ସମିସ):** ଓଡ଼ିଶାର ଅନ୍ୟତମ ପ୍ରାଚୀନ ତଥା ଗୌରବମୟ ଶିକ୍ଷାନୁଷ୍ଠାନ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଦାବି ଏବେ ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ଆଜି କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋସଙ୍କ ନେତୃତ୍ୱରେ ଏକ ବିଶେଷ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ କଲେଜର ପୁରାତନ ଛାତ୍ରୀ ସଂସଦର ସଦସ୍ୟା, ମଧୁ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଏବଂ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରୀମାନେ ସାମିଲ ହୋଇ ମହାବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ବିଧାୟିକା ଶ୍ରୀମତୀ ଫିରଦୋସ ଏହି ମହାବିଦ୍ୟାଳୟର ଐତିହାସିକ ଗୁରୁତ୍ୱ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ମହିଳାମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶୈଳବାଳା ମହିଳା କଲେଜ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ରାଜ୍ୟର ମହିଳା ସଶକ୍ତିକରଣର ଏକ ପ୍ରତୀକ ହୋଇଥିବାରୁ ଏହାକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା ପୁରାତନ ଛାତ୍ରୀ ପୁଷ୍ପା ସାମଲ, ଗିରିବାଳା ବେହେରା, ଗୋପା ଦାସ, ସନ୍ତୋଷ ମହାରଣା, ସୁଚିତ୍ରା ସେଠୀ, ପ୍ରଭାତୀ ସେଠୀ ଓ ମୌସୁମୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କଲେଜର ଭିତ୍ତିଭୂମି ସୁଦୃଢ଼ କରିବା ସହ ଏହାକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ନିବେଦନ କରିଥିଲେ ।

# ଜମିବାଡ଼ିକୁ କେନ୍ଦ୍ର କରି ଗଣ୍ଡଗୋଳ

**କଟକ, ୨୬ ।୩(ସମିସ):** ଦରଘାବଜାର ଥାନାରେ ଜମିବାଡ଼ିକୁ କେନ୍ଦ୍ର କରି ଜଣେ ବରିଷ୍ଠ ମହିଳାଙ୍କୁ ଆକ୍ରମଣ ଓ ଜୀବନରୁ ମାରିଦେବାକୁ ଧମକ ସଂକ୍ରାନ୍ତରେ ଏତଲା ହୋଇଛି । ଅଭିଯୋଗକାରିଣୀ ସୁଷମା ମିଶ୍ର(୭୨) ଅଭିଯୋଗ କରିଛନ୍ତି ଯେ ତାଙ୍କ ଜମିକୁ ୨ଜଣ ବ୍ୟକ୍ତି ଧମକଚମକ ଦେଇ ଜୋରଜବରଦସ୍ତି ରେଜିଷ୍ଟ୍ରେସନ୍ କରିବାକୁ ବାଧ କରୁଛନ୍ତି । ଯଦି ଅଭିଯୁକ୍ତଦ୍ୱୟଙ୍କ ନାମରେ ଜମି ପଞ୍ଜୀକରଣ କରା ନଯାଏ, ତେବେ ସୁଷମାଙ୍କୁ ରଡ଼ରେ ମାରିଦେବାକୁ

### ବୃଦ୍ଧାଙ୍କୁ ହତ୍ୟା ଧମକ

ଧମକ ମିଳିଛି । ଏହି ଘଟଣାରେ ସେ ଭୟଭିତ ହୋଇ ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ ଚଳାଇଛି । ଅଭିଯୋଗରୁ ପ୍ରକାଶ ଯେ, ଗତକାଲି ସୁଷମା ଅପରାହ୍ଣ ୧୨ଟାରେ ସ୍ଥାନୀୟ କାଳୀମନ୍ଦିର ନିକଟରେ ଥିବା ବେଳେ ଅଭିଯୁକ୍ତ ନିତ୍ୟା ନନ୍ଦ ଓ ତା’ ସହଯୋଗୀ ପୂର୍ଣ୍ଣିଆ ଭଗତ୍ ହଠାତ୍ ଆସି ଧମକ ଦେଇଥିଲେ । ଏକ ଲୁହାରଡ଼ ହାତରେ ଧରି କଥା ନମାନିଲେ, ଉକ୍ତ ରଡ଼ରେ ମୁଣ୍ଡକୁ ଆଘାତ କରିବେ ବୋଲି ଧମକ ଦେଇଥିଲେ । ତାଙ୍କ ସହିତ ୫ଜଣ ସହଯୋଗୀ ସେଠାରେ ଥିଲେ । ସୁଷମାଙ୍କ ଜମି ଶୀଘ୍ର ଯାଇ ରେଜିଷ୍ଟ୍ରେସନ୍ କରିଦେବାକୁ କହିଥିଲେ । ଯଦି ସେ ଏହି କଥାକୁ କର୍ଣ୍ଣପାତ ନକରନ୍ତି, ତେବେ ପରିଣାମ ଭୋଗ କରିବାକୁ ହେବ ଚେତାବନୀ ଦେଇ ସେଠାରୁ ପଳାଇଥିଲେ । ଏହାପରେ ସୁଷମା ଥାନାକୁ ଆସି ଏତଲା ଦେବା ପରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଚଢ଼ଉ ଜାରି ରଖିଛି । ଏଠାରେ ସୂଚନାଯୋଗ୍ୟ, ଅଭିଯୋଗକାରିଣୀ ସୁଷମା ହେଉଛନ୍ତି, ସହିଦ ଅବନେନ୍ଦ୍ର ମିଶ୍ରଙ୍କ ଭାଉଜ । ବାଂଲାଦେଶ ଯୁଦ୍ଧ ୧୯୭୧ରେ ଲଢ଼ିଥିବା ବେଳେ ୧୯୭୩ ମସିହାରେ ନାଗାଲାଣ୍ଡରେ ସେ ସହିଦ ହୋଇଥିଲେ । ଜଣେ ବୀର ସହିଦଙ୍କ ପରିବାରକୁ ଏଭଳି ଧମକକୁ କମିସନରେଟ୍ ପୁଲିସ ଗୁରୁତର ସହିତ ଗ୍ରହଣ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

# ଚଳନ୍ତା ବସ୍‌ରୁ ଖସିପଡ଼ି ଯାତ୍ରୀ ଗୁରୁତର

**କଟକ, ୨୬ ।୩(ସମିସ):** ଚଳନ୍ତା ବସ୍‌ରୁ ଓହ୍ଲାଇବା ସମୟରେ ଜଣେ ଯାତ୍ରୀ ତଳେ ପଡ଼ିଯାଇ ଗୁରୁତର ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସନ୍ଧ୍ୟା ସମୟରେ ଏକ ଘରୋଇ ବସ୍ ଭୁବନେଶ୍ୱରରୁ କେନ୍ଦୁଝର ଅଭିମୁଖେ ଯାଉଥିଲା । ସେଥିରେ କଟକର ଜଣେ ଯାତ୍ରୀ ଭୁବନେଶ୍ୱରରୁ ଫେରୁଥିଲେ । ତେଣୁ ମଧୁପାଟଣା ଥାନା ସମ୍ମୁଖରେ ଓହ୍ଲାଇବା ପାଇଁ ଡ଼ୋର ପାହାଚରେ ପୂର୍ବରୁ ଛିଡା ହୋଇ ରହିଥିଲେ । ତେବେ ବସ୍ ପଛରେ ବହୁ ସଂଖ୍ୟାରେ ଗାଡି ଆସୁଥିବାରୁ ଚାଳକଜଣକ ସେଠାରେ ନ ରଖି ଫାଙ୍କା ସ୍ଥାନରେ ରଖିବାକୁ ଚେଷ୍ଟା କରୁଥିଲେ, ହେଲେ ଯାତ୍ରୀଜଣକ ଏହା ଜାଣି ନପାରି ତରବରିଆ ଭାବେ ଚଳନ୍ତା ଗାଡିରୁ ଓହ୍ଲାଇ ପଡ଼ିବା ସମୟରେ ଗୋଡ ଖସିଯିବାରୁ ତଳେ ଆସି ପଡ଼ିଥିଲେ । ସୌଭାଗ୍ୟବଶତ ସେ ଅଳ୍ପକେ ବର୍ତ୍ତିର୍ ଯାଇଥିଲେ ହେଁ ୨ଟି ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ଆହତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ ।

# ବାୟୁସେନା ଅଧିକାରୀଙ୍କ ‘ରଜତ’ ମିଳନ



**କଟକ, ୨୬।୩(ସମିସ):** ୧୯୮୧ ବ୍ୟାଚ୍ ବାୟୁସେନା ଅଧିକାରୀ ସଂଘ ସ୍ଥାନୀୟ ଶାଖା ପକ୍ଷରୁ ରଜତ ଜୟନ୍ତୀ ଅବସରରେ ଏକ ସମାବେଶ ଚନ୍ଦନେଶ୍ୱର ପାଣ୍ଡ ନିବାସରେ ଅନୁଷ୍ଠିତ ହୋଇଛି । ଏଥିରେ ବ୍ୟାଚର ଅଧିକାରୀମାନେ ଯୋଗ ଦେଇ ସାଂଗଠନିକ ଆଲୋଚନା କରିଛନ୍ତି । ଏହାସହ ଦୁବଲାଗଡ଼, ଦୀଘା ଓ ତାଳସାରୀ ଅଞ୍ଚଳରେ ସୃଜନାତ୍ମକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

# ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଛି ୧୪୩୪ ଅଧ୍ୟାପକ ପଦ

**କଟକ, ୨୬ ।୩(ସମିସ)**




ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟର ସମସ୍ତ ୧୪ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ସମେତ ସ୍ଥାୟୀ ଭିତ୍ତିରେ ପ୍ରଫେସର, ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ଦାବିରେ ଆଜି ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ

### ରେଭେନ୍ସା ସମ୍ମୁଖରେ ଛାତ୍ର ବିକ୍ଷୋଭ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

(ଏଆଇଡିଏସଓ) କଟକ ଜିଲ୍ଲା ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏହି ବିକ୍ଷୋଭରେ ସଂଗଠନର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ଯୋଗଦେଇଥିଲେ । ସମସ୍ତ ୧୪ ବିଶ୍ୱବିଦ୍ୟାଳୟର କୁଳପତି ତଥା ଅଧ୍ୟାପକ ନିଯୁକ୍ତି ନ ହେବା ଫଳରେ ଶିକ୍ଷାଦାନ କିଭଳି ଏକପ୍ରକାର ଠପ ହେବାକୁ ବସିଲାଣି । ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରେ ୧୪୩୪ ଅଧ୍ୟାପକ ଓ ୨୦୭୧ ଅଣଶିକ୍ଷକ ପଦ ଖାଲି ପଡ଼ିଛି ବୋଲି ବକ୍ତାମାନେ କହିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କିଛି କିଛି ବିଭାଗରେ ଜଣେ ଦୁଇ ଜଣ ଅଧ୍ୟାପକଙ୍କୁ ନେଇ ପାଠପଢ଼ା ଚାଲିଛି ଫଳରେ ବିଶ୍ୱବିଦ୍ୟାଳୟରେ ପାଠପଢ଼ାରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି । ଏ ଦିଗରେ ସରକାର ଅବିଳମ୍ବେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି । ଏହି ବିକ୍ଷୋଭରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ସଭାପତି ଇଶା ଧର, ସମ୍ପାଦକ ତରୁଣସେନ ନାୟକ, ଉପସଭାପତି ଶିବାନୀ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସତ୍ୟବ୍ରତ ମୁଦୁଲି, ରାଜେଶ ନାୟକ, ସରୋଜ ବେହେରା, କସକ ଜେନା, ଗାୟତ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଔଷଧ ସେଲ୍ସମ୍ୟାନ୍ ଗିରଫ

**କଟକ, ୨୬ ।୩(ସମିସ):** ବାଦାମବାଡ଼ି ଥାନା ଅନ୍ତର୍ଗତ ଅରୁଣୋଦୟ ନଗରରେ ଥିବା ଏକ ଆୟୁର୍ବେଦ ଔଷଧ ଦୋକାନରୁ ୧୨ ଲକ୍ଷ ଟଙ୍କାର ଔଷଧ ହଡ଼ପ ହୋଇଥିଲା । ଦୋକାନର ସେଲ୍ସ ମ୍ୟାନ୍ ଏହି ଔଷଧ ହଡ଼ପ କରିବା ଅଭିଯୋଗରେ ପୁଲିସ ସେଲ୍ସ ମ୍ୟାନ ସ୍ମୃତି ରଞ୍ଜନ ପୃଷ୍ଟିକୁ ଆଜି ଗିରଫ କରିଛି । ଅରୁଣୋଦୟ ନଗରରେ ଥିବା ଡିଏକ୍ସଏନ୍ ଆୟୁର୍ବେଦ କମ୍ପାନିର ଏକ ଔଷଧ ଦୋକାନ ରହିଛି । ସେଲ୍ସ ମ୍ୟାନ୍ ଭାବେ ଟାଙ୍ଗୀ ଥାନା ସାରଙ୍ଗର ସ୍ମୃତି ରଞ୍ଜନ ସେଲ୍ସ ମ୍ୟାନ୍ ଭାବେ କାମ କରୁଥିଲେ । ସେ ବିଭିନ୍ନ ସମୟରେ ଔଷଧ ଦୋକାନରୁ ଔଷଧ ଗାଏବ କରି ଏହାକୁ ବିକ୍ରି କରିଦେଉଥିଲେ । ଦୋକାନର ଅଡିଟ ସମୟରେ ଔଷଧ ହଡ଼ପ ହୋଇଥିବା ଜଣାପଡ଼ିଥିଲା । ଦୋକାନ ମାଲିକ ସରୋଜ ଜେନା ଜାଣିବା ପରେ ୨୦୨୫ ଜୁନ ୨୬ରେ ବାଦାମବାଡ଼ି ଥାନାରେ ଏତଲା ଦେଇଥିଲେ । ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ମୃତିଙ୍କୁ ଗିରଫ କରିଥିବା ଥାନା ଆଇଆଇସି ଅଜୟ ରାଉଳ ସୂଚନା ଦେଇଛନ୍ତି ।

# ଧରିଣା-କନ୍ଦରପୁର ରାସ୍ତା ଶୋଚନୀୟ

କିଶନନଗର,୨୬।୩(ସମିସ):

କଟକ ସଦର ବ୍ଲକ୍ ଅନ୍ତର୍ଗତ ଧରିଣା ଗ୍ରାମରୁ କନ୍ଦରପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ମାତ୍ର ୨ କିଲୋମିଟର ବିଶିଷ୍ଟ ଏହି ରାସ୍ତା ଉପରେ ଧରିଣା ଓ କମରପଦା ଆଦି ଗ୍ରାମର ପ୍ରାୟ ୫୦୦ରୁ ଅଧିକ ଲୋକ ନିତିଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଦୀର୍ଘ ଦିନ ହେବ ମରାମତି ଅଭାବରୁ ରାସ୍ତାରୁ ପିଚୁ ଉଠିଯିବା ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ମେଣ୍ଟାଲ୍ ବାହାରି ପଡ଼ିଥିବାରୁ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ବିଶେଷ

### ପ୍ରଶାସନିକ ଅବହେଳା ନେଇ ଜନଅସନ୍ତୋଷ

କରି ରାତି ସମୟରେ ଯାତାୟାତ କରୁଥିବା ଲୋକେ ଏବଂ ଯାନବାହାନ ଗୁଡ଼ିକ ପ୍ରତିକ୍ଷଣ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରତ୍ନାକର



ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, "ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରାଯାଇଛି, ମାତ୍ର କାର୍ଯ୍ୟ କେବେ ଆରମ୍ଭ ହେବ ସେ ନେଇ କୌଣସି ସଠିକ୍ ସୂଚନା ମିଳିପାରୁ ନାହିଁ। ବର୍ଷା ଦିନ ପୂର୍ବରୁ ଯଦି ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରା ନ ଯାଏ, ତେବେ ସ୍ଥିତି ଆହୁରି ସଙ୍ଗୀନ ହେବାର ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି।



## ମହାଗୌରୀ ବେଶରେ ମା' ବୁଢ଼ୀ ମଙ୍ଗଳା

ତିଗିରିଆ,୨୬।୩(ସମିସ): ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟ ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତୀକ ଦୁର୍ଗାପୂଜାର ଗୁରୁବାର ଅଷ୍ଟମ ଦିବସରେ ମା' ନିଜର ଭକ୍ତମାନଙ୍କୁ ମହାଗୌରୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ନିଖୋଜ ଭଣଜାର ମୃତଦେହ ଉଦ୍ଧାର

କଣ୍ଟାପଡ଼ା,୨୬।୩(ସମିସ): କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ଦେବୀ ନଦୀର ସିମଳଦା ଘାଟରେ ମାମୁ-ଭଣଜା ବୁଡ଼ିଯିବା ଘଟଣାରେ ଏକ ଦୁଃଖଦ ଅନ୍ତ ଘଟିଛି। ନିଖୋଜ ଥିବା ୧୩ ବର୍ଷର ନାବାଳକ ଭଣଜା ଆଜମ ବେଗଙ୍କ ମୃତଦେହକୁ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ନଦୀରେ ଗାଧୋଇବା ସମୟରେ ଉଭୟ ମାମୁ ଓ ଭଣଜା ଭାସି ଯାଇଥିଲେ। ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଏବଂ ଗୋବିନ୍ଦପୁର ପୁଲିସ ପକ୍ଷରୁ ମିଳିତ ଭାବେ ଦୀର୍ଘ ସମୟ ଧରି ଚାଲିଥିବା ତଲାସୀ ଅଭିଯାନ ପରେ ସିମଳଦା ଘାଟର ଅପରପାଶ୍ୱର୍ ତଥା ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ମଧ୍ୟବର୍ତ୍ତୀ ଅଞ୍ଚଳରୁ ନାବାଳକଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ କଟକ ପଠାଯାଇଥିବା ସୂଚନା ମିଳିଛି। ଏହି ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଧାୟକ ଓ ଜିଲ୍ଲାପାଳ



ନରସିଂହପୁର,୨୬।୩(ସମିସ): ବଡ଼ମ୍ବା-ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା ଏବଂ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଗୁରୁବାର ନରସିଂହପୁର ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ବିଧାୟକ ଓ ଜିଲ୍ଲାପାଳ ଡାକ୍ତରଖାନା ପରିସର ବୁଲି ଦେଖିବା ସହ ଡାକ୍ତରଖାନାରେ ଖାଲିଥିବା ପଦ ଏବଂ ଉପଲବ୍ଧ ସମ୍ବଳର ସଠିକ୍ ବିନିଯୋଗ କରାଯାଇ ରୋଗୀସେବାର ଅନୁଧ୍ୟାନ କରିଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ସେମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରଶାସନିକସ୍ତରରେ ଆଲୋଚନା କରାଯାଇଥିଲା। ଏହି ଗସ୍ତ ସମୟରେ ନରସିଂହପୁର ବିଡିଓ ପ୍ରଳୟାନନ୍ଦ ଶତପଥୀ ଏବଂ ତହସିଲଦାର ସୁଶ୍ରୀ ଅମ୍ରିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଣଯାତ୍ରା ପ୍ରସ୍ତୁତିର ସମୀକ୍ଷା



କଟକ,୨୬।୩(ସମିସ): ଆସନ୍ତା ୨ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରତାପନଗରୀଠାରେ ମା'ଧାକୁଲେଇଙ୍କ ପ୍ରସିଦ୍ଧ ବାଣଯାତ୍ରା ଅନୁଷ୍ଠିତ ହେବ। ଏନେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି ପର୍ବକୁ ସମୀକ୍ଷା କରିଛନ୍ତି ପୁଲିସ ଅଧିକାରୀ। ଜୋନ-୪ ଏସିପି ଅମିତାଭ ମହାପାତ୍ର, ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ, ରାଜପଥ ଟ୍ରାଫିକ ଥାନା ଆଇଆଇସି ଦୁର୍ଗାପ୍ରସାଦ ଜେନା ଓ ଅନ୍ୟ ଅଧିକାରୀ କୁଆଖାଇ ନଦୀପଠାସ୍ଥିତ ଆତସବାଜୀ ପଡ଼ିଆ ଓ ମେଳା ପଡ଼ିଆ ପରିଦର୍ଶନ କରି କମିଟି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ସହସମ୍ପାଦକ ବାଦଲ ଜେନା, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ, ରଣଜିତ ସ୍ୱାଇଁ, ଶିବୁନ ସେନାପତି, ଅରୁଣ ରାଉତ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ଟାଙ୍ଗୀ,୨୬।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତ ଟିକରା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନ୍ଦନା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ପ୍ରଭାତ ନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ସେଠୀ, ସମାଜସେବୀ ଅମନ ବେଉରା, ସିଆରସିସି ଅମୀୟ ମଲ୍ଲିକ ଓ ପ୍ରାକ୍ତନ ସିଆରସିସି ମହେନ୍ଦ୍ର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହଶିକ୍ଷୟିତ୍ରୀ ସବିତା ପୃଷ୍ଟି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସାଲେପୁରରେ ଓଡ଼ିଶା ଜନତା କଂଗ୍ରେସର ମିଶ୍ରଣ ସଭା




ସାଲେପୁର,୨୬।୩(ସମିସ):

ଆଜି ସାଲେପୁର ମଧୁମଣ୍ଡପଠାରେ ଓଡ଼ିଶା ଜନତା କଂଗ୍ରେସର ଏକ ମିଶ୍ରଣ ପର୍ବ ସରପଞ୍ଚ ଶିବୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଯୋଗଦେଇ ଖଣି ଖଦାନରୁ ଉପାର୍ଜିତ ଅର୍ଥ ଓଡ଼ିଶାର ବିକାଶରେ ଲାଗୁନାହିଁ ବୋଲି କହିବା ସହ ଓଡ଼ିଶାର ବିକାଶ ପାଇଁ ଓ ଓଡ଼ିଆମାନଙ୍କ ଗୌରବକୁ ବଜାୟ ରଖିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଦଳ ପ୍ରତିଷ୍ଠା କରାଯାଇଥିବା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଦଳରେ ବିଶେଷ କରି ଯୁବପିଢ଼ିଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଆସନ୍ତା ମାସ ୧୫ତାରିଖ ଭୁବନେଶ୍ୱର ଜନତା ମଇଦାନରେ ଓଡ଼ିଶା ଜନତା ଦଳ ନିଜର ଶକ୍ତି ପ୍ରଦର୍ଶନ କରିବ ବୋଲି ସେ ପ୍ରକାଶ କରିଥିଲେ। ଉକ୍ତ ଦିନ ଓଡ଼ିଶାର କୋଣ ଓ ଅନୁକୋଣରୁ ବହୁ ଯୁବ ଓ ମହିଳାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ଦାଶ, ଗିରିବାଳା ବେହେରା, ସେକ୍ ସିରାଜ, ପ୍ରତାପ ଭୂୟାଁ, ମାନସ ନାୟକ, ଅକ୍ଷୟ ଗିରି, ଅକ୍ଷୟ ଖୁଣ୍ଟିଆ, ବିଷ୍ଣୁମୋହନ ରାଉତ, ସୟଦ ହୀରା ଅଲ୍ଲି, ସୟଦ ଏକ୍ରାମ ହୁସେନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଅବକାରୀ ଚଢ଼ଉ; ୪ ଗିରଫ

ଚୌଦ୍ୱାର,୨୬।୩(ସମିସ): ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ଟାଙ୍ଗୀ ଓ ଚୌଦ୍ୱାର ଅଞ୍ଚଳରେ ଚଢ଼ଉ କରାଯାଇ ୭୦ ଲିଟର ଚୋରା ଦେଶୀ ମଦ ଜବତ କରାଯିବା ସହ ଘଟଣାରେ ଜଣେ ମହିଳା ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଚୌଦ୍ୱାର ଥାନା ବାଣୀପଦା ଗ୍ରାମର ବୁଲୁ ମଲ୍ଲିକ, ଅଭୟପୁରର ଫୁଲ ଛତିରା, ଚୌଦ୍ୱାରର ଭଗବାନ ବେହେରା ଓ ଓସିଏଲର କୃଷ୍ଣ ସାମାତ। ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ଉରେ ଇନସ୍ପେକ୍ଟର ମାନସୀ ନାୟକ, ଭକ୍ତବତ୍ସଳ ବର୍ମା, ଆଶୁତୋଷ ଜେନା, ରାମକୃଷ୍ଣ ବିଶ୍ୱାଳ, ସୁନୀଲ ବଳ ଓ ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଜଳଖିଆ ଦୋକାନରେ ଅଗ୍ନିକାଣ୍ଡ

ନରସିଂହପୁର,୨୬।୩(ସମିସ): ନରସିଂହପୁର ବ୍ଲକ ଅଧୀନ ବାଲିଝରି ପଞ୍ଚାୟତର ପାଇକସାହିରେ ଥିବା ହରସ କୁମାର ନାୟକଙ୍କ ଜଳଖିଆ ଦୋକାନରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଦୋକାନରେ ଥିବା ସମସ୍ତ ସାମଗ୍ରୀ ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିକାଣ୍ଡର ଖବର ପାଇ ବାଲିଝରୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ମେଟାଲ ବୋଝେଇ ଟ୍ରାକ୍ଟର ଜବତ

ଆଠଗଡ,୨୬।୩(ସମିସ): ଆଠଗଡ ବନାଞ୍ଚଳ ଅନ୍ତର୍ଗତ କନ୍ଦରପୁର ନିକଟ କେନ୍ଦୁଟୋକଳି ଗ୍ରାମ୍ୟ ଜଙ୍ଗଲରୁ ମେଟାଲ ଚୋରାଚାଲାଣ ବେଳେ ବନବିଭାଗ ପକ୍ଷରୁ ଏକ ଟ୍ରାକ୍ଟର ଜବତ ହୋଇଛି। ଜଙ୍ଗଲ ଜମିରୁ ମେଟାଲ ଖୋଳି ଟ୍ରାକ୍ଟରରେ ବୋଝେଇ ହେଉଥିବା ଖବର ପାଇ ବନରକ୍ଷୀ ପ୍ରଶାନ୍ତ ବେହେରା ଓ ସ୍କ୍ୱାଡ ସଦସ୍ୟ ଚଢ଼ଉ କରିଥିଲେ। ଚଢ଼ଉ ପୂର୍ବରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିଲା। ଟ୍ରାକ୍ଟରଟିକୁ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇଛି।

## ବନ୍ଧୁକ ଚାଳନାରେ ସୁରେନ୍ଦ୍ର ସମ୍ମାନିତ

ନରସିଂହପୁର,୨୬।୩(ସମିସ): ନରସିଂହପୁର ବ୍ଲକ ଅଧୀନ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟ ତଥା ଫାଷ୍ଟ ଓଡିଶା ମେଡିକାଲ କମ୍ପାନୀ ଏନସିସି, କଟକର ଦ୍ୱିତୀୟ ବର୍ଷର କ୍ୟାଡେଟ ସୁରେନ୍ଦ୍ର କୁମାର କର ଚଳିତ ବର୍ଷ ପାଇଁ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଶ୍ରେଷ୍ଠ କ୍ୟାଡେଟ ଭାବରେ ଫାଷ୍ଟ ଓଡିଶା ମେଡିକାଲ କମ୍ପାନୀ ଏନସିସିର ଅଫିସର କମାଣ୍ଡିଙ୍ଗ ମେଜର ଆଶୁତୋଷ ତ୍ରିପାଠୀଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶ୍ରୀ କର ବିଦ୍ୟାଳୟର ଏନସିସି ଚିଫ୍ ଅଫିସର ରଜନୀକାନ୍ତ ମିଶ୍ର ଓ ସୁବେଦାର ଅନିରୁଦ୍ଧ ଯାଦବଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିଲେ। ଏଥିନେଇ ଶ୍ରୀ କରଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ଓସିଏ ଅମ୍ପାୟାରିଂ ପାନେଲ୍‌ରେ ଆଶିଷ



ଚୌଦ୍ୱାର,୨୬।୩(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ପରିଚାଳିତ ଅମ୍ପାୟାରିଂ ପାନେଲରେ ଚୌଦ୍ୱାର ଅଞ୍ଚଳର ଉଦୀୟମାନ କ୍ରିକେଟର ଆଶିଷ ରାଉତ ସ୍ଥାନ ପାଇ କଟକ ଜିଲ୍ଲା ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଓସିଏ ଅମ୍ପାୟାରିଂ ସେମିନାର ୨୦୨୫-୨୬ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ଏହି ସଫଳତା ହାସଲ କରିଛନ୍ତି। ୨୦୨୫ ଜୁନ୍‌ରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ସାରା ରାଜ୍ୟରୁ ପ୍ରାୟ ୧୫୦ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଲିଖିତ, ମୌଖିକ (ଭାଇବା) ଏବଂ ପ୍ରାୟୋଗିକ (ପ୍ରାଟିକାଲ୍) ଆଦି ତିନୋଟି ପର୍ଯ୍ୟାୟ ପରୀକ୍ଷାରେ ଆଶିଷ ୬୭ ପ୍ରତିଶତ ନମ୍ବର ରଖି ରାଜ୍ୟସ୍ତରରେ ୨୧ତମ ସ୍ଥାନ ଅଧିକାର କରିଛନ୍ତି। ଚୌଦ୍ୱାର ଓଟିଏମ୍ କଲୋନୀର ବାସିନ୍ଦା ତଥା କ୍ଷୀରୋଦ ରାଉତଙ୍କ ପୁଅ ଆଶିଷ ପିଲାଟି ଦିନରୁ କ୍ରିକେଟ ପ୍ରତି ବିଶେଷ ରୁଚି ରଖିଥିଲେ। ଜଣେ ଦକ୍ଷ କ୍ରିକେଟର ଭାବେ ସେ ପୂର୍ବରୁ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ କଟକ ଜିଲ୍ଲା ପକ୍ଷରୁ ଖେଳି ସୁନାମ ଅର୍ଜନ କରିଛନ୍ତି। ଆଗାମୀ ଦିନରେ ଓସିଏ ଦ୍ୱାରା ପରିଚାଳିତ ଅଣ୍ଡର-୧୬ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଅମ୍ପାୟାରିଂ କରିବାର ସୁଯୋଗ ମିଳିବ। ତାଙ୍କର ଏହି କୃତିତ୍ୱ ପାଇଁ ଚୌଦ୍ୱାର ଆମ୍ବିସନ କ୍ଲବ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ପୂର୍ବତନ କାଉନସିଲର ମନୋଜ ମହାନ୍ତି, ପୂର୍ବତନ କ୍ରିକେଟର ଅମିତ ବେଉରା, ଦିବ୍ୟରଞ୍ଜନ ମଲ୍ଲ, ସାମ୍ବାଦିକ ତପନ ସାହୁ ଏବଂ ଶ୍ରମିକ ପରିବାର ଯୁବକ ସଂଘର କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଯକ୍ଷ୍ମା ରୋଗୀଙ୍କୁ ଆଦାନୀ ଗ୍ରୁପ୍ ପକ୍ଷରୁ ପୋଷଣ କିଟ୍



ଆଠଗଡ଼,୨୬।୩(ସମିସ): ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଯକ୍ଷ୍ମା ରୋଗରେ ପୀଡ଼ିତ ଥିବା ୮ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଯକ୍ଷ୍ମା ରୋଗରେ ପୀଡ଼ିତ ରୋଗୀମାନେ ନିୟମିତ ଔଷଧ ସେବନ ଫଳରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଉଛି। କଟକ ଜିଲ୍ଲା ଆଠଗଡ଼ ବ୍ଲକ୍ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ ରୋଗୀ ଚିହ୍ନଟ ହୋଇ ଚିକିତ୍ସାଧୀନ ଅଛନ୍ତି। ଶାରୀରିକ ଭାବେ ସୁସ୍ଥ ହୋଇଥିବା ବ୍ୟକ୍ତିଙ୍କ ପାଇଁ ନିୟମିତ ପୋଷଣ ଖାଦ୍ୟର ଆବଶ୍ୟକତା ରହିଛି। ଏଇ ପରିପ୍ରେକ୍ଷୀରେ ଆଠଗଡ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଯକ୍ଷ୍ମା ରୋଗ ଚିକିତ୍ସାଧୀନ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାକୁ ଆଦାନୀ ଫାଉଣ୍ଡେସନ, କଟକ ଦାୟିତ୍ୱ ନିର୍ବାହ କରିଛନ୍ତି। କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସଂପୃକ୍ତ ସଂସ୍ଥା ୬ ମାସ ପର୍ଯ୍ୟନ୍ତ ପୋଷଣ ଯୋଗାଇଦେବା ପାଇଁ ଦାୟିତ୍ୱ ବହନ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଆଦାନୀ ଗ୍ରୁପର ସାମାଜିକ ସେବା ଦାୟିତ୍ୱପ୍ରାପ୍ତ ଅଧିକାରୀ ପବିତ୍ର ମୋହନ ମିଶ୍ରଙ୍କ ସଂଯୋଜନାରେ ଆଠଗଡ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ୮ ଜଣ ଚିକିତ୍ସାଧୀନ ରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ କରାଯାଇଥିଲା। ଆଠଗଡ ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଡା. ମାନସ ରଞ୍ଜନ ପାଣି, ହସ୍ପିଟାଲ ପରିଚାଳକ ପୂଜାଲିନ ମିଶ୍ର ଏହି କିଟ୍ ପ୍ରଦାନ କରିଥିଲେ। ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହୁମୁଖୀ ଯକ୍ଷ୍ମା ଚିକିତ୍ସା ପରିଦର୍ଶକ ରଶ୍ମିରଞ୍ଜନ ଜେନା ଓ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଆଶାକର୍ମୀ ସହଯୋଗ କରିଥିଲେ।

## ୩୦ରୁ ଜାତୀୟସ୍ତରୀୟ କନିଷ୍ଠ ଖୋ-ଖୋ ପ୍ରତିଯୋଗିତା

ଆଠଗଡ଼,୨୬।୩(ସମିସ): ଆଠଗଡ଼ ସହରରେ ପ୍ରଥମ ଥର ପାଇଁ ଜାତୀୟସ୍ତରୀୟ କନିଷ୍ଠ ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। "ଖୋ-ଖୋ ଭାରତ' ପକ୍ଷରୁ "ଖୋ-ଖୋ ଓଡ଼ିଶା'ର ସହାୟତାରେ ଆସନ୍ତା ମାର୍ଚ୍ଚ ୩୦ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜିତ ହେବ। ଦେଶର କୌଣସି ଏକ ଉପଖଣ୍ଡ ମୁଖ୍ୟ ଦପ୍ତରରେ ଏଭଳି ଏକ ବଡ଼ ଧରଣର ଜାତୀୟ ପ୍ରତିଯୋଗିତା ଆୟୋଜନ ହେବା ଏକ ଗୌରବର ବିଷୟ। ଖୋ-ଖୋ ଓଡ଼ିଶାର ସଭାପତି ତଥା ଆଠଗଡ଼ ଖୋ-ଖୋ ଆସୋସିଏସନ୍ ସଭାପତି ଲକ୍ଷ୍ମୀନାରାୟଣ ଭଞ୍ଜ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ

### ଅଂଶଗ୍ରହଣ କରିବେ ୩୦ ରାଜ୍ୟର ଖେଳାଳି

ଦେଶର ୩୦ଟି ରାଜ୍ୟରୁ ପ୍ରାୟ ୮୫୦ ଜଣ କନିଷ୍ଠ ବର୍ଗର ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିବେ। ପ୍ରଶିକ୍ଷକ ଓ ପଦାଧିକାରୀଙ୍କୁ ମିଶାଇ ମୋଟ ୧୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଆଠଗଡ଼ରେ ପହଞ୍ଚିବେ। ଟୁର୍ଣ୍ଣାମେଣ୍ଟ ମଧ୍ୟରେ ସମୁଦାୟ ୧୫୦ଟି ମ୍ୟାଚ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁଯାୟୀ, ଆସନ୍ତା ୨୯ ତାରିଖରେ ସମସ୍ତ ଖେଳାଳି ଓ ଅଧିକାରୀ ଆଠଗଡ଼ରେ ପହଞ୍ଚିବେ। ୩୦ ତାରିଖ ଅପରାହ୍ନ ୪ଟାରେ ଝୁଲଣ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବ ପଡ଼ିଆରେ ପହଞ୍ଚିବା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରତିଯୋଗିତା ଉଦ୍‌ଘାଟନ ହେବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ବିକ୍ରମ କେଶରୀ ରାୟ ସାମନ୍ତ, କୋଷାଧ୍ୟକ୍ଷ ଶୁଭମ୍ ରାଉତ ଏବଂ ସ୍ୱେଚ୍ଛାସେବୀ ସୁଧାଂଶୁ ଶେଖର ସାହୁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

### ଯୁବକଙ୍କ କିଡ୍‌ନୀ ଅଚଳ

## ସହାୟତା ପାଇଁ ପରିବାରର ଆକୁଳ ନିବେଦନ

ଭଦ୍ରେଶ୍ୱର,୨୬।୩(ସମିସ):

ମାହାଙ୍ଗା ବ୍ଲକ ଗୋପାଳପୁର ଗ୍ରାମର ଜଣେ ଯୁବକ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ଚିକିତ୍ସା ପାଇଁ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଥିବା ବେଳେ ଗରିବ ପରିବାର ପାଇଁ ଏହା ଏବେ ବଡ଼ ବାଧକ ସାଜିଛି। ସୂଚନା ଅନୁଯାୟୀ, ଗୋପାଳପୁର ଗ୍ରାମର ଦିନ ମଜୁରିଆ ଅନିରୁଦ୍ଧ ପ୍ରଧାନଙ୍କ ଏକମାତ୍ର ପୁତ୍ର ସୌମ୍ୟରଞ୍ଜନ ପ୍ରଧାନ (୩୩)ଙ୍କ ଦୁଇଟି ଯାକ କିଡ୍‌ନୀ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ପରିବାର ଲୋକେ ନିଜର



ସର୍ବସ୍ୱ ବିକ୍ରି କରି ପୁଅର ଚିକିତ୍ସାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିସାରିଥିଲେ ମଧ୍ୟ ସ୍ଥିତିରେ ସୁଧାର ଆସିନାହିଁ। ଅଧିକ ଚିକିତ୍ସା ପାଇଁ ଏବେ ଆହୁରି ଲକ୍ଷ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ଏକମାତ୍ର ପୁତ୍ରକୁ ବଞ୍ଚାଇବା ପାଇଁ ପରିବାର ଲୋକେ ଚିନ୍ତାରେ ଭାଙ୍ଗି ପଡ଼ିଥିବା ବେଳେ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ଆର୍ଥିକ ସହାୟତା ମିଳିପାରି ନାହିଁ। ଏପରି ସ୍ଥିତିରେ କୌଣସି ସହୃଦୟ ବ୍ୟକ୍ତି ବା ସ୍ୱେଚ୍ଛାସେବୀ ସଂଗଠନ ସହାୟତାର ହାତ ବଢ଼ାଇବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି। ସହାୟତା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ମୋବାଇଲ୍ ନମ୍ବର ୯୮୫୩୮୪୧୩୭୦ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ରାସରସିକପୁରରେ ବାସନ୍ତିକ ଦୁର୍ଗାପୂଜା

ଆଠଗଡ଼, ୨୬।୩(ସମିସ): ଆଠଗଡ ସହରର ରାସରସିକପୁରସ୍ଥିତ ଆରାଧ୍ୟା ଗ୍ରାମଦେବତୀ ମା' ଭୁଆସୁଣିଙ୍କ ପୀଠରେ ୯ମ ବାର୍ଷିକ ତ୍ରିଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା ଏକ ପବିତ୍ର ତଥା ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଅଧିବାସ ପରେ ସାହିର ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଶାସନ ପୋଖରୀ କୂଳରେ ପୂଜାର୍ଚ୍ଚନା ପରେ ଜଳ କଳସ ଧାରଣ କରି ଏକ ଶୋଭାଯାତ୍ରାରେ ଆସିଥିଲେ। ମନ୍ଦିର ପରିସରରେ ଘଟ ସ୍ଥାପନ ଓ ମଣ୍ଡଳୀକରଣ କରାଯାଇଥିଲା।



ସାହି ପରିକ୍ରମା ସମୟରେ ପ୍ରତ୍ୟେକ ଘର ସମ୍ମୁଖରେ ମହିଳାମାନେ ଲିପାପୋଛା କରି ମୁରୁଜ ଝୋଟି ପକାଇ ମା'ଙ୍କୁ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ। ନଗର ପରିକ୍ରମା ପରେ ଯଜ୍ଞର ପୂର୍ଣ୍ଣାହୁତି ସହ ସମସ୍ତ ପୂଜାକର୍ମ ସମାପନ ହୋଇଥିଲା। ପୁରୋଧା ଭାବେ ପଣ୍ଡିତ କାଳୀପ୍ରସାଦ ମିଶ୍ର, ପଣ୍ଡିତ ସୁବାସଚନ୍ଦ୍ର ଆଚାର୍ଯ୍ୟ ଓ ମନ୍ଦିର ପୂଜକ ବୃନ୍ଦାବନ ମହାପାତ୍ର ସମସ୍ତ ପୂଜାନୀତି ସମ୍ପନ୍ନ କରିଥିବାବେଳେ ନବକିଶୋର ରାଉତ ଓ ତାଙ୍କ ସହଧର୍ମିଣୀ ସରୋଜିନୀ ରାଉତ କର୍ତ୍ତା ଥିଲେ। ସାହିର ପ୍ରାକ୍ତନ ସଭାପତି ମିହିର ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ, ମନୋରଞ୍ଜନ ମିଶ୍ରଙ୍କ ସମେତ ସାହି ଅଧିବାସୀ ପରିଚାଳନା କରିଥିଲେ।

# ଇପିଏଫ୍ ପେନସନର୍ସ ସଂଘର ବିକ୍ଷୋଭ ଓ ଦାବିପତ୍ର



ବ୍ରହ୍ମପୁର,୨୬(ସମିସ): ଗଞ୍ଜାମ ଜିଲ୍ଲା ଇପିଏଫ ପେନସନର୍ସ ସଂଘ ଶାଖା ତରଫରୁ ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି। ସଭାପତି ରମେଶ ଚନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥିଙ୍କ ନେତୃତ୍ୱରେ ନ୍ୟାର୍ଯ୍ୟଦାବୀ ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ଥିଲେ। ଧାରଣାରେ ସମାଜସେବୀ ତ୍ରିନାଥ ମହାରଣା ଯୋଗ ଦେଇ ତୁରନ୍ତ ଦାବିପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ଏଠାରେ କୁହାଯାଇଛି ଯେ, ୨୦୦୩ରେ ସାରା ଓଡିଶାରୁ ୭୦୦୦କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଅବସର ନେଲେ। ଉକ୍ତ ଆଇନକୁ ୨୦୧୪ରେ ସରକାର କାର୍ଯ୍ୟକରି କରାଗଲା। ବର୍ତ୍ତମାନ ଅବସରପ୍ରାପ୍ତ କର୍ମଚାରୀ ପ୍ରତିମାସରେ ୭୦୦ରୁ ୧୨୦୦ଟଙ୍କା ପାଉଛନ୍ତି। ଯାହାକି ଚାହା ଖର୍ଚ୍ଚକୁ ନିଅଣ୍ଟ। କିନ୍ତୁ ମାନ୍ୟବର ବିଧାୟକ ଓ ସାଂସଦ ମାନଙ୍କୁ ଘରଭଡା, ଫୋନଖର୍ଚ୍ଚ ସମେତ ବିଭିନ୍ନ ଖର୍ଚ୍ଚ ପାଇଁ ଲକ୍ଷଲକ୍ଷ ଟଙ୍କା ମିଳୁଛି। ହେଲେ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିକୁ ବିଧାନସଭାରେ ଓ ସାଂସଦରେ ଗୁରୁତ୍ୱ ନଦେବା ପରିତାପର ବିଷୟ ବୋଲି ଏଠାରେ କୁହାଯାଇଛି।

# ଦୁଇ ମାସ ଭିତରେ ‘ସୁଭଦ୍ରା ଶକ୍ତି ବଜାର’ ଅଚଳ

ବ୍ରହ୍ମପୁର,୨୬।୩(ସମିସ): ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରୀବଟା କରିବା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ବଜାରର। ପୂର୍ବ ସରକାର ଅମଳର ମିଶନ ଶକ୍ତି ବର୍ତ୍ତମାନ ସୁଭଦ୍ରା ଶକ୍ତି ନାମରେ ନାମିତ। ମାଆ ମାନଙ୍କୁ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏହି ଯୋଜନା ଉଦ୍ଦିଷ୍ଟ। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ସହରର କମ୍ପାପଲ୍ଲୀ ଠାରୁ ଟାଟାବେଞ୍ଜ ଛକ ମଧ୍ୟରେ ସରକାରୀ ଜମିରେ ଦୁଇମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। ଯାହାର ନିର୍ମାଣ ଦାୟିତ୍ୱ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏକୁ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରାୟ ୪କୋଟ ଟଙ୍କା ବ୍ୟୟରେ ଏହି ସୁଭଦ୍ରା ଶକ୍ତି ବଜାରର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ଦ୍ୱିମହଲା ବିଶିଷ୍ଟ ଏହି କୋଠାରେ ଉଭୟ ତଳ ଓ ଉପରେ ମୋଟ ୨୦ଟି ଦୋକାନ ଗୃହ ରହିଥିବା ବେଳେ ଗୋଟିଏ ମିଲେଟ ଶକ୍ତି କାଫେର ବ୍ୟବସ୍ଥା ରହିଛି। କେବଳ କୋଠା ନିର୍ମାଣ ଶେଷ ହୋଇଛି ଏହା ନୁହେଁ ବରଂ ଗତ ଜାନୁଆରୀ ୩୦ତାରିଖରେ ଗଞ୍ଜାମ ଗସ୍ତରେ ଆସି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗୋପାଳପୁର ବେଳାଭୂମି ମହୋତ୍ସବରେ



ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକଳ୍ପ ସହିତ ବ୍ରହ୍ମପୁରରେ ପ୍ରଶାସନ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ସୁଭଦ୍ରା ଶକ୍ତି ବଜାରକୁ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନ କରିଥିଲେ। ତେବେ ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ହେଲା ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ଏହି ସୁଭଦ୍ରା ଶକ୍ତି ବଜାର ଦିର୍ଘ ୨ମାସ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଉଦ୍‌ଘାଟନ ପରଠାରୁ ତାଲା ପଡି ରହିଛି ଏହି ସ୍ୱତନ୍ତ୍ର ବଜାର।

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଥିଲା ଲୋକାର୍ପଣ
- ୪କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି ସ୍ୱତନ୍ତ୍ର ବଜାର
- ବିଇଡିଏ ଦ୍ୱାରା ନିର୍ମିତ କୋଠା ହସ୍ତାନ୍ତରକୁ ନେଇ ଲାଗିରହିଛି ବିବାଦ!

ସୁଭଦ୍ରା ଶକ୍ତି ବଜାର କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ନେଇ ଖୋଳତାଡ କରିବା ବେଳେ ଉକ୍ତ କୋଠା ଯଦିଓ ବିଇଡିଏ ପକ୍ଷରୁ ନିର୍ମାଣ କରାଯାଇଥିଲା ତେବେ ତାହା ଆଜି ପର୍ଯ୍ୟନ୍ତ ଜିଲ୍ଲା ଉନ୍ନୟନ ସଂସ୍ଥାକୁ ବା ଡିଆରଡିଏକୁ ହସ୍ତାନ୍ତର ହୋଇନଥିବା ଜଣାପଡିଛି। ଅପରପକ୍ଷେ ପ୍ରଶଶସନ ପକ୍ଷରୁ କୋଠା ନିର୍ମାଣ ବାବଦରେ ବିଇଡିଏକୁ ମିଳିବାକୁ ଥିବା କିଛି ଦେୟ ବକେୟା ଥିବା ସୂଚନା ମିଳିଛି। ଉଭୟ ଡିଆରଡିଏ ଏବଂ ବିଇଡିଏ ସରକାରଙ୍କ ସଂସ୍ଥା ହୋଇଥିବା ବେଳେ ଉଭୟ ସଂସ୍ଥା ମଧ୍ୟରେ ପ୍ରଶାସନିକ ସମନ୍ୱୟର ଅଭାବ ଯୋଗୁଁ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ସୁଭଦ୍ରା ଶକ୍ତି ବଜାର କାର୍ଯ୍ୟକ୍ଷମ ନହୋଇ ପଡିରହିଥିବା ଦେଖିବାକୁ ମିଳିଛି। ପ୍ରଶାସନିକ ସ୍ତରରେ ଏଭଳି ସମନ୍ୱୟର ଅଭାବକୁ ନେଇ ସାଧାରଣରେ ଆଲୋଚନା ହେଉଛି।

# ଖରାଦିନେ ପଶୁପକ୍ଷୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବାକୁ ଦାବି

ବ୍ରହ୍ମପୁର,୨୬(ସମିସ): ବ୍ରହ୍ମପୁର ସହରରେ ଖରାଦିନେ ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଶୁପ୍ରେମୀ ଦାବି କରିଛନ୍ତି। ଏନେଇ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ କହିଛନ୍ତି ଯେ, ବିଏମସି ଚଳିତବର୍ଷ ପାଇଁ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବାବଦରେ ୬୨୩କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛି। ତନ୍ମଧ୍ୟରେ ୪୨ଟି ୱାର୍ଡରେ ଜନସାଧାରଣଙ୍କ ପାଇଁ ୮୮ଟି ଜଳଛତ୍ର ଖୋଲି ୬୦ଲକ୍ଷ ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ହୋଇଛି। କିନ୍ତୁ ସେହି ଯୋଜନାରେ ପଶୁପକ୍ଷୀଙ୍କ ପାଇଁ ଗୋଟିଏ ବି ବ୍ୟବସ୍ଥା ନ ଥିବା ଅତ୍ୟନ୍ତ ଦୁଃଖଦ କଥା। ଗ୍ରୀଷ୍ମର ତୀବ୍ର ତାପରେ ଯେତେବେଳେ ରାସ୍ତାରେ ଘୁରୁଥିବା ପଶୁପକ୍ଷୀମାନେ ପାଣି ବିନା ତହଳ ବିକଳ ହୋଇ ତିବ୍ର କଷ୍ଟ ଭୋଗୁଛନ୍ତି, ସେତେବେଳେ ନିଗମ କର୍ତ୍ତୃପକ୍ଷଙ୍କ ଏହି ଅନାଗ୍ରହ ବ୍ୟଥିତ କରୁଛି ବୋଲି ସେ କହିଛନ୍ତି। ତୁରନ୍ତ ପଶୁପକ୍ଷୀଙ୍କ ପାଇଁ ଜଳଛତ୍ର, ପାଣି ବ୍ୟବସ୍ଥା ଓ ସୁରକ୍ଷା ଯୋଜନାକୁ ବଜେଟ୍‌ରେ ଅନ୍ତର୍ଭୁକ୍ତ କରାଯିବାକୁ ଦାବି କରାଯାଇଛି।

# ଅନୁମୋଦନ ଓ ଅନୁଦାନ ସତ୍ତ୍ୱେ ଅଟକିଛି ପ୍ରକଳ୍ପ

ବ୍ରହ୍ମପୁର,୨୬।୩(ସମିସ): ବ୍ରହ୍ମପୁର ମହାନଗର ନିଗମରେ ବିଭିନ୍ନ ୱାର୍ଡରେ ଅଧପନ୍ତରିଆ ଭାବେ ରହିଛି ବହୁ ଉନ୍ନୟନମୂଳକ ପ୍ରକଳ୍ପ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ରୋଷର ଶୀକାର ହେଉଛନ୍ତି ସ୍ଥାନୀୟ ଜନପ୍ରତିନିଧି। ନିଗମର ୧୪ନମ୍ବର ୱାର୍ଡ ଅନ୍ତର୍ଗତ ଡାଇମଣ୍ଡ ଟ୍ୟାଙ୍କ ରୋଡ ଠାରୁ ଆମ୍ରମାର୍କେଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ସରକାରୀ ଅନୁମୋଦନ ସହିତ ଅନୁଦାନ ମିଳିଥିଲେ ହେଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ପ୍ରକଳ୍ପ କାର୍ଯ୍ୟ ପାଇଁ ପ୍ରାଣମ୍ଭିକ ପର୍ଯ୍ୟାୟରେ ୪୬କୋଟି ଟଙ୍କା ଏଷ୍ଟିମେଟ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଯାହା ରୁକ୍ମିଣୀ ସିନେମାହଲ ଠାରୁ କମିସନରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ରାସ୍ତା ଓ ଡ୍ରେନ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିଲା। ୨୦୨୨ମସିହାରେ ପୁନଃ ଏଷ୍ଟିମେଟ କରି ସରକାରୀ ଅନୁମୋଦନ ଓ ୨୮କୋଟି ୫୦ଲକ୍ଷର ଅନୁଦାନରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସ୍ୱିକୃତୀ ମିଳିଥିଲା। ଇତି ମଧ୍ୟରେ ପୂର୍ତ୍ତବିଭାଗ ପକ୍ଷରୁ ୨୫କୋଟି ଟଙ୍କାରେ ରାସ୍ତା ଓ ଡ୍ରେନ କାର୍ଯ୍ୟ ୨୦୨୫ମସିହା ମାର୍ଚ୍ଚରୁ ସମ୍ପୂର୍ଣ୍ଣ ହୋଇସାରିଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟର ବିନିଯୋଗ ପ୍ରମାଣପତ୍ର ମଧ୍ୟ ଦିଆସରିଛି। ପ୍ରକଳ୍ପରେ ସାମିଲ ହୋଇଥିବା ରାସ୍ତାରେ ପିଚୁ, ରାସ୍ତା ମଝିରେ ଡିଭାଇଡର ଓ ଆଲୋକୀକରଣ ବ୍ୟବସ୍ଥା ପାଇଁ ଅବଶିଷ୍ଟ ସାଢେ ୩କୋଟି ଟଙ୍କା ବିଏମସି ନିକଟରେ ଜମା ଥିବା ସତ୍ତ୍ୱେ ଉକ୍ତ କାର୍ଯ୍ୟ ଆଗକୁ ନବଢି ଅସମ୍ପୂର୍ଣ୍ଣ ରହିଛି। ଏଭଳି ସ୍ଥିତିରେ ପ୍ରକଳ୍ପ ପାଇଁ ସରକାରୀ ଅନୁମୋଦନ ଓ ଅନୁଦାନ ଥିବା ସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଶେଷ ନହେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ କର୍ପୋରେଟର



ଗୀତାରାଣୀ ପଣ୍ଡା। ଏନେଇ ସେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ନିଗମର ୨ନମ୍ବର ୱାର୍ଡ ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ହେଉଛି ସହରର ଅନ୍ୟତମ ଦିର୍ଘତମ ରାସ୍ତା। ଏଠାରେ ମୋଟ ୧୭ଟି ଗଳି ଥିବାବେଳେ ଲୋକସଂଖ୍ୟା ମଧ୍ୟ ଢେର ଅଧିକ। ତେବେ ଉକ୍ତ ସାହିର ରାସ୍ତା ନିର୍ମାଣକୁ ନେଇ ଅଞ୍ଚଳବାସୀ ଉଦବେଗ ପ୍ରକାଶ କରିଛନ୍ତି। ଦିର୍ଘବର୍ଷ ଧରି ଅଞ୍ଚଳର ରାସ୍ତା ଓ ନାଳ ନିର୍ମାଣ କାର୍ଯ୍ୟ ପାଇଁ ଅଞ୍ଚଳବାସୀଙ୍କ ଅନୁରୋଧ ରକ୍ଷା କରି ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ଏକାଧିକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ଶତକଡା ୮୦ପ୍ରତିଶତ କାମ ଶେଷ ହୋଇସାରିଥିଲେ ହେଁ ଅବଶିଷ୍ଟ ୨୦ପ୍ରତିଶତ ନିର୍ମାଣକାର୍ଯ୍ୟ ନହୋଇ ପଡିରହିଛି। ଯେଉଁଥିପାଇଁ ଅଞ୍ଚଳବାସୀଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିବା ସହ ମେୟର ଓ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମାନ୍ୟ ବର୍ଷା ହେଲେ ସମ୍ପୃକ୍ତ ଅଞ୍ଚଳ ଜଳମଗ୍ନ ହେଉଥିବା ବେଳେ ଯାତାୟତ ସମ୍ଭବପର ହେଉନାହିଁ। ତେଣୁ ତୁରନ୍ତ ଉକ୍ତ ରାସ୍ତା ଓ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସିନ୍ଦା ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କେବଳ ୨କିମ୍ବା ୧୪ନମ୍ବର ୱାର୍ଡରେ ଯେ ଏଭଳି ସମସ୍ୟା ରହିଛି ଏହା ନୁହେଁ ବରଂ ସହରର ଏକାଧିକ ୱାର୍ଡରେ ଆନ୍ତରିକତା ଓ ସମନ୍ୱୟର ଅଭାବ କାରଣରୁ ପ୍ରକଳ୍ପ ଗୁଡିକ ଅଧପନ୍ତରିଆ ହୋଇ ପଡିରହିଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାର ସମାଧାନ ଜରୁରୀ ବୋଲି ସହରବାସୀ ଦାବି କରିଛନ୍ତି। ଅଭିଯୋଗ ପାଇବା ପରେ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ସମ୍ପୃକ୍ତ ଚନିଷ୍ଠ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦଣ୍ଡନାଚରେ ନିଶାଡ଼ି ଓ ଅପରାଧୀଙ୍କୁ ନେଇ ଆତଙ୍କ

ବ୍ରହ୍ମପୁର,୨୬(ସମିସ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡନାଚ ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ସାହି ସାହିରେ ନାଟକ ପରିବେଷଣ ହେବ। ଏହାର ସୁଯୋଗ ନେଇ ନିଶାଡ଼ି ଓ ଅପରାଧୀ ସାରା ରାତି ଘୂରି ବୁଲିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏମାନଙ୍କୁ ସାବାଡ୍ କରିବା ପୁଲିସ ପାଇଁ ନିହାତି ଭାବେ ଚ୍ୟାଲେଞ୍ଜ ହେବ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏଭଳି ପରିସ୍ଥିତିରେ ଗତକାଲି ରାତିରେ ସୁବାରାଓ ଛକରେ ଅପରାଧୀ ଗୋଷ୍ଠୀ ଖୁଲମଖୁଲା ଆତଙ୍କ ଖେଳାଇ ଜଣେ ଯୁବକଙ୍କୁ ଆକ୍ରମଣ କରିଛନ୍ତି। ଏହି ମାମଲାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ଉମେଶ ରଥ ସମେତ ଏକାଧିକ ଅପରାଧୀ ଫେରାର ଥିବା ପୁଲିସ କହିଛି। ବ୍ରହ୍ମପୁର ସହରରେ ପୁଲିସ ଅପରାଧୀଙ୍କୁ କାବୁ କରୁଛି ସତ କିନ୍ତୁ ଅପରାଧକୁ ଦମନ କରିପାରେ ସକ୍ଷମ ହୋଇପାରି ନାହି। ଗତ ୮ ତାରିଖ ରାତି ୧୧ଟାରେ ବଡ଼ବଜାର ଥାନା ଇଲାକାରେ ମହେଶ ତ୍ରିପାଠୀଙ୍କ ଘର ଉପରକୁ ବୋମାମାଡ଼ ଓ ଆଉ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ସହରର ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଦେଖାଉଛି। ଲୋକେ ବି ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଆଇନଜୀବୀଙ୍କ ଘର ଉପରକୁ ବୋମାମାଡ଼ ଘଟଣାରେ ପୁଲିସ ୫ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ୧୧ତାରିଖ ରାତିରେ ବଡ଼ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ନିକଟସ୍ଥ ଗଙ୍ଗାଧରନଗରରେ ବାଲାଜୀପେଣ୍ଠ ସାହିର ସୂର୍ଯ୍ୟନାରାୟଣ ବେହେରା ଓରଫ୍ ପିଣ୍ଟୁଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ଆକ୍ରମଣ କରିଥିଲେ। ସେହିପରି ବାଲାଜୀପେଣ୍ଠ ସାହି ଦକ୍ଷିଣକାଳୀ ମନ୍ଦିର ପରିସରରେ ଦଣ୍ଡଯାତ୍ରା ପାଇଁ ଆୟୋଜିତ ବୈଠକରେ ପାଟଭୁକ୍ତ ଓ ପାଦୁ ଦଣ୍ଡୁଆ ଚୟନକୁ ନେଇ ଅଭିଯୁକ୍ତ ଶ୍ରୀକାନ୍ତ ମହାନ୍ତି ଓ ଅଭିଯୋଗକାରୀ ପିଣ୍ଟୁ ରାଉଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଶତ୍ରୁତାକୁ କେନ୍ଦ୍ର କରି ଗତ ୨୨ତାରିଖ ବିଳମ୍ବିତ ରାତିରେ ପିଣ୍ଟୁ ରାଉଳ ନିଜ ଘରକୁ ଫେରୁଥିବା ସମୟରେ ଆନନ୍ଦ ନଗର ଚାରିଛକ ନିକଟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲଙ୍କାଗୁଣ୍ଡ ଫିଙ୍ଗି ମରଣାନ୍ତକ ଆକ୍ରମଣ କରିଥିଲେ। ଉପରୋକ୍ତ ୨ମାମଲାରେ ୪ ଜଣ ଗିରଫ ହୋଇଛନ୍ତି। ଦଣ୍ଡନାଚ ଆରମ୍ଭ ହୋଇଥିବା ବେଳେ ରାତିରେ ବିଭିନ୍ନ ଛକ ଓ ସାହିରେ ଭିଡ଼ ଜମିବା ସେଠାରେ ଅସାମାଜିକ ଯୁବକ ବିଶୃଙ୍ଖଳା ସୃଷ୍ଟି କରିପାରନ୍ତି। ଏଣୁ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରିବାକୁ ଦାବି ହୋଇଛି।

# ନାବାଳିକା ଶାଳୀକୁ ଦୁଷ୍କର୍ମ ପରେ ହତ୍ୟା; ଭିଣୋଇକୁ ଆଜୀବନ ଜେଲ୍

ବ୍ରହ୍ମପୁର,୨୬(ସମିସ): ନିଜ ୧୬ବର୍ଷୀୟ ନାବାଳିକା ଶାଳୀକୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ଭିଣୋଇକୁ ଆଜୀବନ କାରାଦଣ୍ଡ ହୋଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ସନ୍ତୋଷ ଖଣ୍ଡେଇ(୨୭)। ଆଜୀବନ କାରାଦଣ୍ଡ ସହ ୫ହାଜର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପୋକସୋ ଅଦାଲତର ଜଜ ପ୍ରଣତି ପଟ୍ଟନାୟକ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପିଡିତାଙ୍କୁ ୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୩ ଅଗଷ୍ଟରେ ବୁଗୁଡା ଥାନା ଅନ୍ତର୍ଗତ ବରକୁଳିଆ ଜଙ୍ଗଲରୁ ଜଣେ ୧୬ ବର୍ଷୀୟ ନାବାଳିକାଙ୍କ ମୃତଦେହ ଜବତ ହୋଇଥିଲା। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଛେଦ କରିବା ପରେ ନାବାଳିକାଙ୍କ ତଣ୍ଟିଚିପି ହତ୍ୟା ପରେ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ଜଣାପଡିଥିଲା। ପୀଡିତା ନାବାଳିକା ଏବଂ ଅଭିଯୁକ୍ତ ସନ୍ତୋଷ ଖଣ୍ଡେଇ ସମ୍ପର୍କରେ ଶାଳୀ-ଭିଣୋଇ ହୋଇଥିବାରୁ ସନ୍ତୋଷ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ୬ମାସର ଗର୍ଭବତୀ ହୋଇଯିବା ପରେ ତାଙ୍କ ଗର୍ଭପାତ କରାଇବାକୁ ବ୍ରହ୍ମପୁର ଆଣିଥିଲେ। ହେଲେ କୌଣସି କାରଣରୁ ଗର୍ଭପାତ ହୋଇ ପାରିନଥିଲା। ପୀଡିତାଙ୍କୁ ଘରକୁ ନେବା ବଦଳରେ ନିଜ ଗାଁ ନିକଟ ଜଙ୍ଗଲକୁ ନେଇ ସେଠାରେ ଚୁନି ଦ୍ୱାରା ବେକକୁ ଚିପି ତାଙ୍କ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ନାବାଳିକାଙ୍କ ଶବ ଉପରେ ଗଛଡାଳ ପକାଇ ଘରୁ ଚାଲି ଯାଇଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଥିଲା। ଏନେଇ ବୁଗୁଡା ଥାନାରେ ଏକ ମାମଲା(୬୦୪/୨୩) ରୁଜୁ ହୋଇଥିବା ବେଳେ ପୁଲିସ ସନ୍ତୋଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ସନ୍ତୋଷ ଜେଲରେ ରହୁଥିଲେ। ମାମଲାର ତଦନ୍ତ ଅଧିକାରୀ ଅର୍ଜୁନ କଅଁର ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣା ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ସମେତ ଖାଲି ପଦବୀ ପୂରଣ ଦାବି

ବ୍ରହ୍ମପୁର,୨୬(ସମିସ): ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ସମେତ ଖାଲି ପଡ଼ିଥିବା ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ପୂରଣ କରିବା ଦାବିରେ ସାରା ଓଡ଼ିଶା ଦାବି ଦିବସ ପାଳନ ଅବସରରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କହିବାନୁଯାୟୀ ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀ ପ୍ରାପ୍ତ ୨୦୭୯ ଅଧ୍ୟାପକ ପଦବୀରୁ ୧୪୩୪ ପଦ ଖାଲି ପଡିଛି। ସେହିପରି ୨୯୪୦ ମଞ୍ଜୁରୀ ପ୍ରାପ୍ତ ଶିକ୍ଷା କର୍ମଚାରୀ ରହିବା ସ୍ଥାନରେ ୨୧୭୧ ପଦବୀ ଖାଲି ପଡିଛି। ଅଧିକାଂଶ ସ୍ଥାନରେ କୁଳପତି ପଦବୀ ଫାଙ୍କା ପଡିଛି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଗୁଡିକ କିପରି ଚାଲିଛି। ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ପରି ସର୍ବୋଚ୍ଚ ପଦବୀ ଖାଲି ପଡ଼ିଥିବାରୁ ପ୍ରଶାସନିକ ତଥା ଶୈକ୍ଷିକ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇଛି।



ଅଧ୍ୟାପକ, ପ୍ରଫେସର ଅଭାବରୁ ନିୟମିତ କ୍ଲାସ ହୋଇ ପାରୁନାହିଁ, ଯାହା ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ସ୍ଥାୟୀ ପ୍ରଫେସର ଓ ଗାଇଡ୍‌ମାନଙ୍କ ଅଭାବରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଆବଶ୍ୟକୀୟ କର୍ମଚାରୀ ନଥିବାରୁ ବିଶ୍ୱବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ଅହେତୁକ ବିଳମ୍ବ ଘଟୁଛି। ତେଣୁ ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ଅଛି, ସେଠାରେ ତୁରନ୍ତ ଯୋଗ୍ୟ କୁଳପତି ନିଯୁକ୍ତି ପ୍ରଦାନ ସହିତ ସମସ୍ତ ପଦପଦବୀ ପୂରଣ କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା ସମ୍ପାଦକ ନାରାୟଣ ସାହୁଙ୍କ ସମେତ ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀ, ଜିଲ୍ଲା କମିଟି ସଭ୍ୟ କାମରାଜ ସାହୁ, ବାମିଆ ଉଗ୍ରସେଣ୍ଡି ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ବିଇଏମ୍‌ସି ନାଁରେ ସାଂଘାତିକ ଅଭିଯୋଗ**

# ୱାଇ-ଫାଇ, ସିସିଟିଭି ଓ ଷ୍ଟ୍ରିଟ୍ ଲାଇଟ ପରିଚାଳନାରେ ହରିଲୁଟ୍

ବ୍ରହ୍ମପୁର,୨୬।୩(ସମିସ)

ବିଇଏମସିର ସବୁବେଳେ ନିଅଣ୍ଟିଆ ବଜେଟ। ସେପଟେ ଗତ ଦୁଇ ବର୍ଷରେ ସ୍ୱତନ୍ତ୍ର ପ୍ରକଳ୍ପ ବାବଦରେ ବିଇଏମସିକୁ ମିଳିପାରିନି ପ୍ରାୟ ଅଢେଇ ଶହ କୋଟି ଟଙ୍କାର ଅନୁଦାନ। ନିଜସ୍ୱ ରାଜସ୍ୱ ଉତ୍ସରୁ ଆଦାୟ ମଧ୍ୟ ଆଶାନୁରୁପ ହୋଇପାରୁନି। ଏଭଳି ସ୍ଥିତିରେ ସହରର ବିକାଶ କିଭଳି ହେବ ଓ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନିଆଯିବ ତାକୁ ନେଇ ଉଠିଛି ପ୍ରଶ୍ନ। ଆସନ୍ତା ୨୦୨୬-୨୭ଆର୍ଥିକ ବର୍ଷ ପାଇଁ ବିଇଏମସି ପକ୍ଷରୁ ୬୨୩କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଯଦିଓ ଏହା ପ୍ରସ୍ତାବିତ ବଜେଟ ତେବେ ଆସନ୍ତା ଏପ୍ରିଲ ୮ରେ ହେବାକୁ ଥିବା ବଜେଟ ବୈଠକରେ ଏହା ଚୂଡାନ୍ତ ରୁପନେବ। ଏଥିପାଇଁ ସମସ୍ତ କର୍ପୋରେଟରଙ୍କୁ ନିଜ ନିଜ ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ସମ୍ପର୍କିତ ରିପୋର୍ଟ ୩୦ତାରିଖ ସୁଦ୍ଧା ପ୍ରଦାନ କରିବାକୁ କୁହାଯାଇଥିବା ମେୟର ସଂଘମିତ୍ରା ଦଳେଇ କହିଛନ୍ତି। ବିଇଏମସି ପକ୍ଷରୁ ପ୍ରସ୍ତୁତ ହୋଇ ପ୍ରାକ ବଜେଟ ବୈଠକରେ ଉପସ୍ଥାପିତ ହୋଇଥିବା ବଜେଟକୁ ନେଇ ଅନେକ ପ୍ରଶ୍ନ ଉଠିଛି। କାରଣ ବିଇଏମସିର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ବେଳେ ଏଠାରେ ବର୍ଷ ବର୍ଷ ଧରି ଅନେକ ପ୍ରକଳ୍ପ ନାମରେ ଅଯଥାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ଅଭିଯୋଗ ହୋଇଛି। ବିଇଏମସିର ବଜେଟରୁ ସିଂହ ଭାଗ କେବଳ ଦରମା ଓ ପେନସନରେ ଯାଉଥିବା ବେଳେ ଅବଶିଷ୍ଟ ଅର୍ଥ ରକ୍ଷଣାବେକ୍ଷଣ ଓ ମରାମତି ବାବଦରେ ଖର୍ଚ୍ଚ ହେଉଥିବା ପ୍ରାକ ବଜେଟ ତାଲିକୁ ସ୍ପଷ୍ଟ ଜଣାପଡୁଛି। ଏଭଳି ସ୍ଥିତିରେ ସହରରେ ଷ୍ଟ୍ରିଟ ଲାଇଟର ମରାମତି ଓ ରକ୍ଷଣାବେକ୍ଷଣ, ସିସିଟିଭିର ରକ୍ଷଣାବେକ୍ଷଣ ସାଙ୍ଗକୁ ମାଗଣା ୱାଇଫାଇ ସେବା ବ୍ୟବସ୍ଥା ଥିଲେ ମଧ୍ୟ ତାହାର ସୁବିଧା ସହରବାସୀ ପାଇପାରୁନଥିବା ଅଭିଯୋଗ ହୋଇଛି। ବିଇଏମସି ପକ୍ଷରୁ ସହରରେ ମାଗଣା ୱାଇଫାଇ ବ୍ୟବସ୍ଥା ବା ସେବା ପ୍ରଦାନ ପାଇଁ ପ୍ରତିବର୍ଷ ୫୦ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଉକ୍ତ ଟଙ୍କା ଟେଣ୍ଡର ଜରିଆରେ ଏକ କିମ୍ବା





ଏକାଧିକ ଘରୋଇ ସଂସ୍ଥାକୁ ହାତଟେକି ଦିଆଯାଉଛି। ସମ୍ପୃକ୍ତ ଘରୋଇ ସଂସ୍ଥା ଲାଭରେ ରହୁଛି। ଅବଶ୍ୟ ଏଥିରେ କେବଳ ସମ୍ପୃକ୍ତ ଘରୋଇ ସଂସ୍ଥା ନୁହେଁ ବରଂ ମଧ୍ୟସ୍ଥିଙ୍କର ମଧ୍ୟ ପ୍ରସ୍ୱନ୍ନ ହାତ ରହିଥିବା ଅଭିଯୋଗ ହୋଇଛି। ସେହିଭଳି ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ଷେତ୍ରରେ ମଧ୍ୟ ରକ୍ଷଣାବେକ୍ଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ଗୋଟିଏ ପଟେ ଟାଟାପାୱାର ଷ୍ଟ୍ରିଟଲାଇଟ ପାଇଁ ପୋଲ ପ୍ରତିଷ୍ଠା କରୁଥିବା ବେଳେ ବିଇଏମସି ପକ୍ଷରୁ ପ୍ରାୟ ୨୩ହଜାର ଷ୍ଟ୍ରୀଲାଇଟର ରକ୍ଷଣାବେକ୍ଷଣ ପାଇଁ ପାଖାପାଖି ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରତିବର୍ଷ ବିନିଯୋଗ କରୁଥିବା ଜଣାପଡିଛି। ପ୍ରତିବର୍ଷ ସିଟି ୱାଇଫାଇ ସେବା, ସିସିଟିଭି ଓ ଷ୍ଟ୍ରୀଟ ଲାଇଟ ବାବଦରେ ଖର୍ଚ୍ଚ କରି ଆଜି ପର୍ଯ୍ୟନ୍ତ ବିଇଏମସି କେତେ ଖର୍ଚ୍ଚ କଲାଣି ତାହାର କୌଣସି ହିସାବ ନଥିବା ଭଳି ମନେ ହେଉଛି। ଏଭଳି ପରିସ୍ଥିତିରେ ପ୍ରତି ବର୍ଷ ଅନ୍ୟୁନ ଶତକଡା ୧୦ପ୍ରତିଶତ ମୂଲ୍ୟ ବୃଦ୍ଧି କରି ଚଳିତ

- ବର୍ଷ ବର୍ଷ ଧରି ଘରୋଇ ସଂସ୍ଥାକୁ ଟେଣ୍ଡର ଜରିଆରେ ଦିଆଯାଇଛି ପରୋକ୍ଷ ସହଯୋଗ
- ସହରବାସୀଙ୍କ ସୁବିଧାରେ ଆସୁନି କୌଣସି ପ୍ରକଳ୍ପ, ମାଲେମାଲ ହେଉଛନ୍ତି ମଧ୍ୟସ୍ଥି ଓ ସଂସ୍ଥା
- କୋଟି କୋଟି ଟଙ୍କାର ଦୁର୍ନୀତିକୁ ନେଇ ବଜେଟ ବୈଠକରେ ତୁମ୍ବିତୋଫାନ ହେବା ଆଶଙ୍କା

ବର୍ଷର ପ୍ରସ୍ତାବିତ ବଜେଟରେ ମଧ୍ୟ ପୁଣି ଉପରୋକ୍ତ ବିଭିନ୍ନ ବାବଦରେ ଅଧିକ ବଜେଟ ରଖାଯାଇଥିବା ଜଣାପଡିଛି। ମିଳିଥିବା ପ୍ରସ୍ତାବପିତ ବଜେଟରେ ‘ଅପରେସନ ଆଣ୍ଡ ମେଣ୍ଟେନାନ୍ସ’ ତାଲିକାର କ୍ରମିକ ନମ୍ବର ୨୩୦୧୦୦୧ରେ ଇଲେକ୍ଟ୍ରିସିଟି ଚାର୍ଜେସ, ଅପରେସନ ଆଣ୍ଡ ମେଣ୍ଟେନାନ୍ସ ବାବଦରେ ୫କୋଟି ଟଙ୍କା ରଖାଯାଇଛି। ଷ୍ଟ୍ରିଟ ଲାଇଟ ମରାମତି ଓ ମେଣ୍ଟେନାନ୍ସ ବାବଦରେ କ୍ରମିକ ନମ୍ବର ୨୩୦୫୦୦୪ରେ ୧୫ଲକ୍ଷ ରଖାଯାଇଛି। ସେହିଭଳି କ୍ରମିକ ନମ୍ବର ୨୩୦୫୧୦୮ ରେ ପୁଣି ଥରେ ଷ୍ଟ୍ରିଟ ଲାଇଟ ମରାମତି ଓ ମେଣ୍ଟେନାନ୍ସ ବାବଦରେ ୨୦ଲକ୍ଷ ଟଙ୍କା ରଖାଯାଇଛି। କ୍ରମିକ ନମ୍ବର ୨୩୦୫୯୦୮ରେ ବାର୍ଷିକ ମେଣ୍ଟେନାନ୍ସ ବାବଦରେ ପୁଣି ୨କୋଟି ୮୬ହଜାର ୫ଶହ ଟଙ୍କା ରଖାଯାଇଛି। କ୍ରମିକ ନମ୍ବର ୪୧୦୩୧୦୩ରେ ପବ୍ଲିକ ଲାଇଟିଂ ସିଷ୍ଟମ ବାବଦରେ ୩କୋଟି ୯୮ଲକ୍ଷ ୫୬ହଜାର ୮୮୩ଟଙ୍କା ଏବଂ ୪୧୦୬୦୧୦ରେ ସିସିଟିଭି କ୍ୟାମେରା ବାବଦରେ ୫ଲକ୍ଷ, ୪୧୦୭୦୦୬ ନମ୍ବରରେ ଇଲେକ୍ଟ୍ରିକାଲ ଫିଟିଂସ ବାବଦରେ ୨୫ଲକ୍ଷ ରଖାଯାଇଛି। ଏହା ବ୍ୟତିତ ସହରରେ ବିଇଏମସି ପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ସିଟି ୱାଇଫାଇ ବାବଦରେ ବାର୍ଷିକ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ଏଭଳି ତଥ୍ୟ ହାସଲ ପରେ ଆସନ୍ତା ୮ତାରିଖରେ ହେବାକୁ ଥିବା ବିଇଏମସିର ବଜେଟ ବୈଠକରେ କର୍ପୋରେଟରମାନେ ତୁମ୍ବିତୋଫାନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ମେୟର ସଂଘମିତ୍ରା ଦଳେଇ କହିଛନ୍ତି ସମସ୍ତଙ୍କ ମତାମତ ଲୋଡାଯାଇଛି ଏବଂ ଯେଉଁଠି ଯଦି କିଛି ସମସ୍ୟା ବା ଆପତ୍ତି ରହିଛି ସେସମ୍ପର୍କରେ ଆଲୋଚନା କରାଯାଇ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ।

**■ ସେକ୍ସ ରାକେଟ ଠାବ**

# ରାଣୀ ମହୁମାଛି ସମେତ ୪ ଗିରଫ



ବ୍ରହ୍ମପୁର,୨୬(ସମିସ): ଗତକାଲି ସନ୍ଧ୍ୟାରେ ନିମଖଣ୍ଡି ଥାନା ଅନ୍ତର୍ଗତ ଭାବିନୀପୁର ଅଞ୍ଚଳର ଅମରାବତୀ ନଗରରେ ସେକ୍ସ ରାକେଟ ଠାବ ହୋଇଥିଲା। ଏହି ମାମଲାରେ ନିମଖଣ୍ଡି ଥାନା ପୁଲିସ ଜଣେ ରାଣୀ ମହୁମାଛି ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କେ ନୂଆଗାଁ ଥାନା ଅଞ୍ଚଳର ରାଣୀ ମହୁମାଛି ବି ଭାଗ୍ୟଶ୍ରୀ (୩୩), ଗ୍ରାହକ ଶ୍ରୀକାକୁଲାମର ଇ କିଶୋର ରାଓ(୨୮), ସମପେଟାର ଭି ମନ୍ମିକାନ୍ତ (୨୪), ଲୋଚାପଡ଼ାର ଗଙ୍ଗାଧର ସାହୁ(୩୧)। ଏମାନଙ୍କଠାରୁ ନଗଦ ୫ହଜାର ଟଙ୍କା ଗୋଟିଏ ବାଇକ, ସିଗାରେଟ ପାଣିବୋତଲ ଓ କଣ୍ଡୋମ ପୁଲିସ ଜବତ କରିଛି। ସୂଚନାଯୋଗ୍ୟ ଯେ, ଲୋଚାପଡ଼ାର ଗଙ୍ଗାଧର ଓ କେ ନୂଆଗାଁ ଥାନା ଇଲାକାର ରାଣୀ ମହୁମାଛି ଭାଗ୍ୟଶ୍ରୀ ଉଭୟେ ଭଲ ବନ୍ଧୁ। କିଛିଦିନର କଥାବାର୍ତ୍ତା ପରେ ଗଙ୍ଗାଧର ନିମଖଣ୍ଡି ଥାନା ଅଧିନ ଅମରାବତୀ ନଗରରେ ଏକ ଘର ଭଡ଼ା ନେଇ ଭାଗ୍ୟଶ୍ରୀଙ୍କୁ ରଖିଥିଲେ। ସେଠାରେ କିଛିଦିନ ରହିବା ପରେ ଏଠାରେ ଭାଗ୍ୟଶ୍ରୀ ଓ ଗଙ୍ଗାଧର ଉଭୟ ମିଶି ଅନୈତିକ କାର୍ଯ୍ୟକଳାପ କରିବା ଆରମ୍ଭ କରିଥିଲେ। ଦୀର୍ଘ ଏକବର୍ଷ ହେଲା ଏମାନେ ଏହି କାର୍ଯ୍ୟରେ ଲିପ୍ତ ରହିଥିଲେ। ଗତକାଲି ନିମଖଣ୍ଡି ଥାନା ପୁଲିସ ଖବର ପାଇ ଉକ୍ତ ଘରେ ଚଢାଉ କରି ଚଢଉ କରି ରାଣୀ ମହୁମାଛି ସମେତ ୨ଜଣ ଯୁବତୀଙ୍କୁ ମିଶାଇ ସମୁଦାୟ ୫ଜଣଙ୍କୁ ପୁଲିସ କାବୁ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କୁ ପୁଲିସ ଥାନାରେ ବୟାନ ରେକଡର୍ କରି ଛାଡ଼ିଥିବା ବେଳେ ମାଷ୍ଟରମାଇଣ୍ଡ ମହୁମାଛି ଭାଗ୍ୟଶ୍ରୀଙ୍କୁ ପୁଲିସ ଗିରଫ କରିଥିଲା। ପୁଲିସ ତଦନ୍ତ ବେଳେ ଜଣାପଡ଼ିଲା ଯେ, ଭାଗ୍ୟଶ୍ରୀ ଦୀର୍ଘ ଏକବର୍ଷ ହେବ ଏଭଳି କାର୍ଯ୍ୟରେ ଲିପ୍ତ ରହିଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି ବୋଲି ଥାନାଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହି ଘଟଣାର ତଦନ୍ତ ଜାରି ରହିଥିବା ନେଇ ବ୍ରହ୍ମପୁର ଏସପି ଡ଼ାକ୍ତର ସର୍ବଣା ବିବେକ ଏମ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# ବାଇକ ଦୁର୍ଘଟଣାରେ ୨ ଆହତ

ଫିରିଙ୍ଗିଆ,୨୬।୩(ସମିସ):ଫିରିଙ୍ଗିଆ ବ୍ଲକ ଉପରପଡା ଠାରୁ ଗଲେସୁଗା ଯାଇଥିବା ବୁଲାଣି ରାସ୍ତାରେ ବାଇକ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆଜି ଅପରାହ୍ନ ୪ ଟା ସମୟରେ ଗଲେସୁଗା ଗାଁର ଅର୍ଜୁନ କହଁର ଓ ଆକାଶ କହଁର ଗାଁରୁ ଏକ ବାଇକରେ ଫିରିଙ୍ଗିଆ କୌଣସି କାମରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ଉପରପଡା ନିକଟ ଏକ ବୁଲାଣି ରାସ୍ତା ଖାଲରେ ଘୋଷାଡ଼ି ହୋଇ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ଫିରିଙ୍ଗିଆ ଦମକଳ ବାହିନୀକୁ ଯୋଗାଯୋଗ କରିବା ସହ ଶହେ ଆଠ ଆମ୍ବୁଲାନ୍ସକୁ ମଧ ଜଣାଇଥିଲେ । ଦମକଳ ବାହିନୀ ଓ ଆମ୍ବୁଲାନ୍ସ ପହଞ୍ଚି ଉଭୟ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଗୁରୁତର ଆହତଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବ ବୋଲି ସୂଚନା ମିଳିଥିବା ବେଳେ ସାମାନ୍ୟ ଆହତ ଯୁବକଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି ।

# ତ୍ରୁଟି ସୁଧାରି ତ୍ରିରଙ୍ଗାକୁ ସମ୍ମାନ ଦେଲା ରେଳବିଭାଗ



ପାରଳାଖେମୁଣ୍ଡି,୨୬ ।୩(ସମିସ): ପାରଳାଖେମୁଣ୍ଡି ରେଳଷ୍ଟେସନରେ ବିଭାଗ ପକ୍ଷରୁ ତ୍ରିରଙ୍ଗାକୁ ବଦଳାଇ ସମ୍ମାନ ଦେଇଛି ରେଳବିଭାଗ । ଅନ୍ୟ ପକ୍ଷରେ ପ୍ରଶାସନ ପକ୍ଷରୁ ସବଜେଲ୍ ସମ୍ମୁଖରେ ତ୍ରିରଙ୍ଗା ଲଗାଯାଇନଥିବା ଦେଖିବାକୁ ମିଳୁଛି । ପ୍ରକାଶ ଯେ ଉଭୟ ବିଭାଗ ପକ୍ଷରୁ ସହରର ପୃଥକ ସ୍ଥାନରେ ଉଚ୍ଚତା ତଥା ବଡ ଆକାରର ତ୍ରିରଙ୍ଗା ଲଗାଯାଇଥିଲା । ହେଲେ ରେଳବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନିଆଯାଇ ନଥିବାରୁ ତ୍ରିରଙ୍ଗା ରଙ୍ଗହୀନ ହେବା ସହ ଚିରିଯାଇଥିଲା । ଏସମ୍ପର୍କରେ ସକାଳ ଖବର କାଗଜରେ ପ୍ରକାଶିତ ହେବା ପରେ ରେଳବିଭାଗର ଡିଆରଏମ୍ ଜାଣିପାରି ଏବଂ ଏହାକୁ ତୁରନ୍ତ ବଦଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଜାତୀୟ ପତାକା ବଦଳାଇଛନ୍ତି । ହେଲେ ପ୍ରଶାସନ ପକ୍ଷରୁ ସ୍ଥାପନ କରାଯାଇଥିବା ତ୍ରିରଙ୍ଗା ଖୁଣ୍ଟରେ ତ୍ରିରଙ୍ଗାକୁ ଲଗାଯାଇନାହିଁ । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି ।

# ସକାଳ ପ୍ରଭାବ: ବ୍ୟବସ୍ଥିତ ହେଲା ଡାକସେବା

ଜି.ଉଦୟଗିରି,୨୬।୩(ସମିସ): ଦଶ ଦିନ ହେଲା କୋର୍ଟ ଷ୍ଟ୍ରିଟ ଉପ ଡାକଘରେ ଲିଙ୍କ ଫେଲ ଥିଲା । ଯାହାକୁ ନେଇ ଅସନ୍ତୋଷ ବଢିବା ସହିତ ଲୋକେ ନାହିଁ ନଥିବା ହଇରାଣ ହୋଉଥିଲେ । ଏହି ସମସ୍ୟା ନେଇ 'ସକାଳ' ଶୀଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ରଖିଥିଲା । ମଙ୍ଗଳବାର ଦିନ ଏହା ପ୍ରକାଶ ପାଇଥିବା ବେଳେ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇବା ସହିତ ବ୍ୟବସ୍ଥିତ କରାଯାଇଛି । ଏବେ ଲୋକେ ସ୍ୱାଭାବିକ ଭାବେ ଡାକସେବା ପାଇପାରିବେ ବୋଲି କୁହାଯାଇଛି । ଉପୋଭୋକ୍ତାଙ୍କ ଆର୍ଥିକ ଦେଣନେଣକୁ ସହଜ ସରଳ କରିବା, ଭବିଷ୍ୟତ ପାଣ୍ଠିକୁ ସୁରକ୍ଷିତ କରିବା ସହିତ ବିଭିନ୍ନ ସରକାରୀ ଯୋଜନାରେ ସାଧାରଣ ଲୋକେ ଲାଭବାନ କରିବାକୁ ଏହାର ଭିତ୍ତିଭୂମି ଅଧିକ ସୁଦୃଢ଼ କରିବାକୁ ସାଧାରଣରେ ଦାବି ହେଉଛି ।

# ନୂଆ ଏସ୍‌ଡିପିଓଙ୍କୁ ଭେଟିଲେ ପ୍ରେସ୍‌କ୍ଲବ କର୍ମକର୍ତ୍ତା



ଜି.ଉଦୟଗିରି,୨୬ ।୩(ସମିସ): ଜି ଉଦୟଗିରିରେ ନୂତନ ଭାବେ ଯୋଗ ଦେଇଥିବା ଏସଡିପିଓ ଅନୁଗୁ ଶିବା ମାରୁତି ରେଡିଙ୍କୁ ସାକ୍ଷାତ କରିଛନ୍ତି ପ୍ରେସକ୍ଲବ କର୍ମକର୍ତ୍ତା । ତାଙ୍କୁ କ୍ଲବ ତରଫରୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ସଫଳତା କାମନା କରାଯାଇ ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରେସକ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ, ସମ୍ପାଦକ ଅନିଲ କୁମାର ଦଳବେହେରାଙ୍କ ସହିତ ବରିଷ୍ଠ ସାମ୍ବାଦିକ ଦେବନାଥ ଦଳବେହେରା, ବଟକୃଷ୍ଣ ଦାଶ ଓ ପ୍ରତାପ ଚନ୍ଦ୍ର ପାଢ଼ୀ ସାମିଲ ହୋଇଥିଲେ ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାଇକିଆ,୨୬।୩(ସମିସ): ରାଇକିଆ କଳିଙ୍ଗ ମଡେଲ ରେସିଡେନସିଆଲ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରିନ୍ସିପାଲ ସଚିଦାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବେଦଭୂଷଣ , ମୁଖ୍ୟବକ୍ତା ଭାବେ ବାଲିଗୁଡ଼ା ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, ବିଡିଓ ସବ୍ୟସାଚୀ ସାହୁ, ତହସିଲଦାର୍ ବରିଆଲ୍ ମୁର୍ମୁ, ବେରେଡାକିଆ ସରପଞ୍ଚ ଅକ୍ଷୟ କୁମାର ପ୍ରଧାନ, ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ମହାକୁଡ଼ ଯୋଗ ଦେଇଥିଲେ । ଉଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷା କିପରି ଅପରିହାର୍ଯ୍ୟ ଏବଂ ସଠିକ୍ ମାର୍ଗରେ କ୍ୟାରିୟରକୁ ଆଗକୁ ନେଇ ହେବ ସେ ନେଇ ଅତିଥି ମାନେ ପରାମର୍ଶ ଦେବା ସହ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେଇ ପ୍ରୋତ୍ସାହିତ କରିଥିଲେ । ଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ଓ ୟୁନିସ୍ ଷ୍ଟେନୀ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ସରସ୍ୱତୀ ପ୍ରଧାନ ଜିଲ୍ଲାପାଳଙ୍କୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇବା ସହ ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ ।

# ମା ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା





ପାରଳାଖେମୁଣ୍ଡି,୨୬ ।୩(ସମିସ): ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଯାଜପୁର ଗ୍ରାମରେ ମହା ଆଡ଼ମ୍ବରରେ ଆରମ୍ଭ ହୋଇଛି ମା ନାକିଟିଭବାନୀଙ୍କ ଠାକୁରାଣୀ ଯାତ୍ରା । ଚଳିତମାସ ୨୩ ତାରିଖରୁ ମହା ଆଡମ୍ବର ଓ ଭକ୍ତିମୟ ପରିବେଶରେ ଆରମ୍ଭ ହୋଇଥିବା ଏହି ଯାତ୍ରା ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ଏହି ଅନୁଷ୍ଠିତ ହେବ । ଆଜି ଚତୁର୍ଥ ରଜନୀରେ ମାଙ୍କ ଘଟ ପରିକ୍ରମା କରାଯାଇଥିଲା । ଏଥିଲାଗି ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି । ବହୁ ଚଳଚ୍ଚିତ୍ର ତାରକାଙ୍କ ସମେତ କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଓ ଟି. ସୈରିଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିବା ବେଳେ ଚତୁର୍ଥ ରଜନୀ ପୌରାଣିକ ନାଟକ ରଘୁ ଅରକ୍ଷିତ ମଞ୍ଚସ୍ଥ ହୋଇଥିଲା । ପ୍ରଥମ ଦିବସରେ ତଥା ସୋମବାର ମଧ୍ୟରାତ୍ରିରେ ଗାଁର ଗ୍ରାମଦେବୀ ମା ନାକିଟିଭବାନୀଙ୍କୁ ଆତସବାଜି, ଓ ପଟୁଆର ସହ ଆବାହନ କରି ଆଣିବା ପରେ ଗ୍ରାମ ମଧ୍ୟରେ ନିର୍ମିତ ଅସ୍ଥାୟୀ ମନ୍ଦିରରେ ସ୍ଥାପନ କରାଯାଇଥିଲା । ଅନ୍ୟ ପକ୍ଷରେ ଗତକାଲି ପବିତ୍ର ଚୈତ୍ର ମାସ ଚାଲୁ ରହିଥିବାରୁ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଛି । ସୂଚନା ପ୍ରକାରେ ପ୍ରତି ୫ବର୍ଷ ରେ ଅନୁଷ୍ଠିତ ହେଉଥିବା ଏହି ଯାତ୍ରାରେ ବହୁ ସଂଖ୍ୟାରେ ଲୋକେ ଯୋଗ ଦେଇଥାନ୍ତି । ସେହିପରି ଗ୍ରାମର ପ୍ରତିଟି ଘରରେ କୁଣିଆ, ବନ୍ଧୁବାନ୍ଧବ ଦୂରଦୂରାନ୍ତରେ ରହୁଥିଲେ ମଧ ଏହି ଯାତ୍ରାରେ ଯୋଗ ଦେଇଛନ୍ତି । ଚଳିତ ବର୍ଷ ଆଖ ପାଖ ଗାଁ ସମେତ ପାରଳାଖେମୁଣ୍ଡି ସହର ସମେତ ସୁଦୂର ହାଇଦ୍ରାବାଦ, ଚେନ୍ନାଇ, ମହାରାଷ୍ଟ୍ର ଆଦି ସ୍ଥାନରୁ ଲୋକେ ମାଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି । ମା ନାକିଟି ଭବାନୀଙ୍କ ଏହି ଯାତ୍ରା ଅବସରରେ ସମଗ୍ର ଗ୍ରାମରେ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ପୌରାଣିକ କିମ୍ବଦନ୍ତୀକୁ ନେଇ ବିଭିନ୍ନ ତୋରଣ ତଥା କଳାକୁଞ୍ଜ ଲୋକଙ୍କୁ ଆକର୍ଷିତ କରୁଛି ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଗୋଷାଣି, ୨୬ ।୩ (ସମିସ) : ଗଜପତି ଜିଲ୍ଲା ଗାରାବନ୍ଧ ଥାନା ଅନ୍ତର୍ଗତ ମହେନ୍ଦ୍ରଗିରି ପାଦଦେଶରେ ଥିବା ମାଡବା ଗ୍ରାମ ନିକଟସ୍ଥ ରେଙ୍ଗାରସିଂ ପାହଡ ଉପରେ ଜଣେ ଅଜଣା ବ୍ୟକ୍ତିଙ୍କ ଶବକୁ ଉଦ୍ଧାର କରିଛି ପୋଲିସ୍ । ଘଟଣାରୁ ପ୍ରକାଶ ଯେ ଗାରାବନ୍ଧ ପୋଲିସକୁ ଅଜଣାବ୍ୟକ୍ତିଙ୍କ ଶବ ପଡିଥିବାର ସୂଚନା ମିଳିଥିଲା । ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକାଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ପହଞ୍ଚି ଶବକୁ ଜବତ କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଦେଇଥିଲେ । ଏନେଇ ଗାରାବନ୍ଧ ଥାନାରେ ୦୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଜଣା ବ୍ୟକ୍ତିଙ୍କ ପରିଚୟ ଓ ଠିକଣା ସଂଗ୍ରହ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛି । ସେପଟେ ମୃତକଙ୍କ ପରିବାର ବର୍ଗ କିମ୍ବା କୌଣସି ବ୍ୟକ୍ତିବିଶେଷ ଉପସ୍ଥିତ ନଥିବାରୁ ଶବ ବ୍ୟବଚ୍ଛେଦ ନହୋଇ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ଆଗାମୀ ୭୨ ଘଣ୍ଟା ମଧ୍ୟରେ କେହି ଦାବିଦାର ନ ଆସିଲେ ବ୍ୟବଚ୍ଛେଦ କରାଯାଇ ଅନ୍ତେଷ୍ଟିକ୍ରିୟା କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ପ୍ରତାପ ବେହାରା ଜଣାଇଛନ୍ତି । ଅନ୍ୟପକ୍ଷରେ ଉକ୍ତ ବ୍ୟକ୍ତି ଜଣକ ମହେନ୍ଦ୍ରଗିରିରେ ରହୁଥିବା ଏବଂ ସେଠାକାର ଏକ ଆଶ୍ରମର ବାବାଙ୍କୁ ନୈନ୍ଦିନ ଭୋଜନ ମାଗି ଖାଉଥିଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି । ତେବେ ବ୍ୟକ୍ତି ଜଣକ ମହେନ୍ଦ୍ରଗିରି ଅଞ୍ଚଳକୁ କେବେ ଆସିଥିଲେ ଏବଂ କେତେ ସମୟ ଧରି ବସବାସ କରୁଥିଲେ ତାହାର କୌଣସି ବିବରଣୀ କାହାରିପାଖରେ ନାହିଁ ।

# ସିୟୁଟିଏମ୍‌ରେ ପ୍ରାଯୁକ୍ତିକ ଉତ୍ସବ ଇ-ଫ୍ଲେୟାର୍



ପାରଳାଖେମୁଣ୍ଡି, ୨୬ ।୩ (ସମିସ) : ଗଜପତି ଜିଲ୍ଲାର ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ଇଲେକ୍ଟ୍ରୋନିକ୍ସ ଏଣ୍ଡ କମ୍ୟୁନିକେଶନ୍ ଇଞ୍ଜିନିୟରିଂ(ଇସିଇ) ଏବଂ ଇଲେକ୍ଟ୍ରିକାଲ୍ ଏଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ (ଇଇଇ) ବିଭାଗ ଦ୍ୱାରା ପ୍ରାଯୁକ୍ତିକ ଉତ୍ସବ ଇ-ଫ୍ଲେୟାର୍ ଉତ୍ସବ ଉଦଘାଟିତ ହୋଇଛି । ଉଦଘାଟନୀ ଅବସରରେ ମୁଖ୍ୟଅତିଥି ଭାବେ ଫୁଲ୍-ଟାଇମ୍ କନସଲଟାଣ୍ଟ ଓଡ଼ିଶା କମ୍ପ୍ୟୁଟର୍ ଆପ୍ଲିକେଶନ୍ ସେଣ୍ଟର୍‌ର ପ୍ରଫେସର୍ ଏ.କେ. ପାଣ୍ଡା ଏବଂ ଅର୍ନଷ୍ଟ ଆଣ୍ଡ ୟଙ୍ଗର ପରାମର୍ଶଦାତା ସି.କେ. ଭି. ପ୍ରଦୀପ । ସିୟୁଟିଏମ୍‌ର ଡିନ୍ ପ୍ରଶାସନିକ ଡ. ଦୁର୍ଗା ପ୍ରସାଦ ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ଏବଂ ନିଷ୍ଠା ଓ ଶିକ୍ଷାଗତ କୃତତ୍ୱର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । ଷ୍ଟୁଡେଣ୍ଟ୍ ଆଫେୟର୍ସର ଡିନ୍ ଡ. ରତେଶ କୁମାର ଯୋଗଦେଇ ଆଜିର ଦ୍ରୁତ ପରିବର୍ତ୍ତନଶୀଳ ପ୍ରାଯୁକ୍ତିକ ଯୁଗରେ ଅନୁଶାସନାନ୍ତର ଅଭିଯାନ ଓ ସହଯୋଗମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସ୍କୁଲ ଅଫ୍ ଇଞ୍ଜିନିୟରିଂର ଆଣ୍ଡ ଟେକ୍ନୋଲୋଜି ଡିନ୍ ଡ଼. ପ୍ରଫୁଲ୍ଲ କୁମାର ପାଣ୍ଡା ତାଙ୍କର ଅଭିଭାଷଣରେ ଗବେଷଣା ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଶିକ୍ଷାର ସୀମା ଛାଡ଼ି ବାସ୍ତବ ସମସ୍ୟାର ସମାଧାନ ଦେବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ଼. ପ୍ରଭାତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ଇ ଫ୍ଲେୟାର୍ ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିସ୍ତାର ତଥ୍ୟ ଦେଇଥିଲେ । ଇଫ୍ଲେୟାର୍ ଅନ୍ତର୍ଗତ ୨୩ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ଏବଂ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଶେଷରେ ଏନ୍. ଜୀବରତ୍ନମ୍ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ସିଞ୍ଜାକୁଟି ଗ୍ରାମରେ ଜଳ କଷ୍ଟ



ବ୍ରାହ୍ମଣୀଗାଁ,୨୬।୩ (ସମିସ): ଦାରିଙ୍ଗବାଡ଼ି ବ୍ଲକ ସରାମୁଳି ପଞ୍ଚାୟତର ସିଞ୍ଜାକୁଟି ପଡ଼ାରେ ୨୫ ପରିବାରର ୧୨୦ ଜଣ ଲୋକ ବାସବାସ କରୁଛନ୍ତି । ସରକାରଙ୍କ ତରଫରୁ ପଡ଼ାରେ ଗୋଟିଏ ମାତ୍ର ନଳ କୂଅ ରହିଛି ଯାହା ସୌର ଶକ୍ତି ଦ୍ୱାରା ପରିଚାଳିତ । ଏହା ଦୈନିକ ଏକ ଘଣ୍ଟାରୁ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଜଳ ଯୋଗେଇବା ପାଇଁ ସକ୍ଷମ ହେଉଛି । ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସହିତ ଜଳ କଷ୍ଟ ଲୋକଙ୍କୁ ଅସୁବିଧାରେ ପକାଉଛି । ଲୋକେ ଜୀବନ ବଞ୍ଚାଇବା ପାଇଁ ବାଧ ହୋଇ ଦୂରରେ ଥିବା ଗୋଟିଏ ବିଲରୁ ପାଣି ଛାଣି ବ୍ୟବହାର କରୁଛନ୍ତି । ଏଥିଯୋଗୁଁ ବିଭିନ୍ନ ରୋଗ ବ୍ୟାପୁଥିବା ବେଳେ ଆଗାମୀ ସମୟରେ ଏହା ଝାଡ଼ାବାନ୍ତି ପରି ଅନେକ ରୋଗର କାରଣ ହୋଇ ପାରେ ବୋଲି କୁହାଯାଉଛି । ଜଳ କଷ୍ଟ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଏହାର କୌଣସି ସୁଫଳ ମିଳି ପାରିନାହିଁ । ଆଗାମୀ ସମୟରେ ଜଳକଷ୍ଟ ବୃଦ୍ଧି ହେବାର ସମ୍ଭାବନା ହେତୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ବୋଲି ଗ୍ରାମର ସାହୁ ପାଟମାଝି, ରମାକାନ୍ତ ମଲ୍ଲିକ, ସରିତା ମଲ୍ଲିକ ଓ କାନମେରୀ ମଲ୍ଲିକ ପ୍ରକାଶ କରିଛନ୍ତି । ଜଳ କଷ୍ଟକୁ ଦୂର କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ନିମନ୍ତେ ଦାବି ହେଉଛି ।

# ବିଧାୟକ ଦାଶରଥି ଗମାଙ୍ଗଙ୍କ ନିଲମ୍ବନ ପ୍ରତିବାଦରେ ଶୋଭାଯାତ୍ରା



ନୂଆଗଡ଼,୨୬।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଙ୍ଗ କରି କଂଗ୍ରେସରୁ ନିଲମ୍ବିତ ହୋଇଛନ୍ତି ମୋହନା ବିଧାୟକ ଦାଶରଥି ଗମାଙ୍ଗ । ଅନେକ ସ୍ଥାନରେ ଅସନ୍ତୁଷ୍ଟ କଂଗ୍ରେସ କର୍ମୀ ତାଙ୍କ କୁଶପୁତ୍ତଳିକା ଦାହ କରୁଥିବାବେଳେ ଆଜି ଗଜପତି ଜିଲ୍ଲା ନୂଆଗଡ଼ରେ ବିଧାୟକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରି ବ୍ଲକ କଂଗ୍ରେସ କର୍ମୀ ପ୍ରତିବାଦ ଶୋଭାଯାତ୍ରା କରିଥିଲେ । ସ୍ଥାନୀୟ ଶିଶୁ ମନ୍ଦିର ନିକଟରୁ ବ୍ଲକର ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ବାହାରି ବଜାର ଦେଇ ବ୍ଲକ ସମ୍ମୁଖ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ତାଙ୍କର ନିଲମ୍ବନ ପ୍ରତ୍ୟାହାର କରିବାକୁ ପିସିସି ସଭାପତିଙ୍କ ଠାରେ ଦାବି କରିଥିଲେ । ନିଲମ୍ବନ ପ୍ରତ୍ୟାହାର ନ ହେଲେ ଖୁବଶୀଘ୍ର ପିସିସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛି ବ୍ଲକ କଂଗ୍ରସ କମିଟି । ପ୍ରତିବାଦ ଶୋଭାଯାତ୍ରାରେ ବିଧାୟକ ପ୍ରତିନିଧି ପୁରୁଷୋତ୍ତମ ପାଣିଗ୍ରାହୀ, କଂଗ୍ରେସ ବ୍ଲକ ସଭାପତି ଭାଲେରିଆନ ଗମାଙ୍ଗ, ଉପସଭାପତି ସୁମନ୍ତ କର, ସମ୍ପାଦକ ରବୀନ୍ଦ୍ର ଭୂୟାଁ, ମହିଳା ବ୍ଲକ ଉପ ସଭାନେତ୍ରୀ ଗୁଡବାଇ ମଣ୍ଡଳ, ବ୍ଲକ ସଂଖ୍ୟାଲଘୁ ସଭାପତି ନିରଳ ସିଂ, ବରିଷ୍ଠ କର୍ମୀ ସୁନୀଲ ସିଂ, ସଂଜୀବ ବେବର୍ତ୍ତା, ସିଦ୍ଧାନ୍ତ ପ୍ରଧାନ, ପୃଥିବୀରାଜ ପାଲ ସମେତ ଉପଦେଷ୍ଟା ଗଣ ଏବଂ କମିଟି ସକ୍ରିୟ ମେମ୍ବର ଉପସ୍ଥିତ ଥିଲେ ।

# ଗ୍ରାମରେ ଚଢ଼ଉ, ୪୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ




ମୋହନା, ୨୬।୩(ସମିସ): ଗଜପତି ପୁଲିସକୁ ମିଳିଛି ବଡ଼ ସଫଳତା । ଅଡବା ଥାନା କେଶରୀଗୁଡା ଗାଁରେ ଚଢ଼ଉ କରି ୪ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି ପୁଲିସ । ଜବତ ଗଞ୍ଜେଇ ୪୦ କ୍ୱିଣ୍ଟାଲ ୪୦ କିଲୋ ହୋଇଥିବା ବେଳେ କେହି ଗିରଫ ହୋଇନଥିବା ଆର. ଉଦୟଗିରି ଏସଡିପିଓ ଆଇପିଏସ ରାକେଶ ସାହୁ କହିଛନ୍ତି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ କେଶରୀଗୁଡା ଗାଁରେ ବିପୁଳ ଗଞ୍ଜେଇ ଥିବା ନେଇ ଖବର ମିଳିଥିଲା । ଆର.ଉଦୟଗିରି ଏସଡିପିଓ ଆଇପିଏସ ରାକେଶ ସାହୁଙ୍କ ତତ୍ତ୍ୱାବଧାନରେ ଅଡବା ଥାନା ପୁଲିସ ଓ ଜିଲ୍ଲାର ବିଭିନ୍ନ ଥାନାର ପୁଲିସକୁ ନେଇ ଏକ ଟିମ ଗଠନ କରି ଗୁରୁବାର କେଶରିଗୁଡା ଗାଁରେ ଚଢ଼ଉ କରାଯାଇଥିଲା । ମୋହନା ତହସିଲଦାର ଚକ୍ରଧର ପାଢ଼ୀଙ୍କ ଉପସ୍ଥିତରେ କିଛି ବ୍ୟକ୍ତିଙ୍କ ଘରେ ଲୁଚାଇ ରଖା ଯାଇଥିବା ବେଆଇନ ଗଞ୍ଜେଇକୁ ଜବତ କରାଯାଇଥିଲା । ସମୁଦାୟ ୨୦୨ ବସ୍ତା ଗଞ୍ଜେଇ ଜବତ ହୋଇଥିବା ବେଳେ ତାହା ୪୦ କ୍ୱିଣ୍ଟାଲ ୪୦ କିଲୋ ହୋଇଥିବା ସୂଚନା ଦେଇଛନ୍ତି ଏସଡିପିଓ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି । ଚଢ଼ଉ ବେଳେ ଘର ଲୋକେ ଚମ୍ପଟ ମାରିଥିଲେ । ତେଣୁ କାହାରିକୁ ଗିରଫ କରାଯାଇ ନାହିଁ । ତଦନ୍ତ ପରେ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଡିପିଓ ସୂଚନା ଦେଇଛନ୍ତ ।

# ଶ୍ରୀ ଗଣେଶ ବଣିକସଂଘର ନୂତନ କର୍ମକର୍ତ୍ତା



ମୋହନା,୨୬।୩(ସମିସ): ମୋହନା ହାଇସ୍କୁଲ ଛକ ସ୍ଥିତ ଶ୍ରୀଶ୍ରୀଗଣେଶ ବଣିକସଂଘର ମା କନ୍ଧୁଣିଦେବୀ ପୀଠରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସଦସ୍ୟ ରଘୁନାଥ ସୁଆରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ବିଭିନ୍ନ ବିଷୟରେ ଆଲଚନା । ହୋଇଥିଲା । ଇତି ମଧ୍ୟରେ ଉପସ୍ଥିତ ସଦସ୍ୟ ମାନଙ୍କ ତରଫରୁ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଉପସ୍ଥାପନା ହୋଇଥିଲା । ସର୍ବସହମତି କ୍ରମେ ସଂଘର ବରିଷ୍ଠ ସଦସ୍ୟ ବୃନ୍ଦାବନ ସମନ୍ତରାଙ୍କୁ ସଭାପତି, ଆଲୋକକିଶୋର ନାୟକଙ୍କୁ ଉପସଭାପତି, କୁନା ବିଷୋୟୀଙ୍କୁ ସମ୍ପାଦକ, ଅଭିନାଶ ସୁଆରଙ୍କୁ ସହସମ୍ପାଦକ ଏବଂ କୋଷାଧକ୍ଷ ଭାବେ ସରୋଜ କୁମାର ଚୌଧୁରୀଙ୍କୁ ଚୟନ କରାଯାଇଥିଲା । ଏଥି ସହ ଏଗାର ଜଣିଆ କମିଟିରେ ଟୁକୁନା ସାହୁ, ଗଜେନ୍ଦ୍ର ଡାକୁଆ, ଉମାଶଙ୍କର ରାଓ, ମନୋରଞ୍ଜନ ପଣ୍ଡା, ଗଣେଶ ସାହୁ, ମନୋଜ କୁମାର ସାହୁ, ରମେଶ ଚନ୍ଦ୍ର ବେହେରା, ବାବୁଲା ଚୌଧୁରୀ, ଗଣେଶ ଚୌଧୁରୀ, ବ୍ରାହ୍ମଶଙ୍କର ସାହୁ, ଇ. ରଇତ ସଦସ୍ୟ ରହିଥିବା ବେଳେ ଉପଦେଷ୍ଟା ଭାବେ ଲକ୍ଷ୍ମଣ ଚୌଧୁରୀ, ଇ.ଦିଲୀପ, ସୁଧାକର ସାହୁ, ପ୍ରସନ କୁମାର ପଶୁପାଳ, ରଘୁନାଥ ସୁଆର, ନାରସୁ ସାହୁ ଏବଂ ସିମାଞ୍ଚଳ ସାହୁଙ୍କୁ ଚୟନ କରାଯାଇଛ । ଏହି ବୈଠକରେ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଅବ୍ୟବସ୍ଥାରେ ବଡପାଙ୍ଗା ପ୍ରାଥମିକ ବିଦ୍ୟାଳୟ






**ପାଣି ପାଇଁ ଡହକବିକଳ ଛାତ୍ରଛାତ୍ରୀ**
**କାମରେ ଲାଗୁନି ୨ କୋଠରୀ**
**୩ କୋଠରୀରେ ୮୦ ଛାତ୍ର ଛାତ୍ରୀ**

ଫିରିଙ୍ଗିଆ,୨୬।୩(ସମିସ): ଫିରିଙ୍ଗିଆ ବ୍ଲକରେ ବର୍ତ୍ତମାନ ଅଧିକାଂଶ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି । କେଉଁଠି ବିଦ୍ୟାଳୟ କୋଠରୀ ନଥିବାରୁ ଛାତ୍ରଛାତ୍ରୀ ପାଠ ପଢି ପାରୁନଥିବା ବେଳେ କେଉଁଠି ବିଦ୍ୟାଳୟରେ ପାଣି ନଥିବାରୁ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ନଥିବାରୁ ବିଦ୍ୟାଳୟରେ ଶିକ୍ଷା ଦାନ ପ୍ରଭାବିତ ହେବା ସହ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହୋଇ କେବଳ ମଧ୍ୟାହ୍ନଭୋଜନ ରେ ସନ୍ତୁଷ୍ଟ ହେଉଛନ୍ତି । କେଉଁଠି କମ ଶିକ୍ଷକ ଯୋଗୁଁ ଶିକ୍ଷକଙ୍କ ବିଭିନ୍ନ ତାଲିମ ଓ କାଗଜପତ୍ରରେ ମାସ ମାସ କାଟୁଥିବା ବେଳେ ପାଠ ପଢ଼ାଇବାକୁ ମଧ ସମୟ ମିଳି ପାରୁନାହ । ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ଏଭଳି ଏକ ବିଦ୍ୟାଳୟ ହେଉଛି ଫିରିଙ୍ଗିଆ ବ୍ଲକ ବାଳନ୍ଦାପଡା ପଞ୍ଚାୟତ ବଡପଙ୍ଗା ପ୍ରାଥମିକ ବିଦ୍ୟାଳୟ । ଏହି ବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଅନ୍ତେବାସୀ ଭାବରେ ରହି ୪୦ ଛାତ୍ରୀ ପାଠ ପଢୁଛନ୍ତି । ବିଦ୍ୟାଳୟରେ ମିନତୀ ସାହୁ ପ୍ରଧାନଶିକ୍ଷୟତ୍ରୀ ଅଛନ୍ତି । ପ୍ରଧାନଶିକ୍ଷୟିତ୍ରୀଙ୍କୁ ମିଶାଇ ୩ ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକ ଅବସର ନେଇଥିବାରୁ ବର୍ତ୍ତମାନ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ମାତ୍ର ଜଣେ ଶିକ୍ଷକ ଅଛନ୍ତି । ବିଦ୍ୟାଳୟରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଅନ୍ତେବାସୀ ଭାବରେ ୪୦ ଛାତ୍ରୀ ରହୁଥିବା ବେଳେ ଦୁଇ ବର୍ଷ ପୂର୍ବରୁ ବିଦ୍ୟାଳୟର ପାଚେରୀ ଭାଙ୍ଗି ନଷ୍ଟ ହୋଇଛି । ୫ କୋଠରୀରୁ ଦୁଇ ଟି ନଷ୍ଟ ହୋଇଥିବା ବେଳେ ୩ କୋଠରୀରେ ୮୦ ଜଣ ଛାତ୍ରଛାତ୍ରୀ ବହୁ କଷ୍ଟରେ ପାଠ ପଢୁଛନ୍ତି । ବିଦ୍ୟାଳୟରେ ପାଣି ପାଇଁ ସୋଲାର ବ୍ୟବସ୍ଥା ଅଛି କିନ୍ତୁ ଠିକରେ ପାଣି ଉଠୁ ନଥିବାରୁ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ସୋଲାରରୁ ପାଣି ଉଠୁ ନଥିବାରୁ ଛାତ୍ରୀ ପିଇବା ପାଣି ପାଉନାହାନ୍ତି କି ଗତ ଦୁଇ ଦିନ ହେବ ଗାଧୋଇ ନଥିବା ଜଣାପଡିଛି । ପାଣି ମିଳୁନଥିବାରୁ ବହୁ ଦୂରରୁ ବଡ଼ କଷ୍ଟରେ ପାଣି ଆଣି ରୋଷେଇ କରାଯାଉଛି । ପୂର୍ବରୁ ସରପଞ୍ଚ, ବିଡ଼ିଓ ଓ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀକୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ କୌଣସି ସମାଧାନ ହୋଇ ପାରିନଥିବା କହିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ । ତୁରନ୍ତ ପାଣି ସମସ୍ୟାର ସମାଧାନ ସହ ବିଦ୍ୟାଳୟର ଭଙ୍ଗା ପାଚେରୀ ଏବଂ ଶ୍ରେଣୀ କୋଠରୀ ମରାମତି ସହ ଶିକ୍ଷକ ଯୋଗାଇ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି । ଏସମ୍ପର୍କରେ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନଙ୍କୁ ପଚାରିବାରୁ ବିଦ୍ୟାଳୟର ଶିକ୍ଷକ ସମସ୍ୟା ନେଇ ଅଭିଯୋଗ ଆସିଛି । କିନ୍ତୁ ପାଣି ସମସ୍ୟା ନେଇଁ ଅଭିଯୋଗ ଆସିନାହିଁ । କିଭଳି ପାଣି ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ଲିଖିତ ଭାବରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି ।

# ଓଡ଼ିଶା ଦିବସ ପାଳନ ପାଇଁ ପ୍ରତିଯୋଗିତା



ପାରଳାଖେମୁଣ୍ଡି,୨୬ ।୩ (ସମିସ): ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଆସନ୍ତା ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଓ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଆଜି ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ଏପ୍ରିଲ ପହିଲାରେ ସ୍ଥାନୀୟ ଗ୍ରାମୀଣ ଆ । ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ । ସେହିପରି ଏପ୍ରିଲ ୨୬ ତାରିଖରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଉତ୍ସବରେ ଉକ୍ତ ସ୍ଥାନରେ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯିବ । ଏହି ପ୍ରତିଯୋଗିତାର ବିଚାରକ ଭାବରେ ବିଚିତ୍ରା ନନ୍ଦ ବେବର୍ତ୍ତା, ଅମେଶ ଲିମ୍ମା, ସୁଲତା ଶୁଭଦର୍ଶୀ, ରାମଶଙ୍କର ଗନ୍ତାୟତ, ଚିତ୍ରା ରଥ, ସୁମିତ୍ରା କୁମାରୀ ଜେନା, ପଦ୍ମିନି କୁମାରୀ ପଣ୍ଡା, ସୁଜାତା ନନ୍ଦ ବବିତା ପୁରୋହିତ ଓ ଅନିତା ଦାସ ଦାୟିତ୍ୱ ତୁଲାଇଥିଲେ । ଏହି ସବୁ ପ୍ରତିଯୋଗିତାକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଇଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତୁଷାରମୟ ସେନାପତି ଉପସ୍ଥିତିରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ଶାରିରୀକ କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଚାନ୍ଦା ନ ଦେଲେ ଦୋକାନ ପୋଡ଼ି ଧମକ

# ଥାନାର ଦ୍ୱାରସ୍ଥ ଛୋଟରାୟପୁର ବଣିକ ସଂଘ

ପାଣିକୋଇଲି,୨୬।୩(ସମିସ)



ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତର ଛୋଟରାୟପୁର ଗାଁ ଛକରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀମାନେ ବାରମ୍ବାର ଚାନ୍ଦା ଆଦାୟରେ ଅତିଷ୍ଠ ହୋଇ ଆଜି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର କିଛି ଯୁବକ ବର୍ଷବର୍ଷ ଧରି ସେମାନଙ୍କୁ ସରକାରୀ ଜାଗାରେ ଦୋକାନ କରିଥିବାର ଧମକ ଦେଇ ଦୋକାନରୁ ବାକି ନେଉଛନ୍ତି। ଦୋକାନୀମାନେ ବାକି ଟଙ୍କା ମାଗିଲେ ସେମାନଙ୍କୁ ଧମକଚମକ ଦେବା ସହିତ ଓଲଟା ସେମାନଙ୍କ ଦୋକାନ ପୋଡ଼ିଦେବା ଏବଂ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି ବୋଲି ସାଙ୍ଘାତିକ ଅଭିଯୋଗ କରିଛନ୍ତି ଦୋକାନୀ। ପୁଲିସ ଏ ନେଇ ତଦନ୍ତ ଜାରି ରଖିଛି।

ଅଭିଯୋଗ ମୁତାବକ, ଛୋଟରାୟପୁର ଛକର ଥାନା ନମ୍ବର-୫୬୯, ପ୍ଲଟ୍ ନମ୍ବର-୨୨୦୦ର ସରକାରୀ ଜମିରେ କିଛି ଗ୍ରାମବାସୀ ଉଠାଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଦୀର୍ଘ ୧୦ ବର୍ଷ ଧରି ଦୋକାନୀମାନେ ସେଠାରେ ବ୍ୟବସାୟ କରୁଛନ୍ତି। ହେଲେ ଗ୍ରାମର କିଛି ଯୁବକ ସେମାନଙ୍କୁ ଡରାଇ ଧମକାଇ ସରକାରୀ ଜାଗାରେ ଦୋକାନ କରୁଥିବା କହି ସେମାନଙ୍କ ଠାରୁ ମାସିକ ୫ ଶହ ଟଙ୍କା ଲେଖାଏଁ ପ୍ରତି ଦୋକାନୀଙ୍କ ଠାରୁ ଚାନ୍ଦା ଆଦାୟ କରୁଛନ୍ତି। ସମ୍ପୃକ୍ତ ଯୁବକମାନେ କିଛି ଦୋକାନୀଙ୍କ ଠାରୁ ହଜାର ହଜାର ଟଙ୍କା ବାକି ନେଇଥିଲେ ମଧ୍ୟ ଶୁଝିବାର ନାଁ ଧରୁନାହାନ୍ତି। ଏପରିକି ବାକି ଟଙ୍କା ମାଗିଲେ ଓଲଟା ସେମାନଙ୍କୁ ଜୀବନରୁ ମାରିଦେବା ସହିତ ଦୋକାନ ପୋଡ଼ିଦେବାକୁ ଧମକ ଦେଉଛନ୍ତି। ଶେଷରେ ଚାନ୍ଦାରେ ଅତିଷ୍ଠ ହୋଇ ଛୋଟରାୟପୁର ଛକ ବଣିକ ସଂଘର ୩୦ରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ଆଜି ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ଜହ୍ନା ପଞ୍ଚାୟତ ପକ୍ଷରୁ ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ୩ ଏକର ଜାଗାରେ ଏକ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ସ୍ଥିର ହୋଇଥିବା ବେଳେ ଏ ନେଇ ବ୍ୟାସନଗର ତହସିଲ ପକ୍ଷରୁ ଜାଗା ମଧ୍ୟ ଚିହ୍ନଟ ହୋଇଛି। ଏହା ସହିତ ମାର୍କେଟ କମ୍ପ୍ଲେକ୍ସ ପାଇଁ କୋରେଇ ବିଧାୟକଙ୍କ ହାତପାଣ୍ଠିରୁ ୧୦ ଲକ୍ଷ ଏବଂ ପଞ୍ଚାୟତ ପକ୍ଷରୁ ୫ ଲକ୍ଷ ଟଙ୍କାର ଅନୁଦାନ ମଧ୍ୟ ମିଳିଛି। ହେଲେ ବ୍ଲକ୍ ପ୍ରଶାସନ ପ୍ରାୟ ୨ ବର୍ଷ ହେବ କୌଣସି ପଦକ୍ଷେପ ନେଉ ନଥିବାରୁ ପ୍ରକଳ୍ପ ଆଗେଇ ପାରୁନାହିଁ। ତେଣୁ ପ୍ରଶାସନ ପକ୍ଷରୁ ତରନ୍ତ ପଦକ୍ଷେପ ନେଇ ମାର୍କେଟ କମ୍ପ୍ଲେକ୍ସ ଘର ତୁରନ୍ତ ସମ୍ପୂର୍ଣ୍ଣ କରି ଆଗ ସେମାନଙ୍କୁ ଥଇଥାନ କରିବା ପରେ ଦୋକାନୀମାନେ ଆପଣାଛାଏଁ ଉଚ୍ଛେଦ କରିବେ ବୋଲି କହିଛନ୍ତି। ଅନ୍ୟପଟେ ଅଭିଯୋଗକ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ନିୟମିତ ଭାବେ

**ଆଗ ଥଇଥାନ, ପରେ ବିସ୍ଥାପନ ଦାବି**

ଦୋକାନୀମାନେ ଶୋଷଣର ଶିକାର ହେଉଥିବାବେଳେ ପୁଲିସ ମାଫିଆରାଜ ଏବଂ ଚାନ୍ଦା ଆଦାୟକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବଣିକ ସଂଘର ସଭାପତି କୈଳାସ ଚନ୍ଦ୍ର ପଣ୍ଡା, କିଶୋର ଚନ୍ଦ୍ର ନାୟକ, ସୁଶାନ୍ତ କୁମାର ପଣ୍ଡା, ଶ୍ରୀକାନ୍ତ ପାଢ଼ୀ, ବାସୁଦେବ ନାୟକ, ବାବୁ ରାଉତ, ଦାମୋଦର ପାଢ଼ୀ, ପର୍ଶୁରାମ ପାଢ଼ୀ, ବିଜୟ ଜେନା, ନିରଞ୍ଜନ ପଣ୍ଡା, ସୁରଥ ଚନ୍ଦ୍ର ବଳ, ପ୍ରଦୀପ କୁମାର ବାରିକ, ଆଶିଷ ଦାଶ, ରବୀନ୍ଦ୍ର ମହାନ୍ତି, ଜ୍ୟୋତିଶଙ୍କର ସାହୁ, ଗଜେନ୍ଦ୍ର ପଣ୍ଡା, ରାଜକିଶୋର ବାରିକ, ଗଣେଶ ମଳିକ ଏବଂ ଭରତ ଦାଶଙ୍କ ସମେତ ସମସ୍ତ ଦୋକାନୀ ଦାବି କରିଛି।

## କାର୍ ସହ ଦେଶୀମଦ ଜବତ





ପାଣିକୋଇଲି,୨୬।୩(ସମିସ) : କଟକ ଅବକାରୀ ବିଭାଗ ଆଜି ପାଣିକୋଇଲି ଥାନା ଅଞ୍ଚଳରୁ ବିପୁଳ ପରିମାଣର ଦେଶୀ ମଦ ସହ କାର୍ ଜବତ କରିଛି। ହେଲେ କାର ଚାଳକ ଫେରାର ହୋଇଯାଇଛି।

ପ୍ରକାଶ ଯେ ଏକ କାର (ଓଆର୍ ୦୧ ଟି ୮୩୩୭) ଯୋଗେ ବିପୁଳ ମଦ ଯାଉଥିବା ଖବର ପାଇ କଟକ ଅବକାରୀ ବିଭଗର ସ୍ୱତନ୍ତ୍ର ସ୍କ୍ୱାଡ୍ ତାର ପିଛା କରିଥିଲା। ହେଲେ କାର ଚାଳକ ଏହା ଜାଣିପାରି ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗଣ ଠାରେ ଗାଡ଼ିଟିକୁ ପୋଲ ତଳକୁ ନେଇ ଖସିଯିବାକୁ ଚାହୁଁଥିବା ବେଳେ ଗାଡିଟି ଏକ ସ୍ଥାନରେ ଧକ୍କା ଖାଇଥିଲା। ଫଳରେ ଚାଳକ ସେଠାରୁ ଫେରାର ହୋଇଯାଇଥିଲା।

କାର ମଧ୍ୟରେ ୪ବସ୍ତା ଦେଶୀ ମଦ ଥିବା ଦେଖିବାକୁ ମିଳିଥିଲା। ଅବକାରୀ ବିଭାଗ ସେଠାରେ ପହଞ୍ଚି ମଦ ସହ କାରକୁ ଜବତ କରିଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ଆଶା, ଜନଆରୋଗ୍ୟ ସମିତି ସମ୍ମିଳନୀ

ଯାଜପୁର,୨୬।୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ ପରିସରରେ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୪-୨୫ ଆୟୋଜିତ ହୋଇଛି। ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ବିଷୟକୁ ନେଇ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇଥିଲେ। ପରିବାର କଲ୍ୟାଣ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ନିଜ ବକ୍ତବ୍ୟରେ କହିଥିଲେ ଯେ ଗତ କିଛି ମାସ ମଧ୍ୟରେ ଜିଲ୍ଲାରେ ମାତୃ ମୃତ୍ୟୁ ହାର ନିୟନ୍ତ୍ରଣ କରିବାରେ ଆଶା କର୍ମୀଙ୍କ ବଡ଼ ଭୂମିକା ଅଛି। ସେବା ଓ ନିଷ୍ଠାପର ମନୋଭାବ ନେଇ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ମେଡିକାଲ କଲେଜ୍ ଅଧ୍ୟକ୍ଷ ସୀତାରାମ ମହାପାତ୍ର କହିଥିଲେ ଯେ ଗୋଟିଏ ସୁସ୍ଥ ସମାଜ ଗଢ଼ିବାର କାମ ମେଡିକାଲ କଲେଜର ଚାରି କାନ୍ଥ ଭିତରେ ନୁହେଁ, ବରଂ ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରରେ ଆଶା ଓ ଏନଏଚଏମ୍ ସ୍ୱାସ୍ଥ୍ୟ କର୍ମୀଙ୍କ ଦ୍ୱାରା ସମ୍ଭବ ହୋଇଥାଏ। ଆଶା କର୍ମୀ ମାନେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଆଶାର ଆଲୋକ ବୋଲି ଡାକ୍ତର



ମିଶ୍ର କହିଥିଲେ। ଏହି ସମ୍ମିଳନୀରେ ମେଡିକାଲ କଲେଜ ଅଧିକ୍ଷକ ଡାକ୍ତର ମନୋରମା ସ୍ୱାଇଁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ମଲ୍ଲିକ, ଡାକ୍ତର ରଶ୍ମିରଞ୍ଜନ ସାହୁ, ଡିପିଏମ୍ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରେଷ୍ଠ ଆଶା କର୍ମୀ, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି, ଜନ ଆରୋଗ୍ୟ ସମିତି ଏବଂ ତୃଣମୂଳ ସ୍ତରରେ ଉତ୍ତମ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପୁରସ୍କାର ଓ ଆର୍ଥିକ ରାଶି ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ବିକଶିତ ଗାଁ, ବିକଶିତ ଓଡ଼ିଶା' କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ବ୍ରହ୍ମବରଦା,୨୬।୩(ସମିସ): ରସୁଲପୁର ବ୍ଲକ୍ ମହେଶ୍ୱରପୁର ପଞ୍ଚାୟତରେ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା, ଯୋଜନା ଅଧୀନରେ ହୋଇଥିବା କାର୍ଯ୍ୟରେ ଗୁରୁତର ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ ମହେଶ୍ୱରପୁର ଗ୍ରାମର ଜମ୍ମା ମସଜିଦ ସାମ୍ନାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ପାଇଁ ୨୦୨୫/୨୬ ଆର୍ଥିକବର୍ଷରେ ୯ ଲକ୍ଷ ୭ ହଜାର ୪୦୨ ଟଙ୍କା ବ୍ୟୟବରାଦ ହୋଇଥିଲା। କିନ୍ତୁ ଅଭିଯୋଗ ଅନୁଯାୟୀ ଠିକାଦାର ଯୋଜନା ଅନୁଯାୟୀ ରାସ୍ତା ନିର୍ମାଣ ନ କରି ଜମ୍ମା ମସଜିଦ ନିକଟରେ ମାତ୍ର ଏକ ଢଳେଇ ଚଟାଣ ନିର୍ମାଣ କରି ଲକ୍ଷାଧିକ





ଟଙ୍କା ଲୁଟି ନେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ଢଳେଇ ରାସ୍ତା ଅତି ନିମ୍ନମାନର ସାମଗ୍ରୀରେ କରାଯାଇଥିବାରୁ ନିର୍ମାଣ ହେବାର ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଢଳେଇ ଫାଟି ଆଁ କଲାଣି। ଯାହାକୁ ନେଇ ଆଜି ଗ୍ରାମବାସୀ ଉକ୍ତ ନିମ୍ନମାନର ଢଳେଇ ଚଟାଣକୁ ଖୋଳି ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି। ନିୟମ ଅନୁଯାୟୀ ୧:୨:୪ ଭାଗ (ସିମେଣ୍ଟ, ବାଲି,କଂକ୍ରିଟ) ଦେଇ କାର୍ଯ୍ୟ କରିବାକୁ ଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଠିକାଦାର ମନମୁଖି ଭାବେ ୬ଭାଗ ବାଲିରେ ୧ ଭାଗ ସିମେଣ୍ଟ ଓ ୬ ଭାଗ କଂକ୍ରିଟ ବ୍ୟବହାର କରି ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଫଳରେ ଯୋଜନାର ମୂଳ ଉଦ୍ଦେଶ୍ୟ ପୂରଣ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଘଟଣାକୁ ନେଇ ଗ୍ରାମବାସୀ ରସୁଲପୁର ବିଡିଓ, ଜେଇଙ୍କୁ ଅବଗତ କରାଇଥିବା ବେଳେ କେହି ଏଥିପ୍ରତି ଦୃଷ୍ଟି ଦେଉ ନଥିବା କହିଛନ୍ତି। ବିଭାଗୀୟ ଅଧିକାରୀ ଉକ୍ତ ଘଟଣାକୁ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହିତ ଗୁଣମାନ ସୁନିଶ୍ଚିତ କରିବାକୁ ଗ୍ରାମର ସେକ ଅୟିତୁଲ୍ଲା ହକ, ସେକ ମୋଜିବ, ସେକ ଆବୁଲ କଲାମ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ କୌଣସି ଉତ୍ତର ରଖିନାହାନ୍ତି।

## ରାସ୍ତାକଡ଼ରୁ ଗଛ କାଟି ନେଉଛନ୍ତି ଲୋକେ

ମଙ୍ଗଳପୁର,୨୬।୩(ସମିସ): ସରକାର ପରିବେଶ ସୁରକ୍ଷା ଓ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ନୂଆ ଜଙ୍ଗଲ ସୃଷ୍ଟି କରିବା ସହିତ ବିଭିନ୍ନ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରୁଛନ୍ତି। କିନ୍ତୁ ସରକାରୀ ବାବୁଙ୍କ



ବେପରୁଆ ନିତି ଓ ମନମୁଖୀ କାର୍ଯ୍ୟ ପାଇଁ ବହୁ ସ୍ଥାନରେ ସ୍ଥାନୀୟ ଲୋକ ଉକ୍ତ ଗଛ ଗୁଡିକ କାଟି ନେଉଥିବା ଦେଖିବାକୁ ମିଳୁଛି। ଏମିତି ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ ଚଷାଖଣ୍ଡ ମୁରାରୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ। ସ୍ଥାନୀୟ ଲୋକେ ଗଛଗୁଡ଼ିକୁ କରତ ଲଗାଇ ଦିନ ଦ୍ୱିପ୍ରହରରେ କାଟି ନେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ବେଳେ କାଠ ଚୋରଙ୍କ ପାଇଁ ପରୋକ୍ଷରେ ସମର୍ଥନ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଏକ୍ସାଭେଟର୍ ଛାଡ଼ି ମୋରମ ବୋଝେଇ ହାଇୱା ଜବତ

ବ୍ୟାସନଗର,୨୬ ।୩(ସମିସ): ସ୍ଲରୀ ପାଇପ୍ ବିଛା ନାମରେ ବ୍ୟାସନଗର ତହସିଲ କୋରେଇ ଅଞ୍ଚଳରେ ଦୈନିକ ଚାଲିଛି ମୋରମ୍ ଲୁଟ। ଲୁଟ୍ ଘଟଣାକୁ ଜୋରଦାର ବିରୋଧ ପରେ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ମୋରମ

- ସନ୍ଦେହରେ ଯାଜପୁର ରୋଡ୍ ବନ ବିଭାଗ ରେଞ୍ଜରଙ୍କ ଭୂମିକା
- ମୋରମ ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ ପରେ ପହଞ୍ଚିଲା ବନ ବିଭାଗ

ତାଡୁଥିବା ଏକ୍ସାଭେଟରକୁ ଛାଡ଼ି ମୋରମ ବୋଝେଇ ହାଇୱାକୁ ଜବତ କରିଥିବା ଦେଖିବାକୁ ମିଳିଛି। ଏହି ପାଇପ୍ ବିଛା କାର୍ଯ୍ୟରେ ନିୟୋଜିତ ଥିବା କମ୍ପାନୀର ଜେସିବି ବା ପୋକଲିନ ସାହାଯ୍ୟରେ ବେଆଇନ୍ ଲୋଡିଂ କରି ୨୦ ନମ୍ବର୍ ଜାତୀୟ ରାଜପଥ ସନ୍ନିକଟ ରଗଡ଼ି ଛକ ନିକଟରୁ ବାହାରୁଥିବା ମୋରମକୁ କମ୍ପାନୀ କର୍ତ୍ତୃପକ୍ଷ ଦୀର୍ଘ ଦିନ ଧରି ପଡ଼ୋଶୀ କେନ୍ଦୁଝର ଜିଲାକୁ ଚାଲାଣ କରୁଥିବାବେଳେ ରଗଡି ଛକରେ ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ଘଟଣାସ୍ଥଳରେ ନିୟୋଜିତ କମ୍ପାନୀ ସୁପରଭାଇଜରଙ୍କ କହିବା ଅନୁଯାୟୀ କମ୍ପାନୀରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ନିର୍ଦ୍ଦେଶରେ ଏହି ମୋରମ୍ ଅନ୍ୟତ୍ର ଚାଲାଣ କରାଯାଉଥିଲା। ସ୍ଲରୀ ପାଇପ ଲାଇନ ବିଛାଉଥିବାବେଳେ ପାଇପ୍ ପାଇଁ ଖନନ ହେଉଥିବା ଗର୍ତ୍ତରୁ ବାହାରୁଥିବା ମୋରମ୍ ଚୋରା ଚାଲାଣ କରି କିଛି କର୍ମଚାରୀ ଏହାକୁ ପଡ଼ୋଶୀ କେନ୍ଦୁଝର ଜିଲ୍ଲାକୁ ନେଇ ବିକ୍ରି କରୁଥିବା ଜଣାପଡ଼ୁଛି। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଖବରପାଇ କଟକ ଡିଏଫଓ ଅନିଲ କୁମାର ରାୟଙ୍କ ନିର୍ଦ୍ଦେଶରେ ଯାଜପୁର ରୋଡ ବନ ଅଧିକାରୀ ଦେବେନ୍ଦ୍ର ମାଝୀ ସଦଳବଳେ ରଗଡିରେ ପହଞ୍ଚି ଚୋରା ଚାଲାଣରେ ନିୟୋଜିତ ହାୱାକୁ ଜବତ କରି ବନ ବିଭାଗ କାର୍ଯ୍ୟାଳୟରେ ଆଣି ରଖିଥିବା ବେଳେ ଜେସିବି ମେସିନକୁ ଘଟଣାସ୍ଥଳରେ ଛାଡି ଚାଲି ଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ସ୍ଲରୀ ପାଇପ ଲାଇନ ପାଇଁ ଖନନ ହେଉଥିବା ଗର୍ତ୍ତରୁ ବାହାରୁ ଥିବା ମୋରମ ସେହି ସ୍ଥାନର ପୋତାଯିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ପ୍ରୋକଲିନ ସାହାଯ୍ୟରେ ଲୋଡିଂ କରି ହାଇୱାରେ ଅନ୍ୟତ୍ର ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ଓଡି ୦୯ ପି ୫୭୧୪ ନମ୍ବର ବିଶିଷ୍ଟ ମୋରମ ବୋଝେଇ ହାଇୱା ଏବେ ବନ ବିଭାଗ ଜବତ କରି ରଖିଥିବା ବେଳେ ଚୋରା ଚାଲାଣ ପାଇଁ ଲୋଡିଂ କାର୍ଯ୍ୟରେ ନିୟୋଜିତ ପ୍ରୋକଲିନ ଡ୍ରାଇଭର ଖସି ପଳାଇବାରୁ ଗାଡିକୁ ବନବିଭାଗ ଘଟଣାସ୍ଥଳରେ କମ୍ପାନୀ ଜିମାରେ ରଖିଥିବା କହିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ରେଞ୍ଜର ଧର୍ମେନ୍ଦ୍ର ପ୍ରଧାନଙ୍କ ଭୂମିକା ଏବଂ ସରକାରୀ ସମ୍ପତ୍ତି ଲୁଟ୍‌ରେ ସହଯୋଗ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର,୨୬।୩(ସମିସ): ଏପ୍ରିଲ ୧ରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଯାଜପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରିବା ଉପଲକ୍ଷେ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓଡ଼ିଶା ଦିବସ ପାଳନର କାର୍ଯ୍ୟ ଖସଡ଼ା ପାଠ କରିଥିଲେ। ଯାଜପୁର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଉତ୍ସବ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶା ଦିବସ ଅବସରରେ ପ୍ରତ୍ୟୁଷରେ ଉତ୍କଳ ବନ୍ଦନା ଗାନ, ପ୍ରଭାତ ଫେରି, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ହସ୍ପିଟାଲ ରୋଗୀ, ବାଳାଶ୍ରମ ଏବଂ କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ, କାର୍ଯ୍ୟାଳୟରେ ଆଲୋକ ସଜ୍ଜା, ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବିଷୟ ଆଲୋଚନା ହୋଇଥିଲା। ଏହି ଉପଲକ୍ଷେ ସ୍କୁଲ ଏବଂ କଲେଜସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଦିବସ ଖୁବ୍ ସୁନ୍ଦର ଭାବେ ଆୟୋଜନ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ଯାଏଁ ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳିତ ହେବାକୁ ଯାଉଛି। ଏହି ଦିନମାନଙ୍କରେ ପାରମ୍ପରିକ ପୋଷାକ ପରିଧାନ, ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାର, ଓଡ଼ିଶା ଇତିହାସ ସମ୍ବନ୍ଧୀୟ ଆଲୋଚନା ଚକ୍ର ଏବଂ କୁଇଜ୍, ସ୍ୱଚ୍ଛତା ଅଭିଯାନ, ଓଡ଼ିଆରେ ନାମଫଳକ ଅଭିଯାନ, ଯୁବ ଲେଖକ ସମ୍ମିଳନୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ବୈଠକ ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଣି ସିଲ୍ ହେଲା କଲ୍ୟାଣ ମଣ୍ଡପ

### ସିଲ୍ କଲ୍ୟାଣ ମଣ୍ଡପ ଖୋଲିବା ନେଇ ଅଭିଯୋଗ କରିଥିଲେ ସରପଞ୍ଚ

ଦଶରଥପୁର,୨୬।୩(ସମିସ): ବେଆଇନ ଭାବେ ସିଲ ଭାଙ୍ଗି ଖୋଲାଯାଇଥିବା କଲ୍ୟାଣ ମଣ୍ଡପକୁ ଆଜି ବ୍ଲକ୍ ପ୍ରଶାସନ ପକ୍ଷରୁ ପୁନଶ୍ଚ ସିଲ କରାଯାଇଛି। ଡାହାଣହଡା ପଞ୍ଚାୟତ କୁଆଁସରେ ଥିବା କଲ୍ୟାଣ ମଣ୍ଡପ ସିଲ୍ ଥିବାବେଳେ ବେଆଇନ ଭାବେ ତାହା



ଖୋଲାଯାଇଥିଲା। ବିଡିଓ ଆକାଶ ପଟ୍ଟନାୟକଙ୍କ ଚିଠି ସଂଖ୍ୟା ୨୧୧୮ ରେ ତହସିଲଦାର ଶୁଭ୍ରାଂଶୁ ଶେଖର ସାହୁ, ଅତିରିକ୍ତ ବିଡିଓ ତ୍ରିଲୋଚନ ସେଠୀ, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଦଶରଥପୁର ଏସ୍ଆଇ ଦୁଷ୍ମନ୍ତ ଦାସ, ବିଏସ୍ଏସ୍ଓ ସ୍ୱାଧୀନା କ୍ରିଷ୍ଟାବାଲା, ପିଇଓ ଅଟଳ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ୨ ଟି ତାଲା ପକାଯିବା ପରେ ସିଲ୍ କରାଯାଇ ନୋଟିସ୍ ଲଗାଯାଇଛି। କୌଣସି ଲୋକ ଏହାକୁ ଅମାନ୍ୟ କଲେ ତାଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ସୂଚନା ଦିଆଯାଇଛି।

ପ୍ରକାଶଥାଉକି ପ୍ରଥମେ ସିଲ୍ କରାଯାଇଥିବା ଏହି ମଣ୍ଡପକୁ କିଛି ଦୁର୍ବୃତ୍ତ ବେଆଇନ ଭାବେ ଖୋଲି ବ୍ୟବସାୟ କରୁଥିଲେ। ଏ ନେଇ ଗତ ଫେବୃୟାରୀ ୨୪ ତାରିଖ ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ। ଅଭିଯୋଗ ପରେ ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ୧୫ ଦିନ ମଧ୍ୟରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ ଅମ୍ବର କୁମାର କର। ମାତ୍ର ବ୍ଲକ୍ ପ୍ରଶାସନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ କରିଦେଇଛି। ୧୫ ଦିନ ସମୟ ସୀମାକୁ ବେଖାତିର କରି ୩୦ ଦିନ ପରେ ମଧ୍ୟ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ କୌଣସି ମାମଲା ରୁଜୁ କରାଯାଇନାହିଁ। କେବଳ ସିଲ୍ କରାଯାଇଛି। କଲ୍ୟାଣ ମଣ୍ଡପଟି ପ୍ରାୟ ୧୦ ବର୍ଷ ହେବ ନିର୍ମାଣ ହୋଇ କାର୍ଯ୍ୟକାରୀ ହେଉଥିବା ବେଳେ ଗତ ବର୍ଷ ବ୍ୟକ୍ତିଗତ ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଥିବାରୁ ଜମି ମାଲିକ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଣୁ ବ୍ଲକ୍ ପକ୍ଷରୁ ଗତ ୧୭ ଅକ୍ଟୋବର ୨୦୨୫ ରେ ଚିଠି ନମ୍ବର ୫୧୭୫ ରେ ନିଲାମ ପ୍ରକ୍ରିୟାକୁ ରଦ୍ଦ କରାଯାଇଥିଲା। ଏହାର ଗୋଟିଏ ଦିନ ପରେ ବିଡିଓ ଆକାଶ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଚିଠି ସଂଖ୍ୟା ୫୧୦୩ ରେ ଏବିଡିଓ ତ୍ରିଲୋଚନ ସେଠୀ କଲ୍ୟାଣ ମଣ୍ଡପ ସିଲ୍ କରି ଆସିଥିଲେ। ମାତ୍ର କିଛି ଦିନ ହେବ ପଞ୍ଚାୟତକୁ କୌଣସି ସୂଚନା ନ ଥାଇ ମଣ୍ଡପ ଖୋଲାଯାଇ ସଭା ଏବଂ ଭୋଜି ଭାତ କରାଯାଇଥିଲା। ଏଣୁ ବିଡିଓଙ୍କୁ ପଚାରିବାରେ କିପରି ଏହା ଖୋଲାଗଲା ସେ ଜାଣିନଥିବା କହିବାରୁ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅଭିଯୋଗ କରିଥିଲେ।

## ପ୍ରସିଦ୍ଧ ସିଦ୍ଧେଶ୍ୱର ପୀଠରେ ଅଶୋକାଷ୍ଟମୀ ମେଳା

ଦଶରଥପୁର,୨୬।୩(ସମିସ)

ଦଶରଥପୁର ବ୍ଲକ୍ ସିଦ୍ଧେଶ୍ୱର ଗ୍ରାମ ଦେଇ ପ୍ରବାହିତ ବୈତରଣୀ ନଦୀ ତଟସ୍ଥିତ ପ୍ରଭୁ ସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ପ୍ରସିଦ୍ଧ ଅଶୋକାଷ୍ଟମୀ ମେଳା ଆଜିଠାରୁ ଆରମ୍ଭ ହୋଇଛି। ଅଶୋକାଷ୍ଟମୀ ତିଥିରେ ବୈତରଣୀ ନଦୀରେ ସ୍ନାନକରି ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ସହିତ ପ୍ରଭୁ ସିଦ୍ଧେଶ୍ୱରଙ୍କୁ ଦର୍ଶନ କଲେ ପିତୃପୁରୁଷ ମୋକ୍ଷ ଲାଭ କରନ୍ତି ବୋଲି କିମ୍ବଦନ୍ତୀ ରହିଛି। ଆଜି ପ୍ରାତଃ ସମୟରୁ ଯାଜପୁର ଜିଲ୍ଲା ସମେତ ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ପଶ୍ଚିମବଙ୍ଗରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏଠାକୁ ଆସି ବୈତରଣୀ ନଦୀରେ ବୁଡ଼ପକାଇଥିଲେ। ସେହିପରି ପିଣ୍ଡଦାନ କରିବା ସହିତ ବାବା ସିଦ୍ଧେଶ୍ୱର ମହାଦେବଙ୍କୁ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଅଷ୍ଟମୀ ତିଥି ଉପଲକ୍ଷେ ପୂଜକ ନିରଞ୍ଜନ ପାଣିଗ୍ରାହୀ ଓ ସୌମ୍ୟରଂଜନ ପାଣିଗ୍ରାହୀ ବାବା ସିଦ୍ଧେଶ୍ୱର ମହାଦେବଙ୍କୁ ପ୍ରାତଃରୁ ବୈତରଣୀ ନଦୀ ଜଳରେ ମହାସ୍ନାନ କରାଇ ବଡ଼ସିଂହାର ବେଶରେ ସଜ୍ଜିତ କରିବା ପରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ବାବା ସିଦ୍ଧେଶ୍ୱରଙ୍କୁ



ଦର୍ଶନ କରିଥିଲେ। ଏହି ଶୈବକ୍ଷେତ୍ର ଅସ୍ଥିକ୍ଷେପଣ ଘାଟଭାବେ ବିଶ୍ୱବିଦିତ ଥିବାରୁ ଅଶୋକାଷ୍ଟମୀ ତିଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟକ ଭକ୍ତ ଏଠାରେ ଅସ୍ଥି ବିସର୍ଜନ କରିବା ସହିତ ପିଣ୍ଡଦାନ କରି ବାବା ସିଦ୍ଧେଶ୍ୱରରଙ୍କ ଦର୍ଶନ କରିଥିଲେ। ଆଜିଠାରୁ ସିଦ୍ଧେଶ୍ୱର ମନ୍ଦିର ସଂଲଗ୍ନ ପଡ଼ିଆରେ ଆରମ୍ଭ ହୋଇଥିବା ଅଶୋକାଷ୍ଟମୀ ମେଳା ୫ଦିନ ଧରି ଜାରି ରହିବ। ଜିଲ୍ଲା ତଥା ଜିଲ୍ଲା ବାହାରୁ ହରେକ ରକମ ବ୍ୟବସାୟୀ ମେଳା ପଡ଼ିଆକୁ ଆସି ସେମାନଙ୍କ ଦୋକାନ ଖୋଲିଥିବା ବେଳେ ଛୋଟ ପିଲାଙ୍କ ପାଇଁ ବିଭିନ୍ନ କିସମର ଦୋଳି ମେଳା ପଡ଼ିଆର ଶୋଭାବର୍ଦ୍ଧନ କରୁଛି।

ନଦୀ ଘାଟରେ ସ୍ନାନ, ପିଣ୍ଡ ଓ ମେଳାର ଜନସମାଗମକୁ ଦୃଷ୍ଟିରେ ରଖି ତଳିହା ପଞ୍ଚାୟତ ପ୍ରଶାସନ, ଆଦିତ୍ୟ ବାହିନୀ ଓ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଜଳଛତ୍ରମାନ ଖୋଲାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ତୃଷ୍ଣା ନିବାରଣ ନିମନ୍ତେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉ ଅଛି। ସକାଳୁ ମହିଳାମାନଙ୍କ ଦ୍ୱାରା ବୈତରଣୀ ନଦୀରୁ ୧୦୮ କଳସରେ ପାଣି ଅଣାଯାଇ ଯଜ୍ଞସ୍ଥଳରେ ଘଟସ୍ଥାପନ କରାଯିବା ପରେ ଗୋ-ପୂଜା, ସୂର୍ଯ୍ୟପୂଜା ସମେତ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସିଦ୍ଧେଶ୍ୱର ଯଜ୍ଞ କମିଟି ଦ୍ୱାରା ଆୟୋଜିତ ଏହି ବିଶ୍ୱ ଶାନ୍ତି ମହାଯଜ୍ଞର ପୁରୋଧା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଓ ତାଙ୍କ ସ୍ୱାମୀ ଗୋବିନ୍ଦ ସାହୁ କର୍ତ୍ତାରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ସେବାୟତ ବ୍ରଜକିଶୋର ଦୀକ୍ଷିତ, ଦିଗମ୍ବର ଦୀକ୍ଷିତ, ମନୋଜ କୁମାର ଦାଶ, ପ୍ରଦୀପ ଦୀକ୍ଷିତ, ଲଳିତ ଦୀକ୍ଷିତ, ଧନଞ୍ଜୟ ଦୀକ୍ଷିତ, ପ୍ରକାଶ ଦିକ୍ଷିତ, ହରିଶଙ୍କର ଦିକ୍ଷିତ ବିବେକାନ୍ଦ ଦିକ୍ଷିତ ପ୍ରମୁଖ ପ୍ରଭୁ ସିଦ୍ଧେଶ୍ୱରଙ୍କ ନିକଟରେ ସମସ୍ତ ପୂଜା କାର୍ଯ୍ୟ କରିବା ସହିତ ଯଜ୍ଞରେ ବେଦ ଓ ଗୀତା ପାଠ କରିଥିଲେ । ଏକାଧିକ ସ୍ୱେଚ୍ଛାସେବୀ ସଂଗଠନ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦେଉଥିବା ବେଳେ ଦଶରଥପୁର ବ୍ଲକ ଅଧିକାରୀ ଆକାଶ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ରଶ୍ମିରଂଜନ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁବ ସମାଜସେବୀ ମୁକ୍ତିକାନ୍ତ ପଣ୍ଡା, ବିରଜାପୁର ସରପଞ୍ଚ ନିରାକାର ସାହୁ, ସମିତିସଭ୍ୟ ସନ୍ତୋଷ ରାୟ, ତଳିହା ସରପଞ୍ଚ,ସମିତିସଭ୍ୟାଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଭ୍ୟ/ସଭ୍ୟା ଓ ଯାଜପୁର ଟାଉନ ଥାନାଧିକାରୀ ଶରତ କୁମାର ନାୟକ ସଦଳବଳେ ମେଳା ପଡ଼ିଆ, ସ୍ନାନ ଓ ପିଣ୍ଡ ଆଦି ସ୍ଥାନରେ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟ ସମ୍ପର୍ଣ୍ଣ କରିବାରେ ସକ୍ରୀୟ ଅଂଶଗ୍ରହଣ କରିଥିଲେ।

୨୬/୩/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୭,୫୬୮/- ସୁନା:୦୭.୧୦୦ ଗ୍ରାମ୍ ରୁପା: ୧୭୫.୧୦୦ ଗ୍ରାମ୍



# ଆଜିଠୁ ସାହିଯାତ ଆରମ୍ଭ; କମ୍ପିବ ଶ୍ରୀକ୍ଷେତ୍ର

ପୁରୀ, ୨୬।୩(ସମିସ)



ଶ୍ରୀଜଗନ୍ନାଥଙ୍କ ରାମାବତାର ଲୀଳାର ଅଂଶ ହେଉଛି ସାହିଯାତ। ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପାରମ୍ପରିକ ସମରକଳାର ପ୍ରତୀକ ରୂପେ ପରିଚିତ ସାହିଯାତ। ଏହି ଯାତ ସମୟରେ ପୁରୀ ସହରର ଆଠସାହିରୁ ବାହାରୁଥିବା ପଟୁଆର ଓ ଯାତ ଆଦି ବାଦି ସାହିଗୁଡ଼ିକରେ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥା'ନ୍ତି। ସାହିଯାତରେ ସମରକଳା, ଲୋକକଳ, ଲୋକନୃତ୍ୟ, ଲୋକଗୀତ ଓ ଲୋକବାଦ୍ୟ ପରମ୍ପରାର ସମ୍ମିଳିତ ରୂପ ଦେଖିବାକୁ ମିଳିଥାଏ। ଶୁକ୍ରବାର ଶ୍ରୀରାମ ନବମୀଠାରୁ ଆରମ୍ଭ ହେବ ସାହିଯାତ। ଏହା ଆସନ୍ତା ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ କାଳିକାଦେବୀ ସାହିରୁ ଯାତ ବାହାରି ଶ୍ରୀମନ୍ଦିରରେ ନୀତି ସମ୍ପନ୍ନ କରିବ। ଏହାପରେ ବାଦିସାହିକୁ ଯାଇ କଳାକୌଶଳ ପ୍ରଦର୍ଶନ କରିବ।

ପରମ୍ପରା ଅନୁଯାୟୀ, ରାମନବମୀ ତିଥି ଅବସରରେ କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ନୀତି ସମ୍ପନ୍ନ କରାଯିବ। ସାହିରୁ ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଏବଂ ଋଷ୍ୟଶୃଙ୍ଗ ବେଶଧାରୀ ବାହାରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ନୀତିରେ ସାମିଲ ହେବେ। ଏହାପରେ ସେମାନେ ଶ୍ରୀନଅରକୁ ଯାଇ ଫେରିବା ପରେ ସାହି ପରିକ୍ରମା କରିବେ। ଦକ୍ଷିଣକାଳୀଙ୍କଠାରୁ ଏହି ଆଖଡ଼ାର ନିଶାଣ ବାହାରିବ। ନିଶାଣ ଆଗରେ ରହି ଯାତ ପଟୁଆର ମିତ୍ର ସାହି ମାଟିମଣ୍ଡପ ସାହି ପରିକ୍ରମା କରିବ। ସେହିଭଳି ୨୮ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞ ରକ୍ଷା ନୀତି ଓ ମାଟି ମଣ୍ଡପ ସାହି ପକ୍ଷରୁ ନିଶାଣ ଶୋଭାଯାତ୍ରା ହେବ। ୨୯ ତାରିଖରେ ହରଚଣ୍ଡୀ ସାହି ପକ୍ଷରୁ ପର୍ଶୁରାମ କଳା ହରଣ ନୀତି କରାଯିବ। ୩୦ ତାରିଖରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ନୀତି, ଏପ୍ରିଲ ୧ରେ କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ସୀତାଚୋରି ନୀତି ସମ୍ପନ୍ନ ହେବ। ଆଖଡ଼ାରୁ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ମାୟା ରାବଣ ବାହାରି ସୀତାଚୋରି ନୀତିରେ ସାମିଲ ହେବେ। ଏପ୍ରିଲ ୩ ତାରିଖରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ନୀତି ରହିଛି। ଏହି ଆଖଡ଼ା ପକ୍ଷରୁ ସାହିଯାତରେ ଲଙ୍କାପୋଡ଼ି ହନୁମାନ ଏବଂ ରାବଣ ବାହାରିବେ। ସେହିପରି ବାଲିସାହି ଆଖଡ଼ା ପକ୍ଷରୁ ପ୍ରତିପଦାରେ ଅର୍ଥାତ୍ ଏପ୍ରିଲ ୪ରେ ସେତୁବନ୍ଧ ପ୍ରତିଷ୍ଠା ଏବଂ ଏହା ପରଦିନ ଦ୍ୱିତୀୟାରେ ରାବଣ ବଧ ଲୀଳା ସମ୍ପନ୍ନ ହେବ। ଏହି ଆଖଡ଼ାର ରାବଣ ମୁଖ୍ୟ ଆକର୍ଷଣ। ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ସାହିଯାତର ଶେଷ ପର୍ବ ରାମାଭିଷେକ ନୀତି ସମ୍ପନ୍ନ ହୁଏ। ପୁଷ୍ୟା କର୍କଟ ନକ୍ଷତ୍ର ଥାଇ ଶ୍ରୀଜଗନ୍ନାଥଙ୍କ ତାରା ଶୁଦ୍ଧି ଥିବା ଦିନ ଏହି ନୀତି ପାଳିତ ହୋଇଥାଏ। ବୈଶାଖ କୃଷ୍ଣ ଦ୍ୱିତୀୟା ପରେ ଯେଉଁଦିନ ଉକ୍ତ ତିଥି ଥାଏ ସେହିଦିନ ଏହି ନୀତି ସମ୍ପନ୍ନ ହୁଏ। ଚଳିତବର୍ଷ ଏପ୍ରିଲ ୧୨ ତାରିଖରେ ଗୌଡ଼ବାଡ଼ ସାହି ପକ୍ଷରୁ ଏହି ନୀତି କରାଯିବ। ଭରତ ଏବଂ ଶତ୍ରୁଘ୍ନ ବାହାରି ଶ୍ରୀମନ୍ଦିରକୁ ଯାତ୍ରା କରିବେ। ସେଠାରୁ ପାଦୁକା ନେଇ ଶ୍ରୀଜଗନ୍ନାଥ ବଲ୍ଲଭକୁ ଯାଇ ନୀତିରେ ସାମିଲ ହେବେ।

## ଆଠ ସାହିର ସମନ୍ୱୟ ସଭା

ଶୁକ୍ରବାରଠାରୁ ଆରମ୍ଭ ହେବ ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ରତା ବହନ କରୁଥିବା ସାହିଯାତ। ଏହାକୁ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଗୁରୁବାର ବିଶୁନି ଜାଗାରେ ଆଠ ସାହିର ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା, ବାସେଳିସାହି ଥାନା ଅଧିକାରୀ ଅଭିନାଶ ରାଉତଙ୍କ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ ୮ଟି ସାହିର ସଭାପତି, ସମ୍ପାଦକ ଓ ବରିଷ୍ଠ ସଦସ୍ୟ ଯୋଗଦେଇଥିଲେ। ଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ଆପାତ୍‌କାଳୀନ ସେବା, ଟ୍ରାଫିକ୍ ପରିଚାଳନା ଓ ସାମ୍ପ୍ରଦାୟିକ ସମନ୍ୱୟ ବଜାୟ ରଖିବା ବିଷୟରେ ଆଲୋଚନା କରାଯାଇଥିଲା। ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବିଶେଷ ପୁଲିସ ବ୍ୟବସ୍ଥା, ସିସିଟିଭି ମାଧ୍ୟମରେ କଡ଼ା ନଜର, ନିୟମିତ ପାଟ୍ରୋଲିଂ ଓ କ୍ୱିକ୍ ରେସ୍‌ପନ୍ସ ଟିମ୍‌ମାନଙ୍କୁ ସଜାଗ ରଖାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପୁଲିସ ଜନସାଧାରଣ ସମନ୍ୱୟ ଦ୍ୱାରା ଏହି ପାରମ୍ପରିକ ଯାତ୍ରାକୁ ସଫଳ ଓ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରାଯାଇପାରିବ। ଏଥିପାଇଁ ସ୍ଥାନୀୟ ସାହି କମିଟିମାନଙ୍କ ସକ୍ରିୟ ସହଯୋଗ ଲାଗି ଅନୁରୋଧ କରିଥିଲେ ଏସ୍‌ପି ଶ୍ରୀ ସିଂ। ଟ୍ରାଫିକ୍ ପକ୍ଷରୁ ଯାତ୍ରା ଦିନ ବିଶେଷ ଟ୍ରାଫିକ୍ ବ୍ୟବସ୍ଥା ଲାଗୁ ହେବା ସହ ପ୍ରମୁଖ ସ୍ଥାନରେ ଡାଇଭର୍ସନ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଥିଲା।

### ଆଜି ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି

# ମହାପ୍ରଭୁଙ୍କୁ ଲାଗି ହେଲା ଜେଉଟ ଭୋଗ

**ପୁରୀ, ୨୬।୩(ସମିସ):** ଶୁକ୍ରବାର ପବିତ୍ର ଶ୍ରୀରାମ ନବମୀ। ଜନ୍ମ ନେବେ ମର୍ଯ୍ୟାଦା ପୁରୁଷୋତ୍ତମ। ପ୍ରଭୁ ଶ୍ରୀରାମଙ୍କ ଜନ୍ମ ପାଇଁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପ୍ରସ୍ତୁତି। ଗୁରୁବାର ସନ୍ଧ୍ୟା ଆଳତି ବେଶରେ ଠାକୁରଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଭିତରେ ପାଣି ପଡ଼ି ଟେରା ବନ୍ଧା ହୋଇ ରୋଷରେ ସନ୍ଧ୍ୟାଧୂପ ଛେକ ଛାମୁକୁ ଆସିଥିଲା। ସନ୍ଧ୍ୟା ଧୂପ ପୂଜା ପରେ ଭିତରେ ପାଣି ପଡ଼ି ଜୟ ବିଜୟ ଦ୍ୱାର ବନ୍ଦ ହୋଇଥିଲା। ଟେରା ବନ୍ଧାଯାଇ ଜେଉଟ ଭୋଗ (ଶାଗ, ତରକାରୀ, ପିଠା, ଝିଲି, ଓରିଆ ଖିରି ଆଦି) ରୋଷରୁ ଆସି ବଲ୍ଲଭ ପିଣ୍ଡିଠାରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା କରିଥିଲେ। ପାଣିପଡ଼ି ଧୋ ପଖାଳ ପରେ ପଣ୍ଡା, ପତି ଓ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

ଜେଉଟ ଭୋଗ ଏବଂ ଗର୍ଭଉଦକ ବନ୍ଦାପନା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଗର୍ଭବତୀ ନାରୀମାନେ ସୁଖପ୍ରସବ ପାଇଁ ଜେଉଟ ଫଳ ଖାଇଥା'ନ୍ତି। ଶ୍ରୀରାମ ନବମୀ ପୂର୍ବଦିନ ଅର୍ଥାତ୍ ଅଷ୍ଟମୀରେ ଶ୍ରୀଜଗନ୍ନାଥ କୌଶଲ୍ୟା ରୂପ ଧାରଣ କରି ଜେଉଟ ଭୋଗ ଖାଇଥା'ନ୍ତି। ମହାପ୍ରଭୁଙ୍କ ଗର୍ଭରେ ଶ୍ରୀରାମଚନ୍ଦ୍ର ରହିଥିବାରୁ ତାଙ୍କୁ ଗୋଟିଏ ଅଧିକ ବନ୍ଦାପନା କରାଯାଏ। ତାହାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଲୀଳାମୟ ଠାକୁରଙ୍କ ଏହା ଏକ ଅଲୌକିକ ଲୀଳା। ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ। ତାଙ୍କଠାରୁ ଶ୍ରୀରାମଚନ୍ଦ୍ର ସୃଷ୍ଟି ହେବେ ବୋଲି ଗବେଷକ ଡ. ଦାଶ କହିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଣୁ ମଧ୍ୟାହ୍ନ ଧୂପ ଭୋଗ ଉଠିବା ପରେ ଶ୍ରୀରାମ ଜନ୍ମ ନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ**

# ଶ୍ରୀମନ୍ଦିରରେ ଅଶୋକାଷ୍ଟମୀ ନୀତି



**ପୁରୀ, ୨୬।୩(ସମିସ):** ପବିତ୍ର ଚୈତ୍ର ଶୁକ୍ଳପକ୍ଷ ଅଷ୍ଟମୀକୁ ଅଶୋକାଷ୍ଟମୀ କୁହାଯାଏ। ଶୁକ୍ରବାର ଶ୍ରୀମନ୍ଦିରରେ ଶ୍ରୀଲୋକନାଥଙ୍କ ଅଶୋକାଷ୍ଟମୀ ନୀତି ପାଳିତ ହୋଇଯାଇଛି। ଶ୍ରୀଲୋକନାଥ ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ। ମହାପ୍ରଭୁଙ୍କ ଭଣ୍ଡାର ଗୃହରେ ଲୋକନାଥଙ୍କ ଚଳନ୍ତି ପ୍ରତିମା ପୂଜା ପାଇଥା'ନ୍ତି। ଶ୍ରୀମନ୍ଦିରରେ ସକାଳ ଧୂପ ବଢ଼ିବା ପରେ ଭଣ୍ଡାର ଘରୁ ଶ୍ରୀଲୋକନାଥ ଦେବଙ୍କୁ ମହାଜନ ସେବକ ହାତରେ ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ଏହାପରେ ଘଣ୍ଟ, ଛତା, କାହାଳୀ ସହିତ ବିମାନ ବଡୁମାନେ ଲୋକନାଥଙ୍କୁ ପାଲିଙ୍କିରେ ଈଶାନେଶ୍ୱର ମନ୍ଦିରକୁ ନେଇଥିଲେ। ମହାଜନ ସେବକ ଲୋକନାଥଙ୍କୁ ପାଲିଙ୍କିରୁ ନେଇ ଈଶାନେଶ୍ୱର ମନ୍ଦିର ଭିତରେ ବିଜେ କରାଇଥିଲେ। ପାଳିଆ ଖୁଣ୍ଟିଆ ନେଇଥିବା ଗୋଟିଏ ମାଳକୁ ଭିତରଚ୍ଛ ମହାପାତ୍ର ଈଶାନେଶ୍ୱରଙ୍କୁ ପ୍ରଦାନ କରିଥିଲେ। ସେଠାରେ ନୀତି ସମ୍ପନ୍ନ ପରେ ଲୋକନାଥ ଦେବ ପାଲିଙ୍କିରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ଭୋଗ ବନ୍ଦାପନା ଏବଂ ଅଶୋକା କଳିକା ମଣୋହି ନୀତି କରାଯାଇଥିଲା। ଏହାପରେ ଲୋକନାଥ ଦେବ ଶ୍ରୀମନ୍ଦିର ଭଣ୍ଡାର ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଆଜି ରଥକାଠ ଚିରଟ ଅନୁକୂଳ

**ପୁରୀ, ୨୬।୩(ସମିସ):** ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟ ତୃତୀୟାରୁ ତିନିରଥ ନିର୍ମାଣ ଆରମ୍ଭ ହେବାକୁ ଥିବାବେଳେ ଶୁକ୍ରବାର ରଥକାଠ ଚିରଟ ଅନୁକୂଳ ହେବ। କଟକ ଖପୁରିଆ କରତ କଳର ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ରଥକାଠ ଚିରଟ ଆରମ୍ଭ କରାଯିବ। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ କରାଯିବ ତାହା ଏହି ବିଧି ମୁତାବକ କରାଯାଇଥାଏ। ଶ୍ରୀରାମ ନବମୀରେ ତିନିରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି। ସେଥିଲାଗି ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନର ୫ ଜଣିଆ ଟିମ୍ କଟକ ଯିବେ। ଏମାନେ ସାଥିରେ ମହାପ୍ରଭୁଙ୍କ ଲାଗି ମାଳ, ମାହାର୍ଦ୍ଧ, ଧୂପ, ଦୀପ, ପତନୀ, ନଡ଼ିଆ ପ୍ରଭୃତି ନେବେ। ଖପୁରିଆସ୍ଥିତ କରତ କଳରେ ପୂଜାର୍ଚ୍ଚନା କରାଯିବା ପରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ଚିରଟ ଅନୁକୂଳ ହେବ ବୋଲି ଜଣାପଡ଼ିଛି।

### ଆଜି ରାମ ନବମୀ

# ଶାନ୍ତିପୂର୍ଣ୍ଣ ଭାବେ ପାଳନ ଉପରେ ପୁଲିସର ଗୁରୁତ୍ୱ

**ପୁରୀ, ୨୬।୩(ସମିସ):** ଶୁକ୍ରବାର ପବିତ୍ର ରାମ ନବମୀ। ଏହି ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ଲାଗି ପୁଲିସ ପକ୍ଷରୁ ଗୁରୁବାର ଭର୍ଚୁଆଲ୍ ମାଧ୍ୟମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ୍ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ ଓ ମିସ୍ ଅନଖା କେ. ବିଜୟ (ଆଇପିଏସ୍), ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ରଙ୍କ ସମେତ ଜିଲ୍ଲାର ପ୍ରମୁଖ ଅଧିକାରୀ ସାମିଲ୍ ଥିଲେ। ରାମ ନବମୀ ଅବସରରେ ବିଭିନ୍ନ ଶୋଭାଯାତ୍ରାକୁ ସୁଚାରୁ ଭାବେ ପରିଚାଳନା ପାଇଁ ରୁଟ୍ ଲାଇନ୍ କ୍ଲିଅରାନ୍ସ, ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ଶୋଭାଯାତ୍ରା ସମୟରେ ଡ୍ରୋନ୍ ସର୍ଭିଲାନ୍ସ ବ୍ୟବସ୍ଥା, ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ରୁଫ୍‌ଟପ୍ ଡ୍ୟୁଟି ଓ ସୁରକ୍ଷା ନିରୀକ୍ଷଣକୁ ଆହୁରି ମଜଭୁତ କରିବା ଲାଗି ନିଷ୍ପତ୍ତି ହୋଇଛି। ସମ୍ବେଦନଶୀଳ ଏବଂ ଭିଡ଼ ଅଞ୍ଚଳରେ ଅତିରିକ୍ତ ପୁଲିସ ମୁତୟନ ସହିତ ସତର୍କ ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ନୂଆ ଶିକ୍ଷା ବର୍ଷ ପାଇଁ 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ'

# ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର ବଣ୍ଟନ



**ପୁରୀ, ୨୬।୩(ସମିସ):** ରାଜ୍ୟ ସରକାରଙ୍କ ନୂତନ ଶିକ୍ଷା ନୀତି ଅନୁଯାୟୀ ଆସନ୍ତା ଏପ୍ରିଲ୍ ୨ ତାରିଖରେ ସମଗ୍ର ଜିଲ୍ଲାରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ କୁନିକୁନି ପ୍ରାଥମିକ ଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାକ୍ଷରିତ ସ୍ୱତନ୍ତ୍ର ନିମନ୍ତ୍ରଣପତ୍ର ଅଭିଭାବକଙ୍କୁ ପ୍ରଦାନ କରାଯାଇଛି। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ମିଳିତ ଭାବେ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ଏହି ନିମନ୍ତ୍ରଣପତ୍ର ହସ୍ତାନ୍ତର କରିଛନ୍ତି। ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଏବଂ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟକୁ ଏକ ଉତ୍ସବ ଭାବେ ପାଳନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏଥିରେ ବହୁ ସଂଖ୍ୟାରେ ଯୋଗଦେଇ ନିଜ ପିଲାଙ୍କ ଶିକ୍ଷା ଜୀବନର ଶୁଭାରମ୍ଭ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ଝୋଟି, ମୁରୁଜ ପ୍ରତିଯୋଗିତା; ବିଷ୍ଣୁପ୍ରିୟା ପ୍ରଥମ

**ପୁରୀ, ୨୬।୩(ସମିସ):** ଓଡ଼ିଶା ଦିବସ ଉପଲକ୍ଷେ ଟାଉନ୍ ହଲଠାରେ ଗୁରୁବାର ମହିଳା କିଶୋରୀଙ୍କ ମଧ୍ୟରେ ଝୋଟି ଓ ମୁରୁଜ ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, ପୁରୀ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ବିଷ୍ଣୁପ୍ରିୟା ମହାନ୍ତି ପ୍ରଥମ, ରୋଜାଲିନ ଖୁଣ୍ଟିଆ ଦ୍ୱିତୀୟ ଏବଂ ସ୍ୱର୍ଣ୍ଣଲତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ପ୍ରତିଯୋଗୀଙ୍କୁ ଓଡ଼ିଶା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯିବ।

# ପୁରୀରେ ପହଞ୍ଚିଲା ତୃତୀୟ ପର୍ଯ୍ୟାୟ ରଥକାଠ



**ପୁରୀ, ୨୬।୩(ସମିସ):** ଘୋଷଯାତ୍ରା ପାଇଁ ଗୁରୁବାର ବୌଦ୍ଧ ମାଧବପୁର ବନଖଣ୍ଡରୁ ତୃତୀୟ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିଛି। ଗୋଟିଏ ଟ୍ରକ୍‌ରେ ୨୮ ଖଣ୍ଡ ଅସନ କାଠ ପହଞ୍ଚିଥିବାବେଳେ ତନ୍ମଧ୍ୟରୁ ୧୨ଫୁଟିଆ ୯ ଖଣ୍ଡ, ୨୦ଫୁଟିଆ ୧୯ ଖଣ୍ଡ କାଠ ରହିଛି। ଶ୍ରୀପଞ୍ଚମୀରେ ମହାପ୍ରଭୁଙ୍କ ତିନି ରଥର କାଠ ଅନୁକୂଳ ପୂଜା ହୋଇ ସାରିଛି। ୩ଟି ୧୨ ଫୁଟିଆ ଧଉରା କାଠ ରଥକାଠ ଅନୁକୂଳ ପର୍ବରେ ପୂଜା କରାଯାଇଥିଲା। ଏବେ ଅକ୍ଷୟ ତୃତୀୟାକୁ ଅପେକ୍ଷା କରାଯାଇଛି। ଏହି ତିଥିରେ ମହାପ୍ରଭୁଙ୍କ ତିନି ରଥର ନିର୍ମାଣ ଅନୁକୂଳ ପର୍ବ ସମ୍ପନ୍ନ ହେବ। ତା' ପୂର୍ବରୁ ତିନି ରଥ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଆବଶ୍ୟକ ରଥ କାଠ ୪ଟି ଜିଲ୍ଲା ଗଞ୍ଜାମ, ନୟାଗଡ଼, ବୌଦ୍ଧ, ଖୋର୍ଦ୍ଧାରୁ ପୁରୀ ରଥଖଳାରେ ପହଞ୍ଚାଇବାକୁ ବନ ବିଭାଗ ପ୍ରସ୍ତୁତି ଚଳାଇଛି। ରଥ ନିର୍ମାଣ ସଂହିତା ମୁତାବକ ପ୍ରତିବର୍ଷ ୮୬୫ ଖଣ୍ଡ କାଠ ତିନି ରଥ ନିର୍ମାଣରେ ଲାଗି ହେଉଛି। ରଥ ନିର୍ମାଣ ପାଇଁ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ୨୦ଫୁଟିଆ ଓ ୧୨ଫୁଟିଆ ଅସନ, ଧଉରା ଦ୍ୱିତୀୟ ପର୍ଯ୍ୟାୟରେ ୨୦ଫୁଟିଆ ୧୫ ଖଣ୍ଡ ଧଉରା କାଠ ପହଞ୍ଚିଥିଲା। ପୂର୍ବ ବର୍ଷର ୪୭ ଖଣ୍ଡ କାଠ ବଳକା ରହିଛି। ଏହାକୁ ବାଦ୍ ଦେଲେ ଚଳିତ ବର୍ଷ କାଠକୁ ମିଶାଇ ୭୦୭ ଖଣ୍ଡ କାଠ ବିଭିନ୍ନ ବନମଣ୍ଡଳରୁ ସଂଗ୍ରହ କରାଯିବ ବୋଲି ସୂଚନା ମିଳିଛି।

### ଚାଷୀ ପଞ୍ଜୀକରଣରେ ଅବ୍ୟବସ୍ଥା

# ଜିଲ୍ଲାପାଳଙ୍କୁ ଭେଟିଲେ ସଞ୍ଜୟ

**ପୁରୀ, ୨୬।୩(ସମିସ):** ପୁରୀ ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଗୁରୁବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ଆଲୋଚନା କରିଛନ୍ତି। ୨୦୨୫-୨୬ ରବି ଧାନ ସଂଗ୍ରହ ପାଇଁ ଚଳିତ ମାସ ୨୦ ସୁଦ୍ଧା ଫର୍ମ ପୂରଣ କରି ଦାଖଲ କରିବା ପାଇଁ କୁହାଯାଇଥିଲା। ସେହିପରି ସଂଗୃହୀତ ହେଉଥିବା ସମସ୍ତ ଫର୍ମକୁ ଡିଜିଟାଇଜେସନ୍ କରିବା ପାଇଁ ଚଳିତ ମାସ ୨୫ ତାରିଖ ରହିଥିଲା। ଜିଲ୍ଲାରେ ରବି ଧାନ କ୍ରୟ କରିବା ପାଇଁ ୧୪୫ଟି କ୍ରୟ କେନ୍ଦ୍ର ଖୋଲିବା ଲାଗି ନିଷ୍ପତ୍ତି ହୋଇଥିବାବେଳେ ଗତ ୧୯ ତାରିଖ ସୁଦ୍ଧା ମାତ୍ର ଜିଲ୍ଲା ସମବାୟ ବିଭାଗ ଦ୍ୱାରା ୬୮ଟି କ୍ରୟ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା।



ସେହିପରି ୨ ବର୍ଷ ତଳୁ ପଞ୍ଜିକୃତ ହୋଇଥିବା ପ୍ରାଥମିକ ସେବା ସମବାୟ ସମିତିଗୁଡ଼ିକୁ ପଞ୍ଜୀକରଣ ଏବଂ ଧାନ କିଣା ବିକାରେ ସାମିଲ୍ କରା ନ ଯାଇ ୬ ମାସ ତଳେ ପଞ୍ଜିକୃତ ହୋଇଥିବା ଅତିରିକ୍ତ ସେବା ସମବାୟ ସମିତିକୁ ଚାଷୀ ପଞ୍ଜୀକରଣ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଏ ସବୁ ଅବ୍ୟବସ୍ଥା ସମ୍ପର୍କରେ ଶ୍ରୀ ଦାସବର୍ମା ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ସେବା ସମବାୟ ସମିତିରେ ଚାଷୀମାନେ ପଞ୍ଜୀକରଣ କରିବାରୁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାରେ ୭୦ ଭାଗ ଚାଷୀ ରବି ଧାନ ଉପରେ ନିର୍ଭର କରନ୍ତି। ପଞ୍ଜୀକରଣରୁ ବଞ୍ଚିତ ହୋଇଥିବା ଚାଷୀମାନଙ୍କୁ ସମୟ ଅବଧି ବଢ଼ାଇ ପୂର୍ଣ୍ଣ ପଞ୍ଜୀକରଣ କରିବା ପାଇଁ ସୁଯୋଗ ଦେବାକୁ ଜିଲ୍ଲାପାଳଙ୍କୁ ଶ୍ରୀ ଦାସବର୍ମା ନିବେଦନ କରିଛନ୍ତି।

# ୨୮ରୁ ଶ୍ରୀକ୍ଷେତ୍ର ମକର ମହୋତ୍ସବ

**ପୁରୀ, ୨୬।୩(ସମିସ):** ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ତାଳବଣିଆ ପଡ଼ିଆରେ ଅନୁଷ୍ଠିତ ହେବ ଦ୍ୱିତୀୟ ଶ୍ରୀକ୍ଷେତ୍ର ମକର ମହୋତ୍ସବ। ଏଥିଲାଗି ଗୁରୁବାର ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ରୂପରେଖ ସଂକ୍ରାନ୍ତରେ ସୂଚନା ଦିଆଯାଇଥିଲା। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଡ. ଅନୁରାଧା ପାଣିଗ୍ରାହୀ, ଲିପ୍ସା ମହାପାତ୍ର, ଜୟଶ୍ରୀ ଧଳ ଓ ଚେଲ୍‌ସି ବେଉରା ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଖାଦ୍ୟ ଓ ହସ୍ତଶିଳ୍ପର ୩୦ଟି ଷ୍ଟଲ୍ ରହିବ। ଏହା ମଧ୍ୟରେ ପିଲାଙ୍କ ଖେଳଣା ଷ୍ଟଲ୍ ମଧ୍ୟ ଉପଲବ୍ଧ ହେବ। ବାଲୁକା କଳା ସହ ଶିଶୁ ଉଦ୍ୟାନ ଓ ଦୋଳିଖେଳର ବ୍ୟବସ୍ଥା ରହିବ। ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ବକ୍ତୃତା ଓ ଝୋଟି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। କିଛି ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ମଧୁସୂଦନ ସିଂହାରୀଙ୍କ ସମେତ ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ରାଜେଶ କୁମାର ନନ୍ଦ, ହରିହର ମହାପାତ୍ର, ଜୟନ୍ତ ଦାସ, ବିଶ୍ୱଜିତ୍ ମହାନ୍ତି, ଜ୍ୟୋତି ମହାପାତ୍ର ଓ ରଞ୍ଜିତା ପାଢ଼ୀଙ୍କ ସହ ଅନୁଷ୍ଠାନର ଅନ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବାସହୀନ ପରିବାରଙ୍କ ଧାରଣା

# 'ଆମ ଜନ୍ମମାଟିରେ ରହିବାକୁ ଦିଅ'

ପୁରୀ, ୨୬।୩(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ସାମାଜିକ ବାସହୀନ ପରିବାର। ପ୍ରଶାସନିକ ଅବହେଳା ପାଇଁ ଯନ୍ତ୍ରଣା ଭୋଗୁଛନ୍ତି। କେଉଁଥିପାଇଁ ସେମାନେ ଦୁର୍ବିସହ ଜୀବନ କାଟୁଛନ୍ତି ସବୁ ଜାଣି ମଧ୍ୟ ପୁଲିସ ନିରବ। ଗାଁର କଙ୍ଗାରୁ କୋର୍ଟ ଆଗରେ ପ୍ରଶାସନ ଯେପରି ହାତ ଟେକିଦେଇଛି। ଆମକୁ ଆମ ଜନ୍ମ ମାଟିରେ ରହିବାକୁ ଦିଅ। ଏମିତି ଅଭିମାନଭରା କଥା କହି ପୁରୀ ସଦର, ଚନ୍ଦନପୁର, ବ୍ରହ୍ମଗିରି ଓ ମେରାଇନ୍ ଥାନା ଅଞ୍ଚଳର ୧୪ଟି ପରିବାର ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଦେବୁ ବୋଲି କହିଥିଲେ। ସାମାଜିକ କର୍ମୀ ଦିବାକର ବାରିକ କହିଛନ୍ତି, ଗତ ୨୪ ତାରିଖରେ ସାମାଜିକ ବାସହୀନ ପରିବାର ବର୍ଗ ଏକାଠି ହୋଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲୁ। ପୂର୍ବରୁ ମଧ୍ୟ ସ୍ମାରକପତ୍ର ଦେଇଥିଲୁ। ହେଲେ କେହି ଶୁଣିଲେ ନାହିଁ। କିଛି ପରିବାର ୧୦ ବର୍ଷ ହେଲା ନିଜ ଘର ଥାଇ ବାସହୀନ ଜୀବନ ବଞ୍ଚୁଛନ୍ତି। କିଛି ବ୍ୟକ୍ତି ବାସହୀନ ଚିନ୍ତାରେ ବିଭିନ୍ନ ରୋଗର ଶିକାର ହେଲେଣି। ଅଥଚ ଏମାନଙ୍କ କ୍ଷେତ୍ରରେ ପ୍ରଶାସନର ନିରବତା ସମାଜ ପାଇଁ ବଡ଼ ବିପଦ। ତଥାପି ପୁଲିସ୍ ଓ ଜିଲ୍ଲା ପ୍ରଶାସନ ଉପରେ ଭରସା ଅଛି। ସେଥିପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇଲୁ। କିନ୍ତୁ ଏବେ ସମୟ ନାହିଁ, କିଛିଦିନ ଆମକୁ ସମୟ ଦିଅନ୍ତୁ ବୋଲି କୁହାଗଲା। ଏହା ସବୁଠୁ ଦୁର୍ଭାଗ୍ୟ। ଅନେକ ପରିବାର ନିଜ ଜନ୍ମମାଟିରେ ରହିବା ସମ୍ଭବ ହେଉନାହିଁ। ବାରମ୍ବାର ପ୍ରଶାସନକୁ ଅବଗତ କରିଆସୁଛି। ହେଲେ ଆଉ ଧୈର୍ଯ୍ୟ ନାହିଁ। ତେଣୁ ଯେପର୍ଯ୍ୟନ୍ତ ଆମକୁ ଆମ ହକ୍ ଓ ଜନ୍ମମାଟିରେ ସାଧାରଣ ମଣିଷ ଭଳି ବଞ୍ଚିବାର ଅଧିକାର ନ ମିଳିଛି ସେପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି କହିଛନ୍ତି ବାସହୀନ ପରିବାର ସଦସ୍ୟ।

# ୧୦.୫୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

**ପୁରୀ, ୨୬।୩(ସମିସ):** ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଚାଲିଛି ଅପରେସନ ଚକ୍ର। ସେହିପରି ବିଭିନ୍ନ ସମୟରେ ଅବକାରୀ ବିଭାଗ ମଧ୍ୟ ଚଢ଼ଉ କରି ନିଶାଦ୍ରବ୍ୟ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରୁଛି। ତେବେ ଅପରେସନ ଚକ୍ର ଅଭିଯାନରେ ପୁଣି ୩ ଜଣ ବ୍ରାଉନ୍‌ସୁଗର ବେପାରୀଙ୍କୁ ଗିରଫ କରିଛି ଚନ୍ଦନପୁର ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ଗଡ଼ିଶାଗଡା ଥାନା ବାଲିପଡ଼ା ଗ୍ରାମର ବିକ୍ରମ ଛୁଆଳସିଂହ(୪୬), ମନୋରଞ୍ଜନ ଜେନା (୩୨) ଏବଂ ଅକ୍ଷୟ ଗୁମାନସିଂହ(୪୩)। ଗୁରୁବାର ସକାଳେ ଭାଇଲିପୁର ନିକଟରେ ଏମାନେ ବ୍ରାଉନ୍‌ସୁଗର ବିକ୍ରି ପାଇଁ ମୂଳଚାଳ କରୁଥିବାବେଳେ ଚନ୍ଦନପୁର ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉବେଳେ ପୁଲିସ ୩ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୧୦.୫୦ ଗ୍ରାମ୍ ଧଳାଜହର, ୩ଟି ମୋବାଇଲ୍ ଫୋନ୍ ଓ ନଗଦ ୯ ହଜାର ଟଙ୍କା ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୬୨/୨୦୨୬) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା।

# ଦିନେ ଯିଏ ଦୋଷ କାଢୁଥିଲେ; ଆଜି ସେମାନେ ଚୁପ୍

ଆନନ୍ଦପୁର, ୨୬।୩ (ସମିସ): ବିରୋଧୀ ଦଳରେ ଥିବା ବିଜେପି ପୂର୍ବ ସରକାରକୁ ଦୋଷାରୋପ କରୁଥିବା ବେଳେ ଏବେ ଶାସନ ପଟ୍ଟ ପରିବର୍ତ୍ତନ ହୋଇ ବିଜେପି ଡବଲ ଇଞ୍ଜିନ ସରକାରକୁ ଆସିବା ପରେ



ମଧ୍ୟ ସମ୍ପୃକ୍ତ ପ୍ରସଂଗଗୁଡ଼ିକୁ ଅଣଦେଖା କରାଯାଉଛି। ଆନନ୍ଦପୁରକୁ ରେଳପଥ ସଂଯୋଗ ପ୍ରସ୍ତାବ ଫାଇଲ ତଳେ ହଜିଗଲାଣି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଉନି କାହିଁକି? ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ବିଧାନସଭାରେ ପ୍ରଶ୍ନ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ସମେତ

**➤ ଡବଲ୍‌ଇଞ୍ଜିନ୍ ସରକାରରେ ରେଳପଥ ପ୍ରସ୍ତାବକୁ ଅଣଦେଖା**
**➤ ବିଧାନସଭାରେ ଆନନ୍ଦପୁରକୁ ରେଳପଥ ସଂଯୋଗ ତାତି**

ମା'ତାରିଣୀଙ୍କ ପୀଠ ଘଟଗାଁକୁ ରେଳପଥ ସଂଯୋଗ କ୍ଷେତ୍ରରେ ରାଜ୍ୟ ସରକାର କି ପ୍ରକାର ପଦକ୍ଷେପ ନେଇଛନ୍ତି ସେନେଇ ବିଧାୟକ ପ୍ରଶ୍ନ ଉଠାଇଥିଲେ। ଉତ୍ତରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଆନନ୍ଦପୁରକୁ ରେଳପଥ ସଂଯୋଗ ନେଇ ଅଦ୍ୟାବଧି କୌଣସି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇନାହିଁ। ଏହା କେନ୍ଦ୍ର ସରକାରଙ୍କ ବିଷୟ ହୋଇଥିବାରୁ ବିଧିବଦ୍ଧ ପ୍ରସ୍ତାବ ଆସିଲେ ଅଗ୍ରାଧିକାର ଭିତ୍ତିରେ ଏଥିପାଇଁ ଅନୁରୋଧ କରାଯିବ। ସୂଚନାଯୋଗ୍ୟ, ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ ଦୀର୍ଘ ୧୫ ବର୍ଷ ହେଲା ଆନ୍ଦୋଳନ ହେଉଛି। ରେଳ ସଂଯୋଗ ହେଲେ ଉପଖଣ୍ଡର ବିକାଶ ହୋଇପାରିବ ବୋଲି ବାରମ୍ବାର ଦାବି ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ବିଶେଷକରି ନିର୍ବାଚିତ ଲୋକପ୍ରତିନିଧିଙ୍କ ଅସହଯୋଗ ଯୋଗୁଁ ଚଳିତ ବଜେଟ୍‌ରେ ମଧ୍ୟ ଏହା ସ୍ଥାନ ନପାଇବା ଉପଖଣ୍ଡବାସୀଙ୍କୁ ନିରାଶ କରିଛି। ଏହି ଦାବି ନେଇ ଅଞ୍ଚଳବାସୀ କିଛିଦିନ ତଳେ ଆନନ୍ଦପୁରରୁ ଘଟଗାଁ ମା'ତାରିଣୀ ପୀଠକୁ ସଂକୀର୍ତ୍ତନ ପଦଯାତ୍ରା କରିଥିଲେ। ସରକାର ଅନ୍ୟ ସ୍ଥାନରେ ପାହାଡ଼ ପର୍ବତ କାଟି ରେଳପଥ ନିର୍ମାଣ କରୁଥିବା ବେଳେ ଆନନ୍ଦପୁର ପାଇଁ କାହିଁକି କରାଯାଉନି ବୋଲି ନାରାବାଜି କରାଯାଇଥିଲା। ଏନେଇ ସରକାରଙ୍କଠାରୁ ଜବାବ ତଲବ କରାଯାଇଥିଲା। ପୂର୍ବତନ ବିଧାୟକ ଭାଗୀରଥି ସେଠୀ ପୂର୍ବରୁ ବିଧାନସଭାରେ ଏନେଇ ପ୍ରଶ୍ନ ଉଠାଇଥିଲେ। କେନ୍ଦ୍ର ସରକାରଙ୍କୁ ଏଥିପାଇଁ ପ୍ରସ୍ତାବ ଦିଆଯାଇଥିବା ନେଇ ତତ୍କାଳୀନ ପରିବହନ ମନ୍ତ୍ରୀ ଉତ୍ତରରେ କହିଥିଲେ। ଏବେ କୌଣସି ପ୍ରସ୍ତାବ ନଥିବା ପରିବହନ ମନ୍ତ୍ରୀ ବିଧାନସଭାରେ କହିବା ହାସ୍ୟାସ୍ପଦ ବୋଲି ଆନନ୍ଦପୁର ବିକାଶ ପରିଷଦର ସଭାପତି ରମାକାନ୍ତ ନାୟକ, ବାରିଗାଁ ମା' ଧନେଇ ସେବାସଂଘ ସଭାପତି ବିଷ୍ଣୁପ୍ରସାଦ ବାରିକ କହିଛନ୍ତି।

# ବଡ଼ନଇରେ ଚବିଶ ପ୍ରହର ନାମଯଜ୍ଞ

ଚମ୍ପୁଆ, ୨୬।୩(ସମିସ): ଚମ୍ପୁଆ ବ୍ଲକ ବଡନଇ ପଞ୍ଚାୟତ ଅନ୍ତର୍ଗତ ପଳସା (ପୁରୁଣାସାହି) ଗ୍ରାମବାସୀବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ହରେକୃଷ୍ଣ ମହାପ୍ରଭୁଙ୍କ ଅଖଣ୍ଡ ନାମଯଜ୍ଞ ଚବିଶ ପ୍ରହର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ବିଜେପି ନେତା ରଘୁନାଥ ପାତ୍ର ଯୋଗ ଦେଇଥିଲେ। କମିଟି ସଦସ୍ୟ ସୁରେଶ ନାଏକ, ଧରଣୀଧର ନାଏକ, ପ୍ରମୋଦ ନାଏକ, କିଶୋର ନାଏକ, କବିରାଜ ନାଏକ, ମମତା ନାଏକ, ସୁକାନ୍ତି ନାଏକ, ମାୟାଧର ନାଏକ, ପରେଶ ନାଏକ, ପ୍ରମିଳା ନାଏକ, ମାମିନୀ ନାଏକ, ଅନିତା ନାଏକ ଓ ଉର୍ବଶୀ ନାଏକଙ୍କ ସହିତ ଅନେକ ଗ୍ରାମବାସୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶତାଧିକ ଭକ୍ତଙ୍କ ଗହଳି ଏବଂ



ନାମ ସଂକୀର୍ତ୍ତନରେ ଏକ ଆଧ୍ୟାତ୍ମିକ ଓ ଉତ୍ସାହର ବାତାବରଣ ସୃଷ୍ଟି ହୋଇଥିଲା। ହିନ୍ଦୁ ଧର୍ମରେ ମୋକ୍ଷ ପ୍ରାପ୍ତିର ସରଳ ଉପାୟ ହେଉଛି ଜ୍ଞାନ, ଭକ୍ତି ଏବଂ କର୍ମ। ଭଗବାନଙ୍କୁ ଯଦି ପ୍ରାପ୍ତ କରିବାର ଅଛି ଜଣେ ନିଜର ସୁବିଧା ମୁତାବକ ନିଜ ହିନ୍ଦୁ ଧର୍ମରେ ନିଜର ମାର୍ଗ ନିରୂପଣ କରିଥାଏ ଏବଂ ପରମ ଶାନ୍ତି ଅନୁଭବ କରିବା ସହିତ ମୋକ୍ଷ ପ୍ରାପ୍ତି ଦିଗକୁ ଅଗ୍ରସର ହୋଇଥାଏ। ସେହି ଭକ୍ତି ମାର୍ଗରେ ଏକ ଭକ୍ତି ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କ ନାମ ଯଜ୍ଞ ତଥା ସଂକୀର୍ତନ। ଚବିଶ ପ୍ରହର ନାମଯଜ୍ଞରେ "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ହରେ ରାମ ହରେ ରାମ ରାମ ରାମ ହରେ ହରେ' ଠାକୁରଙ୍କ ନାମ କୀର୍ତ୍ତନର ଭକ୍ତି ଗୀତ ସଂଗୀତର ଧ୍ୱନି ଚାରିପଟେ ବ୍ୟାପି ଯାଇଥିଲା।

# ସ୍ଥାନାନ୍ତରିତ ହେଲା ଛେଳିଡେଗା ଶୈବପୀଠ



ନାରଦପୁର,୨୬।୩(ସମିସ): ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ଛେଳିଡେଗାସ୍ଥିତ ଐତିହାସିକ ଶୈବପୀଠ ବାବା ଧବଳେଶ୍ୱର ମହାଦେବ ମନ୍ଦିରର ସ୍ଥାନାନ୍ତରଣ ଧୋବେଲାବେଡ଼ା ବିସ୍ଥାପିତ କଲୋନୀକୁ ଗୁରୁବାର ଅନୁଷ୍ଠିତ ହୋଇଛି। ମନ୍ଦିର କମିଟିର ସୂଚନା ମୁତାବକ, ଏହି ପ୍ରକଳ୍ପ ଦ୍ୱାରା ଗୋବିନ୍ଦପୁର ମୌଜାସ୍ଥିତ ଛେଳିଡେଗା ଶୈବପୀଠ ସ୍ଥାନାନ୍ତରିତ କରିବା ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ସାରିଥିବା ବେଳେ ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମହାଦେବଙ୍କୁ ସ୍ଥାନାନ୍ତରିତ କରାଯାଇଛି। ପ୍ରକଳ୍ପ କର୍ତ୍ତୃପକ୍ଷ ଓ ମନ୍ଦିର କମିଟିର ମିଳିତ ଉଦ୍ୟମରେ ମହାଦେବଙ୍କୁ ସ୍ଥାନାନ୍ତରିତ କରାଯିବା ସହିତ ଚମକପୁର ଦଣ୍ଡପାଟର ସମସ୍ତ ଗ୍ରାମବାସୀ ଏଥିରେ ଯୋଗ ଦେବାକୁ ମନ୍ଦିର କମିଟି ସଭାପତି କେଶବ ନାୟକ ନିବେଦନ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତା ପାଇଁ ଜମି ମାପଚୁପ



ଆନନ୍ଦପୁର,୨୬।୩(ସମିସ): ଦୀର୍ଘ ଦୁଇ ବର୍ଷ ଧରି ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଉତ୍ତରେଶ୍ୱର ମହେଶଙ୍କ ଜମି ମାପଚୁପ ପରେ କମିଟି ସଦସ୍ୟ ଆଶ୍ୱସ୍ତି ଅନୁଭବ କରିଛନ୍ତି। ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟକୁ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରିବା ସହିତ ଉତ୍ତରେଶ୍ୱର ମହେଶଙ୍କ ଜମି ମାପଚୁପ କରାଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟର ରାସ୍ତା ଆନନ୍ଦପୁର କଲେଜ ପାର୍ଶ୍ୱରୁ ଆରମ୍ଭ ହୋଇ ଭାୟା ଉତ୍ତରେଶ୍ୱର ଦେଇ ନିର୍ମାଣ ହେବାକୁ ନିଷ୍ପତ୍ତି ପରେ ଆବଶ୍ୟକ ମାପଚୁପ କରାଯାଇଛି। ଉତ୍ତରେଶ୍ୱର ମହେଶଙ୍କ ମାପଚୁପ ହେବା ପରିପ୍ରେକ୍ଷୀରେ କମିଟି ପକ୍ଷରୁ ମନ୍ଦିର ପରିସରରେ ପଖାଳ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ମଧ୍ୟ ଉପସ୍ଥିତ ରହି ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମାପଚୁପ ପରେ ମନ୍ଦିରର ନିର୍ମାଣାଧୀନ ପାଚେରି କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବ ବୋଲି କମିଟି ସଭାପତି ଦିଲ୍ଲୀପ ସିଂହ, ସମ୍ପାଦକ ଅନନ୍ତ ସିଂହ ସୂଚନା ଦେଇଛନ୍ତି।

# ମୋବାଇଲ ପାଇଁ ନାବାଳିକାର ଆତ୍ମହତ୍ୟା

ତୁରୁମୁଙ୍ଗା,୨୬।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପୋଲାଣଘାଟି ଗ୍ରାମରେ ବୁଧବାର ମୋବାଇଲ ପାଇଁ ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି। ଘଟଗାଁ ପୁଲିସ ଗ୍ରାମରେ ଥିବା ହୁଡିର କୁସୁମ ଗଛରୁ ନାବାଳିକାଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି। ମୃତକ ହେଲେ ପୋଲାଣ ଘାଟି ସ୍କୁଲ ସାହିର ଘନଶ୍ୟାମ ନାଏକଙ୍କ ଝିଅ ସ୍ୱପ୍ନାରାଣୀ ନାଏକ(୧୬)। ମୋବାଇଲ ଦେଖିବା ଓ କଥା ହେବାକୁ ନେଇ ବଡ଼ ଭଉଣୀ ତାଗିଦ କରିଥିଲେ। ଏଥିରେ ସ୍ୱପ୍ନା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗୁରୁବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଘଟଗାଁ ଥାନାରେ ୧୮/୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଗାଁ ଥାନା ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଘଟଣାର ତଦନ୍ତ କରୁଛନ୍ତି।

# ଉଖୁଣ୍ଡା ଲ୍ୟାମ୍ପ୍‌ସର ବାର୍ଷିକ ସଭା



ଝୁମ୍ପୁରା,୨୬।୩(ସମିସ): ଝୁମ୍ପୁରା ବ୍ଲକ୍ ଉଖୁଣ୍ଡା ଲ୍ୟାମ୍ପସ ପରିସରରେ ସଭାପତି ସାରଳା ନାଏକଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ଆଜି ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ନିର୍ଦ୍ଦେଶକ ନବୀନଚନ୍ଦ୍ର ମହାନ୍ତ, ଉଖୁଣ୍ଡା ସମିତିସଭ୍ୟ ଲକ୍ଷ୍ମଣ ରାଉତ, ନିର୍ଦ୍ଦେଶକ ପ୍ରବୀର ରଞ୍ଜନ ନାଏକ, ସୁଶାନ୍ତ କୁମାର ପ୍ରଧାନ, ଶ୍ରୀବତ୍ସ ସାହୁ, ମଲ୍ଲି ନାଏକ, ସଙ୍ଗାଳି ନାଏକ, ବନବିହାରୀ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଲ୍ୟାମ୍ପସ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ରନାଥ ବାରିକ ବାର୍ଷିକ ବିବରଣୀ ପାଠ ସହିତ ମଞ୍ଚ ପରିଚାଳନା କରିଥିଲେ। ଉଖୁଣ୍ଡା ଲ୍ୟାମ୍ପସ ଅଧୀନରେ ଥିବା ୫ଟି ଗ୍ରାମପଞ୍ଚାୟତର ୩୧ଟି ଗ୍ରାମରୁ ୩୦୦ରୁ ଅଧିକ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲ୍ୟାମ୍ପସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜିନ୍ଦଲ ପବ୍ଲିକ୍ ସ୍କୁଲକୁ ଶ୍ରେଷ୍ଠ ସ୍କୁଲ ପୁରସ୍କାର

ଯୋଡ଼ା,୨୬।୩(ସମିସ): ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବଡ଼ବିଲସ୍ଥିତ ଜିନ୍ଦଲ ପବ୍ଲିକ ସ୍କୁଲକୁ ଏଡୁକନେକ୍ଟଇନ ପକ୍ଷରୁ ବେଷ୍ଟ ସ୍କୁଲ ଆୱାର୍ଡ ୨୦୨୫–୨୬ ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲାର ୨,୦୭୧ ସ୍କୁଲ ମଧ୍ୟରୁ ଏହି ଗୌରବମୟ ପୁରସ୍କାର ପାଇବାକୁ ଜିନ୍ଦଲ ପବ୍ଲିକ ସ୍କୁଲ ମନୋନୀତ ହୋଇଥିଲା। ଏହି ପୁରସ୍କାର ଉତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଜିନ୍ଦଲ ସ୍କୁଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ଜିନ୍ଦଲ ଷ୍ଟିଲ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିକ ବିକାଶକୁ ପ୍ରାଧାନ୍ୟ ଦିଆଯାଇଆସୁଛି।



# ମଦ ସହ ମହୁଲ ପୋଚ ଜବତ; ୨ ଗିରଫ

ହାଟଡ଼ିହୀ,୨୬।୩(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍ ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ବେରୁଣପଦୀ, ପୁରୁଣାପାଣି, ଜମ୍ବରା ଅଞ୍ଚଳରେ ଚଢ଼ଉ କରାଯାଇ ୨୭୨ ଲିଟର ଦେଶୀ ରନ୍ଧା ମହୁଲି ମଦ ଓ ୩୭୦୦ ଲିଟର ମହୁଲ ପୋଚ ଜବତ କରାଯାଇଛି। ଏହି ଚଢ଼ଉରେ ଉକ୍ତ ଗ୍ରାମର ସ୍ୱର୍ଣ୍ଣଲତା ଘଡେଇ ଓ ବିଳାଶ ଜେନାଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ହାଟଡ଼ିହୀ ଅବକାରୀ ବିଭାଗ ପକ୍ଷରୁ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି। ଉକ୍ତ ଚଢ଼ାଉରେ ହାଟଡିହୀ ଅବକାରୀ ଥାନା ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରାଙ୍କ ସମେତ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ।




# ଡାକ୍ତର ସଞ୍ଜୀବ ଓତା ସମ୍ମାନିତ

କେନ୍ଦୁଝର, ୨୬।୩(ସମିସ): କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ଦାନ୍ତ ମହାବିଦ୍ୟାଳୟ, କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ତରଫରୁ କିଡସ୍ ପ୍ରେକ୍ଷାଳୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦୁଝରର ସୁନାମଧନ୍ୟ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତାଙ୍କୁ ତାଙ୍କର ସମାଜସେବା ପାଇଁ କିଟ୍ ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କ ପରାମର୍ଶକ୍ରମେ କିଡସ୍ ଡାଇରେକ୍ଟର ଡାକ୍ତର ଯୁଗଜ୍ୟୋତି ପାଠି ଓ ପ୍ରିନ୍ସିପାଲ ଡାକ୍ତର ସଙ୍ଗମେସ ଏନସି. ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବରିଷ୍ଠ ଦାନ୍ତ ରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତା ଅସହାୟ ଶିଶୁ ଏବଂ ଦିବ୍ୟାଙ୍ଗ ଶିଶୁଙ୍କୁ ଓଡ଼ିଶା ସାରା ନିଜର ପ୍ରଚେଷ୍ଟା ଫଳରେ ନିୟମିତ ଭାବେ ସେମାନଙ୍କର ସେବା ଓ ସାହାଯ୍ୟ କରି ଆସୁଛନ୍ତି। ଏହିଭଳି ନିସ୍ୱାର୍ଥପର ସେବା ମନୋଭାବ ପାଇଁ ଡାକ୍ତର ଓତାଙ୍କୁ ସମ୍ମାନିତ କରାଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶାର ବିଭିନ୍ନ ଡ଼ାକ୍ତରୀ ମହାବିଦ୍ୟାଳୟରୁ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଡାକ୍ତର ଓତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ଅଣା ମଠରେ ଅଶୋକାଷ୍ଟମୀ ଯଜ୍ଞ ଉତ୍ସବ

ହାଟଡ଼ିହୀ,୨୬।୩(ସମିସ): ପବିତ୍ର ଅଶୋକାଷ୍ଟମୀ ଉପଲକ୍ଷେ ହାଟଡ଼ିହୀ ବ୍ଲକ ଅଧୀନସ୍ଥ ଅଣା ମଠରେ ଅଖଣ୍ଡ ଧୁନୀ ଯଜ୍ଞପାଠ ଯୋଗୁଁ ମଠବାଡ଼ି ସ୍ଥାନଟି ଉତ୍ସବମୁଖର ହୋଇଉଠିଛି। ସପ୍ତମୀରେ କଳସଧାରୀଙ୍କ ଦ୍ୱାରା ଜଳପୂର୍ଣ୍ଣ କଳସ ଅଣାଯାଇ ଯଜ୍ଞ ସ୍ଥଳରେ ସ୍ଥାପନ ହୋଇଥିଲା ବେଳେ ଆଜି ଭୋର ସମୟରୁ ଅଖଣ୍ଡ ଧୁନୀ ଯଜ୍ଞପାଠ ଆରମ୍ଭ ହୋଇଛି। ପ୍ରାୟ ୧ଶହ ବର୍ଷ ହେବ ପବିତ୍ର ଶ୍ରୀରାମ ନବମୀ ପୂର୍ବଦିନ ତଥା ଅଶୋକାଷ୍ଟମୀ ଦିନ ଏହି ଯଜ୍ଞପାଠ ହୋଇଆସୁଛି ବୋଲି ଗ୍ରାମବାସୀ କହିଛନ୍ତି। ବାୟା ପାଗଳା ଅଖଣ୍ଡ ଧୁନୀ ଅଣା ମଠଟି ଅଶୋକଷ୍ଟମୀ ଉପଲକ୍ଷେ ବେଶ ଉତ୍ସବ ମୁଖର ହୋଇଉଠିଛି। ବିଭିନ୍ନ ମଠବାଡ଼ିରୁ ସାଧୁ, ସନ୍ଥ, ମହନ୍ତ, ବାବାଜୀମାନେ ଯୋଗ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ଶତାଧିକ ଲୋକ ଏହି ଯଜ୍ଞପାଠରେ ଯୋଗଦେଇ ବାୟା ପାଗଳାଙ୍କ ଆଶୀର୍ବାଦ ନେଇଛନ୍ତି। ଗ୍ରାମର କୋଦଣ୍ଡ ବେହେରା, ସୁବାସ ବେହେରା, କାଳନ୍ଦୀ ବେହେରା, ଦୟାନିଧି ବେହେରା, ସୋମନାଥ ମଲ୍ଲିକ, ରଜତ ରାଜ, ସୁଜିତ ବିଶ୍ୱାଳ, ରାମଚନ୍ଦ୍ର ବେହେରା, ଅଶୋକ କୁମାର ରାଜ, ଶଶାଙ୍କ ଶେଖର ନାୟକ, ଜଗତ ଜୀବନ ବେହେରା, ଘନଶ୍ୟାମ ବେହେରା, ଅଭିମନ୍ୟୁ ବେହେରା, ହରେକୃଷ୍ଣ ବେହେରା, ଶ୍ରୀକାନ୍ତ ମଲ୍ଲିକ, ମନମୋହନ ବେହେରା, ପବିତ୍ର ମୋହନ ମଲ୍ଲିକ, ମୋହନ ବେହେରା ପ୍ରମୁଖ ପରିଚାଳନା ଦାୟିତ୍ୱ ବହନ କରିଥିବା ବେଳେ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି।



# ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ

ଆନନ୍ଦପୁର, ୨୬।୩(ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧିକ ମଣ୍ଡପଠାରେ ପବିତ୍ର ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଛି। ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନାଙ୍କ ସଭାପତିତ୍ୱରେ ଉତ୍ସବ ଆରମ୍ଭ ହୋଇଥିଲା। ସଦସ୍ୟ ସୁବାସଚନ୍ଦ୍ର ବେହେରା ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଶ୍ରୀରାମଙ୍କୁ ପୂଜନ କରି କାର୍ଯକ୍ରମର ଶୁଭାରମ୍ଭ କରିବା ସହିତ ରାମାୟଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଚରିତ୍ର ସମ୍ପର୍କରେ ଉଦବୋଧନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ରାମ ସ୍ତୁତି ଗାନ କରିଥଲେ। ଗୁରୁମା ସବିତା ମଳିକ ରାମଚନ୍ଦ୍ରଙ୍କ ଜନ୍ମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗୁରୁମା ଅହଲ୍ୟା ମିଶ୍ର କାର୍ଯକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ହେମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ରୌପ୍ୟପଦକ ପାଇଲେ ଶୁଭଙ୍କର ସମର୍ଜିତ

ଆନନ୍ଦପୁର, ୨୬।୩ (ସମିସ): ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଘସିପୁରା ବ୍ଲକ ଗଡବାନ୍ଧଗୋଡା ଗ୍ରାମ ନିବାସୀ ବରିଷ୍ଠ ଆଇନଜୀବୀ ବିଚିତ୍ର ଚକ୍ରଙ୍କ ପୁଅ ଶୁଭଙ୍କର ସମର୍ଜିତ୍ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଭଦ୍ରକ ସ୍ୱୟଂଶାସିତ କଲେଜର ଅନ୍ତିମ ବର୍ଷ ଇଂରାଜୀ ସ୍ନାତକୋତ୍ତର ଛାତ୍ର ସମର୍ଜିତ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହେଲା ପରେ ଅନ୍ତିମ ଦିନରେ ଅତିଥିଙ୍କଠାରୁ ରୌପ୍ୟ ପଦକ ହାସଲ କରିଥିବାରୁ ଆନନ୍ଦପୁର ଅଞ୍ଚଳ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।



# ବଡ଼ଡୁମୁରିଆ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିବନ୍ଧ, ୨୬।୩ (ସମିସ): ଝୁମ୍ପୁରା ବ୍ଲକ ବଡଡୁମୁରିଆ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରୟସିଂ ମୁଣ୍ଡା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ଅନୁବ୍ରତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଚମ୍ପୁଆ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୁଦ୍ରନାରାୟଣ ନାଏକ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଜୟାନନ୍ଦ ବେହେରା, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମାଝି, ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଶରତଚନ୍ଦ୍ର ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ବେହେରା, ଶିକ୍ଷାସେତୁର ସଭାପତି ହେମନ୍ତ ବେହେରା, ସମାଜସେବୀ ରାମଚନ୍ଦ୍ର ମହାକୁଡ଼, ନୃସିଂହ ଚରଣ ମହାକୁଡ଼, ନିଶିକାନ୍ତ ମହାକୁଡ଼, ମାୟାଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ବ୍ୟକ୍ତିତ୍ୱର ଅଧିକାରୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ କୁମାର ବେହେରା ଅତିଥି ପରିଚୟ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଚନ୍ଦନ କୁମାର ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରଛତ୍ରୀମାନଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଡମ୍ବରୁଧର ମହାନ୍ତ, ଦୁଷ୍ମନ୍ତ ଟୁଡୁ, ଦାଶରଥୀ ନାୟକ, ଲିଜାରାନୀ ନାୟକ, ମିନତି ମାଝୀ, ଲାଲୁପ୍ରସାଦ ସେଠୀ ସହଯୋଗ କରିଥିଲେ। ଉତ୍ସବରେ ଗ୍ରାମବାସୀ, ଅଭିଭାବକ ସାମିଲ ହୋଇଥିଲେ।





ବଡ଼ସାହି, ୨୬।୩(ସମିସ)

## ଗ୍ରାମ୍ୟ ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଦାବି

# ଦୁନିଆବେଢ଼ା-ସିଂହଟିଆ ରାସ୍ତା ମରଣଯନ୍ତା

ରାସ୍ତାରେ ଯିବାକୁ ହେଲେ ପାଣି କାଦୁଅରେ ପଶି ଯିବାକୁ ପଡୁଛି। ସାମାନ୍ୟ ଅସାବଧାନ ହେଲେ କାଦୁଅରେ ପଡ଼ିଯିବା ସମ୍ଭାବନା ରହିଛି। ଏପରିକି ଗୃହପାଳିତ ପଶୁ ମଧ୍ୟ ରାସ୍ତାରେ ନ ଯାଇ ରାସ୍ତା କଡ଼ରେ ଥିବା ବିଲ ଓ ପଡ଼ିଆ ଦେଇଯାଉଛନ୍ତି। ଏଭଳି ଏକ ରାସ୍ତା ବଡ଼ସାହି ବ୍ଲକ ଅଧୀନ ବଡ଼ସାହି ଓ ବଳଭଦ୍ରପୁର ପଞ୍ଚାୟତକୁ ସଂଯୋଗ କରୁଥିବା ଦୁନିଆବେଢ଼ା ଛକରୁ ସିଂହଟିଆ ଗ୍ରାମକୁ ଯାଇଥିବା ରାସ୍ତା ରହିଛି। ଏହାର ମରାମତି କରାଯିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଦାବି କରାଯାଇଛି।

ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାବେଳେ ଦୁନିଆବେଢ଼ା ଛକଠାରୁ ପ୍ରହଲ୍ଲାଦ ଦଣ୍ଡପାଟ ଘର ପର୍ଯ୍ୟନ୍ତ ପିଚୁ ଓ ଦୁର୍ଗାପୂଜା ମଣ୍ଡପ ପର୍ଯ୍ୟନ୍ତ କଂକ୍ରିଟ ରହିଛି। ମାତ୍ର ମରାମତି ଅଭାବରୁ ଏହା ଖାଲଖମାରେ ଭର୍ତି ହୋଇ ଶୋଚନୀୟ ହୋଇପଡ଼ିଛି। ସେହିପରି ବଳା ଛକଠାରୁ ଜେନାସାହି ଛକ ପର୍ଯ୍ୟନ୍ତ ଅଳ୍ପ ବର୍ଷାରେ ମଧ୍ୟ ପାଣି ରାସ୍ତା ଉପରେ ଲହଡି ମାରୁଛି। ଫଳରେ ଲୋକଙ୍କ ଘରେ ଓ ପରିସର ମଧ୍ୟରେ ମଧ୍ୟ ପାଣି ପଶିଯାଉଛି। ଏଠାରେ ଡ୍ରେନେଜ ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ ହେବା ଦାବି ଉଠିଛି। ପ୍ରତିଦିନ ଶହ ଶହ ଲୋକ ଓ ଗାଡି ମଟର ଏହି ରାସ୍ତାରେ ଯିବା ଆସିବା କରିଥା'ନ୍ତି। ମାତ୍ର ବର୍ଷା ଓ ଖରାଦିନେ ଅଦିନିଆ ବର୍ଷାରେ ଏହି ରାସ୍ତାରେ ଯିବା ଆସିବା କରିବା କଷ୍ଟକର ହୋଇପଡେ। ରାସ୍ତାର ଏପରି ଅବସ୍ଥାକୁ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆଜକୁ ୩/୪ବର୍ଷ ହେବ ରାସ୍ତାର ମାନଚିତ୍ର ବଦଳୁ ନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମର ସନତ କୁମାର ପାତ୍ର ପ୍ରକାଶ କରିଛନ୍ତି। ରାସ୍ତା ଶୋଚନୀୟ ହେଇପଡ଼ିଥିବାରୁ ଏହି ରାସ୍ତାରେ ଜରୁରିକାଳୀନ ସେବା ପାଇଁ ଅଗ୍ନିଶମ ଓ ଆମ୍ବୁଲାନ୍ସ ଅସୁବିଧାର ସମ୍ମୁଖୀନ ହେଉଥିବାର ନଜିର ରହିଛି। ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ଏହି ରାସ୍ତାରେ ଯିବାକୁ ଉଚିତ ମଣୁ ନ ଥିବା ଜଣେ ଛାତ୍ରୀ ପ୍ରକାଶ କରିଛନ୍ତି। ମରାମତି ଅଭାବରୁ ରାସ୍ତା ସଂକୁଚିତ ହେଉଥିବାବେଳେ ଚାଲିଚାଲି ଯିବା ପାଇଁ ମଧ୍ୟ ଲୋକେ ଉଚିତ ମଣୁନାହାନ୍ତି। ବିଧାୟକ, ସାଂସଦଙ୍କ ସହିତ ବିଭାଗୀୟ ଅଧିକାରୀ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଏହାର ତୁରନ୍ତ ମରାମତି କରିବାକୁ ଦାବି ହୋଇଛି।

ସେହିପରି ବେଲପାଳ ଛକଠାରୁ ସିଂହଟିଆ ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୩ କିମି ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ହୋଇପଡ଼ିଛି। ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ପାଇଁ ଏହି ରାସ୍ତାର ବେଲପାଳ ଛକରୁ ୧.୫ କିମି ରାସ୍ତାକୁ ବାଦ ଦେଇ ସିଂହଟିଆ, ବଳଭଦ୍ରପୁର, ଆରପଟା ଦେଇ କୁଲଡିହା ପର୍ଯ୍ୟନ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନକୁ ନେଇଛି। ଫଳରେ ଏହି ୧.୫ କିମି ରାସ୍ତା ତାର ପରିଚୟ ଖୋଜୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ସମ୍ପୂର୍ଣ୍ଣ ରାସ୍ତାକୁ ପୂର୍ତ୍ତ ବିଭାଗ ତା ଅଧିନକୁ ନେଉ ବୋଲି ଦାବୀ ହୋଇଛି। ଭୋଟ ସମୟରେ ରାସ୍ତା ତଥା ଅଞ୍ଚଳର ବିକାଶ କରିବା କହି ଭୋଟ ହାତେଇ ସାରିବା ପରେ ନେତାଙ୍କ ପାଦ ଗ୍ରାମରେ ପଡୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ତେବେ ସରକାର ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାକୁ ସ୍ୱତନ୍ତ୍ର ବିକାଶ ପରିଷଦରେ ସ୍ଥାନିତ କରିଥିବାବେଳେ ଏହି ଆଦିବାଦୀ ଅଞ୍ଚଳର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଶିକ୍ଷାର ଉନ୍ନତି ପାଇଁ ଏହି ରାସ୍ତାର ଉନ୍ନତକରଣ ନିଶ୍ଚିତ ଆବଶ୍ୟକ ବୋଲି ଅଞ୍ଚଳବାସୀ ଆଶାବ୍ୟକ୍ତ କରିଛନ୍ତି। ମାତ୍ର ସରକାରଙ୍କ ବିଭିନ୍ନ ଯୋଜନା ଠିକଣା ସ୍ଥାନରେ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି।

## ଚୈତ୍ର ନବରାତ୍ର ଅଷ୍ଟମ ସନ୍ଧ୍ୟା



ବାରିପଦା ମା' ଅମ୍ବିକାଙ୍କ ବଗଳାମୁଖୀ ବେଶ

## ଜନଗଣନା ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ



ମହୁଲଡିହା, ୨୬।୩(ସମିସ): ଜନଗଣନା-୨୦୨୭ ପ୍ରଥମ ପର୍ଯ୍ୟାୟ ଗୃହ ଗଣନା) ତାଲିମ ଠାକୁରମୁଣ୍ଡାରେ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ତଥା ଚାର୍ଜ ଅଫିସର ସମ୍ବିତ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣନାକାରୀ ଓ ସୁପରଭାଇଜର ମିଶାଇ ୨ଟି ବ୍ୟାଚ୍‌ରେ ୧୦୦ ଜଣଙ୍କୁ ତାଲିମ ଦିଆଯାଇଛି। ବ୍ଲକ ସଭାଗୃହ ରାଜୀବଗାନ୍ଧୀ ସେବା କେନ୍ଦ୍ର ଓ କୃଷି ବିଭାଗ ସଭା ଗୃହରେ ଏକକାଳୀନ ଆୟୋଜିତ ହୋଇଯାଇଛି। ତାଲିମଦାତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ଏମଆଇ ଦିଲ୍ଲୀପ ସାହୁ, ଗୋଷ୍ଠୀ କୃଷି ଅଧିକାରୀ କ୍ଷୀରୋଦ ବରେନ ଚାନ୍ଦ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟଙ୍କଧର ମହାନ୍ତ ତାଲିମ ପ୍ରଦାନ କରିଥିଲେ। ଗୃହ ଗଣନା ସମ୍ପୂର୍ଣ୍ଣ ଡିଜିଟାଲ ହୋଇଥିବାରୁ କିପରି ସତର୍କତାର ସହ କରାଯିବ ସେ ସମ୍ପର୍କରେ ବିସ୍ତୃତ ତାଲିମ ପ୍ରଦାନ କରାଯାଇଛି। ୨ଟି ପର୍ଯ୍ୟାୟରେ ସମୁଦାୟ ୨୦୧ ଗଣନାକାରୀ ଓ ୪୦ ଜଣ ସୁପରଭାଇଜର ତାଲିମ ନେବେ। ଜନଗଣନା ପ୍ରଥମ ପର୍ଯ୍ୟାୟ (ଗୃହ ଗଣନା) ଆସନ୍ତା ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇ ମେ ମାସ ୧୫ ତାରିଖରେ ସମ୍ପୂର୍ଣ୍ଣ ହେବ। ଗୃହ ଗଣନା ଓ ଜନଗଣନା ଉଭୟ ଡିଜିଟାଲ ଏବଂ ଐଖଙ୍ଗ ଉରଭଗ୍ଦଙ୍କଗ୍ଦ ୨୦୨୭ ଆପ ମାଧ୍ୟମରେ ହେବ ବୋଲି ତହସିଲଦାର ସମ୍ବିତ କର ସୂଚନା ଦେଇଛନ୍ତି। ତାଲିମ କାର୍ଯ୍ୟକ୍ରମ ପରିଚାଳନାରେ ଅତିରିକ୍ତ ତହସିଲଦାର ବିଷ୍ଣୁ ଚରଣ ବାରିକ ଓ ବସନ୍ତ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ସତ୍ୟସାଇ ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା



ବୈଶିଙ୍ଗା, ୨୬।୩(ସମିସ): ଖୁଣ୍ଟାପୁରସ୍ଥ ଶ୍ରୀସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ୍ୱ ଓ ଆର୍ଥିକ ସାକ୍ଷରତା କେନ୍ଦ୍ର ବେତନଟୀ ସହଯୋଗରେ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ମଧ୍ୟରେ ଡିଜିଟାଲ ବ୍ୟାଙ୍କିଂ କାରବାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକା ଅନୁସାରେ ବିଭିନ୍ନ ବ୍ୟାଙ୍କିଂ ସୁବିଧା, ଆର୍ଥିକ ନେଣଦେଣ ଉପାୟ ସାଙ୍ଗକୁ ନୂଆ ନୂଆ ଉପାୟରେ ହେଉଥିବା ଆର୍ଥିକ ଠକେଇରୁ ବଞ୍ଚିବା ପାଇଁ ଏହି ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ ଅଫ ଇଣ୍ଡିଆ, ବାରିପଦା ଜୋନାଲ ଅଫିସ୍‌ର ଅବସରପ୍ରାପ୍ତ ଅଧିକାରୀ ସତ୍ୟରଞ୍ଜନ ଦାସ, ଆର୍ଥିକ ସାକ୍ଷରତା କେନ୍ଦ୍ରର ସଂଯୋଜକ କୁନା ମୁଣ୍ଡା, ସହଯୋଗୀ ଅନୁପମା ନାଥ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଓଡ଼ିଆ ବିଭାଗର ବାର୍ଷିକ ଆଲୋଚନାଚକ୍ର

ବାରିପଦା, ୨୬।୩(ସମିସ): ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ବାର୍ଷିକ ଆଲୋଚନାଚକ୍ର ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମା ମହିଳା



ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଡ. ଦୀପକ କୁମାର ରାଉତ 'ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ବୈଚିତ୍ର୍ୟ' ସନ୍ଦର୍ଭରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଭାଗର ମୁଖ୍ୟ ଅଧ୍ୟାପିକା ସ୍ନେହପ୍ରଭା ଦାସ ଅତିଥି ପରିଚୟ ତଥା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ୧୦ ଜଣ ଛାତ୍ରଛାତ୍ରୀ ନିଜ ନିଜ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

## ମେଗା ଚକ୍ଷୁ ପରୀକ୍ଷା ଶିବିର

ଉଦଳା, ୨୬।୩(ସମିସ): ମୌନଧ୍ୱନି ଫାଉଣ୍ଡେସନ୍ ଓ ଆଇକା ପକ୍ଷରୁ ମେଗା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଉଦଳା ବ୍ଲକ ଅନ୍ତର୍ଗତ ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସରରେ ଏହି ମାଗଣା ଆଖି ପରୀକ୍ଷା ଶିବିରରେ ସୁନାପାଳ, ଅଦାପାଳ, ଚୁଳିଆପୋଷି, ବାବନଗଡ଼ ସମେତ ପାଖାପାଖି ୧୦ଟି ଗ୍ରାମର ଦୁଇଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆଖି ପରୀକ୍ଷା କରାଇଥିଲେ। ଅଭିଜ୍ଞ ଆଖି ଡାକ୍ତର ଓ ଆଖିରୋଗ ବିଶେଷଜ୍ଞଙ୍କ ଉପସ୍ଥିତ ରହି ବିଭିନ୍ନ ବୟସର ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଇଥିଲେ। ଏହି ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ତିନିଦିନ ବ୍ୟାପି ମୟୂରଭଞ୍ଜର ଉଦଳା, ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ଗ୍ରାମ ଭଣ୍ଡଗାଁ, ଭୋଳାଗଡ଼ିଆ ଓ ଧନାପନାରେ ଅନୁଷ୍ଠିତ ହେବ। ଏହି ନିଶୁଳ୍କ ମେଗା ଚକ୍ଷୁ ପରୀକ୍ଷା ଶିବିରକୁ ପ୍ରଦ୍ୟୁମ୍ନ ଦଳାଇ, ଅଶୋକ ପତି, ଆକାଶ ମହାନ୍ତ, ଚମ୍ପାବତୀ ହାଁସଦା, ସୀତା ମୁର୍ମୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କିଶୋରୀ ମାତୃତ୍ୱ ରୋକିବା ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା

ବାରିପଦା, ୨୬।୩(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ କିଶୋରୀ ମାତୃତ୍ୱ ସମ୍ବନ୍ଧୀୟ ଏକ କର୍ମଶାଳା ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ଏବଂ ୟୁନିସେଫର ନେହା ସିଂ ପ୍ରମୁଖ ଉପସ୍ଥିତ ହୋଇ ମୟୂରଭଞ୍ଜ ଜିଲ୍ଲାରେ ବୃଦ୍ଧି ପାଉଥିବା କିଶୋରୀ ମାତୃତ୍ୱକୁ କିପରି ରୋକାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହାକୁ ରୋକିବା ପାଇଁ ସରକାରଙ୍କ ଯୋଜନାକୁ ସଠିକ ଭାବେ କାର୍ଯ୍ୟକାରୀ କରିବା ସହିତ ସମସ୍ତଙ୍କର ପ୍ରୟାସ ଦ୍ୱାରା କିଶୋରୀ ମାତୃତ୍ୱକୁ ରୋକାଯାଇପାରିବ ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ ଓ ଉକ୍ତ କର୍ମଶାଳାରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅତିରିକ୍ତ ପଞ୍ଚାୟତ ସମିତି ଉନ୍ନୟନ ଅଧିକାରୀ, ଜିଲ୍ଲାର ବିଭିନ୍ନ ଚିକିତ୍ସା ଅଧିକାରୀ ସହିତ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମକର୍ତା ମାନେ ଉପସ୍ଥିତ ରହିଥିଲେ ଓ ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପରିଚାଳନା କରିଥିଲେ।

## ଚୋରା ଚାଲାଣରେ ବ୍ୟବହୃତ ଗାଡ଼ି ଜବତ

ବୈଶିଙ୍ଗା, ୨୬।୩ (ସମିସ): ବୈଶିଙ୍ଗା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବେଆଇନ ଚୋରା ଚାଲାଣରେ ବ୍ୟବହୃତ ଦୁଇଟି ଟ୍ରାକ୍ଟର ସମେତ ଗୋଟିଏ ଟିପରକୁ ଜବତ କରିଛି ବୈଶିଙ୍ଗା ପୁଲିସ। ବିଶେଷ ସୂତ୍ରରୁ ଖବର ପାଇ ବୈଶିଙ୍ଗା ପୁଲିସ ବୈଶିଙ୍ଗା-ମାଣତ୍ରୀ ରାସ୍ତାର ନାଖରା ଛକ ନିକଟରେ ଚଢ଼ଉ କରି ସତ୍ୟବାଦୀ ମହାପାତ୍ରଙ୍କ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଚାଳକ କାଠପାଳ ଗ୍ରାମର ଚନ୍ଦନ କୁମାର ସିଂଙ୍କୁ ଅଟକ ରଖିଥିଲା। ସେହିଭଳି ୧୮ ନଂ ଜାତୀୟ ରାଜପଥର ରଙ୍ଗାମାଟିଆ ଛକ ନିକଟରେ ଚଢ଼ଉ କରି ବାଲି ବୋଝେଇ ଟ୍ରାକ୍ଟର ଜବତ ପୂର୍ବକ ଚାଳକ ବାଙ୍କତିରା ଗ୍ରାମର ମଣ୍ଟୁ ଜେନାଙ୍କୁ ଅଟକ ରଖିଥିଲା। ଅନ୍ୟପକ୍ଷରେ ଦୁର୍ଗାପୁର ରାସ୍ତାରେ ଚଢ଼ଉ କରି ଏକ ବାଲି ବୋଝେଇ ଟିପରକୁ ମଧ୍ୟ ଜବତ କରିଥିଲା ଓ ଚାଳକ ସ୍ଥାନୀୟ ହରିପୁର ଗ୍ରାମର ସୁନ୍ଦର ମୋହନ ସିଂଙ୍କୁ ଅଟକ ରଖିଥିଲା। ଏ ନେଇ ମାମଲା ରୁଜୁ ପୂର୍ବକ ଚାଳକଙ୍କୁ ନୋଟିସରେ ଛାଡି ଦିଆଯାଇଛି।

## ଏଆଇଡିଏସ୍‌ଓ ପକ୍ଷରୁ ଓଡ଼ିଶା ଦାବି ଦିବସ

# ସରକାରୀ ବିଶ୍ୱବିଦ୍ୟାଳୟରେ ଖାଲି ପଦ ପୂରଣ ଦାବି




ବାରିପଦା, ୨୬।୩(ସମିସ): ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ଗୁରୁବାର ଓଡ଼ିଶା ଦାବି ଦିବସ ରାଜ୍ୟରେ ପାଳନ କରାଯାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱିଦ୍ୟାଳୟ ସମ୍ମୁଖରେ ଏହା ପାଳନ କରାଯାଇଛି। ତତ୍‌ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଳପତିଙ୍କୁ ଇ-ମେଲ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଗଭୀର ସଙ୍କଟ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥାରେ ଗତି କରୁଛନ୍ତି। ବିଧାନସଭା ଅଧିବେଶନରେ ଆପଣଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ୨୦୭୯ ଅଧ୍ୟାପକ ପଦବୀରୁ ୧୪୩୪ ପଦ ଖାଲିପଡ଼ିଛି। ସେହିପରି ୨୯୪୦ ମଞ୍ଜୁରୀପ୍ରାପ୍ତ ଶିକ୍ଷା କର୍ମଚାରୀ ରହିବା ସ୍ଥାନରେ ୨୧୭୧ ପଦବୀ ଖାଲି ପଡ଼ିଛି। ଅଧିକାଂଶ ସ୍ଥାନରେ କୁଳପତି ପଦବୀ ଫାଙ୍କାପଡ଼ିଛି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟରେ ବିଶ୍ୱବିଦ୍ୟାଳୟ କିପରି ଚାଲିଛି। ବିଶ୍ୱବିଦ୍ୟାଳୟରେ କୁଳପତି ପରି ସର୍ବୋଚ୍ଚ ପଦବୀ ଖାଲିପଡ଼ିଥିବାରୁ ପ୍ରଶାସନିକ ତଥା ଶୈକ୍ଷିକ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅଧ୍ୟାପକ, ପ୍ରଫେସର ଅଭାବରୁ ନିୟମିତ କ୍ଲାସ୍ ହୋଇପାରୁନାହିଁ, ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ସ୍ଥାୟୀ ପ୍ରଫେସର ଓ ଗାଇଡ୍‌ଙ୍କ ଅଭାବରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଆବଶ୍ୟକ କର୍ମଚାରୀ ନ ଥିବାରୁ ବିଶ୍ୱବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ, ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ଅହେତୁକ ବିଳମ୍ବ ଘଟୁଛି। ତୁରନ୍ତ ସରକାରୀ ବିଶ୍ୱବିଦ୍ୟାଳୟର ଅଚଳାବସ୍ଥା ଦୂର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସାରା ରାଜ୍ୟରେ ଦୁର୍ବାର ଛାତ୍ର ଆନ୍ଦୋଳନ ଗଢିଉଠିବ। ଏଆଇଡିଏସଓର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର୍, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ବାପୁନ୍ ବାନରା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ପିଙ୍କୁ ମହାନ୍ତ, ବିଶିକେଶନ ଜାଲ ଓ ସଂଗଠନର ପୂର୍ବତନ ଜିଲ୍ଲା କମିଟି ସଦସ୍ୟ ସାଧୁ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

## ନୂତନ କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ସଭା




ରାଇରଙ୍ଗପୁର, ୨୬।୩(ସମିସ): ପଶ୍ଚିମ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନୂତନ କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ସ୍ଥାନୀୟ କୁଡୁମୀ ଭବନରେ ବ୍ଲକ ସଭାପତି ସିମାଲ ମାଝୀଙ୍କ ପରିଚାଳନାରେ ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ୪ଟି ପଞ୍ଚାୟତ ଭାଲୁବସା, ପୁରୁଣାପାଣି, ହଳଦା ଓ ସାନପାଖନା ଗ୍ରାମର ମନୋନୀତ ହୋଇଥିବା ନୂତନ ନେତୃମଣ୍ଡଳୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଉକ୍ତ ସଭାରେ କାର୍ଯ୍ୟକାରୀ ସଦସ୍ୟ ଭାବେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପରେଶ ପାତ୍ର ଓ ରୂପକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଉପସଭାପତି ଭାବେ ବିରେଶ ମହାନ୍ତ, କିଶୋର ମହାନ୍ତ, ରହିତ କୁମାର ମହାନ୍ତ, ଦେୱାନ ଟୁଡୁ ଓ ଅମିତ ଗୋପାଲ ପ୍ରମୁଖ ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ଏସକେ ଆଜାରରୁଦ୍ଦିନ, ପିଥ ମୁର୍ମୁ, ଲକ୍ଷ୍ମୀନାରାୟଣ ମହାନ୍ତ, ଉମାନ ମାଝୀ, ଏସକେ ଆୟୁବ ହୁସେନ ଓ ରୁମାନା ପରୱାନା ପ୍ରମୁଖ ମନୋନୀତ ହୋଇଛନ୍ତି। ଏଥିସହିତ ବ୍ଲକ କମିଟିର ଅନ୍ୟ ପଦପଦବୀରେ ନେତୃବୃନ୍ଦଙ୍କୁ ମନୋନୀତ କରାଯାଇଛି। ନୂତନ ପଦପଦବୀରେ ମନୋନୀତ ହୋଇଥିବା ସଦସ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତେ ଦଳକୁ ମଜବୁତ ଓ ସଶକ୍ତ କରିବେ ବୋଲି ପ୍ରକାଶ କରିଥିଲେ।

## ହାଟରୁ ବାଇକ୍ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୨୬।୩(ସମିସ): ଯଶିପୁର ସପ୍ତାହିକ ହାଟ ପରିସରରୁ ବାଇକ ଚୋରି ହୋଇଛି। ଏ ନେଇ ସୁରେଶ ଚନ୍ଦ୍ର ବାନରା ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ସଉଦା କିଣିବାକୁ ସ୍ତ୍ରୀ ସହ ହାଟ ଯାଇଥିବାବେଳେ ହାଟ ନିକଟରେ ନିଜ ବାଇକ ପାର୍କିଂ କରିଯାଇଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ ନ ଥିଲା। ବହୁ ଖୋଜା ଖୋଜି କରିବା ପରେ ନ ପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମା' ସୁଭଦ୍ରା ବାଳିକା ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



ସାରସକଣା, ୨୬।୩(ସମିସ): ସାରସକଣା ମା'ସୁଭଦ୍ରା ବାଳିକା ଉଚ୍ଚବିଦ୍ୟାଳୟ ପରିଚାଳନା କମିଟି ଓ ଶିକ୍ଷୟିତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ସଭାଗୃହରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। କମିଟିର ସଭାପତି ଡଃ ଉପେନ୍ଦ୍ର ନାଥ ସାହୁ ପୌରୋହିତ୍ୟ କରି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ସବିତା ଘୋଷ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହିତ ପୂଜ୍ୟପୂଜା ପାଇଁ ଏ ଭବ୍ୟ ଆୟୋଜନରେ ପରିଚାଳନା ସମିତି ସକ୍ରିୟ ଅଂଶଗ୍ରହଣ କରିଥିବାରୁ କମିଟି ସଦସ୍ୟ/ସଦସ୍ୟାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ୧୯୯୩ରେ ବିଦ୍ୟାଳୟ ପ୍ରତିଷ୍ଠାରେ ସହଯୋଗ କରିଥିବା ପୂର୍ବତନ କମିଟି ସଦସ୍ୟ ଓ ଶିକ୍ଷାପ୍ରେମୀ ଓ ସମାଜସେବୀ ପରମାନନ୍ଦ ସାହୁ, ଗୋଲାପମଣି ହାଇସ୍କୁଲର ଅବସରପ୍ରାପ୍ତ ବର୍ଷିୟାନ ପ୍ରଧାନଶିକ୍ଷକ ପ୍ରତ୍ୟୁଷ ମହାନ୍ତି, ସମାଜସେବିକା ପୁରାତନ ସଦସ୍ୟା ଦୁଲାରୀ ସୋରେନ୍, ସାରସକଣା ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟା ଓ ପରିଚାଳନା କମିଟି ସଭାପତି ବୀରେନ୍ଦ୍ର ନାଥ ବଶା, ସ୍ଥାନୀୟ କୃତୀ ଶିକ୍ଷକ ସୁଧାଂଶୁ ଶେଖର ଘୋଷ, ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଟ୍ରଷ୍ଟର ବରିଷ୍ଠ ସଦସ୍ୟ ଶିକ୍ଷାବିତ୍ ଯତୀନ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଚାରାଗଛ ଉତ୍ତରୀୟ ଓ ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍କୁଲର ସେବାନିବୃତ୍ତ ପ୍ରଧାନ ଶିକ୍ଷିକା ସୁଶ୍ରୀ ରୀତା ମିଶ୍ର ସ୍କୁଲର ଆଦ୍ୟ କାଳଖଣ୍ଡରେ ବିଦ୍ୟାଳୟ କେମିତି ନାନା ଅଭାବ ଅସୁବିଧା ଭିତରେ ଗତି କରୁଥିଲା ତା'ର ଏକ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ଅତିଥି ଭାବେ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ ପୁରୀ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ଜଗବନ୍ଧୁ ମିଶ୍ର ଓ ବାରିପଦା ସଂସ୍କୃତ କଲେଜ ପୂର୍ବତନ ଅଧ୍ୟକ୍ଷା ଡଃ ଜୟଶ୍ରୀ ନନ୍ଦ। ବିଶିଷ୍ଟ କଣ୍ଠଶିଳ୍ପୀ ମୃତ୍ୟୁଞ୍ଜୟ ଭୋଳ ଓ ଶ୍ରୀମାନ ସତ୍ୟଦୀପ ଶ୍ରୀଜଗନ୍ନାଥ ଭଜନ ଗାନ କରିଥିଲେ। ନନ୍ଦିଘୋଷ ସାହିତ୍ୟ ସମାଜର ପ୍ରତିଷ୍ଠାତା ସଭ୍ୟ ପଦ୍ମନାଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ବନ୍ଦନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଶୋକାଝରି ରଥଯାତ୍ରା

## କୁନି କୁନି ପିଲା ଟାଣିଲେ ରଥ



ବାରିପଦା, ୨୬।୩(ସମିସ)

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡ଼ଦାଣ୍ଡରେ ଗୁରୁବାର ଅଶୋକାଷ୍ଟମୀ ଉପଲକ୍ଷେ ଅଶୋକାଝରି (ରୁକୁଣା) ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜଙ୍କ ଶାସନ ସମୟରୁ ଏହି ଅଶୋକଝରି ରଥଯାତ୍ରା ପାଳିତ ହୋଇଆସୁଛି। ଚଳିତ ବର୍ଷ ଆଡ଼ମ୍ବର ମଧ୍ୟରେ ପାଳିତ ହୋଇଛି। ପରମ୍ପରା ଅନୁଯାୟୀ ଏହି ରଥକୁ କେବଳ ବାଳକ/ବାଳିକା ମିଳିମିଶି ଟାଣିଥା'ନ୍ତି। ଉକ୍ତ ରୀତି ପାଳନ ପୂର୍ବକ ଅଶୋକାଷ୍ଟମୀ ତିଥିରେ ଗୁରୁବାର ଅପରାହ୍ନରେ ରଥଯାତ୍ରା ପାଳିତ ହୋଇଛି।

ସ୍ଥାନୀୟ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିରରୁ ମହାପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଦେବୀ ସୀତା ଚୈତ୍ର ଶୁକ୍ଳପକ୍ଷ ରଥାରୂଢ଼ ହୋଇ ଅଶୋକବନକୁ ପରମ୍ପରା ବା ବିଧି ଅନୁଯାୟୀ ଯାତ୍ରା କରିଛନ୍ତି। ବାରିପଦା ବଡ଼ ଜଗନ୍ନାଥ ମନ୍ଦିରର ରୀତିନୀତି ଓ ପ୍ରଚଳିତ ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ନିକଟରେ ପହଡ଼, ପଣା ଓ ଠା କାର୍ଯ୍ୟ ସମାପନ ହେବା ପରେ ପରିଛା ମହାପ୍ରଭୁଙ୍କ ନିକଟରୁ ଆଜ୍ଞାମାଳ ପାଇବା ପରେ ମନ୍ଦିରର ତିନି ପୂଜାପଣ୍ଡା ପହଣ୍ଡିରେ ମହାପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଦେବୀଙ୍କୁ ମନ୍ଦିରର ବେଢ଼ା ପହଣ୍ଡିରେ ଠାକୁର ମାନଙ୍କୁ ତିନି ଥର ପରିକ୍ରମା କରାଇବା ପରେ ସିଂହଦ୍ୱାର ନିକଟରେ ଅପେକ୍ଷା କରିଥିବା ଅଶୋକାଝରି ରଥରେ ରଥାରୂଢ଼ ହୋଇଥିଲେ। ଏହାପରେ ସୁସଜ୍ଜିତ ରଥକୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମାନଙ୍କ ଉପସ୍ଥିତି ଏବଂ ମନ୍ଦିରର ସେବାୟତ ମାନେ ଶଙ୍ଖ, ଘଣ୍ଟଘଣ୍ଟା, ମୃଦଙ୍ଗ ସହିତ ହରିବୋଲ ସଂକୀର୍ତ୍ତନ ଓ ହୁଳହୁଳିରେ ବଡ଼ ଜଗନ୍ନାଥ ମନ୍ଦିରରୁ ବଡ଼ଦାଣ୍ଡରେ ଥିବା ମାଉସୀ ମା' ମନ୍ଦିର ନିକଟକୁ ବାଳକ ବାଳିକା ମାନେ ଟାଣି ନେଇଥିଲେ। ସେଠାରେ ସମସ୍ତ ସେବାୟତ ମାନେ ମୟୂରଭଞ୍ଜ ରାଜ ଦରବାରର ଅମଳର ପରମ୍ପରା ଅନୁଯାୟୀ ଅଶୋକ ଫୁଲର କଢ଼ି ସଂଗ୍ରହ କରି ରଥ ନିକଟକୁ ଆଣିବା ପରେ ରଥରେ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନାରେ ଅଶୋକ କଢ଼ି ଲାଗି ହୋଇଥିଲା। ଏହାପରେ ଉକ୍ତ ଅଶୋକ କଢ଼ିକୁ ପ୍ରସାଦ ରୂପେ ବଣ୍ଟନ କରାଯାଇଥିଲା। ପ୍ରକାଶ ଥାଉକି ଏହି ଅଶୋକାଷ୍ଟମୀ ତିଥିରେ ଅଶୋକ ଗଛର ଫୁଲକୁ ସେବନ କଲେ ସମସ୍ତ ପ୍ରକାରର ଦୁଃଖ ଦୂର ହେବା ସାଙ୍ଗକୁ ଶରୀର ସମସ୍ତ ରୋଗ ବୈରାଗ୍ୟରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଆସିଛି। ସୁରକ୍ଷା ନିମନ୍ତେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

## ୨୦୨୧ ପ୍ରକାଶ ପଧାନ ହତ୍ୟା ଘଟଣା

# ୭ ଜଣଙ୍କୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର, ୨୬।୩ (ସମିସ)**

୨୦୨୧ ମସିହାର ବହୁଚର୍ଚ୍ଚିତ ପ୍ରକାଶ ପଧାନ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସମ୍ବଲପୁର ଜିଲ୍ଲା କତରବଗା ଥାନା ଗୁଲାମାଲ ପଧାନପାଲି ଠାରେ ସରକାରୀ ଜମି ଜବରଦଖଲ ଏବଂ ଠିକା କାମକୁ ନେଇ ସଂଘବଦ୍ଧ ଆକ୍ରମଣ ଓ ହତ୍ୟା ମାମଲାର ଶୁଣାଣି କରି ଆଜି ସମ୍ବଲପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୭ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଦୁଇ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ କତରବଗା ପଧାନପାଲିର ସ୍ୱର୍ଗତ ନେତ୍ରାନନ୍ଦ ପଧାନଙ୍କ ପୁଅ ରୁକ୍ମଣ ପଧାନ ଓରଫ୍ ରୋହିତ (୫୨), ଭୋଜରାଜ ପଧାନ (୫୫), ଗଜରାଜ ପଧାନ (୫୦), ଅଶୋକ ପଧାନ (୫୨) ଓ ଭୀଷ୍ମଦେବ ପଧାନ (୪୧) ଏବଂ ଦେବେନ୍ଦ୍ର ଭୋଇଙ୍କ ପୁଅ ରଞ୍ଜିତ ଓରଫ୍ ଦୁଷ୍ମନ୍ତ ଭୋଇ (୫୦) ଓ ବିସ୍ୱଜିତ ଭୋଇ (୪୧)। ଏହି ଘଟଣାର ଅନ୍ୟତମ ସମ୍ପୃକ୍ତ ବିରଞ୍ଚି ବିଶ୍ୱାଳଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ଦୀର୍ଘ ପ୍ରାୟ ୫ ବର୍ଷ ପରେ ଆଜି ରାୟ ପ୍ରକାଶ ପାଇଥିବାରୁ ମୃତକ ପ୍ରକାଶଙ୍କ ପରିବାର ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।


ମୃତକଙ୍କ ଫାଇଲ ଫଟୋ

ଘଟଣାଟି ସମ୍ବଲପୁର ଜିଲ୍ଲା କତରବଗା ଥାନା ଗୁଲାମାଲ ପଧାନପାଲିଠାରେ ଘଟିଥିଲା। ୨୦୨୧ ମସିହା ସେପ୍ଟେମ୍ବର ୧୬ ତାରିଖ ରାତି ପ୍ରାୟ ୮ଟା ସମୟରେ ମୃତକ ପ୍ରକାଶ ପ୍ରଧାନ ଓ ତାଙ୍କ ବନ୍ଧୁ ଅଜୟ ବାରିକ ବିଶ୍ୱକର୍ମା ପୂଜା ପାଇଁ ପୂଜା ସାମଗ୍ରୀ କିଣିବାକୁ ବଜାରକୁ ଯାଇଥିଲେ। ପୂଜା ସାମଗ୍ରୀ ତାଲିକା ସ୍ୱଷ୍ଟ ନଥିବାରୁ ତାହାକୁ ବଦଳାଇବାକୁ ଦୋକାନୀ କହିଥିଲେ। ସେମାନେ ଫେରିଆସି ନୂତନ ତାଲିକା ପ୍ରସ୍ତୁତ କରୁଥିଲେ। ମୃତକ ପ୍ରକାଶ ପ୍ରଧାନ ପିଡବ୍ଲୁଡି ରୋଡ୍‌ରେ ଜଗଦୀଶ ବିଶ୍ୱାଳଙ୍କ ହୋଟେଲ ନିକଟରେ ଫୋନ୍‌ରେ କଥା ଲାଗୁଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁଯାୟୀ ଲୁଚି ରହିଥିବା ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଲୁହା ପାଇପ୍, ଭୁଜାଲି, କୁରାଢ଼ି ଓ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ପ୍ରକାଶ ପଧାନଙ୍କର ମୃତ୍ୟୁ ହୋଇଥିଲା ଏବଂ ତାଙ୍କୁ ବଞ୍ଚାଇବାକୁ ଯାଇ ଧନଞ୍ଜୟ ବେହେରା ଓ ଅଜୟ ବାରିକ ଆହତ ହୋଇଥିଲେ। କତରବଗା ଥାନାରେ ମୃତକଙ୍କ ଭାଇ ଅଭିଯୋଗ କରିବାପରେ ଥାନାଧିକାରୀ କେସ ନଂ. ୧୬୫ / ୧୭-୯-୨୦୨୧ ଦଫା ୧୪୮, ୩୦୨, ୩୦୭, ୧୪୯, ୨୦୧, ୩୪ ଆଇପିସିରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ଘଟଣାର ତଦନ୍ତ କରି ଥାନାଧିକାରୀ ଅଭିଯୁକ୍ତ ମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ସମ୍ବଲପୁର ଜିଲ୍ଲା ଓ ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଉପରୋକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୨/୧୪୯ ଆଇପିସିରେ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ୨ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହାସହ ଦଫା ୧୪୮ ଆଇପିସିରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଦଫା ୩୦୭/୧୪୯ ଆଇପିସିରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଆଉ ୧ ମାସ ଅଧିକ ଜେଲଦଣ୍ଡ ଭୋଗିବେ। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ (ପିପି) ସୁବାସ ଚନ୍ଦ୍ର ମହାନ୍ତ ଏହି ମୋକଦ୍ଦମା ପରିଚାଳନା କରିଥିଲେ।


ରାମନବମୀ ପୂର୍ବରୁ ପୁଲିସର ବୈଠକ।

# କେନାଲ ପାଣି ବ୍ୟବହାର ନ କରି ଜଳକର ନୋଟିସ୍

## ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଅଭିଯୋଗ

**ସମ୍ବଲପୁର, ୨୬।୩(ସମିସ):** କେନାଲ ତଳି ମୁଣ୍ଡରେ ଗାଁ ରହିଛି।ଫଳରେ କେନାଲ ପାଣି ଗାଁକୁ ପହଞ୍ଚିବା ବେଳେ ଶୁଖିଯାଇଥାଏ। ତେଣୁ ଗ୍ରାମବାସୀ ଉଠା ଜଳସେଚନ ଦ୍ୱାରା ଚାଷ କରିଥାନ୍ତି। ହେଲେ ଏବେ ଜଳକର ଦେବା ପାଇଁ ନୋଟିସ ଆସିଛି। ଏଥିପାଇଁ ଗୁରୁବାର ଦିନ ସମ୍ବଲପୁର ତହସିଲ ଅନ୍ତର୍ଗତ ଚାଉଁରପୁର ରାଜସ୍ୱ ନିରୀକ୍ଷକ ବକବିରା ମୌଜାର ଚାଷୀମାନେ ସମ୍ବଲପୁର ଜିଲ୍ଲାପାଳ ଓ ସଦର ତହସିଲଙ୍କ ଦ୍ୱାରସ୍ଥ ହୋଇଛି। ବକବିରା ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆରଆଇଙ୍କ ଜରିଆରରେ ଜଳକର ଦେବା ପାଇଁ ନୋଟିସ ଆସିଛି। ବକବିରା ମୌଜା କେନାଲ ତଳି ମୁଣ୍ଡରେ ରହିଛି। ତେଣୁ ମୌଜାକୁ କେନାଲ ପାଣି ପହଞ୍ଚି ପାରେ ନାହି। ଗତ ୧୯୮୫ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ବିଜୁ ପଟ୍ଟନାୟକଙ୍କ ଜରିଆରେ ୧୦ଏଚପି ଦୁଇଟି ମଟର ଉଠା ଜଳସେଚନ ପ୍ରକଳ୍ପରେ ଆରମ୍ଭ ହୋଇଥିଲା। ପରେ ୧୯୮୮ ମସିହାରେ ଆଉ ଦୁଇଟି ମଟର ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ବକବିରା ମୌଜା କେବଳ ଉଠା ଜଳସେଚନ ପ୍ରକଳ୍ପରେ ଚାଷ କରୁଛନ୍ତି। ୨୦୦୩ ମସିହାରେ ବିଦ୍ୟୁତ ବିଭାଗ ପକ୍ଷରୁ ମିଟର ମଧ ସଂଯୋଗ କରାଯାଇଥିଲା। ତେଣୁ ଜଳକର ବକେୟା ରାଶିକୁ ଛାଡ଼ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଦାବି ପତ୍ର ଦେବା ସମୟରେ ଦୁଃଖିଶ୍ୟାମ ତରିଆ, ଗୋପୀନାଥ ନାଏକ, ହିମାଂଶୁ ନାଏକ, ପ୍ରିୟବ୍ରତ ରାଉତ, ବିରେନ୍ଦ୍ର ଚୌଧୁରୀ, ପେମରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାକୁଦରେ ହେବ ସ୍କୁବା ଡାଇଭିଂ କ୍ୟାମ୍ପ

**ସମ୍ବଲପୁର, ୨୬।୩ (ସମିସ) :** ହୀରାକୁଦ ଜଳଭଣ୍ଡାରରେ ଏପ୍ରିଲ ମାସରେ ଆରମ୍ଭ ହେବାକୁ ଥିବା 'ଏଡ୍‌ଭେଞ୍ଚର ୱାଟର୍ ସ୍ପୋର୍ଟସ ଏବଂ ସ୍କୁବା ଡାଇଭିଂ କ୍ୟାମ୍ପ' ନିମନ୍ତେ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ସ୍କୁବା ଡାଇଭର୍ ସାବିର ବକ୍ସଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସାହସିକ ଜଳକ୍ରୀଡ଼ାର ସୁଯୋଗ ସୃଷ୍ଟି କରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ସ୍କୁବା ଡାଇଭର୍ ସାବିର ବକ୍ସଙ୍କ ସହ ଜିଲ୍ଲାପାଳ ହୀରାକୁଦରେ ବୈଷୟିକ ଅନୁଧ୍ୟାନ ଓ ସାଇଟ୍ ଚୟନ ବିଷୟରେ ମଧ ଆଲୋଚନା କରିଥିଲେ।

# ଗ୍ୟାସ୍ ଅଭିଯୋଗ ପାଇଁ ସ୍ୱତନ୍ତ୍ର ନମ୍ବର ଜାରି

**ସମ୍ବଲପୁର, ୨୬।୩ (ସମିସ) :** ସମ୍ପ୍ରତି ରନ୍ଧନ ଗ୍ୟାସ ଗ୍ରାହକଙ୍କୁ ମିଳୁନଥିବାବେଳେ ବହୁଦିନ ଧରି ଅପେକ୍ଷା କରିବାକୁ ପଡୁଛି। ଏହାସହ ଗ୍ୟାସ ଦୁଇରୁ ତିନିଗୁଣ ଦରରେ କଳାବଜାର ହେଉଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଲପିଜି ଯୋଗାଣ ସମ୍ପର୍କିତ ଗ୍ରାହକଙ୍କ ଅଭିଯୋଗ ଗ୍ରହଣ କରିବା ପାଇଁ, ଏକ ଜିଲ୍ଲା ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି। ଏଲ୍‌ପିଜି ସମ୍ପର୍କିତ ଅଭିଯୋଗ ଏବଂ କଳାବଜାର ସମ୍ପର୍କିତ ତଥ୍ୟ ଆଦି ଯୋଗାଯୋଗ ନମ୍ବର - ୮୨୮୦୧୦୩୮୭୧ରେ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ହରଡ଼ଜୋର୍ କୂଳରେ ସ୍ୱଚ୍ଛତା ଅଭିଯାନ

**ସମ୍ବଲପୁର, ୨୬।୩ (ସମିସ) :** 'ଆମ ଜଳାଶୟ, ଆମର ଗୌରବ' (ଆୱାର୍ ୱାଟର୍ ବଡିଜ୍, ଆୱାର୍ ପ୍ରାଇଡ୍) ଥିମ୍ ଅନୁସାରେ ୟୁଥ୍ ଫର୍ ୱାଟର୍ ଇଣ୍ଡିଆ ର ପ୍ଲାଷ୍ଟିକ ଫ୍ରି ପିକ୍‌ନିକ ଫେଲୋସିପ୍ ୨୦୨୬ ଅଭିଯାନ ଅନ୍ତର୍ଗତ ହରଡ଼ଜୋର୍ କୂଳରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ଆଇଆଇଏମ୍ ସମ୍ବଲପୁର, ଏଜେଏସ୍‌ଏ ଇଣ୍ଡିଆ, ୱାଟର୍ ଇନିସିଏଟିଭ୍‌ସ୍ ଏବଂ ମହାନଦୀ ରିଭର୍ ୱାଟର୍‌କିପର୍ ର ସହଯୋଗରେ ଆୟୋଜିତ ହୋଇଥିଲା। ଏହି ସ୍ୱଚ୍ଛତା ଅଭିଯାନରେ ପ୍ରାୟ ୪୫ ଜଣ ଯୁବକ ଯୁବତୀ ସକ୍ରିୟ ଭାଗ ନେଇ ହରଡ଼ଜୋର୍ ନଦୀ କୂଳକୁ ପରିଷ୍କାର କରିଥିଲେ। ଯୁବାମାନଙ୍କ ଏହି ପଦକ୍ଷେପ ପରିବେଶ ସୁରକ୍ଷା ଓ ଜଳ ସମ୍ପଦ ପ୍ରତି ସଚେତନତା ବୃଦ୍ଧିରେ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ସେହିପରି ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜରେ ଏକ ପ୍ଲାଷ୍ଟିକ ମୁକ୍ତ ପିକନିକ ଆୟୋଜନ କରାଯାଇଥିଲା, ଯେଉଁଠାରେ ପୂରା କାର୍ଯ୍ୟକ୍ରମରେ ଗୋଟିଏ ମଧ ପ୍ଲାଷ୍ଟିକ ବ୍ୟବହାର କରାନଯାଇ ପରିବେଶ ସୁରକ୍ଷା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମ ସମୟରେ ସମସ୍ତ ଅଂଶଗ୍ରାହୀ ଜଳାଶୟ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ପରିବେଶକୁ ସଫା ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ।

# ମହିଳା ମହାବିଦ୍ୟାଳୟ ଦର୍ଶନ ବିଭାଗର ଜାତୀୟ ସମ୍ମାନ



**ସମ୍ବଲପୁର, ୨୬।୩ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଦର୍ଶନ ବିଭାଗ ଏବଂ ଆଇକ୍ୟୁଏସିର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଜାତୀୟ ସମ୍ମାନ 'ଭାରତୀୟ ମୂଲ୍ୟବୋଧ ତତ୍ତ୍ୱ ଏବଂ ସମକାଳୀନ ଆହ୍ୱାନ' ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ଦୁର୍ଗାମାଧବ ପ୍ରହରାଜ ଯୋଗଦେଇ ଭାରତୀୟ ଚତୁଃବର୍ଗ ପୁରୁଷାର୍ଥର ଆଧୁନିକ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଗଙ୍ଗାଧର ବିଶ୍ୱବିଦ୍ୟାଳୟର ପ୍ରଫେସର ଶୁଭଙ୍କରୀ ପତି ଯୋଗଦେଇ ଭାରତୀୟ ଦର୍ଶନରେ ମହାତ୍ମା ଗାନ୍ଧୀଙ୍କ ଅହିଂସାବାଦର ଗୁରୁତ୍ୱ ଏବଂ ସାମ୍ପ୍ରତିକ କାଳଖଣ୍ଡରେ ତାହାର ଅବମୂଲ୍ୟାୟନ ଉପରେ ଆଲୋଚନା କରି ଉଦବେଗ ପ୍ରକାଶ କରିଥିଲେ।ଜାତୀୟସମ୍ମାନର ଆବାହକ ତଥା ଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ମହମ୍ମଦ ଜାଭେଦ ଅତିଥି ପରିଚୟ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡ. ପାୟଲି ପରିଡ଼ା ଜାତୀୟ ସମ୍ମାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଇକ୍ୟୁଏସିର ନିର୍ଦ୍ଦେଶକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଗତ ଗୋଟିଏ ଶତାବ୍ଦୀ ମଧ୍ୟରେ ମୂଲ୍ୟବୋଧର ହ୍ରାସ ଯୋଗୁଁ ହୋଇଥିବା ଗଣହତ୍ୟା ଓ ତାର ଉତ୍ତରାବସ୍ଥା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଉତ୍ସବକୁ ସାଙ୍ଗଠାନିକ ସମ୍ପାଦକ ଡଃ ପ୍ରଶାନ୍ତ ପ୍ରଧାନ ସଂଯୋଜନା କରିଥିବାବେଳେ ଅଧ୍ୟାପକ ସଚିନ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିଦିବସୀୟ ସମ୍ମାନରେ ରାଜ୍ୟ ତଥା ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରଫେସରମାନେ ଯୋଗ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀମାନେ ସମ୍ମାନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ୪୧ଟି ଗବେଷଣା ପ୍ରସ୍ତୁତ କରିଥିଲେ। ଦର୍ଶନ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଗୋଲକ ବିହାରୀ ଦାସ, ଅଧ୍ୟାପକ ପ୍ରଳୟଜିତ ଦାଶ ତଥା ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ପର୍କିତ ସଭା

**ସମ୍ବଲପୁର, ୨୬।୩(ସମିସ):** ସଶକ୍ତ ଶିଶୁ ଗଠନ ସମୟ ପାଇଁ ବଡ଼ ଆହ୍ୱାନ। ଏହାର ପରିଚାଳନା ଓ କାର୍ଯ୍ୟକ୍ଷେତ୍ରରେ ସାକାର କରିବାକୁ ବିଭିନ୍ନ ବିଭାଗର କାର୍ଯ୍ୟ ଦକ୍ଷତା ଓ ସମ୍ମନ୍ୱୟ ଏକ ବଡ଼ ମାପଦଣ୍ଡ ବୋଲି ସମ୍ବଲପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଆଲୋଚନା କରି ଶିଶୁ ପ୍ରତି ଅବହେଳା ନୁହେଁ ବରଂ ଯତ୍ନ ଅପରିହାର୍ଯ୍ୟ ବୋଲି କହିଥିଲେ। ଜମନକିରା ସାମ୍ବାଦିକ ଭବନ ଠାରେ ସମ୍ବଲପୁର ସମନ୍ବିତ ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ପର୍କିତ ବ୍ଲକ ସ୍ତରୀୟ ସରଭାଇବର ନେଟୱର୍କ ସଭାରେ ସେ ଏହା କହିଛନ୍ତି।ଏଥିରେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠି, ସିଡିପିଓ ମମତା ପଟେଲ, ମିଶନଶକ୍ତି ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର, ଶିକ୍ଷକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ଆଇସିଡ଼ିଏସ ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସିଆରପି, କମ୍ୟୁନିଟି ଲିଡର୍ସ, ସାମ୍ବାଦିକ, ବରିଷ୍ଠ ନାଗରୀକ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଏଥିରେ ସିଡ଼ି ଅନୁଷ୍ଠାନର ଆକସେସଟୁ ଜଷ୍ଟିସ ପ୍ରକଳ୍ପର ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ସଭାରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ, ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଶ୍ରମିକ ସମ୍ବନ୍ଧୀୟ ନିୟମ କାନୁନ, ରିପୋର୍ଟିଂ କୌଶଳ ଓ ବିଭିନ୍ନ ଶିଶୁ ସୁରକ୍ଷା ଅନୁଷ୍ଠାନ ଗୁଡିକ ଗାଁ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ କିଭଳି କାର୍ଯ୍ୟ କରିଥାଏ ସେ ସମ୍ପର୍କ ରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ।ସଭାରେ ନିର୍ଯାତନା ର ଶିକାର ହେଉଥିବା ପୀଡିତ ଶିଶୁ ମାନଙ୍କୁ କିପରି ଚିହ୍ନଟ କରି ସେମାନଙ୍କୁ ଯଥାର୍ଥ ତଦାରଖ କରି ଆଗକୁ ବଢ଼ିବାରେ ସହାୟତା କରିବା, ମାନସିକ ଓ ଶାରୀରିକ ସହଯୋଗ କରିବା ଏବଂ ଏକ ନେତା ଭାବରେ ଗଠନ କରି ଭବିଷ୍ୟତରେ ସେମାନେ ଯେପରି ଏହିଭଳି ପରିସ୍ଥିତି ରେ ଜଡିତ ଥିବା ପିଲାମାନଙ୍କୁ ସାହାଯ୍ୟ କରିପାରିବେ ସେ ବିଷୟରେ ବିଡ଼ିଓ, ସିଡିପିଓ ପ୍ରମୁଖ ଅତିଥି ଆଲୋଚନା କରିଥିଲେ।ଏହାକୁ ସଞ୍ଜୟ ଧୁରୁଆ, କମଳ ଭୋଇ, ଶୁଭମ ପ୍ରଧାନ, ସମୀର ମହାମଲିକ, ବିଜୟ ଦେହୁରୀ ସହଯୋଗ କରିଥିଲେ। ଶେଷରେ ସିଡି ଅନୁଷ୍ଠାନ ସଂଯୋଜକ ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରି ସଶକ୍ତ ଶିଶୁ ଗଠନ ପାଇଁ ଶପଥ ପାଠ କରାଇଥିଲେ।



# ଜିଏମ୍‌ୟୁ ଗଣିତ ବିଭାଗରେ ଆଲୋଚନାଚକ୍ର



**ସମ୍ବଲପୁର, ୨୬।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗରେ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ସମସ୍ତ ଛାତ୍ରଛାତ୍ରୀଙ୍କ ଅଗ୍ରଗତି ପଥ ଓ ମାନସିକ ସ୍ତର ସୁଦୃଢ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହ ସଂଯୋଜକ ଲକ୍ଷ୍ମୀ ମାଟି ଆରମ୍ଭ କରିଥିଲେ। ସମାବେଶକୁ ସମ୍ବୋଧନ ଡ. ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ କରିଥିବା ବେଳେ ପରିଚୟ ଡ. ଆଶ୍ରିତା ପାତ୍ର ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସେଣ୍ଟ୍ରାଲ ଫ୍ଲୋରିଡା ଅଫ ୟୁନିଭର୍ସିଟିର ପ୍ରଫେସର ରାମ ନାରାୟଣ ମହାପାତ୍ର, ଆଇଆଇଟି ଦିଲ୍ଲୀର ପ୍ରଫେସର ଭବାନୀ ଶଙ୍କର ପଣ୍ଡା, ଆଇଆଇଟି ଗୌହାଟୀର ପ୍ରଫେସର ସ୍ୱରୂପ ନନ୍ଦନ ବୋରା, ଆଇଆଇଇଏସଟି ଶିବପୁରର ପ୍ରଫେସର ସାନ୍ତନୁ ସାହା ଓ ଆଇଆଇଟି ମାଡ୍ରାସର ପ୍ରଫେସର ଆରୟ କୁମାର ଦେବବ୍ରତ ଚାନ୍ଦ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ଉପକୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ।

# ଦୁର୍ଘଟଣାର ହଟସ୍ପଟ ପାଲିଟିଛି ଜାତୀୟ ରାଜପଥ : ସଞ୍ଜିତ

**ସମ୍ବଲପୁର, ୨୬।୩ (ସମିସ) :** ସମ୍ବଲପୁର ସହର ମଧ୍ୟରେ ଚାଲିଥିବା ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଓ ତାହାର ପରିଣତିରେ ବଢୁଥିବା ସଡ଼କ ଦୁର୍ଘଟଣା ଜନିତ ଅପମୃତ୍ୟୁକୁ ନେଇ ଆଜି ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସମ୍ବଲପୁର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍‌ର ନିର୍ଦ୍ଦେଶକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସମ୍ବଲପୁର ସିଟି ଷ୍ଟେସନରୁ ରେମେଡ ଛକ ପର୍ଯ୍ୟନ୍ତ ଚାଲିଥିବା ଏନ୍‌ଏଚ୍ ରାସ୍ତା କାର୍ଯ୍ୟଦ୍ୱାରା ଘଟୁଥିବା ବାରମ୍ବାର ଦୁର୍ଘଟଣା ବିଷୟକୁ ଉପସ୍ଥାପନ କରିବାସହ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ରାସ୍ତା କାମକୁ ଶୀଘ୍ର ସମାପ୍ତ କରିବା ପାଇଁ ଦାବି କରାଯାଇଛି। ଏହାସହିତ ସମ୍ବଲପୁର ସିଟି ଷ୍ଟେସନ ସମ୍ମୁଖ ଜାତୀୟ ରାଜପଥରେ ଦୁର୍ଘଟଣା ରୋକିବାପାଇଁ ଅତ୍ୟାବଶ୍ୟକ ଭାବେ ହମ୍ପସ ବ୍ୟବସ୍ଥା କରିବା ପାଇଁ କୁହାଯାଇଛି। ରେଳ ଓଭରବ୍ରିଜ ପାଇଁ ସିଟି ଷ୍ଟେସନ୍‌ରୁ ଅଇଁଠାପାଲି ପର୍ଯ୍ୟନ୍ତ ୱାନ୍-ୱେ ହୋଇଥିବା ରାସ୍ତା, ଓଭରବ୍ରିଜ ପାଇଁ ପାଞ୍ଚଗଛିଆ ଛକ ପର୍ଯ୍ୟନ୍ତ ବିଳମ୍ବିତ ହେଉଥିବା ନିର୍ମାଣ କାର୍ଯ୍ୟ ଦୁର୍ଘଟଣାର ମୁଖ୍ୟ କାରଣ ହୋଇଛି। ସହର ମଧ ଦେଇ ଯାଇଥିବା ଜାତୀୟ ରାଜପଥର ସର୍ଭିସ ରୋଡରେ ନିୟମିତ ଭାବେ ଗାଡ଼ି ପାର୍କିଂ କରାଯାଉଥିବାରୁ ଯାତାୟାତ ବ୍ୟବସ୍ଥା ଅସୁବିଧାରେ ପଡୁଥିବା ଓ ଦୁର୍ଘଟଣା ସମ୍ଭାବନା ବଢୁଥିବା ବିଷୟ ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଦିନ ଦୁର୍ଘଟଣାରେ ଛାତ୍ରଛାତ୍ରୀ, ମହିଳା, ବାଇକ୍ ଆରୋହୀ ଆଦି ଅନେକ ନିରୀହଙ୍କ ଜୀବନ ଯାଇଛି। ଟ୍ରାଫିକ ବ୍ୟବସ୍ଥାରେ ଅବହେଳା ଦୁର୍ଘଟଣାକୁ ବଢ଼ାଉଥିବାରୁ ଜିଲ୍ଲା ପ୍ରଶାସନ ମଧ ଠୋସ ପଦକ୍ଷେପ ନେଉ ବୋଲି ଦାବୀ କରାଯାଇଛି। ରାସ୍ତାରେ ଆବଶ୍ୟକୀୟ ଟ୍ରାଫିକ ସାଇନବୋର୍ଡ ସ୍ଥାପନ, ଉପଯୁକ୍ତ ସ୍ଥାନ ଓ ବିଭିନ୍ନ ଛକରେ ହମ୍ପସ ବ୍ୟବସ୍ଥା କରିବାକୁ ମଧ ଜୋର ଦେଇଥିଲେ। ଏହାସହିତ ରାସ୍ତା ନିର୍ମାଣ କାମରେ ବ୍ୟବହୃତ ପାଉଁଶ ଦ୍ୱାରା ସୃଷ୍ଟି ପ୍ରଦୂଷଣକୁ ନିୟନ୍ତ୍ରଣ କରିବାପାଇଁ ନିୟମିତ ଭାବେ ଜଳସିଞ୍ଚନ ବ୍ୟବସ୍ଥା କରିବାକୁ ମଧ ପ୍ରସ୍ତାବ ଦିଆଯାଇଥିଲା।



ପ୍ରତିନିଧି ଦଳରେ ରାଜ୍ୟ ପରିଷଦ ସଦସ୍ୟ ଗୋକୁଳ ମେହେର, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ମିଲନ ହୋତା, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପଟେଲ, ଛାତ୍ର ବିଜେଡି ଜୋନ ବିଜେଡି ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧୀରେନ୍ ଦେବତା, ଛାତ୍ର ବିଜେଡି କ୍ୟାମ୍ପସ ସଭାପତି ଆର୍ଯ୍ୟନ ବହିଦାର, ଛାତ୍ର ନେତା ଶିବୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି

**ସମ୍ବଲପୁର, ୨୬।୩ (ସମିସ) :** ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲ୍ଲୁ ଏହି ଦିବସ ପାଳନ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ଚଳିତବର୍ଷ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ଠାରେ ପାଳନ କରାଯିବ। ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରୁ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆଲୋକମାଳାରେ ସଜ୍ଜିତ କରିବାକୁ ମଧ ନିଷ୍ପତ୍ତି ନିଆଯାଇଛି। ପୂର୍ବାହ୍ଣ ୧୦ଟା ସମୟରେ ତପସ୍ୱିନୀ ସମ୍ମିଳନୀ କକ୍ଷରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳଯୋଗାଣ, ଅଗ୍ନିଶମ ସେବା ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଆଦି ବିଭିନ୍ନ କାର୍ଯ୍ୟ ସମ୍ପୃକ୍ତ ବିଭାଗ ମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



# ବିନା ଡାକ୍ତରରେ ଚାଲିଛି ପଡ଼ିଆବାହାଲ ଆରୋଗ୍ୟ ମନ୍ଦିର

**ସମ୍ବଲପୁର, ୨୬।୩(ସମିସ)**

ପଡ଼ିଆବାହାଲ ଆରୋଗ୍ୟ ମନ୍ଦିରରେ ଗତ ୨ ମାସ ହେଲା ଡାକ୍ତର ନାହାନ୍ତି। ଏଥିପାଇଁ ସ୍ଥାନୀୟ ବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଜେପିର ଏକ ପ୍ରତିନିଧି ଦଳ ଗୁରୁବାର ଦିନ ଜିଲ୍ଲାପାଳ

## ଡାକ୍ତର ନିଯୁକ୍ତି ନେଇ ଜିଲ୍ଲାପାଳଙ୍କୁ ଦାବି

ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କ ଭେଟି ଦାବି କରିଛନ୍ତି। ଅଭିଯୋଗ କରିଛନ୍ତି, ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଯିବାପରେ ଫାର୍ମାସିଷ୍ଟକୁ ନେଇ ଚାଲିଛି ଡାକ୍ତରଖାନା। ଫଳରେ ଦିନକୁ ଦିନ ରୋଗୀ ସମସ୍ୟା ଲାଗିରହିଛି।ଏହି ଡାକ୍ତରଖାନା ଉପରେ ଅଞ୍ଚଳର ପ୍ରାୟ ୧୧ଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଦୈନିକ ପ୍ରାୟ ୧୦୦ରୁ ଅଧିକ ରୋଗୀ ଏଠାକୁ ଆସିଥାନ୍ତି। ପୁଣି ଜଣେ ଏଏନଏମଙ୍କ ପଦୋନ୍ନତି ପରେ ଗତ ୨ ବର୍ଷ ହେଲା ଏଠାରେ ଡିପି ପଏଣ୍ଟ ବନ୍ଦ ହୋଇଯାଇଛି। ଫଳରେ ଗର୍ଭବତୀଙ୍କୁ ସମ୍ବଲପୁର ଡାକ୍ତରଖାନା କିମ୍ବା ବେସରକାରୀ ଡାକ୍ତରଖାନା ଉପରେ ଭରସା କରିବାକୁ ପଡୁଛି। ଏହା ୫୩ ନମ୍ବର ଜାତୀୟ ରାଜପଥ ଉପରେ ଥିବାରୁ ବହୁ ସମୟରେ ଘଟଣା ଦୁର୍ଘଟଣା ହେତୁ ଡାକ୍ତରଖାନାର ଗୁରୁତ୍ୱ ଯଥେଷ୍ଟ ରହୁଛି।ଏଠାରେ ୨୪ ଘଣ୍ଟିଆ ସେବା ପ୍ରଦାନର ଆବଶ୍ୟକତା ଅନୁଭବ କରାଯିବା ସହିତ ୨୪ ଘଣ୍ଟିଆ ଆମ୍ବୁଲାନ୍ସ ସୁବିଧା ରହିବା କଥା। ଏଠାରେ ଏକ ଆମ୍ବୁଲାନ୍ସ ରହୁଥିଲା। କିନ୍ତୁ ବର୍ତ୍ତମାନ ନଥିବାରୁ ରୋଗୀଙ୍କୁ ଅପେକ୍ଷା କରିବା ଫଳରେ ରାସ୍ତାରେ ଯିବା ସମୟରେ ପ୍ରାଣ ଚାଲିଯାଉଥିବା ଅନେକ ନଜିର ରହିଛି। ବର୍ତ୍ତମାନ ଡାକ୍ତର ନଥିବାରୁ ଲୋକେ ନିରାଶ ହୋଇ ଫେରୁଥିବା ଯୋଗୁଁ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ପଡ଼ିଆବାହାଲ ଠାରେ ଡାକ୍ତର ନିଯୁକ୍ତି ସହିତ ଅନ୍ୟାନ୍ୟ ଆନୁସାଙ୍ଗିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲପାଳ ଖୁବ ଶୀଘ୍ର ଡାକ୍ତର ପଦବୀ ପୂରଣ ସହିତ ଅନ୍ୟାନ୍ୟ ଦାବୀ ଗୁଡ଼ିକ ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ଦେବା ସମୟରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତଥା ବାହାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ମିତ୍ରଭାନୁ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ପଡ଼ିଆବାହାଲ ମଣ୍ଡଳ ସଭାପତି ଆକାଶ ମିଶ୍ର, ଅଶୋକ ରାଏ, ପ୍ରକାଶ ବଢ଼େଇ, ପିଙ୍କୁ ସାହୁ, ଚିଙ୍କୁ ପ୍ରଧାନ, ସୁନନ୍ଦା ପ୍ରଧାନ, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ THE SAKALA



# ଦୁଷ୍କର୍ମ ଘଟଣାରେ ରଙ୍ଗିଲା ବାବାକୁ ୨୦ବର୍ଷ ଜେଲ

**ରେଢ଼ାଖୋଲ, ୨୬ ।୩(ସମିସ):** ଜଣେ ରଙ୍ଗିଲା ବାବା ଜଣେ ନିରୀହ ଯୁବତୀଙ୍କୁ ଅଚେତ କରି ଅଚେତ ଅବସ୍ଥାରେ ଦୁଷ୍କର୍ମ କରିଥିବା ଅଭିଯୋଗ ଘଟଣାରେ ରେଢ଼ାଖୋଲ ଏଡିଜେକୋର୍ଟ ଜଜ ପାର୍ଥସାରଥୀ ପଟ୍ଟନାୟକ ଅଭିଯୁକ୍ତ ବାବା ପ୍ରଫୁଲ୍ଲ ମହଲଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କେସକୁ ଆଡିସନାଲ ପିପି ସଂଯୁକ୍ତା କୈସ୍ୱବ ଏବଂ



ସ୍ପେସିଆଲ ପିପି ତୁଷାରକାନ୍ତ କର ପରିଚାଳନା କରିଥିଲେ। ପ୍ରକାଶ ଥାଉକି ଏଭଳି ଏକ ଜଘନ୍ୟ ଘଟଣା ଘଟିଥିଲା, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତସ୍ଥିତ ବୈଷ୍ଣବଝୁଲି ଗ୍ରାମରେ ରହିଥିବା ଏକ ମଠରେ ବାବା ପ୍ରଫୁଲ୍ଲ ମହଲା(୫୩) ରହି ଆସୁଥିଲେ। ଗତ ୫ ତାରିଖ ଡିସେମ୍ବର ମାସ ୨୦୨୪ ମସିହାରେ ଚାରମାଳ ଥାନା ଅଞ୍ଚଳର ଜଣେ ଯୁବତୀ ବାବାଙ୍କ ପାଖକୁ କୌଣସି ପୂଜାପାଠ କାର୍ଯ୍ୟ ପାଇଁ ଆସିଥିଲେ। ମଠ ପରିସରରେ କେହି ନ ଥିବା ସୁଯୋଗ ନେଇ ନିରୀହ ଯୁବତୀ ଜଣଙ୍କୁ ରଙ୍ଗିଲା ପ୍ରଫୁଲ୍ଲ ବାବା କୌଣସି ଏକ ଔଷଧ ଖାଇବା ପାଇଁ ଦେଇଥିଲେ। ଯୁବତୀ ଜଣଙ୍କ ଔଷଧ ଖାଇବା ପରେ ଅଚେତ ହୋଇ ଯାଇଥିଲେ।ଅଚେତ୍ ଅବସ୍ଥାରେ ଯୁବତୀକୁ ଦୁଷ୍କର୍ମ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ରକ୍ତସ୍ରାବ ଦେଖି ଦୁଷ୍କର୍ମ ହୋଇଥିବା ଜାଣିପାରିଥିଲା। ଯୁବତୀ ଜଣଙ୍କ ଏକ ଅଟୋ କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ପହଞ୍ଚି ଚିକିତ୍ସାଳୟ ଗେଟ୍ ପାଖରେ ପୁଣି ସଜ୍ଞାହିନ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ନେଇ ଚିକିତ୍ସାଳୟରେ ଚିକିତ୍ସିତ କରିଥିଲେ।ଯୁବତୀ ଜଣଙ୍କ ଚିକିତ୍ସିତ ଅବସ୍ଥାରେ ରହି ଡାକ୍ତରୀ ମାଇନା କରାଯାଇଥିଲା।ରେଢ଼ାଖୋଲ ପୁଲିସ ଜାଣିବା ପରେ ତତ୍କାଳୀନ ଥାନା ଅଧିକାରୀ ସବିତାଲତା ସେଠୀ ଏବଂ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପୀଡିତା ଯୁବତୀଙ୍କ ପାଖରେ ପହଞ୍ଚି ପଚରାଉଚରା ପରେ ଅଭିଯୋଗକ୍ରମେ ଉକ୍ତ ବାବାକୁ ଗିରଫ କରି ଥାନା କେସ ନଂ ୨୮୬/୨୪ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ରଙ୍ଗିଲା ବାବାକୁ କୋର୍ଟ ଚାଲାଣ କରାଯାଇଥିଲା।

# ରାମନବମୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ







**ବରଗଡ଼, ୨୬।୩(ସମିସ)**

ରାମନବମୀ ଅବ୍ୟବହିତ ପୂର୍ବରୁ ବରଗଡ଼ ଟାଉନ ଥାନା ପୁଲିସ, ପାଇକମାଳ ପୁଲିସ ତଥା ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଗୁରୁବାର ଫ୍ଲାଗମାର୍ଚ୍ଚ କରାଯାଇଛି। ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ, ଏସଡିପିଓ ପଦାରବିନ୍ଦ ତ୍ରିପାଠୀ, ବରଗଡ଼ ଟାଉନ ଥାନା ଅଧିକାରୀ ଚିତ୍ତରଞ୍ଜନ ମେହେର, ପାଇକମାଳ ଥାନା ଅଧିକାରୀ କୈଳାସ ପ୍ରଧାନ, ବରଗଡ଼ ସଦର ଥାନା ଅଧିକାରୀ ପ୍ରଣୟ ମୁର୍ମୁ, ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ନେତୃତ୍ୱରେ ପୁଲିସ ଏହି ଫ୍ଲାଗମାର୍ଚ୍ଚ କରିଥିଲେ। ବରଗଡ଼ ଟାଉନ ଥାନାରୁ ବାହାରି ହାଟପଦା, କଟକିଆ ପଡ଼ା, କାଳି ମନ୍ଦିର ଛକ, ପ୍ରାଇଭେଟ୍ ବସଷ୍ଟାଣ୍ଡ, ତୋରା, ନାଗେନ୍ ପାଳି ଛକ, ହଳଦି ପାଳି ଛକ, ଅମ୍ବାପାଳି ଛକ, ପାଇକମାଳ ମୁଖ୍ୟ ଛକରୁ ଆରମ୍ଭ ହୋଇ କୋକନରା ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପୁଲିସ ପକ୍ଷରୁ ଅଞ୍ଚଳବାସୀଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ସହିତ ପର୍ବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ସଚେତନ କରାଯାଇଥିଲା।

**ଭେଡେନ:** ଭେଡେନ ପୁଲିସ ପ୍ରଶାସନ ତରଫରୁ ଅଞ୍ଚଳରେ ଶାନ୍ତି ଶୃଙ୍ଖଳାରେ ରାମ ନବମୀ ପାଳନ କରିବାକୁ ନେଇ ଭେଡେନ ଥାନା ଅଧିକାରୀ ଅରୂପ ବରାଇକଙ୍କ ତତ୍ତ୍ୱବଧାନରେ ପୁଲିସ ଟିମ ଭେଡେନରେ ଫ୍ଲାଗ୍‌ମାର୍ଚ୍ଚ କରିଛି। ଏଥିରେ ଭେଡେନ ଏସଆଇ ଦୀପକ ସାହୁ, ଏସଆଇ ପ୍ରଫୁଲ୍ଲ ପାଣିଗ୍ରାହୀ, ଏସଆଇ ଏମଡି. ଇୟାଜଙ୍କ ସମେତ ପୁଲିସ ଟିମ ସାମିଲ ହୋଇଥିଲେ।

**ପଦ୍ମପୁର:** ପଦ୍ମପୁର ସହରରେ ପଦ୍ମପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଫ୍ଲାଗ୍‌ମାର୍ଚ୍ଚରେ ଆଇଆଇସି ପଦ୍ମପୁର କ୍ରେସେନ୍ସିଆ ସାମାରିଆ, ଆଇଆଇସି ବୁଡେନ ସୁରେନ୍ଦ୍ର ଛତ୍ରିଆ ଏବଂ ଆଇଆଇସି ଜଗଦଳପୁର ଦୀପ୍ତିରଞ୍ଜନ ଦୀଗାଲ ଏବଂ ଅନ୍ୟାନ୍ୟ ପୁଲିସ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ରାମ ନବମୀ ପୂର୍ବ ସନ୍ଧ୍ୟାରେ ଆଇନ ଓ ଶୃଙ୍ଖଳା ରକ୍ଷା ପାଇଁ ପ୍ରତିରୋଧାତ୍ମକ ବ୍ୟବସ୍ଥା ଭାବେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ନାଗରିକମାନେ ଭୁଲ ଖବରକୁ ବିଶ୍ୱାସ ନ କରନ୍ତୁ ଏବଂ ସାମ୍ପ୍ରଦାୟିକ ସଦ୍ଭାବନା ବଜାୟ ରଖିବାକୁ କୌଣସି ଉତ୍ତେଜନାମୂଳକ କାର୍ଯ୍ୟ କିମ୍ବା ଭାଷଣରୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଥିଲା।

# ବଜରଙ୍ଗ ଦଳ ପକ୍ଷରୁ ଡଭା-ଝାରବନ୍ଧରେ ବାଇକ୍ ଶୋଭାଯାତ୍ରା

**ଝାରବନ୍ଧ, ୨୬।୩(ସମିସ):** ବଜରଙ୍ଗ ଦଳ ଡଭା ଝାରବନ୍ଧ ତରଫରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଆୟୋଜିତ ହୋଇଛି। ଶୋଭାଯାତ୍ରା ଡଭା ବଜାରରୁ ଆରମ୍ଭ ହୋଇ



ରାଜେନ୍ଦ୍ରପୁର, ନିତ୍ୟାନନ୍ଦପୁର ଦେଇ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଳାସପୁର, ଇସ୍କିନ୍ଧା ଓ ଗୋଠୁଗୁଡା ହନୁମାନ ମନ୍ଦିରରେ ମଧ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଯାତ୍ରା ଝାରବନ୍ଧ ପେଟ୍ରୋଲ ପମ୍ପରେ ପହଞ୍ଚିବା ପରେ ପଦଯାତ୍ରା ଆରମ୍ଭ ହୋଇ ଚାନ୍ଦିନୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଚାଲିଥିଲା। ସେଠାରେ ହନୁମାନ ମନ୍ଦିରରେ ସମସ୍ତ ଭକ୍ତମାନେ ଏକତ୍ରିତ ହୋଇ ସାମୂହିକ ଭାବେ ହନୁମାନ ଚାଳିଶା ପାଠ କରିଥିଲେ। ଏହା ସହିତ ସମସ୍ତଙ୍କ ପାଇଁ ଭୋଗ ଓ ଅନ୍ନଛତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁରର ଚିନ୍ମୟ ପଣ୍ଡା, ସଭାପତି ଶେଷକାନ୍ତ ସାହୁ, ସମ୍ପାଦକ ମୁକେଶ ନାୟକ, ଝାରବନ୍ଧ ବିଜେପି ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ, ସନ୍ତୋଷ ବେହେରା, ବସନ୍ତ ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜୟନିଗମ, ରାମକୃଷ୍ଣ ପ୍ରଧାନ, ସତ୍ୟାନନ୍ଦ ପ୍ରଧାନ, ବିକାଶ ଅଗ୍ରୱାଲ, ଜିତେନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ବବଲୁ ଭୋଇ, ସ୍ପୋର୍ଟିଙ୍ଗ କ୍ଲବ୍ ସଭାପତିରାକେଶ ଅଗ୍ରୱାଲ ସହ ଅନେକ ସଦସ୍ୟ ସାମିଲ ହୋଇଥିଲେ।

## ■ କଂକ୍ରିଟ ରାସ୍ତା ନିର୍ମାଣ ନିମ୍ନମାନର

# କାମ ବନ୍ଦ କଲେ ମହଦା ଗ୍ରାମବାସୀ

**କୁଚିଣ୍ଡା, ୨୬ ।୩(ସମିସ):** ଜମନକିରା ବ୍ଲକ ଅନ୍ତର୍ଗତ ମହଦାପଞ୍ଚାୟତ ପଞ୍ଚାୟତ ସମିତି ଅଧିନରେ ଥିବା ମହଦା କଲ୍ୟାଣ ମଣ୍ଡପ ଠାରୁ ପିଡବୁ ରାସ୍ତା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫/୨୬ରେ ଅଟକଳ ପରିମାଣ୨, ୨୦, ୦୦୦ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ



ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଛି। ସିମେଣ୍ଟ ଅଧିକ ବଦଳରେ ବାଲି ଅଧିକ ଦେଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି। କାର୍ଯ୍ୟକୁ ବିରୋଧ କରିଛନ୍ତି ଗ୍ରାମବାସୀ।ଅନ୍ୟପକ୍ଷେ କଂକ୍ରିଟ ରାସ୍ତାନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବା ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ କେହି ଅଧିକାରୀ ଉପସ୍ଥିତ ରହୁନଥିବାରୁ ସ୍ଥାନୀୟ ସମିତି ସଭ୍ୟ ଠିକାଦାର ନିଜ ମନମୁତାବକ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତିନି ଦିନ ହେବେ କାର୍ଯ୍ୟ ଚାଲୁ ରହିଥିବା ବେଳେ ସମ୍ପୃକ୍ତ ଠିକାଦାର ଗ୍ରାମବାସୀଙ୍କ କଥାକୁ ଗୁରୁତ୍ୱ ଦେଉନାହିଁ। ଯାହାଫଳରେ ଗ୍ରାମବାସୀ ଗୁରୁବାରଦିନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଧିକାରୀ ନିକଟକୁ ଫୋନ୍ ମାଧ୍ୟମରେ ଆପଣଙ୍କ ବିନା ଉପସ୍ଥିତିରେ କେମିତି କଂକ୍ରିଟ ରାସ୍ତା ନିର୍ମାଣ ଚାଲିଛି, ବିଭାଗୀୟ ଅଧିକାରୀ କହିଲେ ମୁଁ ଜାଣି ନାହିଁ ଏବଂ ଛୁଟି ରେ ଅଛି। ମହଦାଗ୍ରାମବାସୀ ଏହାକୁ ଦୃଢ଼ ବିରୋଧ କରି କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି। ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ନରହିଲେ କାମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ସରକାର ଆଦିବାସୀ ଗ୍ରାମାଞ୍ଚଳର ରାସ୍ତାର ଉନ୍ନତିକରଣ ଲାଗି କୋଟି କୋଟି ଟଙ୍କା ବ୍ୟୟ ବରାଦ କରି କଂକ୍ରିଟ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ସଠିକ୍ କାମ ବଦଳରେ ନିମ୍ନମାନର କାମ କରାଯାଉଛି।କିଛି ଅସାଧୁ ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଗ୍ରାମାଞ୍ଚଳର ଉନ୍ନତିକରଣରେ ବାଧା ସୃଷ୍ଟି କରୁଛନ୍ତି। ମହଦା ପଞ୍ଚାୟତବାସୀ ହେଉଥିବା ନିମ୍ନମାନର କାମ ଗୁଡ଼ିକୁ ତଦନ୍ତ କରାଯାଇ ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି।

# ବୁର୍ଲାରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ସମ୍ବଲପୁର, ୨୬।୩(ସମିସ):** ଶ୍ରୀରାମ ନବମୀ ପାଇଁ ପୁଲିସ୍ ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ବୁର୍ଲାରେ ମଧ୍ୟ ଫ୍ଲାଗମାର୍ଚ୍ଚ ହୋଇଥିଲା। ବୁର୍ଲା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିଆର ସିଂଙ୍କ ନେତୃତ୍ୱରେ ପୁଲିସ୍ ବୁଲି ବଳ ପ୍ରଦର୍ଶନ କରିଛନ୍ତି। ଥାନା ସମ୍ମୁଖରୁ ଏହି ଫ୍ଲାଗମାର୍ଚ୍ଚ ବାହାରି ମହତାବ ନଗର, ୱାନଆର କଲୋନୀ, ପୁରୁଣା ପେଟ୍ରୋଲ ପମ୍ପ ଛକ ଓ ସହରର ପ୍ରମୁଖ ସହର ବୁଲିଥିଲା। ଶ୍ରୀ ସିଂ ଶାନ୍ତି ଶୃଙ୍ଖଳାର ସହ ପର୍ବ ପାଳନ କରିବା ଓ ପୁଲିସ ପ୍ରଶାସନକୁ ଆଇନ ଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିବାରେ ସହରବାସୀଙ୍କୁ ନିବେଦନ କରାଯାଇଛି।

# ହୀରାକୁଦ ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ

**ହୀରାକୁଦ, ୨୬।୩ (ସମିସ) :** ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅଭିଭାବକ ଶୁଭେନ୍ଦୁ ପଣ୍ଡା ଯୋଗଦେଇ ପ୍ରଭୁ ରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଗୁରୁଜୀ ବିଶ୍ୱନାଥ ମିଶ୍ର ରାମ ନାମର ମହତ୍ତ୍ୱ ଓ ତାଙ୍କ ତ୍ୟାଗର ଗୁଣଗାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ଅତିଥି ପରିଚୟ ପ୍ରଦାନ ସହ ଶ୍ରୀରାମ ନବମୀ ଦିବସର ବିଶେଷତ୍ୱ ବିଷୟରେ କହିଥିଲେ। ଗୁରୁମା ସୁଧାଂଶୁବାଳା ବିଶ୍ୱାଳ, ପ୍ରୀତି ପ୍ରିୟଦର୍ଶିନୀ ମିଶ୍ର ବୌଦ୍ଧିକ ପରିଚାଳନା କରିଥିଲେ। ଶେଷରେ ଗୁରୁଜୀ ଅଭୟ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ଗୁରୁଜୀ ବୈକୁଣ୍ଠ ନାଗ ଓ ଅନ୍ୟ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ଗୁଡ଼େଶିରାରେ ବାସନ୍ତିକ ଲୋକ ମହୋତ୍ସବ ଉଦ୍‌ଘାଟିତ

**ବରଗଡ଼, ୨୬।୩(ସମିସ):** ଗୁଡେଶିରା ଗାଁରେ ବାସନ୍ତିକ ଲୋକ ମହୋତ୍ସବ-୨୦୨୬ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ଶୁଭାରମ୍ଭ ସମାରୋହରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି. ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥି ଭାବେ ଏବଂ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକକଳା ଓ ଲୋକ ମହୋତ୍ସବର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ଏବଂ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି କିଶୋର ଦାଶ ମଞ୍ଚାସୀନ ଥିଲେ। କ୍ରୀଡାବିତ୍ ତଥା ବରିଷ୍ଠ ଆଇନଜୀବୀ ହର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସହଯୋଗ କରାଯାଇଛି।

# ଗୁଡ଼େଶିରା ସମଲେଶ୍ୱରୀ ପୀଠରେ ଶାରଦୀୟ ନବରାତ୍ର

**ବରଗଡ଼, ୨୬।୩(ସମିସ):** ଗୁଡେଶିରାସ୍ଥିତ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ଅତ୍ୟନ୍ତ ନିଷ୍ଠାର ସହ ପାଳିତ ହେଉଛି। ଆଜି ପବିତ୍ର ଅଷ୍ଟମୀ ଓ ନବମୀ ପୂଜା ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଏବଂ ଆଧ୍ୟାପିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ମା'ଙ୍କୁ ଦର୍ଶନ କରିବା ପାଇଁ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା। ବାସନ୍ତିକ ନବରାତ୍ରିର ଏହି ପବିତ୍ର ଅବସରରେ ଶୁକ୍ରବାର ଦିନ ଦଶମୀ ତିଥିରେ ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯିବ। ପୂଜା କମିଟି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ୫୬ ଭୋଗର ବ୍ୟବସ୍ଥା କରାଯାଇଛି। ମା'ଙ୍କ ନିକଟରେ ଲାଗି ହେବାକୁ ଥିବା ଏହି ପ୍ରସାଦ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରା ଯାଇଥିଲା।

# ଭେଡେନ ଥାନାରେ ନୂତନ ଥାନାଧିକାରୀ ଭାବେ ଅରୂପରଞ୍ଜନ ବରାଇକଙ୍କ ଯୋଗଦାନ

**ଭେଡେନ, ୨୬।୩(ସମିସ):** ଭେଡେନ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଅରୁପରଞ୍ଜନ ବରାଇକ ଯୋଗଦାନ କରିଛନ୍ତି। ସେ ଆଗରୁ ରକ୍ଷୁଡା ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏହି ଅବସରରେ ଭେଡେନ ଥାନାର କର୍ମଚାରୀ ମାନେ ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭେଡେନ ଥାନା ଅଧିକାରୀ ଭାବେ ଥିବା ଶଶୀଭୂଷଣ ମିଶ୍ରଙ୍କୁ ବରଗଡ଼ ପୁଲିସ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଛି।

# ସମ୍ବଲପୁରରେ ଅତ୍ୟାଧୁନିକ ନାଟ୍ୟପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବି

**ସମ୍ବଲପୁର, ୨୬।୩ (ସମିସ) :** ସମ୍ବଲପୁର ସହରରେ ଏକ ଅତ୍ୟାଧୁନିକ ନାଟ୍ୟପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବିରେ ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି 'ନାଟ୍ ନାଟୁଆ' ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'କୁ ମଧ୍ୟ ଉନ୍ନତିକରଣ କରାଯାଇ ନାଟ୍ୟପଯୋଗୀ ମଞ୍ଚ ଭାବରେ ନବୀକରଣ କରାଯିବାକୁ ପ୍ରତିନିଧି ଦଳ ଦାବି ଜଣାଇଛନ୍ତି। ଦାବି ପତ୍ର ଅନୁଯାୟୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭିମସାର, ଭିସୁଟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ଭଳି ଶିକ୍ଷାନୁଷ୍ଠାନ ମାନଙ୍କରେ କଳା ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟ ପ୍ରତିଷ୍ଠା ହୋଇଛି। ତେବେ, ଏଇ ମାଟିର କଳାକାର ଲୋକନୃତ୍ୟ, ଲୋକଗୀତ, ନାଟକ ଆଦି କଳା ପ୍ରଦର୍ଶନ କରି ସକାଶେ ଦେଶ ତଥା ବିଦେଶରେ ସୁନାମ ପାଉଥିବାବେଳେ, ସମ୍ବଲପୁରରେ ଏକ ମଞ୍ଚପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ହୋଇନଥିବା ଦୁର୍ଭାଗ୍ୟର ବିଷୟ। ପୂର୍ବରୁ ଅନେକଥର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଏବଂ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କୁ ମଞ୍ଚପଯୋଗୀ ପ୍ରେକ୍ଷାଳୟ ପ୍ରତିଷ୍ଠା ପାଇଁ ବାରମ୍ବାର ଦାବି କରାଗଲେ ହେଁ କୌଣସି ସୁଫଳ ମିଳିପାରିନାହିଁ। ଗତ ମାସକ ମଧ୍ୟରେ ସମ୍ବଲପୁରରେ ଜାତୀୟ ଓ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆୟୋଜିତ ହୋଇଯାଇଛି। ତେବେ, ଏହା ମଞ୍ଚପଯୋଗୀ ନଥିବାରୁ ଆୟୋଜକମାନେ ସମସ୍ୟାର ସମ୍ମୁଖୀନ ହେବାସହ ବ୍ୟୟ ବହୁଳତାର ଶିକାର ହୋଇଛନ୍ତି। ଏଥିପାଇଁ 'ତପସ୍ୱିନୀ' ପ୍ରେକ୍ଷାଳୟକୁ ମଞ୍ଚପଯୋଗୀ କରିବାକୁ ଦାବି କରାଯାଇଛି। ପ୍ରତିନିଧି ଦଳରେ 'ନାଟ୍ ନାଟୁଆ' ପକ୍ଷରୁ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଯୁଗ୍ମ ସଂଯୋଜକ ଅତୀଶ ଶତପଥୀ, ପ୍ରଦୀପ କୁମାର ପଣ୍ଡା, ବବଲୁ ବାଗ, ପୂର୍ଣ୍ଣଚନ୍ଦ୍ର ଦାସ, ଗୋରେଖଲାଲ ଦାସ, ପ୍ରଶାନ୍ତ ମାଝୀ, ସଞ୍ଜୀବ ପାଢ଼ୀ, ପ୍ରମୋଦ କୁମାର ମିଶ୍ର, ଯୋଗେଶ ନନ୍ଦ, ପ୍ରତାପ ବାବୁ, ହାରାଧନ ପାଣ୍ଡେ ପ୍ରମୁଖ ସାମିଲ ହୋଇଥିଲେ।

# ଜିଏମ୍‌ୟୁ ଲାଇବ୍ରେରୀ ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସେମିନାର

**ସମ୍ବଲପୁର, ୨୬।୩(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ଏବଂ ସୂଚନା ବିଜ୍ଞାନ ବିଭାଗ ଦ୍ୱାରା ପିଏମ ଉଷା କାର୍ଯ୍ୟକ୍ରମ ଅଧୀନରେ ଦୁଇ ଦିନିଆ ଜାତୀୟ ସେମିନାର ଆୟୋଜିତ ହୋଇଛି। ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ ଉଦ୍‌ବୋଧନ ପ୍ରଦାନ କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଓଡ଼ିଶାରେ ଲାଇବ୍ରେରୀ ପୁନର୍ଗଠନ ପାଇଁ ଏକ ବିଶେଷ କମିଟି ଗଠନର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ।ଏହି ସେମିନାରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବୁଲୁ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଆମନ୍ତ୍ରିତ ବକ୍ତା ଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅବସରପ୍ରାପ୍ତ ପ୍ରଫେସର ଆର.ଏନ. ମିଶ୍ର, ଯାଦବପୁର ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗରର ପ୍ରଫେସର ସୁବର୍ଣ୍ଣ କୁମାର ଦାସ ଏବଂ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ମନୀନ୍ଦ୍ର କୁମାର ସିଂ ଯୋଗଦାନ ଦେଇଥିଲେ। ଉଦଘାଟନୀ ସଭାରେ ବିଭାଗର ମୁଖ୍ୟ ଏବଂ ସେମିନାରର ଆୟୋଜକ ଡ଼. ରୋଜାଲିନ ରାଉତ ସ୍ୱାଗତ ଉଦ୍‌ବୋଧନ ଏବଂ ବିଷୟ ପରିଚୟ ପ୍ରଦାନ କରିଥିଲେ। ସହ-ଆୟୋଜକ ଡ. ଜୟେନ୍ଦ୍ର କୁମାର ସିଂ ଅତିଥିମାନଙ୍କ ପରିଚୟ ଦେଇଥିଲେ। ସୁଶ୍ରୀ ସିନିଆ ଟିଗ୍ଗା, ସହ-ଆୟୋଜକ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସଞ୍ଚାଳନ କରିଥିଲେ ଏବଂ ସମସ୍ତ ପ୍ରାୟୋଗିକ ସେସନ୍‌ଗୁଡ଼ିକୁ ପରିଚାଳନା କରିଥିଲେ। ସୁଶ୍ରୀ ଜ୍ୟୋତିର୍ମୟୀ ସାହୁ, ଗେଷ୍ଟ ଫେକଲ୍ଟି, ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସେମିନାର୍‌ର ସଫଳ ଆୟୋଜନ ପାଇଁ ରିସର୍ଚ୍ଚ ସ୍କଲାର୍ ଅଜୟ ସ ଓ ମଟିନ ସାହୁ ବିଶେଷ ସହଯୋଗ ପ୍ରଦାନ କରିଥିଲେ। ଏହି ସେମିନାରଟି ହାଇବ୍ରିଡ୍ ମୋଡ୍‌ରେ ଆୟୋଜିତ ହୋଇଥିଲା ଏବଂ ଏଥିରେ ଓଡ଼ିଶା ଏବଂ ଅନ୍ୟ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ ଓ ଲାଇବ୍ରେରୀ ପ୍ରଫେସନାଲ ସକ୍ରିୟ ଅଂଶଗ୍ରହଣ କରିବା ସହ ମୋଟ ୪୬ ଟି ପେପର ପ୍ରେଜେଣ୍ଟ ହୋଇଥିଲା।

# ରାମ ନବମୀ ଉପଲକ୍ଷେ ଆଲୋଚନାଚକ୍ର

**ବରଗଡ଼, ୨୬।୩(ସମିସ):** ରାମ ନବମୀ ଉପଲକ୍ଷେ ବରିଷ୍ଠ ନାଗରିକ ମାନଙ୍କ ମଞ୍ଚ 'ଟୁଗେଦର୍ ଫର୍ ପ୍ଲେଜର୍' ଗ୍ରୁପ ପକ୍ଷରୁ ଆଲୋଚନାଚକ୍ର ସଂଘ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୋହିନୀ ମୋହନ ବେହେରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ ସୁରେନ୍ଦ୍ର ଭୋଇ ରାମ ଚରିତ ମାନସ ଉପରେ ଆଲୋଚନା କରିଥିଲେ। ଶେଷରେ ରାଜ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଡକ୍ଟର ପାଣ୍ଡବ ବେହେରା, ରାଜେନ୍ଦ୍ର ନାରାୟଣ ମେହେର, ସାନନ୍ଦ ଭୋଇ, ଦୁଃଖୁ ମିଶ୍ର, ସୂର୍ଯ୍ୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀରାମ ନବମୀ

**ଅତାବିରା, ୨୬।୩(ସମିସ):** ବରଗଡ଼ ଜିଲ୍ଲା ଅତାବିରା ଥାନା ଅଧୀନ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟଙ୍କ ମକୁନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଶ୍ରୀରାମ ନବମୀ ପାଳିତ ହୋଇଛି। ଏହି ଅବସରରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ କ୍ଷୀରସାଗର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିଶୁ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ଭାର୍ଗବୀ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ। କାଳିଚରଣ ହୋତା ଶ୍ରୀରାମ ନବମୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୀତାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଞ୍ଜରୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁଜ ସନାତନପାଲିରୁ ତରଭୁଜ ଓ ଆମ୍ବ ରପ୍ତାନୀ ସମ୍ଭାବନା





**ସମ୍ବଲପୁର, ୨୬।୩ (ସମିସ)**

ଏପିଇଡିଏ ଆଞ୍ଚଳିକ ମୁଖ୍ୟ ଓ ଅନ୍ୟ ଅଧିକାରୀମାନେ ଆଜି ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିଃ (ଏଫ୍‌ପିସି)ର କ୍ଷେତ୍ର ପରିଦର୍ଶନ କରିବାସହ ରପ୍ତାନି ସୁଯୋଗକୁ ନିଶ୍ଚିତ କରିଛନ୍ତି। ଏହି ଅଞ୍ଚଳର କୃଷି ସମ୍ଭାବନାକୁ ପ୍ରୋତ୍ସାହନ ସ୍ୱରୂପ, ଏପିଇଡିଏ ଆଞ୍ଚଳିକ ମୁଖ୍ୟ ସୀତାକାନ୍ତ ମଣ୍ଡଳ, ଆଇଆଣ୍ଡସିବି ବିଶେଷଜ୍ଞ ମନୋଜ କୁମାର ଏବଂ ଗ୍ରାଣ୍ଟ ଥର୍ଟନ୍ ଭାରତର ଜିଲ୍ଲା ସଂଯୋଜକ ସିଦ୍ଧାର୍ଥ ଦେବଙ୍କ ସହିତ, ଆଜି ଯୁଯୋମୁରାରେ ଥିବା ସବୁଜ ସନାତନପାଲି ଏଫ୍‌ପିସିର ଆର୍‌ଇଡବ୍ଲୁଏଆର୍‌ଡି ପ୍ରୋଜେକ୍ଟ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଦଳ ତରଭୁଜ, ଗେଣ୍ଡୁଫୁଲ ଏବଂ ଆମ୍ବ ସମେତ ପ୍ରକଳ୍ପ ଅଧୀନରେ ଚାଷ କରାଯାଉଥିବା ବିଭିନ୍ନ ଫସଲ ଦେଖିବାପରେ ଉତ୍ପାଦନ ପଦ୍ଧତି ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ପାଇଁ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଏହି ଗସ୍ତ ଉତ୍ପାଦର ରପ୍ତାନୀ ସମ୍ଭାବନା ମୂଲ୍ୟାଙ୍କନ ଏବଂ ଏଫ୍‌ପିସି ପାଇଁ ବଜାର ସଂଯୋଗକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇଥିଲା। ଶ୍ରୀ ମଣ୍ଡଳ ସବୁଜ ସନାତନପାଲି ଏଫ୍‌ପିସି କ୍ଷେତ୍ରରେ ଚାଷ ହେଉଥିବା ଆମ୍ବ ଏବଂ ଅନ୍ୟାନ୍ୟ ଫସଲର ଗୁଣବତ୍ତାକୁ ପ୍ରଶଂସା କରିଥିଲେ। ଏକ ବିସ୍ତୃତ କ୍ଷେତ୍ର ପରିଦର୍ଶନ ପରେ, ସେ ପ୍ରତିଶ୍ରୁତି ଦେଇଥିଲେ ଯେ ଏପିଇଡିଏ ଆଗାମୀ ଋତୁରେ ଅନ୍ତର୍ଜାତୀୟ ବଜାରକୁ ପ୍ରାୟ ୧୦୦ ମେଟ୍ରିକ୍ ଟନ୍ ଆମ୍ବ ରପ୍ତାନିକୁ ସହଜ କରିବ।

ପୂଜାପାର୍ବଣ, ସାଂସ୍କୃତିକ ଏବଂ ସାଜସଜ୍ଜା ଉଦ୍ଦେଶ୍ୟରେ ବିଦେଶୀ ବଜାରରେ ଗେଣ୍ଡୁ ଫୁଲର ଚାହିଦାକୁ ସ୍ୱୀକାରକରି ଆଞ୍ଚଳିକ ମୁଖ୍ୟ ଶ୍ରୀ ମଣ୍ଡଳ ଏହାର ରପ୍ତାନିକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଥିଲେ। ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ ଯେ ଏପରି ପଦକ୍ଷେପ ଗୁଡ଼ିକ ଚାଷୀଙ୍କ ଆୟକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ଆର୍‌ଇଡବ୍ଲୁଏଆର୍‌ଡି ପ୍ରୋଜେକ୍ଟ ଅଧୀନରେ ନୂତନ ବଜାର ପଥ ଖୋଲିବ। ଏହି ପରିଦର୍ଶନ ସବୁଜ ସନାତନପାଲି ଏଫ୍‌ପିସି ଚାଷୀଙ୍କ ମଧ୍ୟରେ ଆଶା ସଞ୍ଚାର କରିଛି, ଯେଉଁମାନେ ଏବେ ଉତ୍ତମ ମୂଲ୍ୟ ପ୍ରାପ୍ତି ଏବଂ ବିଶ୍ୱ ବଜାରକୁ ସମ୍ପ୍ରସାରଣ ପାଇଁ ଅପେକ୍ଷା କରିଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ଲିଃର ନିର୍ଦ୍ଦେଶକ ମନବୋଧ ବାରିକ, ବିରୁପାକ୍ଷ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରଘୁଙ୍ଗୁର ପ୍ରତିଭା ସମ୍ମାନ ସମାରୋହ

**ରେଢ଼ାଖୋଲ, ୨୬ ।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଦମ୍ବ ପଡ଼ିଆରେ ଗୁରୁବାର ଦିନ ସାଂସ୍କୃତିକ ଅନୁଷ୍ଠାନ ସୁରଘୁଙ୍ଗୁର ପକ୍ଷରୁ ରାଜ୍ୟସ୍ତରୀୟ ସୁର ଘୁଙ୍ଗୁର ମହୋତ୍ସବ ଅବସରରେ ଅଞ୍ଚଳର କଳା ସଂସ୍କୃତି ଓ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ଭିନ୍ନ ପ୍ରୟାସ ଜାରି ରଖି ସୁରଘୁଙ୍ଗୁର ପ୍ରତିଭା



ସମ୍ମାନ କାର୍ଯ୍ୟକ୍ରମ। ପ୍ରଥମ ଦିନରେ ଅଞ୍ଚଳର କଳାକାରଙ୍କୁ ନେଇ ଏକକ ନୃତ୍ୟ ପ୍ରତିଯୋଗିତା ଦ୍ୱିତୀୟ ଦିନରେ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଭୀମଭୋଇ କଳାପଣ୍ଡପରେ ମୁଖ୍ୟଅତିଥି ଭାବେ ସୁର ଘୁଙ୍ଗୁର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରଞ୍ଜିତ କୁମାର ଦେହୁରୀ, ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, ସୁର ଘୁଙ୍ଗୁର ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ଏନ୍‌ଏସି ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆସନ୍ତାକାଲି(ଶୁକ୍ରବାର) ତୃତୀୟ ଦିବସରେ କଳାକାର ଙ୍କ ଦ୍ୱାରା ଫେଶନ ସୋ' ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ଆସନ୍ତା ୨୮ ଓ ୨୯ ତାରିଖ ସଂଧ୍ୟାରେ ରାଜ୍ୟସ୍ତରୀୟ ସୁରଘୁଙ୍ଗୁର ମହୋତ୍ସବ ଅନୁଷ୍ଠିତ ହେବ।କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାର ନୃତ୍ୟ, ଲୋକନୃତ୍ୟ, ଲୋକ ବାଦ୍ୟ, ଓଡ଼ିଆ ଫିଲ୍ମ ଜଗତର ଅଭିନେତା, ଅଭିନେତ୍ରୀ, କଣ୍ଠ ଶିଳ୍ପୀ ଓ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନେ ଯୋଗ ଦେବେ। ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଅନିଲ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭାପତି ସୁଶାନ୍ତ ନାଗ, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ବୈଠାରୁ, ସହ ସମ୍ପାଦକ ଗଜାନନ ଭେସରା, ଉପଦେଷ୍ଟା ହାଡ଼ିବନ୍ଧୁ ସୁନା, ସୁଭଦ୍ରା ସାଗର, ପ୍ରକାଶ ମୁଖୀ, ସୁଧାଂଶୁ ପୁରୋହିତ, ସଦସ୍ୟ ଗଗନ ଭେଶରା, ସୁଧୀର ସୁନା, ଏସ ବିଶ୍ୱରଞ୍ଜନ, ଦେବବ୍ରତ ବେହେରା, ଶରତ ସୁନା, ଜଗା ସିଂ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।